## ୩-୫ ସେବାକାର୍ଯ୍ୟ ୫

# ନୂତନ ଉପାସନା ମଣ୍ଡଳୀ ଆରମ୍ଭ କରନ୍ତୁ

ଶିକ୍ଷାର୍ଥୀଙ୍କ ଘରେ ସେବାକାର୍ଯ୍ୟ କରିବା ପରେ ଶ୍ରୀ ବୋକା ଓ ଅନ୍ୟ ଦୁଇ ଜଣ ମହିଳା ଶିକ୍ଷାର୍ଥୀଙ୍କୁ କହନ୍ତି, ତୁମ ସହିତ ଆମର କଥା ଅଛି। ଆମେ ସ୍ଥିର କରିଛୁ ଯେ, ତୁମ ଛାତ୍ର, ସାହାଯ୍ୟକାରୀ ଅନ୍ୟ ଏକ ମଣ୍ଡଳୀ ଆରମ୍ଭ କରିବା ଉଚିତ୍ ନୁହେଁ। ସେଥିରେ ଯୋଗ ଦେବା ପାଇଁ ଅନେକ ଲୋକ ଆମ ମଣ୍ଡଳୀ ପରିତ୍ୟାଗ କରିଛନ୍ତି। ଏହା ଆମ ମଣ୍ଡଳୀକୁ ଦୁର୍ବଳ କରୁଛି। ତୁମକୁ ସାହାଯ୍ୟକାରୀଙ୍କ ଦଳରେ ଥିବା ଲୋକମାନଙ୍କୁ ଫେରିଆସିବାକୁ କହିବାକୁ ପଡ଼ିବ। ସେମାନେ ପ୍ରଭେଦ ସୃଷ୍ଟି କରୁଛନ୍ତି। ଆମ ସେବା କରିବା ପାଇଁ ସାହାଯ୍ୟକାରୀ ତୁମ ସହିତ କାର୍ଯ୍ୟ କରିବା ଉଚିତ୍।

ମୁଁ ତୁମ ମନୋଯୋଗିତାକୁ ବୁଝୁଛି, ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ମାତ୍ର ମୋ' ଭାଇ, ସାହାଯ୍ୟକାରୀ ଶ୍ରୀ ଜ୍ଞାନୀ ଓ ମୁଁ ତାଙ୍କୁ ଯାହା କରିବାକୁ କହିଛି, ସେ ତାହା ହିଁ କରୁଛନ୍ତି। ସେ ସେଠାରେ ଥିବା ତାଙ୍କ ସ୍ତ୍ରୀ, ରାଚେଲଙ୍କ ବନ୍ଧୁବାନ୍ଧବଙ୍କ ଘରକୁ ଯାଇ ପରିଦର୍ଶନ କରୁଛନ୍ତି। ସେମାନେ ସୁସମାଚାର ପ୍ରତି ମନୋଯୋଗୀ। ସେମାନେ ଏଠାକୁ ଆସନ୍ତୁ ବୋଲି ମୁଁ ଇଚ୍ଛା କରୁ ନାହିଁ। ତାହା ଈଶ୍ୱରଙ୍କ ରାଜ୍ୟ ବୃଦ୍ଧିକୁ ସୀମିତ କରିଦେବ। ଆମ ଦେଶରେ ସର୍ବତ୍ର ମଣ୍ଡଳୀ ସ୍ଥାପନ ହୋଇ ଖ୍ରୀଷ୍ଟଙ୍କ ରାଜ୍ୟ ବଢ଼ି ଚାଲୁ।

ମୁଁ ସମ୍ମତ ନୁହେଁ, ଜଣେ ମହିଳା କହନ୍ତି, ମାତ୍ର ତୁମେ ଯଦି ଏକ ନୂଆ ମଣ୍ଡଳୀ ଆରମ୍ଭ କରୁଛ, ତେବେ ତୁମକୁ ତା'ର ନେତୃତ୍ୱ ନେବାକୁ ପଡ଼ିବ। ସାହାଯ୍ୟକାରୀଙ୍କ ପରି ନୂଆ ବିଶ୍ୱାସୀ ଏହାର ନେତୃତ୍ୱ ନେଇପାରିବେ ନାହିଁ।

ଧୈର୍ଯ୍ୟ ସହକାରେ ଶିକ୍ଷାର୍ଥୀ କହନ୍ତି, ସାହାଯ୍ୟକାରୀଙ୍କ ନୂଆ ଦଳ ଅତି ଶୀଘ୍ର ଏକ ଦୃଢ଼ ମଣ୍ଡଳୀ ହୋଇଯିବ। ଏହା ମୋର ନୁହେଁ, ମାତ୍ର ଖ୍ରୀଷ୍ଟଙ୍କର। ଆମେ ଆରମ୍ଭ କରୁଥିବା ପ୍ରତ୍ୟେକ ନୂଆ ମଣ୍ଡଳୀର ନେତୃତ୍ୱ ନେବା ପାଇଁ ମୋର ସମୟ ନାହିଁ। ମୁଁ ସାହାଯ୍ୟକାରୀଙ୍କୁ ତାଲିମ ଦେଉଛି, ଯେପରି ସେ ମଣ୍ଡଳୀର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ପାଳକମାନଙ୍କୁ ତାଲିମ ଦେଇପାରିବ। ପବିତ୍ରଆତ୍ମା ଆମକୁ ଯେପରି ପରିଚାଳନା କରିଅଛନ୍ତି, ସାହାଯ୍ୟକାରୀଙ୍କୁ ମଧ୍ୟ ସେହିପରି ପରିଚାଳନା କରିବେ। ସେ ପ୍ରଶ୍ନ କରନ୍ତି, **ପାଉଲ କିପରି ମଣ୍ଡଳୀ ଆରମ୍ଭ କରିଥିଲେ,** ଆପଣମାନେ ତାହା ଜାଣିବାକୁ ଇଚ୍ଛା କରୁଛନ୍ତି କି? ଜଣେ ମହିଳା ହଁ କହିବାରୁ ଅନ୍ୟ କେତେ ଜଣ ଲୋକ ଶିକ୍ଷାର୍ଥୀଙ୍କଠାରୁ ଶୁଣିବା ପାଇଁ ଏକତ୍ର ହୁଅନ୍ତି ଏବଂ ଶିକ୍ଷାର୍ଥୀ ସେମାନଙ୍କୁ ପୁନର୍ବାର ବସିବାକୁ ସ୍ୱାଗତ କରନ୍ତି।

### ଅନୁଶୀଳନୀ

**ପ୍ରେରିତ ୧୩ ଓ ୧୪ ପର୍ବ** ଦେଖନ୍ତୁ:

- ଆନ୍ତିୟଖିଆର ବିଶ୍ୱାସୀଗଣ ପାଉଲ ଓ ବର୍ଣ୍ଣବ୍ବାଙ୍କୁ କିପରି ମନୋନୀତ କରି ସେମାନଙ୍କୁ ନୂତନ ମଣ୍ଡଳୀ ଆରମ୍ଭ କରିବାକୁ ଛାଡ଼ି ଦେଇଥିଲେ?
- କାର୍ଯ୍ୟକାରୀ ଦଳ ପିସିଦିଆ, ଆନ୍ତିୟଖିଆ ଓ ଲୁସ୍ତ୍ରାରେ କିପରି ସୁସମାଚାର ଉପସ୍ଥାପନ କରିଥିଲେ?
- କେତେକ ସହରରୁ ଯିହୁଦୀମାନେ ସେମାନଙ୍କୁ ବାହାର କରିବା ପରେ ସେମାନେ କ'ଣ କରିଥିଲେ?
- ଫେରିବା ସମୟରେ ସେହି କ୍ଷେତ୍ରରେ ସେମାନଙ୍କ ବାକ୍ୟ ମାଧ୍ୟମରେ ବିଶ୍ୱାସ ଲାଭ କରିଥିବା ଲୋକମାନଙ୍କ ପ୍ରତି ପାଉଲ ଓ ବର୍ଣ୍ଣବ୍ବା କ'ଣ କରିଥିଲେ?
- ସେମାନେ ଆନ୍ତିୟଖିଆରେ ଥିବା ସେମାନଙ୍କ ନିଜ ମଣ୍ଡଳୀକୁ ଫେରି କ'ଣ କରିଥିଲେ?

ଶିକ୍ଷାର୍ଥୀ ଶ୍ରୀ ବୋକାଙ୍କୁ ଯାହା କହିବାକୁ ଯାଉଥିଲେ, ତାହା ଏକତ୍ର ହୋଇଥିବା କ୍ଷୁଦ୍ର ଦଳକୁ ବର୍ଣ୍ଣନା କରନ୍ତି। ମଣ୍ଡଳୀ ଉପବାସ କରି ଉପାସନା କରିବା ପରେ ହୃଦୟଙ୍ଗମ କରିପାରିଲେ ଯେ, ଈଶ୍ୱର ପାଉଲ ଓ ବର୍ଣ୍ଣବ୍ବାଙ୍କୁ ଏକ ବିଶେଷ କାର୍ଯ୍ୟ ପାଇଁ ପୃଥକୀକୃତ କରିଥିଲେ। ନେତାଗଣ ସେମାନଙ୍କ ଉପରେ ହସ୍ତାର୍ପଣ କଲେ, ସେମାନଙ୍କ ପାଇଁ ପ୍ରାର୍ଥନା କଲେ ଓ ସେମାନଙ୍କୁ ଏକ ଦଳ ରୂପେ ପ୍ରେରଣ କଲେ। ସେମାନେ ଯେଉଁଠାକୁ ଗଲେ, ଲୋକମାନେ ସେମାନଙ୍କୁ ଗ୍ରହଣ କରି ସେମାନଙ୍କୁ ଯୀଶୁଙ୍କ ବିଷୟରେ କହିଲେ। ଈଶ୍ୱରଙ୍କ

ପ୍ରତିଜ୍ଞାତ ଅଭିଷିକ୍ତ, ଯୀଶୁ କିପରି ବଧ ହୋଇ ପୁନର୍ବାର ଉଠିଥିଲେ, ସେ କଥା ଅନେକେ ଦେଖିଥିଲେ ବୋଲି ସେମାନେ କହିଲେ। ସେମାନେ ଅସୁସ୍ଥ ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବାରୁ କେତେକ ଲୋକ ସୁସ୍ଥ ହୋଇଥିଲେ। ଲୁସ୍ତାରେ ସେମାନେ ଲୋକମାନଙ୍କୁ ସେମାନଙ୍କୁ ଦେବତା ରୂପେ ପୂଜା କରିବାରୁ ନିବୃତ୍ତ କରି ସେମାନଙ୍କ ପ୍ରତିମାଗୁଡ଼ିକ ତ୍ୟାଗ କରି ଏକମାତ୍ର ପ୍ରକୃତ ଈଶ୍ୱରଙ୍କ ପ୍ରତି ଫେରିବାକୁ କହିଥିଲେ।

ବିଜାତିଗଣ ଏଥିରେ ମନୋଯୋଗୀ ହୋଇଥିଲେ ଓ ଅନେକେ ବିଶ୍ୱାସ କରିଥିଲେ, ମାତ୍ର ଆହୁରି ଅନେକ ଯିହୁଦୀ ଏହି ବାର୍ତ୍ତା ପ୍ରତ୍ୟାଖ୍ୟାନ କରିଥିଲେ। ପାଉଲ ଓ ବର୍ଣ୍ଣବ୍ବା ଯେଉଁ ସ୍ଥାନରେ ଗ୍ରହଣୀୟ ହେଉ ନ ଥିଲେ, ସେ ସ୍ଥାନରୁ ସେମାନେ ନିଜ ପାଦଧୂଳି ଝାଡ଼ିଦେଇ ଅନ୍ୟ ସ୍ଥାନକୁ ପଳାଉଥିଲେ। ସେମାନେ ଫେରନ୍ତା ବାଟରେ ସେହି ସହର ମଧ୍ୟଦେଇ ଯିବା ବେଳେ, ପ୍ରତ୍ୟେକ ମଣ୍ଡଳୀର ନେତୃତ୍ୱ ନେବା ପାଇଁ ପ୍ରାଚୀନଗଣଙ୍କୁ ନିଯୁକ୍ତି ଦେଉଥିଲେ ଓ ଉପବାସ ପ୍ରାର୍ଥନା ମାଧ୍ୟମରେ ସେମାନଙ୍କୁ ଈଶ୍ୱରଙ୍କ ପ୍ରତି ସମର୍ପିତ କରୁଥିଲେ। ତା'ପରେ ସେମାନେ ଫେରିଯାଇ ସେମାନଙ୍କୁ ପ୍ରେରଣ କରିଥିବା ମଣ୍ଡଳୀକୁ ବିବରଣୀ ଦେଉଥିଲେ। ଆମ ମଣ୍ଡଳୀ ମଧ୍ୟ ସେହିପରି କରୁଛି, ଏହାର ପ୍ରଥମେ ସାହାଯ୍ୟକାରୀ ଓ ତାଙ୍କ ନୂଆ ଦଳକୁ ସାହାଯ୍ୟ କରୁଛି। ଶ୍ରୀ ବୋକା ରାଗିଯାଇଥିବା ଘୋଡ଼ା ପରି ଶବ୍ଦ କରି ଦୁଇ ଜଣ ମହିଳାଙ୍କୁ ନେଇ ପଳାଇଯାଆନ୍ତି।

## ନୂଆ ଦଳ ଆରମ୍ଭ କରିବା

ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ ସାକ୍ଷାତ କରି ଉପଦେଶ ଦେବାକୁ ଯାଆନ୍ତି। ସେ ତାଙ୍କୁ କହନ୍ତି, ସାହାଯ୍ୟକାରୀ, ପ୍ରେରିତ ପୁସ୍ତକରେ ଅନେକ ବିଜାତୀୟ ଯେପରି କରିଥିଲେ, ରାଚେଲଙ୍କ ବନ୍ଧୁବାନ୍ଧବ ମଧ୍ୟ ସେହିପରି ସୁସମାଚାର ପ୍ରତି ମନୋଯୋଗୀ ଅଟନ୍ତି। ତୁମେ କ'ଣ ସେମାନଙ୍କୁ ସମସ୍ତଙ୍କୁ ଅନୁତାପ କରି, ଯୀଶୁଙ୍କଠାରେ ବିଶ୍ୱାସ କରି ତାହାଙ୍କ ନାମରେ ବାପ୍ତିଜିତ ହେବାକୁ ଅନୁରୋଧ କରିଛ ?

ହଁ। ଏହାପରେ ମୁଁ କ'ଣ କରିବି ?

ମାତ୍ର ମଣ୍ଡଳୀରେ ତୁମେ ଆମଠାରୁ ଯେପରି ଈଶ୍ୱରଙ୍କ ଉପାସନାର ପ୍ରଣାଳୀ ଶିକ୍ଷା କରିଛ, ତାହା ସେମାନଙ୍କୁ ଦେଖାଅ। ସେମାନଙ୍କୁ ପାଳନ କରିବା ପାଇଁ ଯତ୍ନଶୀଳ ତୁମକୁ ସାହାଯ୍ୟ କରନ୍ତି କି ? ମୌଳିକ ବିଷୟକୁ ଭୁଲିଯାଅ ନାହିଁ। ସେମାନଙ୍କୁ ପ୍ରାର୍ଥନା କରିବାକୁ, ଈଶ୍ୱରଙ୍କ ବାକ୍ୟ ଶିକ୍ଷା କରିବାକୁ, ସେମାନଙ୍କ ପାପ ସ୍ୱୀକାର କରିବାକୁ ଓ ପାପକ୍ଷମାର ନିଶ୍ଚୟତା ଲାଭ କରିବାକୁ, ପ୍ରଭୁଭୋଜ ପାଳନ କରିବାକୁ, ଦାନ ଦେଇ ସହଭାଗିତାରେ ଆସିବାକୁ ଶିକ୍ଷା ଦିଅ। ପ୍ରତ୍ୟେକଙ୍କୁ କୌଣସି ନା କୌଣସି ଉପାୟରେ ଯୋଗ ଦେବାକୁ କୁହ। ଅନ୍ୟ ବିଷୟ ଅପେକ୍ଷା ସେମାନଙ୍କୁ ଯୀଶୁଙ୍କ ସାତଟି ମୌଳିକ ଆଜ୍ଞା ପାଳନ କରିବାକୁ ଶିକ୍ଷା ଦିଅ। ତୁମେ ସେଗୁଡ଼ିକ ସ୍ମରଣ ରଖିଛ କି ?

ସାହାଯ୍ୟକାରୀ ଉତ୍ତର ଦିଅନ୍ତି, ମୁଁ ସଙ୍ଗୀତରେ ସେଗୁଡ଼ିକ ଗାଉଛି। ମୁଁ କେବେ ଭୁଲିବି ନାହିଁ। ସେ ଗୀତ ବୋଲନ୍ତି, ଯେଉଁଥିରେ ସେମାନଙ୍କୁ ଅନୁତାପ ଓ ବିଶ୍ୱାସ କରି ବାପ୍ତିଜିତ ହେବାକୁ, ପ୍ରେମ କରିବାକୁ, ପ୍ରଭୁଭୋଜ ପାଳନ କରିବାକୁ, ପ୍ରାର୍ଥନା କରିବାକୁ, ଦାନ ଦେବାକୁ ଓ ଶିଷ୍ୟ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଈଶ୍ୱରଙ୍କ ପବିତ୍ରଆତ୍ମା ଆମକୁ ଏସବୁ କରିବାରେ ସାହାଯ୍ୟ କରିଥା'ନ୍ତି।

ଭଲ କଥା, ଶିକ୍ଷାର୍ଥୀ କହନ୍ତି। ଦଳଟି ନିୟମିତ ରୂପେ ସହଭାଗିତାରେ ଆସି ଉତ୍ତମ ନେତାଗଣ ମନୋନୀତ କରନ୍ତି ଓ ପ୍ରାର୍ଥନା କରି ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତି। ପ୍ରେରିତମାନେ ଯଦି ଆଜ୍ଞା ଦେଇ ନାହାନ୍ତି, ତଥାପି ସେମାନେ ଯେପରି ଉପବାସ କରୁଥିଲେ, ତୁମ୍ଭେମାନେ ସେପରି କରିପାରିବ। ଜଣେ ନେତା ଅପେକ୍ଷା ଅଧିକ ନେତା ରହିବା ଉତ୍ତମ କଥା, ପାଉଲ ନୂତନ ମଣ୍ଡଳୀ ଆରମ୍ଭ କରିବା ସମୟରେ ସେପରି କରୁଥିଲେ। ଏହି ନେତାଗଣ ଅସ୍ଥାୟୀ ନେତା ହୋଇପାରନ୍ତି। ତାହା ହେଉଛି, ତୁମେ ସାମୟିକ ରୂପେ ସେମାନଙ୍କୁ ମନୋନୀତ କରି ସେମାନଙ୍କ କାର୍ଯ୍ୟ ଦେଖିପାର। ଈଶ୍ୱର କାହାକୁ ଏହି ଦାୟିତ୍ୱ ପ୍ରଦାନ କରିଅଛନ୍ତି, ତାହା ଜାଣିବା ପାଇଁ ସମୟ ଲାଗିପାରେ। ଖ୍ରୀଷ୍ଟଙ୍କ ସାତଟି ମୌଳିକ ଆଜ୍ଞା ପାଳନ କରିବାରେ ନେତାମାନଙ୍କୁ ସାହାଯ୍ୟ କରନ୍ତୁ। ମୋ'ଠାରୁ ତୁମେ ଯାହା ଶିକ୍ଷା କରିଛ ତାହା ସେମାନଙ୍କୁ ଜଣାଅ। ତୁମର ଆବଶ୍ୟକ ସମୟରେ ମୁଁ ତୁମକୁ ସାହାଯ୍ୟ କରିବି।

ଦୁଇ ସପ୍ତାହ ପରେ ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ ସାକ୍ଷାତ କରନ୍ତି। ସାହାଯ୍ୟକାରୀ ବିବରଣୀ ଦିଅନ୍ତି, ତୁମ ଶିକ୍ଷାକୁ ମୁଁ କାର୍ଯ୍ୟକାରୀ କରିଛି। ମୁଁ ରାଚେଲଙ୍କର ଅଧିକ ବନ୍ଧୁବାନ୍ଧବମାନଙ୍କୁ ସାକ୍ଷାତ କରିଥିଲି। ତା'ପରେ ମୁଁ ସେମାନଙ୍କୁ ନେଇ ସେମାନଙ୍କ ସାଙ୍ଗମାନଙ୍କୁ ସହିତ ସାକ୍ଷତ କଲି। ଅନେକେ ଖ୍ରୀଷ୍ଟଙ୍କୁ ଗ୍ରହଣ କଲେ। ତୁମେ ମୋତେ ଯାହା ଶିକ୍ଷା ଦେଇଥିଲ, ତାହା ମୋ' ନୂଆ ମଣ୍ଡଳୀର ସମସ୍ତେ କାର୍ଯ୍ୟକାରୀ କରୁଛନ୍ତି।

କିଛି ସପ୍ତାହ ପରେ ଶିକ୍ଷାର୍ଥୀ ପୁନର୍ବାର ସାହାଯ୍ୟକାରୀଙ୍କୁ ସାକ୍ଷାତ କରନ୍ତି। ଆମେ ଅନ୍ୟ ଏକ ନୂଆ ମଣ୍ଡଳୀ ଆରମ୍ଭ କରିଛୁ। ଏହା ମୋର ଶ୍ୱଶୁରଙ୍କ ଘରେ ହେଉଛି। ମୁଁ ରାଚେଲଙ୍କ ଦୁଇ ଜଣ ଦାଦାଙ୍କ ଉପରେ ହସ୍ତାର୍ପଣ କରି ସେମାନଙ୍କୁ ଅସ୍ଥାୟୀ ପାଳକୀୟ ପ୍ରାଚୀନ କରିଛି।

ପବିତ୍ରଆତ୍ମା ଏଠାରେ କାର୍ଯ୍ୟ କରୁଥିବାର ଦେଖି ମୁଁ ଆନନ୍ଦିତ ! ବର୍ତ୍ତମାନ ଆମର ଏକ ନାତୁଣୀ ମଣ୍ଡଳୀ ଅଛି। ମୁଁ ପ୍ରେରିତ ପୁସ୍ତକ ଅଧ୍ୟୟନ କରୁଛି। **ପ୍ରଥମ ମଣ୍ଡଳୀ କିପରି ଆରମ୍ଭ ହେଲା,** ସେ ବିଷୟରେ ମୁଁ ତୁମକୁ କହୁଛି, ଫଳରେ ତୁମେ ରାଚେଲଙ୍କ ଦୁଇ ଦାଦାଙ୍କୁ ତାଲିମ ଦେବା ସମୟରେ ଏହା ଶିକ୍ଷା ଦେଇପାରିବ।

### ଅନୁଶୀଳନୀ

**ପ୍ରେରିତ ୧ ପର୍ବ** ଦେଖନ୍ତୁ :

- ଯୀଶୁ ସ୍ୱର୍ଗାରୋହଣ କରିବା ପୂର୍ବରୁ ଆପଣା ଶିଷ୍ୟମାନଙ୍କୁ କେଉଁଠାରେ ସୁସମାଚାର ପ୍ରଚାର କରିବାକୁ କହିଥିଲେ ?
- ଶକ୍ତି କେଉଁଠାରୁ ଆସିଥିଲା ?

**ପ୍ରେରିତ ୨ ପର୍ବ** ଦେଖନ୍ତୁ :

- ପବିତ୍ରଆତ୍ମା ଶିଷ୍ୟମାନଙ୍କ ଉପରେ ଆସିବାରୁ କ'ଣ ଘଟିଥିଲା ?
- ପିତର ଲୋକମାନଙ୍କୁ ଯୀଶୁଙ୍କ ବିଷୟରେ କ'ଣ କହିଥିଲେ ?
- ଅନୁତପ୍ତ ଲୋକମାନେ କ'ଣ କରିଥିଲେ ଯେ, ପ୍ରଥମ ମଣ୍ଡଳୀ ଆରମ୍ଭ ହୋଇଥିଲା ?

ସାହାଯ୍ୟକାରୀଙ୍କ ଘରେ ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ ବର୍ଣ୍ଣନା କରନ୍ତି, ଯୀଶୁ ଆପଣା ଶିଷ୍ୟମାନଙ୍କୁ ସେମାନଙ୍କ ନିକଟରେ ଥିବା ଲୋକମାନଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଆଜ୍ଞା ଦେଇଥିଲେ। ସେ ସ୍ୱର୍ଗୀୟ ଶକ୍ତି, ପବିତ୍ର

ଆତ୍ମାଙ୍କ ଶକ୍ତି ଦେବେ ବୋଲି ପ୍ରତିଜ୍ଞା କରିଥିଲେ। ପେଣ୍ଟିକଷ୍ଟ ଦିବସରେ ସେ ଆସି ଶିଷ୍ୟଗଣଙ୍କୁ ପୂର୍ଣ୍ଣ କରିଥିଲେ। କେହି କେହି ଏହାକୁ ପବିତ୍ରଆତ୍ମାରେ ବାପ୍ତିସ୍ମ ବୋଲି କହନ୍ତି। ପବିତ୍ରଆତ୍ମା ସେମାନଙ୍କୁ ଶକ୍ତିରେ ପୂର୍ଣ୍ଣ କରିଥିଲେ। ସେ ଆମକୁ କେବଳ ଏକ ଅନୁଭବ ବା ବ୍ୟକ୍ତିଗତ ଅନୁଭୂତି ଦେବା ପାଇଁ ଏହା କରନ୍ତି ନାହିଁ। ଆମେ ଯେପରି ଶକ୍ତିଯୁକ୍ତ ହୋଇ ପ୍ରଭୁଙ୍କ ସେବା କରିବା ଓ ଖ୍ରୀଷ୍ଟଙ୍କ ବିଷୟରେ କହିପାରିବା ସେଥିପାଇଁ ଏହା କରିଥାଆନ୍ତି। ପ୍ରେରିତଗଣ ସେମାନଙ୍କ ନିଜ ଭାଷାରେ ଲୋକମାନଙ୍କୁ ସୁସମାଚାର କହୁଥିଲେ, ଯାହାକି ସେମାନେ କେବେ ମଧ୍ୟ ଶିକ୍ଷା କରି ନ ଥିଲେ। ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ ମାଧ୍ୟମରେ ଆପଣାକୁ ଈଶ୍ୱରଙ୍କ ମନୋନୀତ ବ୍ୟକ୍ତି ଥିଲେ ବୋଲି ପିତର ଘୋଷଣା କରିଥିଲେ। ଆମକୁ ଆମ ପାପରୁ ଉଦ୍ଧାର କରିବା ପାଇଁ ମରି କବରଶାୟୀ ହେବା ପରେ ଯୀଶୁ ପୁନର୍ବାର ଜୀବନ ଫେରି ପାଇଥିଲେ।

ମୋର ମନେଅଛି, ସାହାଯ୍ୟକାରୀ କହନ୍ତି, ତିନିହଜାର ଲୋକ ପିତରଙ୍କ କଥା ଶୁଣି ସେମାନଙ୍କ ପାପ ହେତୁ ଅନୁତାପ କରିଥିଲେ। ପ୍ରେରିତଗଣ ସେମାନଙ୍କୁ ବାପ୍ତିଜିତ କରି ସେହିଦିନ ହିଁ ମଣ୍ଡଳୀଭୁକ୍ତ କରିଥିଲେ। ନୂତନ ବିଶ୍ୱାସୀଗଣ ଘରେ ବା ଯିହୁଦୀୟ ମନ୍ଦିର ପ୍ରାଙ୍ଗଣରେ ଉପାସନା କରିବା ପ୍ରତ୍ୟେକ ଦିନ ଏକତ୍ର ହେଉଥିଲେ। ସେମାନେ ତତ୍‌କ୍ଷଣାତ୍ ଯୀଶୁଙ୍କ ସାତଟି ମୌଳିକ ଆଜ୍ଞା ପାଳନ କରିବାକୁ ଆରମ୍ଭ କରିଥିଲେ, ପୁଣି ଯିରୂଶାଲମରେ ପ୍ରଥମ ମଣ୍ଡଳୀ ଆରମ୍ଭ ହୋଇଥିଲା। ସେମାନେ ପରସ୍ପରକୁ ବହୁତ ପ୍ରେମ କରୁଥିଲେ।

**ପ୍ରେମ କରି ବ୍ୟାବହାରିକ ଭାବରେ ପରସ୍ପର ପ୍ରତି ସାହାଯ୍ୟ କରିବା ପାଇଁ ଖ୍ରୀଷ୍ଟ ଯେଉଁ ଆଜ୍ଞା ଦେଇଥିଲେ, ତାହା ସେମାନେ ପାଳନ କରୁଥିଲେ**

ଈଶ୍ୱର ସାହାଯ୍ୟକାରୀଙ୍କ ମଣ୍ଡଳୀକୁ ଆଶୀର୍ବାଦ କରନ୍ତି ଓ ଏହା ସ୍ୱାଭାବିକ ଭାବରେ ବୃଦ୍ଧି ପାଏ। ଲୋକମାନେ ସେମାନଙ୍କ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀମାନଙ୍କୁ ଯୀଶୁଙ୍କ ବିଷୟରେ କହନ୍ତି। ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କ କାଠକାମ ଦୋକାନକୁ ଆସି କହନ୍ତି, ମୋର ମଣ୍ଡଳୀ ବୃଦ୍ଧିପ୍ରାପ୍ତ ହୋଇଛି, କାରଣ ଲୋକମାନେ ସହଭାଗିତାରେ ଆନନ୍ଦ ଲାଭ କରୁଛନ୍ତି ଓ ସେମାନେ ପ୍ରଥମରେ ଯେପରି କରୁଥିଲେ, ସେହିପରି ପରସ୍ପରର ସେବା କରୁଛନ୍ତି। ସେମାନେ ଆସି ନିଷ୍କ୍ରିୟ ହୋଇ ଶୁଣୁଛନ୍ତି। ସେମାନେ ଆଉ ପରସ୍ପରକୁ ଜାଣୁ ନାହାନ୍ତି, ପୁଣି ମୋ' ଘରେ ସେମାନଙ୍କ ପାଇଁ ସ୍ଥାନ ନିଅଣ୍ଟ ହେଉଛି। ଦଳଟି ବହୁତ ବଡ଼ ହୋଇଯିବାରୁ ପରସ୍ପର ପ୍ରତି ଆମର ପ୍ରେମ ଶିଥିଳ ହୋଇଛି। ଲୋକମାନେ ପରସ୍ପରକୁ ଜାଣନ୍ତି ନାହିଁ। ସେମାନେ ପରସ୍ପର କଥାବାର୍ତ୍ତା କରୁ ନାହାନ୍ତି। ଏହା ଆଉ ଏକ ବଡ଼ ପ୍ରେମମୟ ପରିବାର ହୋଇ ନାହିଁ। ଦଳଟି ଛୋଟ ଥିବା ସମୟରେ ସେମାନେ ଯେପରି କରିଥିଲେ, ସେମାନେ ଆଉ ସେପରି ସୁସମାଚାର ପ୍ରଚାର କରୁ ନାହାନ୍ତି। ଯୀଶୁଙ୍କ ପାଇଁ ଆମେ ଆମ ସାକ୍ଷ୍ୟ କିପରି ବଜାୟ ରଖି ଆମ ସହଭାଗିତାକୁ ଦୃଢ଼ କରିପାରିବା ?

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ଏହା ଏକ ସାଧାରଣ ସମସ୍ୟା। ମଣ୍ଡଳୀର ଦୁଇଟି ମୁଖ୍ୟ କାର୍ଯ୍ୟ ରହିଛି, ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା ଓ ସେମାନଙ୍କୁ ଖ୍ରୀଷ୍ଟଙ୍କ ଆଜ୍ଞାବହ କରାଇବା। ଏହା କରିବା ପାଇଁ ତୁମକୁ ତୁମ ଦଳକୁ ଛୋଟ ଛୋଟ ଦଳରେ ବିଭକ୍ତ କରିବାକୁ ପଡ଼ିବ। ଛୋଟ ଛୋଟ ଦଳ ପାଇଁ କେତେକ ପ୍ରସ୍ତାବ ନିମ୍ନରେ ଦତ୍ତ ହେଲା ଯେ, ଛୋଟ ଛୋଟ ଦଳରେ ନୂଆ ନେତାଗଣ ରହିବେ, ଯେଉଁମାନେ କେତେକ ପରିବାରକୁ ନେଇ ସେମାନଙ୍କ ଘରେ ଏକତ୍ରିତ ହେବେ । ସେ ଲେଖନ୍ତି :

> **ପ୍ରତ୍ୟେକ କ୍ଷୁଦ୍ର ଦଳ ବା ସଭା ଏକ ନୂତନ ନିୟମ ମଣ୍ଡଳୀ ଅଟେ, ଯଦିଚ ଏହା ଏକ ବଡ଼ ମଣ୍ଡଳୀର ଅଂଶ ଅଟେ, ତଥାପି ଗୋଟିଏ ମଣ୍ଡଳୀ ଯାହା କରିବା ଉଚିତ ଏହା ସେସବୁ କରିଥାଏ। ପ୍ରେରିତ ପୁସ୍ତକରେ ପ୍ରେରିତଗଣ ଏହିପରି ମଣ୍ଡଳୀ ପ୍ରତିଷ୍ଠା କରିଥିଲେ। ସହର ମଣ୍ଡଳୀଗୁଡ଼ିକରେ ବହୁତ ଲୋକ ଥିଲେ, ମାତ୍ର ସେମାନେ ଅନେକ ମଣ୍ଡଳୀରେ ବିଭକ୍ତ ହୋଇ ଛୋଟ ଛୋଟ ଦଳରେ ଘରେ ଘରେ ଏକତ୍ର ହୋଇ ପ୍ରାର୍ଥନା, ବାକ୍ୟ ଅଧ୍ୟୟନ ଓ ପ୍ରଭୁଭୋଜ ପାଳନ କରୁଥିଲେ।**
>
> **ଯଦି ସମ୍ଭବ, ତେବେ ନେତାଙ୍କ ଘରେ ସଭା କରନ୍ତୁ ନାହିଁ। ଲୋକମାନେ ଭାବିବେ ଯେ ଦଳଟି ତାଙ୍କର ଅଟେ, ପୁଣି ଅନ୍ୟମାନଙ୍କ ଘରକୁ ଯିବା ଦ୍ୱାରା ଆମେ ଖ୍ରୀଷ୍ଟଙ୍କ ପ୍ରତି ଅଧିକ ଲୋକ ଲାଭ କରିଥାଉ।**
>
> **ନେତା ଦଳର ସଂଗୃହୀତ ଦାନର ଦାୟିତ୍ୱ ନେବା ଅନୁଚିତ। ଅନ୍ୟ ଜଣଙ୍କୁ ଏହି ଦାୟିତ୍ୱ ଦିଅନ୍ତୁ। ଦଳକୁ ପାଳନ କରିବା ପାଇଁ ନେତା ସ୍ୱାଧୀନ ହୋଇ ରହିବା ଉଚିତ୍।**
>
> **ଛୋଟ ଛୋଟ ଦଳରେ କେବଳ ପ୍ରଚାର କରନ୍ତୁ ନାହିଁ, ମାତ୍ର ଏକତ୍ର ମିଳି ବାଇବଲ ଅଧ୍ୟୟନ କରନ୍ତୁ। ଆପଣ ଯେଉଁ ପରିଚ୍ଛେଦ ଅଧ୍ୟୟନ କରୁଛନ୍ତି, ସେହି ବିଷୟ ଉପରେ ପ୍ରଶ୍ନ ପ୍ରଚାରନ୍ତୁ। ପ୍ରତ୍ୟେକେ ଏ ବିଷୟରେ କଥାବାର୍ତ୍ତା କରନ୍ତୁ।**
>
> **ପ୍ରତ୍ୟେକଙ୍କୁ ସେମାନଙ୍କ ଦାନ ଅନୁସାରେ ଉପାସନା, ଶିକ୍ଷା ଇତ୍ୟାଦି ଦେବାକୁ ଉତ୍ସାହିତ କରନ୍ତୁ।**
>
> **ସମ୍ପୂର୍ଣ୍ଣ ପରିବାରକୁ ସକ୍ରିୟ କରନ୍ତୁ।**
>
> **ପ୍ରତ୍ୟେକ ସାକ୍ଷାତ ସମୟରେ ପୂର୍ଣ୍ଣ ଭୋଜନ କରନ୍ତୁ ନାହିଁ। ୧ମ କରିନ୍ଥୀୟ ୧୧ ପର୍ବରେ ପାଉଲ ଯେପରି ସତର୍କ କରାଇଥିଲେ, ଏହା ସେହିପରି ଆତିଥ୍ୟ ସତ୍କାର କରୁଥିବା ବ୍ୟକ୍ତି ଉପରେ ବୋଝ ହୋଇ ପ୍ରଭୁଭୋଜରେ ବାଧା ସୃଷ୍ଟି କରିବ।**
>
> **ଅଜଣା ବ୍ୟକ୍ତିଙ୍କୁ ଡାକି ଦଳକୁ ଶିକ୍ଷା ଦେବାକୁ କୁହନ୍ତୁ ନାହିଁ। ଆପଣ ଓ ଅନ୍ୟ ନେତାଗଣଙ୍କୁ ପ୍ରଥମେ ସେମାନଙ୍କ ଜୀବନ ଓ ଶିକ୍ଷା ପରୀକ୍ଷା କରିବାକୁ ପଡ଼ିବ।**
>
> **ଦଳରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଲୋକମାନଙ୍କୁ ମନୋନୀତ କରି ନୂତନ ନେତା ରୂପେ ତାଲିମ ଦିଅନ୍ତୁ। ଆପଣ ଯାହା ଶିକ୍ଷା କରିଛନ୍ତି ସେସବୁ ସେମାନଙ୍କୁ ଦିଅନ୍ତୁ। ଯଥା ଶୀଘ୍ର ସେମାନଙ୍କର ନିଜ ଦଳ ଆରମ୍ଭ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ। ଏହା ଦ୍ୱାରା ଖ୍ରୀଷ୍ଟଙ୍କ ପାଇଁ କାର୍ଯ୍ୟର ଅଭିବୃଦ୍ଧି ସମ୍ଭବ ହୋଇଥାଏ।**

ଦୁଇ ମାସ ପରେ ଶିକ୍ଷାର୍ଥୀଙ୍କ ଦୋକାନରେ, ସାହାଯ୍ୟକାରୀ କ'ଣ କରୁଛନ୍ତି ତାହାର ଏକ ବିବରଣୀ ଦିଅନ୍ତି। ଅନ୍ୟ ନୂଆ ପ୍ରାଚୀନଗଣ ଓ ମୁଁ ତୁମର ଉପଦେଶ ଅନୁସରଣ କରୁଛୁ। ସେହି କ୍ଷେତ୍ରରେ ସର୍ବତ୍ର ଛୋଟ ଛୋଟ ଦଳରେ ଘରମାନଙ୍କରେ ଏକତ୍ର ହେବା ପାଇଁ ଆମେ ପ୍ରସ୍ତୁତ କରିଥିଲୁ। ଛୋଟ ଛୋଟ ଦଳ ଅବିଶ୍ୱାସୀମାନଙ୍କ ଘରକୁ ପରିଦର୍ଶନ କରିବାକୁ ଯାଉଛନ୍ତି। ଅନ୍ୟମାନେ ପ୍ରାର୍ଥନା କରନ୍ତି ବା ଦୂର ସ୍ଥାନରେ ଥିବା ନୂତନ କ୍ଷେତ୍ରରେ କାର୍ଯ୍ୟକାରୀ ପଠାନ୍ତି। ସେମାନେ ଅନେକେ ସମାଜର ଆବଶ୍ୟକତା ବିଷୟରେ ଯତ୍ନ ନେଇଥା'ନ୍ତି।

ସେମାନେ ସମସ୍ତେ ନୂଆ ମଣ୍ଡଳୀ ଓ ନୂଆ କୁଟୀର ଦଳ ଗଠନ କରିବାକୁ ସେମାନଙ୍କ ଆତ୍ମିକ ଦାନ ବ୍ୟବହାର କରିବାର ଉପାୟ ଖୋଜୁଥା'ନ୍ତି। ସେମାନେ ସମସ୍ତେ ସେମାନଙ୍କ ବନ୍ଧୁ ଗହଣରେ ସୁସମାଚାର ପହଞ୍ଚାନ୍ତି। ମୁଁ ନିୟମିତ ରୂପେ ସମସ୍ତ ନୂତନ ଛୋଟ ଛୋଟ ଦଳ ପରିଦର୍ଶନ କରି ପ୍ରାଚୀନମାନଙ୍କୁ ଶିକ୍ଷା ଦେଇଥାଏ, ପ୍ରାର୍ଥନା କରିଥାଏ, ସେମାନଙ୍କ ବିବରଣୀ ଶୁଣିଥାଏ, ସମସ୍ୟା ସମାଧାନ କରିଥାଏ ଓ ଉତ୍ସାହିତ କରିଥାଏ।

ଚମତ୍କାର ବିଷୟ ! ଦୂରରେ ବାସ କରୁଥିବା ଗୋଟିଏ ଦଳ ଲୋକ ସେମାନଙ୍କ ବନ୍ଧୁବାନ୍ଧବମାନଙ୍କୁ ପରିଦର୍ଶନ କରୁଛନ୍ତି। ଏହି ଦଳକୁ ପ୍ରାଚୀନଗଣ ଓ ମୁଁ ଏକ ନୂତନ ମଣ୍ଡଳୀ ରୂପେ ଗଢ଼ି ତୋଳିବାକୁ ଯୋଜନା କରୁଛୁ। ସେମାନେ ସମସ୍ତେ ମାସକୁ ଥରେ ଲେଖାଏଁ ଏକତ୍ର ଉପାସନା ଓ ଉତ୍ସବ କରିବା ପାଇଁ ଆସନ୍ତି। ଦୟାକରି ଆସନ୍ତା ଥର ଆସିବ।

ଶିକ୍ଷାର୍ଥୀ ସତର୍କ କରାଇ ଦିଅନ୍ତି, ସେମାନେ ଯଦି ଏକ ବଡ଼ ଦଳ ହୋଇ ଏକତ୍ରିତ ହେଉଛନ୍ତି, ତେବେ ତୁମକୁ ସତର୍କ ରହିବାକୁ ପଡ଼ିବ। ସେଥିପାଇଁ ତ ଅଧିକାରୀଗଣ ଶ୍ରୀ ଜ୍ଞାନୀଙ୍କୁ ଏହି ସ୍ଥାନ ପରିତ୍ୟାଗ କରି ଚାଲିଯିବାକୁ ବାଧ୍ୟ କରିଥିଲେ। ସାଧାରଣତଃ ଖ୍ରୀଷ୍ଟଙ୍କ ମଣ୍ଡଳୀ ଅଭିବୃଦ୍ଧି ହେବା ପରେ ତାଡ଼ନା ଆସିଥାଏ।

ସାହାଯ୍ୟକାରୀ ଉତ୍ତର ଦିଅନ୍ତି, ଈଶ୍ୱର ଶ୍ରୀ ଜ୍ଞାନୀଙ୍କୁ ଯେପରି କରିଥିଲେ, ସେହିପରି ସେମାନଙ୍କ ମଧ୍ୟରୁ କେତେକଙ୍କୁ ଖ୍ରୀଷ୍ଟଙ୍କ ସାକ୍ଷୀ ରୂପେ ପ୍ରେରଣ କରିବେ। ଏଥିପାଇଁ ଅଧିକ ସମୟ, ଅର୍ଥ ଓ ଉଦ୍ୟମ ଲୋଡ଼ାଅଛି, ମାତ୍ର ମୋର ଇଚ୍ଛା ତୁମେ ମୋତେ ଯାହା ଶିଖାଇଥିଲ ଆମ ମଣ୍ଡଳୀ ଈଶ୍ୱରଙ୍କ ସେହିସବୁ ଆବଶ୍ୟକୀୟ କାର୍ଯ୍ୟରେ ଅଂଶ ଗ୍ରହଣ କରିବ।

ବହୁତ ଭଲ ! ଶିକ୍ଷାର୍ଥୀ ସମ୍ମତ ହୁଅନ୍ତି। ଈଶ୍ୱର ଇଚ୍ଛା କରନ୍ତି ଯେ, ପୃଥିବୀର ପ୍ରତ୍ୟେକ ଲୋକଦଳ ଓ ସମ୍ପ୍ରଦାୟ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଶୁଣନ୍ତୁ। ଈଶ୍ୱରଙ୍କ ଅନୁଗ୍ରହ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ବ୍ୟାପିଗଲେ, ସେ ଆନନ୍ଦ ପ୍ରକାଶ କରନ୍ତି।

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀ ଯେପରି ନୂଆ ମଣ୍ଡଳୀ ଆରମ୍ଭ କରିବାକୁ ଯୋଗ୍ୟ ଲୋକମାନଙ୍କୁ ଜାଣି ସେମାନଙ୍କୁ ପ୍ରାର୍ଥନା, ଉପବାସ ଓ ହସ୍ତାର୍ପଣ ମାଧ୍ୟମରେ ପୃଥକୀକୃତ କରିବ, ସେଥିପାଇଁ ଈଶ୍ୱରଙ୍କଠାରୁ ସାହାଯ୍ୟ ଲୋଡ଼ନ୍ତୁ।
- ଯୀଶୁଙ୍କ ଉପାସନା ଓ ଆଜ୍ଞାବହ ହେବା ପାଇଁ ଏକତ୍ର ହେଉଥିବା ନୂଆ ବାପ୍ତିଜିତ ବିଶ୍ୱାସୀ ଦଳକୁ ଏକ ନୂଆ ମଣ୍ଡଳୀ ରୂପେ ଜାଣି ସେମାନଙ୍କ ପାଇଁ ସ୍ଥାନୀୟ ନେତା ନିଯୁକ୍ତି କରିବା।
- ନୂଆ ନେତାଗଣ ଯଦି ବିଶ୍ୱାସରେ ଅତି ନୂଆ, ତେବେ ସେମାନେ ପରୀକ୍ଷାସିଦ୍ଧ ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଅସ୍ଥାୟୀ ପାଳକୀୟ ପ୍ରାଚୀନ ରୂପେ ନିଯୁକ୍ତ କରନ୍ତୁ।
- ପୃଷ୍ଠଭୂମିରେ ଥିବା ନୂଆ ନେତାଗଣଙ୍କୁ ଉପଦେଶ ଦେଇ ପ୍ରତିପାଳନ କରନ୍ତୁ। ଈଶ୍ୱର କେଉଁମାନଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ଦାନ ଦେଇଅଛନ୍ତି, ତାହା ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ସେମାନେ କିଛି ମାସ ବା ଏକ ବର୍ଷ ଧରି ଅସ୍ଥାୟୀ ନେତା ରୂପେ ରହି ପାରିବେ।
- ନୂଆ ନେତାଗଣଙ୍କୁ ସର୍ବପ୍ରଥମେ ଓ ସବୁଠାରୁ ଅଧିକ ଖ୍ରୀଷ୍ଟଙ୍କ ସମସ୍ତ ଆଜ୍ଞା ପାଳନ କରିବାକୁ ଶିକ୍ଷା ଦିଅନ୍ତୁ। କିପରି ବାପ୍ତିସ୍ମ ଦେବାକୁ ହେବ, ପ୍ରଭୁଭୋଜ ପାଳନ କରିବାକୁ ହେବ ଓ ଉପାସନାର ମୌଳିକ ବିଷୟଗୁଡ଼ିକ ସେମାନଙ୍କୁ ଦେଖାନ୍ତୁ।
- ଏହି ନୂଆ ନେତାଗଣ ଯଦି ବହୁତ ଅନୁଭୂତି ଥିବା ନେତାଙ୍କ ସହିତ ସଭାରେ ଅଛନ୍ତି, ତେବେ ସେମାନଙ୍କୁ ଏହିପରି ସେବା କରିବାକୁ ଦିଅନ୍ତୁ, ଯେଉଁମାନେ ସେମାନଙ୍କ କାର୍ଯ୍ୟ ତଦାରଖ କରି ସେମାନଙ୍କୁ ଉପଦେଶ ଦେବେ।
- ଆପଣଙ୍କ ମଣ୍ଡଳୀ ଯଦି ବହୁତ ବଡ଼ ହୋଇଯାଇଥାଏ ଓ ସଭା ସମୟରେ ପ୍ରତ୍ୟେକଙ୍କ କଥା ଶୁଣିବା ଓ ପ୍ରିୟ ପରିବାର ପରି ପରସ୍ପରର ସେବା କରିବା ସମ୍ଭବ ହେଉ ନ ଥାଏ, ତେବେ ଏହାକୁ ଛୋଟ ଛୋଟ ଦଳରେ ବିଭକ୍ତ କରନ୍ତୁ। ଦଳଟିକୁ ଛୋଟ କରି ରଖନ୍ତୁ, ଯେପରି ପ୍ରତ୍ୟେକେ ଅଂଶ ଗ୍ରହଣ କରି ବ୍ୟାବହାରିକ କ୍ଷେତ୍ରରେ ପରସ୍ପରର ସେବା କରିପାରିବେ।

## ୩–୬ ସେବାକାର୍ଯ୍ୟ ୬

# ପାଳକୀୟ ପ୍ରାଚୀନମାନଙ୍କୁ ଓ ଅନ୍ୟ ନେତାମାନଙ୍କୁ ତାଲିମ ଦିଅନ୍ତୁ

ଦିନେ ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କ ସହିତ କଥାବାର୍ତ୍ତା କରିବାକୁ ତାଙ୍କ ଘରକୁ ଆସନ୍ତି, ମାତ୍ର ଶିକ୍ଷାର୍ଥୀ କହନ୍ତି, ଆଜି ମୁଁ ଏତେ ବ୍ୟସ୍ତ ଅଛି ଯେ, ତୁମ ସହିତ ସାକ୍ଷାତ କରିପାରିବି ନାହିଁ। ମୁଁ ଦୁଃଖିତ। ସାହାଯ୍ୟକାରୀ ଆଶ୍ଚର୍ଯ୍ୟ ହୋଇଯାଇ କ'ଣ ହେଲା ବୋଲି ପଚାରିବାରୁ ଶିକ୍ଷାର୍ଥୀ ସରଳ ଭାବରେ କହନ୍ତି ଯେ, ସେ ବର୍ତ୍ତମାନ କଥାବାର୍ତ୍ତା କରିପାରିବେ ନାହିଁ।

ସାହାଯ୍ୟକାରୀ ସାରାଙ୍କୁ ସମସ୍ୟା ବିଷୟରେ ପ୍ରଶ୍ନ କରନ୍ତି। ସେ କହନ୍ତି, ମୁଁ ଜାଣି ନାହିଁ। ସେ କୌଣସି ବିଷୟରେ ନିରୁତ୍ସାହିତ ହୋଇ ପଡ଼ିଛନ୍ତି। ସେ ଏ ବିଷୟରେ କଥାବାର୍ତ୍ତା କରିବେ ନାହିଁ।

ଦୁଃଖିତ ହୋଇ ସାହାଯ୍ୟକାରୀ ପଳାଇ ଯାଆନ୍ତି। ସେ ଶ୍ରୀ ଜ୍ଞାନୀଙ୍କୁ ବାର୍ତ୍ତାଟିଏ ପଠାନ୍ତି, ମୁଁ ଶିକ୍ଷାର୍ଥୀଙ୍କ ବିଷୟରେ ବ୍ୟସ୍ତ ହେଉଛି। ମନେ ହେଉଛି ଯେପରି ସେ କାର୍ଯ୍ୟ କରିବାର ସ୍ପୃହା ହରାଇଛନ୍ତି। କିଛି ଗୋଟିଏ ଭୁଲ ହୋଇଛି।

କିଛି ଦିନ ପରେ ଶ୍ରୀ ଜ୍ଞାନୀ ସେଠାରେ ପହଞ୍ଚନ୍ତି। ବହୁତ ଦିନର ବ୍ୟବଧାନ ପରେ ସେ ଆସିଛନ୍ତି। ସେ ସାହାଯ୍ୟକାରୀଙ୍କ ପାଖକୁ ଆସନ୍ତି ଓ ସେମାନେ ଶିକ୍ଷାର୍ଥୀଙ୍କ ସହିତ କଥାବାର୍ତ୍ତା କରିବାକୁ ଯାଆନ୍ତି। ସେମାନେ ଶିକ୍ଷାର୍ଥୀଙ୍କୁ ତାଙ୍କ ଘରେ ଥିବାର ଦେଖନ୍ତି, ମାତ୍ର ସେ କଥାବାର୍ତ୍ତା କରିବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ ପଳାଇଯିବା ସମୟରେ ସାରା ସେମାନଙ୍କୁ ରହିବାକୁ ଅନୁରୋଧ କରନ୍ତି। ସେ କହନ୍ତି, ଶ୍ରୀ ଜ୍ଞାନୀ, ଆପଣ ଆସିଥିବାରୁ ମୁଁ ବହୁତ ଖୁସି! ମୁଁ ଭାବୁଛି ସମସ୍ୟାଟି ମୁଁ ଜାଣିଛି। ଏବେ ମଣ୍ଡଳୀଟି ଏତେ ବଡ଼ ହୋଇଯାଇଛି ଯେ, ଶିକ୍ଷାର୍ଥୀ ବହୁତ ବ୍ୟସ୍ତ ହୋଇପଡ଼ି ଭାରସାମ୍ୟ ହରାଉଛନ୍ତି। ସେ ତାଙ୍କ ପରିବାର ପାଇଁ କୌଣସି ସମୟ ଦେଇପାରୁ ନାହାନ୍ତି। ଯେଉଁ କେତେକ ମଣ୍ଡଳୀରେ ସେ ସେବାକାର୍ଯ୍ୟ କରୁଛନ୍ତି, ସେମାନେ ତାଙ୍କୁ ଆର୍ଥିକ ସାହାଯ୍ୟ ଦେଉଥିବାରୁ, ତାଙ୍କର ଆଉ ଦୋକାନରେ କାର୍ଯ୍ୟ କରିବା ଅନାବଶ୍ୟକ ହୋଇଛି, ତଥାପି ମଧ୍ୟ ସେ ଅନେକ ଦାୟିତ୍ୱରେ ନିଜକୁ ବ୍ୟସ୍ତ ରଖିଛନ୍ତି। ସେ ବିନା କାରଣରେ ପ୍ରତ୍ୟେକଙ୍କ ଉପରେ ଏପରିକି ନୂଆ ବିଶ୍ୱାସୀମାନଙ୍କ ଉପରେ ମଧ୍ୟ କ୍ରୋଧ କରୁଛନ୍ତି।

ଶ୍ରୀ ଜ୍ଞାନୀ ଓ ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ପ୍ରାର୍ଥନା କରିବାକୁ କହନ୍ତି। ସେ ସେମାନଙ୍କ ସହିତ ପ୍ରାର୍ଥନା କରିବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ ଅନେକ ସମୟ ପର୍ଯ୍ୟନ୍ତ ନୀରବରେ ବସନ୍ତି। ଶେଷରେ ଶିକ୍ଷାର୍ଥୀ ଧୀର ସ୍ୱରରେ କହନ୍ତି, ମୁଁ ବହୁତ କ୍ଳାନ୍ତ ହୋଇପଡ଼ିଛି। ମୋତେ ଅନେକ କାର୍ଯ୍ୟ କରିବାକୁ ପଡ଼ିବ। ଶ୍ରୀ ଜ୍ଞାନୀ, ଆପଣଙ୍କୁ ପୁଣି ଥରେ ଏଠାରେ ନେତୃତ୍ୱ ନେବାକୁ ପଡ଼ିବ। ପୋଲିସ ଆମକୁ ଆଉ କଷ୍ଟ ଦେଉ ନାହିଁ। ଏହା ନିରାପଦ ସ୍ଥାନ ଅଟେ।

ଶ୍ରୀ ଜ୍ଞାନୀ ଅସମ୍ମତ ହୁଅନ୍ତି। ତୁମର ମୋଶାଙ୍କ ପରି ସମସ୍ୟା ଅଛି। ସେ ନିଜେ ବହୁତ କାର୍ଯ୍ୟ କରୁଥିଲେ। ସେ ଅନ୍ୟମାନଙ୍କୁ ପାଳକୀୟ ଦାୟିତ୍ୱ ଦେଉ ନ ଥିଲେ। ତୁମେ ସାହାଯ୍ୟକାରୀଙ୍କୁ ଓ ନୂଆ ମଣ୍ଡଳୀଗୁଡ଼ିକୁ ଭାରାର୍ପଣ କରି ଭଲ କରିଛ, ମାତ୍ର ନିଜ ମଣ୍ଡଳୀରେ ତାହା କରିବାକୁ ବିଫଳ ହୋଇଛ। ତୁମ ଲୋକମାନଙ୍କୁ ପାଳନ କରିବା ପାଇଁ ମୁଁ ଏଠାକୁ ଆସିପାରିବି ନାହିଁ। ଯେଉଁ ମଣ୍ଡଳୀକୁ ଆରମ୍ଭ ହେବାରେ ମୁଁ ସାହାଯ୍ୟ କରୁଛି, ସେଠାରେ ଯଦି ମୁଁ ପାଳକୀୟ କାର୍ଯ୍ୟ କରିବି, ତେବେ ପବିତ୍ରଆତ୍ମାଙ୍କ କାର୍ଯ୍ୟକୁ ପ୍ରତିହତ କରିବି! ମୁଁ ନିଜକୁ କେବଳ ବ୍ୟସ୍ତ କରିବି, ମାତ୍ର ଏହା ଦ୍ୱାରା ଲୋକେ ଉପକୃତ ହେବେ ନାହିଁ।

ଶିକ୍ଷାର୍ଥୀ ନୀରବରେ ବସି ଶୁଣୁଛନ୍ତି। ଶ୍ରୀ ଜ୍ଞାନୀ ଆହୁରି କହନ୍ତି, ଯୀଶୁ ଆମକୁ ଶିଷ୍ୟ ପ୍ରସ୍ତୁତ କରି ସେମାନଙ୍କୁ ତାହାଙ୍କ ଆଜ୍ଞାବହ ହେବାକୁ ଶିକ୍ଷା ଦେବା ପାଇଁ ଆମକୁ ଆଜ୍ଞା ଦେଇଅଛନ୍ତି। ସେ ଆପଣା ଶିଷ୍ୟମାନଙ୍କୁ ସେବାକାଯର୍ୟ କରିବା ପାଇଁ ଓ ନୂଆ ମଣ୍ଡଳୀ ଆରମ୍ଭ କରିବା ପାଇଁ ଆବଶ୍ୟକ ସବୁକିଛି ଦେଇଥିଲେ। ବେଳେ ବେଳେ ସେ ସେମାନଙ୍କୁ ଦୁଇ ଦୁଇ ଜଣ କରି ପ୍ରଚାର କରିବାକୁ ପଠାଇ ସେମାନଙ୍କ ସହିତ ରହୁଥିଲେ। ସେ କହିଥିଲେ ଯେ, ସେ ପଳାଇଯିବା ପରେ ସେମାନେ ତାହାଙ୍କ ଅପେକ୍ଷା ମହତ୍ କାର୍ଯ୍ୟ କରିବେ। ସେମାନେ ତାହାଙ୍କ ଆଜ୍ଞାବହ ହେଉଥିଲେ ଏବଂ ତାହାଙ୍କଠାରୁ ଯାହାକିଛି ଗ୍ରହଣ କରିଥିଲେ, ସେସବୁ ନୂଆ ନେତାମାନଙ୍କୁ ଦେଉଥିଲେ। ଈଶ୍ୱର ସେମାନଙ୍କ ପ୍ରେମମୟ ଆଜ୍ଞାବହତାକୁ ଆଶୀର୍ବାଦ କରିଥିଲେ।

ମାତ୍ର ମୁଁ ସେମାନଙ୍କ ପରି ଏତେ ବଳିଷ୍ଠ ନୁହେଁ।

ଈଶ୍ୱର ଆପଣଙ୍କୁ ଆବଶ୍ୟକୀୟ ବଳ ପ୍ରଦାନ କରନ୍ତି। ବର୍ତ୍ତମାନ ଯୀଶୁ ଯେପରି କରିଥିଲେ ତୁମକୁ ତାହା କରିବାକୁ ପଡ଼ିବ। ତୁମର ନିଜ ମଣ୍ଡଳୀରେ ଅନ୍ୟମାନଙ୍କୁ ସେବାକାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ ସବୁକିଛି ବିଷୟ ପ୍ରଦାନ କରିବାକୁ ପଡ଼ିବ। ମୁଁ ତୁମ ଉପରେ ହସ୍ତାର୍ପଣ କରି ତୁମକୁ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରିଥିଲି। ମୋ'ଠାରେ ଯେପରି ଆତ୍ମାଙ୍କ ଶକ୍ତି ବାସ କରନ୍ତି, ସେ ତୁମ ଉପରେ ମଧ୍ୟ ସେହିପରି ବାସ କରନ୍ତି । ବର୍ତ୍ତମାନ ତୁମେ ନିଜକୁ ଅତି ବ୍ୟସ୍ତ ରଖୁଛ। ଆସ ଆମେ **ବହୁତ ବ୍ୟସ୍ତ ଥିବା ନେତାମାନଙ୍କ ପ୍ରତି ଯିଥ୍ରୋଙ୍କ ଉପଦେଶ** ପାଠ କରିବା।

### ଅନୁଶୀଳନୀ

ମୋଶାଙ୍କ ଶ୍ୱଶୁର ତାଙ୍କୁ କ'ଣ କରିବାକୁ କହିଥିଲେ, ଆସନ୍ତୁ **ଯାତ୍ରା ୧୮ ପର୍ବ**ରେ ତାହା ଦେଖିବା :

- ଯିଥ୍ରୋ ମୋଶାଙ୍କୁ ଉପଦେଶ ଦେବା ପୂର୍ବରୁ ସେ କେଉଁ ଭୁଲ କାର୍ଯ୍ୟ କରୁଥିବାର ସେ ଦେଖିଲେ ?
- ମୋଶାଙ୍କ ଚତୁର୍ଦ୍ଦିଗରେ ଥିବା ଲୋକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କ'ଣ କରୁଥିଲେ ?
- ଯିଥ୍ରୋ ମୋଶାଙ୍କୁ କେଉଁ ଜ୍ଞାନଯୁକ୍ତ ଉପଦେଶ ଦେଇଥିଲେ ?
- ଯିଥ୍ରୋ ମୋଶାଙ୍କୁ କେଉଁପ୍ରକାର ଲୋକଙ୍କୁ ନେତା ରୂପେ ନିଯୁକ୍ତ କରିବା ପାଇଁ କହିଥିଲେ ?
- ମୋଶା କାହିଁକି ନେତୃତ୍ୱ ଭାଗ କରିଦେବା ପରେ ଉତ୍ତମ ରୂପେ ଲୋକମାନଙ୍କ ସେବା କରିପାରିଥିଲେ ?

ସାରା ଚା ଆଣନ୍ତି ଓ ଶ୍ରୀ ଜ୍ଞାନୀ, ଶିକ୍ଷାର୍ଥୀ ଓ ସାହାଯ୍ୟକାରୀଙ୍କୁ ଘଟଣାଟି ବୁଝାନ୍ତି। ମୋଶା ଜଣେ ମହାନ୍ ନେତା ଥିଲେ। ସେ ମିସରରେ ଈଶ୍ୱରଙ୍କ ଲୋକମାନଙ୍କୁ କ୍ରୀତଦାସତ୍ୱରୁ ମୁକ୍ତ କରିଥିଲେ। ବାଇବଲ ମଧ୍ୟ କହେ ଯେ, ସେ ଜଣେ ଅତି ନମ୍ର ଲୋକ ଥିଲେ। ସେ ସମ୍ପୂର୍ଣ୍ଣ ହୃଦୟରେ ତାଙ୍କ ଲୋକମାନଙ୍କ ସେବା କରିଥିଲେ, ମାତ୍ର ସେ ଏକୁଟିଆ ସେମାନଙ୍କ ସେବା କରିପାରି ନ ଥିଲେ। ଯିଥ୍ରୋ ଦେଖିଲେ ଯେ, ଲୋକମାନେ ତାଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି, ଯେପରି ସେ ସେମାନଙ୍କ ଅଭିଯୋଗ ବିଚାର କରିବେ। ସେ ଲୋକମାନଙ୍କ ବିଷୟରେ ନିଜକୁ ବ୍ୟତିବ୍ୟସ୍ତ କରି ରଖୁଥିଲେ। ମାତ୍ର ନେତାଗଣ ଅନ୍ୟମାନଙ୍କୁ ସେମାନଙ୍କ ନେତୃତ୍ୱର ଅଂଶୀ କରିବାକୁ ଇଚ୍ଛା କରନ୍ତି ନାହିଁ। ବର୍ତ୍ତମାନ ଶିକ୍ଷାର୍ଥୀ, ତୁମେ କାହାଣୀରୁ କ'ଣ ମନେ ରଖିଛ, ଦୟାକରି ମୋତେ କୁହ।

କିଛିକ୍ଷଣ ପାଇଁ ଶିକ୍ଷାର୍ଥୀ ଚିନ୍ତା କରନ୍ତି। ଯିଥ୍ରୋ ମୋଶାଙ୍କୁ ପରିପକ୍ୱ ନେତାମାନଙ୍କୁ ନିଯୁକ୍ତ କରିବାକୁ କହିଥିଲେ, ଯେଉଁମାନେ କାର୍ଯ୍ୟଭାର ବହନ କରିପାରିବେ। ଏହି ଲୋକମାନେ ବିଶ୍ୱସ୍ତ, ଆତ୍ମିକ ରୂପେ ପରିପକ୍ୱ ଓ ଦକ୍ଷ ହୋଇଥିବେ। ଯିଥ୍ରୋ ମୋଶାଙ୍କୁ କହିଲେ ଯେ, ସେ କେବଳ ଅନ୍ୟ ନେତାଗଣ ଯେଉଁ ଜଟିଳ ସମସ୍ୟା ଆଣୁଛନ୍ତି ସେଗୁଡ଼ିକ ସମାଧାନ କରନ୍ତୁ। ସେ ଏପରି ନେତାମାନଙ୍କ ସହିତ ସମ୍ପର୍କ ରଖୁଥିଲେ, ଯେଉଁମାନେ କ୍ଷୁଦ୍ର ଦଳର ନେତାମାନଙ୍କ ସହିତ ସମ୍ପର୍କ ରଖିଥିଲେ, ଏହିପରି ଭାବରେ ସେମାନେ ସଂଖ୍ୟାରେ କମ୍ ହୋଇ ଦଶଜଣିଆ ଦଳ ହୋଇଥିଲେ, ଫଳରେ ସେମାନେ ସଫଳ ଭାବରେ ଲୋକମାନଙ୍କୁ ପାଳନ କରିପାରୁଥିଲେ।

ହଁ। ଏହିପରି ଭାବରେ ମୋଶା ତାଙ୍କ ନେତୃତ୍ୱକୁ ବାଣ୍ଟି ଦେବାରୁ, ତାଙ୍କୁ ପ୍ରାର୍ଥନା ଓ ଶିକ୍ଷା ଦେବାକୁ ସମୟ ମିଳିଥିଲା। ସେ ଭଲ ରୂପେ ଲୋକମାନଙ୍କ ସେବା କରିପାରୁଥିଲେ। ଶିକ୍ଷାର୍ଥୀ, ମୋଶାଙ୍କ ପରି ତୁମର ମଧ୍ୟ ଅନେକ କାର୍ଯ୍ୟ କରିବାକୁ ଅଛି। ତୁମର ଅନେକ ନୂଆ ନେତାମାନଙ୍କ ସହିତ ଦୃଢ଼ ସମ୍ପର୍କ ଥିବାରୁ, ସେମାନଙ୍କୁ ସେମାନଙ୍କ ବୋଝ ବିଷୟରେ କହିବାକୁ ଦେଇ, ଆହୁରି ଛୋଟ ଛୋଟ ଦଳରେ ବିଭକ୍ତ କରି ତାହା ପାଳନ କରିବାକୁ କୁହ।

ମାତ୍ର ନୂଆ ନେତାଗଣ ଭୁଲ କରିଥା'ନ୍ତି, ଶିକ୍ଷାର୍ଥୀ ଅଭିଯୋଗ କରନ୍ତି। ମୁଁ ସେମାନଙ୍କୁ ଭୁଲ କରିବାକୁ ଦେବି ନାହିଁ।

ହଁ, ଭାଇ, ତୁମେ କରିପାର, ଶ୍ରୀ ଜ୍ଞାନୀ କହନ୍ତି, ମୁଁ ପ୍ରଥମରେ ତୁମକୁ ଅନେକ ଭୁଲ କରିବାକୁ ଦେଇଥିଲି। ଯୀଶୁ ଆପଣା ଶିଷ୍ୟମାନଙ୍କୁ ବହୁତ ଭୁଲ କରିବାକୁ ଦେଇଥିଲେ। ତୁମର ନୂତନ ପାଳକୀୟ ପ୍ରାଚୀନଗଣ ଭୁଲ କରିବେ – ବୋଧହୁଏ ସେମାନେ ମୁଁ ପ୍ରଥମେ ଆରମ୍ଭ କରିବା ସମୟରେ ଯେତେ ଭୁଲ କରିଥିଲି, ସେମାନେ ସେତେ ଭୁଲ କରିବେ ! ଯୀଶୁଙ୍କ ଶିଷ୍ୟଗଣ ପ୍ରଥମେ ଯେତେ ଭୁଲ କରିଥିଲେ, ସେମାନେ ବୋଧହୁଏ ସେତେ ଭୁଲ କରିବେ।

ଶିକ୍ଷାର୍ଥୀ ହସନ୍ତି। ମୁଁ ସାହାଯ୍ୟକାରୀଙ୍କୁ ଏହି ଉପଦେଶ ଦେଇଥିଲି, ମାତ୍ର ନିଜ ବିଷୟରେ ଏହା ପ୍ରୟୋଗ କରିବାକୁ ଭୁଲି ଯାଇଥିଲି !

ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, ତା'ପରେ ଆସ ଆମେ ଏକତ୍ର ଦେଖିବା ଯେ, **ଅନ୍ୟମାନଙ୍କୁ ତାଲିମ ଦେବାକୁ ସକ୍ଷମ ହେବା ପାଇଁ ନେତାଗଣଙ୍କୁ ତାଲିମ ଦେବା ବିଷୟରେ ପାଉଲ ତୀମଥିଙ୍କୁ କ'ଣ ଶିକ୍ଷା ଦେଇଥିଲେ।**

### ଅନୁଶୀଳନୀ

**୨ୟ ତୀମଥି ୨:୧–୨ ପଦ** ଦେଖନ୍ତୁ :

- ପାଉଲ ଓ ତୀମଥିଙ୍କ ମଧ୍ୟରେ କେତେ ଗଭୀର ସମ୍ପର୍କ ଥିଲା ?
- ଅନେକ ସାକ୍ଷୀଙ୍କ ସମ୍ମୁଖରେ ତୀମଥି ଯାହା ଶୁଣୁଥିଲେ, ସେଥିରେ କ'ଣ କରିବେ ବୋଲି ପାଉଲ ତାଙ୍କୁ କହିଥିଲେ ?
- ଏହି ତାଲିମ ଶୃଙ୍ଖଳରେ ଆପଣ କେତେଜଣ ଅଛନ୍ତି ବୋଲି ଦେଖୁଛନ୍ତି ? ପାଉଲଙ୍କଠାରୁ ଆରମ୍ଭ କରି ଅନ୍ୟମାନଙ୍କୁ ମଧ୍ୟ ଗଣନା କରନ୍ତୁ।

ସାହାଯ୍ୟକାରୀ, ଶ୍ରୀ ଜ୍ଞାନୀ ଶିକ୍ଷାର୍ଥୀଙ୍କ ନିକଟରେ ଛାଡ଼ି ପଳାନ୍ତି, ତୁମେ କ'ଣ ୨ୟ ତୀମଥି ୨:୨ ପଦରେ ଶିଷ୍ୟତ୍ୱର ଶୃଙ୍ଖଳ ଦେଖିପାରୁଛ ? ପାଉଲ ତୀମଥିଙ୍କୁ ପୁତ୍ର ରୂପେ ପ୍ରେମ କରୁଥିଲେ। ପାଉଲ ତାଙ୍କୁ, ତିତସ ଓ ଅନ୍ୟମାନଙ୍କୁ ଶିକ୍ଷା ଦେଇଥିଲେ। ସେ ନିଶ୍ଚିତ କରିଥିଲେ ଯେ, ପ୍ରତ୍ୟେକ ନୂଆ ମଣ୍ଡଳୀରେ ନିଜର ପ୍ରାଚୀନମାନେ ଥାଆନ୍ତି, ଯେଉଁମାନେ ଅନ୍ୟମାନଙ୍କୁ ଶିକ୍ଷା ଦେଇପାରନ୍ତି। ତୀମଥି ପାଉଲଙ୍କଠାରୁ ଯାହା ଶୁଣିଥିଲେ ତାହା ବିଶ୍ୱସ୍ତ ଲୋକମାନଙ୍କୁ କହିଥିଲେ। ଏହି ଲୋକମାନେ ଅନ୍ୟମାନଙ୍କୁ ଶିକ୍ଷା ଦେଇଥିଲେ।

ଏପରି କଥା। ୨ୟ ତୀମଥି ୨:୨ ପଦରେ ଚାରିଟି ସଂଯୋଗ ରହିଛି।

ଶିଷ୍ୟତ୍ୱ ହେଉଛି ତିନି ପାଖ ଥିବା ଏକ ତ୍ରିଭୁଜ ପରି। ଗୋଟିଏ ପାଖ ପ୍ରେମ, ଅନ୍ୟଟି ବାକ୍ୟ, ତୃତୀୟ ପାଖ ହେଉଛି କାର୍ଯ୍ୟ, ବା ବାକ୍ୟର ବ୍ୟବହାର। ତ୍ରିଭୁଜର ସମସ୍ତ ତିନିପାଖ ଥିବା ଉଚିତ୍, ନଚେତ୍ ଏହା ନଷ୍ଟ ହୋଇଯିବ। ପାଉଲ ଶିଷ୍ୟତ୍ୱର ସମସ୍ତ ତିନି ପାଖକୁ

କାର୍ଯ୍ୟକାରୀ କରିଥିଲେ। ସେ ତାଙ୍କ ଶିଷ୍ୟମାନଙ୍କୁ ପ୍ରେମ କରିଥିଲେ ଓ ତୀମଥିଙ୍କୁ ତାଙ୍କ ପୁତ୍ର ରୂପେ ସମ୍ବୋଧନ କରୁଥିଲେ। ସେ ଯାହାକିଛି ପାଇଥିଲେ, ସେସବୁ ସେମାନଙ୍କୁ ଦେଇ ବିଶ୍ୱସ୍ତ ରୂପେ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଇଥିଲେ। ସେ ସେମାନଙ୍କ ଜୀବନରେ ଓ ଦଳର ଲୋକମାନଙ୍କ ଜୀବନରେ ଈଶ୍ୱରଙ୍କ ବାକ୍ୟ ପ୍ରୟୋଗ କରିବାକୁ ସାହାଯ୍ୟ କରିଥିଲେ। ବର୍ତ୍ତମାନ, ଶିକ୍ଷାର୍ଥୀ, ତୁମେ କ'ଣ କରିବାକୁ ଯୋଜନା କରୁଛ ?

ନୂତନ ପ୍ରାଚୀନମାନଙ୍କ ସହିତ ମୋର ସମ୍ପର୍କ ଦୁର୍ବଳ ହୋଇପଡ଼ିଛି। ମୋତେ ସେମାନଙ୍କ କଥା ଶୁଣି ସେମାନଙ୍କ ସହିତ ମୋର ସମ୍ପର୍କ ଦୃଢ଼ୀଭୂତ କରିବାକୁ ପଡ଼ିବ। ମୁଁ ସେମାନଙ୍କୁ ଶିକ୍ଷା ଦେବା ପୂର୍ବରୁ, ସେମାନଙ୍କ ଦଳର ଆବଶ୍ୟକତା ବିଷୟରେ ପ୍ରଶ୍ନ କରିବି। ସେମାନଙ୍କ ଶିକ୍ଷାକୁ ସେମାନଙ୍କ ନିଜ ଦଳରେ ପ୍ରୟୋଗ କରିବା ପାଇଁ ମୁଁ ସେମାନଙ୍କୁ ସାହାଯ୍ୟ କରିବି। ସେମାନେ ଯାହା ଶିକ୍ଷା କରିଛନ୍ତି, ତାହା ଅନ୍ୟମାନଙ୍କୁ କିପରି ଶିଖାଇବେ, ଫଳରେ ପାଉଲ ଯେପରି କହିଥିଲେ ସେହିପରି ଅନ୍ୟମାନେ ତାହା ଶିଖି ଅନ୍ୟମାନଙ୍କୁ କହିବେ, ତାହା ମୁଁ ସେମାନଙ୍କୁ ଦେଖାଇବି। ଆପଣ ମୋ' ପ୍ରତି ଯେପରି କରିଥିଲେ, ମୁଁ ମଧ୍ୟ ସେହିପରି ପ୍ରାଚୀନମାନଙ୍କୁ ସାକ୍ଷାତ କରିବା ସମୟରେ ସର୍ବଦା ପ୍ରାର୍ଥନା କରିବାକୁ, ଶୁଣିବାକୁ ଓ ଏକତ୍ର ଯୋଜନା କରିବାକୁ ଅଧିକ ଯତ୍ନଶୀଳ ହେବି। ଶିକ୍ଷାର୍ଥୀ ନୂଆ ପ୍ରାଚୀନମାନଙ୍କୁ ଉପଦେଶ ଦେବା ପାଇଁ ସାକ୍ଷାତ କରିବା ସମୟରେ କ'ଣ କ'ଣ କରିବେ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତି :

**ଉପଦେଶ ଦେବା ସମୟରେ ପବିତ୍ରଆତ୍ମାଙ୍କ ପରିଚାଳନା ପାଇବାକୁ ପ୍ରାର୍ଥନା କରନ୍ତୁ।**
**ତାଲିମ ନେଉଥିବା ଲୋକମାନେ ସେମାନଙ୍କ ସେବାକାର୍ଯ୍ୟର ବିବରଣୀ ଦେଉଥିବା ସମୟରେ ଶୁଣନ୍ତୁ।**
**ସେମାନେ ବାଇବଲରୁ ଶିକ୍ଷା କରିଥିବା ବିଷୟର ସାରମର୍ମ କହିବା ସମୟରେ ତାହା ଶୁଣନ୍ତୁ।**
**କ୍ଷୁଦ୍ର ଦଳରେ ଆବଶ୍ୟକ ଓ ସୁଯୋଗ ଅନୁସାରେ ନୂଆ ନୂଆ କାର୍ଯ୍ୟକ୍ରମର ଯୋଜନା କରନ୍ତୁ।**
**ଆବଶ୍ୟକ ଓ ସୁଯୋଗ ଅନୁସାରେ ନୂତନ ବାଇବଲ ଅଧ୍ୟୟନ ଆରମ୍ଭ କରନ୍ତୁ।**
**ପ୍ରାର୍ଥନା ସହକାରେ ଆମର ଯୋଜନାଗୁଡ଼ିକୁ ପ୍ରଭୁଙ୍କଠାରେ ସମର୍ପଣ କରନ୍ତୁ।**

ଶ୍ରୀ ଜ୍ଞାନୀ କହନ୍ତି, ଜଣେ ନେତା ଯେତେବେଳେ ଅନ୍ୟମାନଙ୍କୁ ତାଙ୍କର ନେତୃତ୍ୱର ଦାୟିତ୍ୱ ବାଣ୍ଟନ୍ତି ନାହିଁ, ସେତେବେଳେ ତାଙ୍କଠାରେ ନମ୍ରତାର ଅଭାବ ଥାଏ। ସେ ଜଣେ ସେବକ ନେତା ହେବା ଆବଶ୍ୟକ। ସେବକ ନେତା କିପରି ଅଟନ୍ତି, ଯୀଶୁ ତାହା ଆମକୁ ଦର୍ଶାଇଥିଲେ। ସେ ଆମକୁ ଗୁରୁତ୍ୱପୂର୍ଣ୍ଣ ଓ ଶକ୍ତିଶାଳୀ ନ ହୋଇ ନମ୍ରତାର ସହ ଈଶ୍ୱରଙ୍କ ସେବା କରିବାକୁ କହିଥିଲେ। ମୋ' ସହିତ **ଆପଣା ଛାତ୍ରମାନଙ୍କ ପାଦ ପ୍ରକ୍ଷାଳନ କରୁଥିବା ସେବକ ନେତା**ଙ୍କ ବିଷୟରେ ଆସନ୍ତୁ ପାଠ କରିବା।

## ଅନୁଶୀଳନୀ

**ଯୋହନ ୧୩:୧-୭** ପଦ ଦେଖନ୍ତୁ :

- ଜଣେ ଦାସ ରୂପେ ଈଶ୍ୱରଙ୍କ ପୁତ୍ର କିପରି ନମ୍ରତାର ସହ ଆପଣା ଶିଷ୍ୟମାନଙ୍କ ସେବା କରିଥିଲେ ?
- ଆମ ପ୍ରଭୁ ଓ ଶିକ୍ଷକ ଯଦି ଆପଣା ଶିଷ୍ୟମାନଙ୍କ ପ୍ରତି ଏପରି କରିଥିଲେ, ତେବେ ଆମେ କେଉଁ ମନୋବୃତ୍ତି ନେଇ ଅନ୍ୟମାନଙ୍କ ସେବା କରିବା ଉଚିତ୍ ?
- ସେବକ ନେତା ହେବା ପାଇଁ ଆପଣା ଶିଷ୍ୟମାନଙ୍କୁ ତାଲିମ ଦେବା ପାଇଁ ଯୀଶୁ କେବଳ ବାକ୍ୟ ବ୍ୟବହାର କରି ନ ଥିଲେ। ସେ ଆଉ କ'ଣ କରିଥିଲେ ?

ଏପରି କଥା, ଶିକ୍ଷାର୍ଥୀ ଶ୍ରୀ ଜ୍ଞାନୀଙ୍କୁ କହନ୍ତି, ଯୀଶୁ ଈଶ୍ୱରଙ୍କ ପୁତ୍ର ଥିଲେ ଓ ସେ ସମସ୍ତ ଗୌରବ ଓ ଉପାସନା ପାଇବାକୁ ଯୋଗ୍ୟ ଥିଲେ ମଧ୍ୟ ନମ୍ର ରୂପେ ଆପଣା ଶିଷ୍ୟମାନଙ୍କ ସେବା କରିଥିଲେ। ସେହିଦିନମାନଙ୍କରେ ଜଣେ ସେବକ ଯେପରି କରୁଥିଲା, ସେ ସେହିପରି ଏକ ଗାମୁଛା ନେଇ ସେମାନଙ୍କ ଧୂଳିଧୂସରିତ ପାଦ ଧୋଇ ଦେଇଥିଲେ। ମହାନ୍ ଶିକ୍ଷକ ଆପଣା ଉଦାହରଣ ଦର୍ଶାଇ ଆମକୁ ଶିକ୍ଷା ଦେଇଥିଲେ। ପ୍ରେମରେ ଆମେ ଅନ୍ୟମାନଙ୍କୁ ସେହିପରି ନମ୍ରତାର ସହ ପରିଚାଳନା କରିଥାଉ। ନେତାମାନଙ୍କୁ ତାଲିମ ଦେବା ସମୟରେ, ଆମେ ସେମାନଙ୍କୁ କେବଳ ଈଶ୍ୱରଙ୍କ ସତ୍ୟ ବିଷୟ ଶିକ୍ଷା ଦେଇ ନ ଥାଉ, ମାତ୍ର ଆମର ନମ୍ରତାର ଉଦାହରଣ ଦେଇ କିପରି ଈଶ୍ୱରଙ୍କ ଆଜ୍ଞାବହ ହେବା, ତାହାର ଉଦାହରଣ ସେମାନଙ୍କୁ ଦର୍ଶାଇଥାଉ।

ପରଦିନ ଶିକ୍ଷାର୍ଥୀ ମଣ୍ଡଳୀର ନେତାଗଣଙ୍କୁ ଡାକି ସେମାନଙ୍କୁ ବୁଝାନ୍ତି, ମୁଁ ଆପଣମାନଙ୍କୁ ଅଧିକ ଦାୟିତ୍ୱ ଦେବାକୁ ଯାଉଛି। ଆପଣମାନେ ମୋ' ସହିତ ସହପାଳକ ହେବେ।

ଶିକ୍ଷାର୍ଥୀ ଶ୍ରୀ ବୋକାଙ୍କୁ ନିମନ୍ତ୍ରଣ କରି ନ ଥିଲେ, ମାତ୍ର ସେ ଆସି ସେଥିରେ ବାଧା ଦେଇଥିଲେ, ଶିକ୍ଷାର୍ଥୀ, ସହପାଳକ ରୂପେ କେହି ମଧ୍ୟ ଯୋଗ୍ୟ ନୁହନ୍ତି। ଏମାନେ ଆମର ବା ତୁମେ ଯେଉଁ ନୂଆ ରୂପେ ଗଢ଼ିଥିବା ମଣ୍ଡଳୀଗୁଡ଼ିକର ନେତୃତ୍ୱ ନେଇପାରିବେ ନାହିଁ। ସେମାନଙ୍କୁ ଯୋଗ୍ୟ କରିବା ପାଇଁ ତୁମେ ସେମାନଙ୍କୁ ତିନି ବା ଚାରି ବର୍ଷ ବାଇବଲ ବିଦ୍ୟାଳୟକୁ ପଠାଇବାକୁ ପଡ଼ିବ।

ସେତେବେଳ ପର୍ଯ୍ୟନ୍ତ ଶ୍ରୀ ଜ୍ଞାନୀ ପଳାଇଯାଇ ନ ଥିଲେ। ସେ ଅସମ୍ମତ ହୁଅନ୍ତି, ଏ ବିଷୟ ପରୀକ୍ଷିତ ପୁଣି ଏଠାରେ ଆମର ପରିସ୍ଥିତିଗୁଡ଼ିକରେ ତାହା କାମ ଦେଇ ନାହିଁ। ଆସ ଆମେ ଦେଖିବା ଯେ, ପ୍ରେରିତ ପାଉଲ ନେତାମାନଙ୍କ ଯୋଗ୍ୟତା ବିଷୟରେ କ'ଣ କହନ୍ତି। ଶିକ୍ଷାର୍ଥୀ, ଆମେ ତୀମଥି ଓ ତିତସଙ୍କୁ ପାଉଲଙ୍କ ପତ୍ରରେ **ଜଣେ ନେତାର ଯୋଗ୍ୟତା** ବିଷୟରେ ଯାହା ଦେଖିଥିଲୁ, ତାହା ତୁମର ସ୍ମରଣ ଅଛି କି ?

## ଅନୁଶୀଳନୀ

**୧ମ ତୀମଥି ୩ ପର୍ବ ଓ ତିତସ ୧:୫–୯ ପଦରେ ଦେଖନ୍ତୁ :**

- ତିତସ ୧:୫ ପଦ ଅନୁସାରେ ପାଉଲ କାହିଁକି କ୍ରୀତୀରେ ତିତସଙ୍କୁ ଛାଡ଼ିଥିଲେ ?
- କ୍ରୀତୀରେ ନୂଆ ମଣ୍ଡଳୀରେ ତିତସଙ୍କୁ କ'ଣ କରିବାକୁ ପଡ଼ିଥିଲା ?
- ଜଣେ ପାଳକୀୟ ପ୍ରାଚୀନ କିପରି ହେବା ଉଚିତ୍ ? ତାଙ୍କ ଗୁଣାବଳୀ ବର୍ଣ୍ଣନା କରନ୍ତୁ।

ଶିକ୍ଷାର୍ଥୀଙ୍କ ଘରେ ଯେଉଁ ନେତାମାନେ ସଭା କରୁଥିଲେ, ଶ୍ରୀ ଜ୍ଞାନୀ ସେମାନଙ୍କୁ ଉତ୍ସାହିତ କରିବାକୁ କରନ୍ତି। ପାଉଲ ନିଶ୍ଚିତ କରିଥିଲେ ଯେ, ପ୍ରତ୍ୟେକ ମଣ୍ଡଳୀରେ ସେମାନଙ୍କ ନିଜର ନେତା ରହିବେ। ସେମାନେ ଲୋକମାନଙ୍କୁ ପାଳନ କରୁଥିଲେ। ସେମାନେ ଏକତ୍ର ସହପାଳକ ରୂପେ କାର୍ଯ୍ୟ କରୁଥିଲେ। ଏକ ନୂତନ ମଣ୍ଡଳୀରେ ନିଜର ନେତା ନ ଥିବା ପର୍ଯ୍ୟନ୍ତ ପାଉଲ ତାଙ୍କର କାର୍ଯ୍ୟ ସମାପ୍ତ ହେଲା ବୋଲି ବିବେଚନା କରୁ ନ ଥିଲେ। ସମାଜରେ ବାସ କରୁ ନ ଥିବା ବାହ୍ୟ ଲୋକମାନେ ମଣ୍ଡଳୀକୁ ନେତୃତ୍ୱ ଦେବା ଅନୁଚିତ୍। ବେଳେ ବେଳେ ପାଉଲ ଫେରିଯାଇ ନେତାମାନଙ୍କୁ ନିଯୁକ୍ତ କରୁଥିଲେ। ସେ କ୍ରୀତୀରେ ତିତସଙ୍କୁ ରଖିଥିଲେ, ଯେପରି ସେ ସେଠାରେ ପ୍ରାଚୀନମାନଙ୍କୁ ନିଯୁକ୍ତ କରିପାରିବେ। ପାଉଲ ଓ ତିତସ ମଣ୍ଡଳୀରୁ ହିଁ ଲୋକ ମନୋନୀତ କରୁଥିଲେ। ସେମାନେ ଏପରି ଲୋକ ମନୋନୀତ କରୁଥିଲେ, ଯେଉଁମାନେ କି ବିଶ୍ୱାସୀ, ଅବିଶ୍ୱାସୀ ଓ ସେମାନଙ୍କ ନିଜ ପରିବାରରେ ସମ୍ମାନିତ ହେଉଥିଲେ। ଜଣେ ନେତାଙ୍କ ଗୁଣାବଳୀ ତାଙ୍କର ଶିକ୍ଷା ଦେବାର କ୍ଷମତା ପରି ଗୁରୁତ୍ୱପୂର୍ଣ୍ଣ ଅଟେ।

ଶ୍ରୀ ବୋକା ଅଭିଯୋଗ କରନ୍ତି, ମୋର ସମ୍ପର୍କୀୟ ଭାଇଙ୍କ ମଣ୍ଡଳୀରେ କେହି ମଣ୍ଡଳୀର ନେତା ହେବାକୁ ଯୋଗ୍ୟ ନୁହନ୍ତି।

ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, କେତେକ ମଣ୍ଡଳୀ ନେତାମାନଙ୍କ ପାଇଁ ଏପରି ଯୋଗ୍ୟତା ସ୍ଥିର କରିଥା'ନ୍ତି, ଯାହାକି ଶାସ୍ତ୍ରରେ ନାହିଁ, ଆବଶ୍ୟକ ନାହିଁ, ଯାହାକୁ ଖ୍ରୀଷ୍ଟ ବା ତାହାଙ୍କ ପ୍ରେରିତଗଣ କେହି ଆଜ୍ଞା ଦେଇ ନାହାନ୍ତି ବା କାର୍ଯ୍ୟକାରୀ କରି ନାହାନ୍ତି। ମନୁଷ୍ୟର ଏହି ପରମ୍ପରାଗୁଡ଼ିକ ନୂତନ ମଣ୍ଡଳୀଗୁଡ଼ିକରେ ପ୍ରାଚୀନମାନଙ୍କୁ ନିଯୁକ୍ତ କରିବାରେ ପ୍ରତିବନ୍ଧକ ହୋଇଥାଏ। ଏହା ପବିତ୍ରଆତ୍ମାଙ୍କ କାର୍ଯ୍ୟରେ ପ୍ରତିବନ୍ଧକ ହୋଇଥାଏ। ଯେତେବେଳେ ମନୁଷ୍ୟର ପରମ୍ପରାଗୁଡ଼ିକ ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବାରେ ଆମ ପ୍ରତି ପ୍ରତିବନ୍ଧକ ସୃଷ୍ଟି କରିଥାଏ, ଆମକୁ ସେଗୁଡ଼ିକ ପରିତ୍ୟାଗ କରିବାକୁ ପଡ଼ିବ।

ଶିକ୍ଷାର୍ଥୀ ଦଳଟିକୁ କହନ୍ତି, ଯିଥ୍ରୋ ମୋଶାଙ୍କୁ ଯେଉଁ ଉପଦେଶ ଦେଇଥିଲେ, ଶ୍ରୀ ଜ୍ଞାନୀ ମଧ୍ୟ ଆମକୁ ସେହି ଉପଦେଶ ଦେଉଛନ୍ତି। ସେ ପ୍ରଥମେ ଆମର ସମସ୍ୟା ବିଷୟରେ ଶୁଣି ଲକ୍ଷ୍ୟ କରି ଆବଶ୍ୟକତା ବିଷୟରେ ଜାଣନ୍ତି। ସେ ସ୍ପଷ୍ଟ ରୂପେ ସେବାକାର୍ଯ୍ୟର ଆବଶ୍ୟକତା ଓ ସୁଯୋଗ ନ ଦେଖିବା ପର୍ଯ୍ୟନ୍ତ ଉପଦେଶ ଦେଉ ନ ଥିଲେ। ଶ୍ରୀ ଜ୍ଞାନୀ ସର୍ବଦା ସେହିପରି କରନ୍ତି। ସେ ଶୁଣନ୍ତି, ତା'ପରେ ଏକତ୍ର ନୂଆ କାର୍ଯ୍ୟ କରିବାକୁ ଯୋଜନା କରିବା ପାଇଁ ଆମକୁ ସାହାଯ୍ୟ କରନ୍ତି ଓ ଆବଶ୍ୟକତା ପୂରଣ କରିବା ପାଇଁ ଆମକୁ ବାଇବଲରୁ ଅଂଶ ଅଧ୍ୟୟନ କରିବାକୁ ଦିଅନ୍ତି। ଆମେ ସେହିପରି କରିବା। ଆସ ଆମେ ଏହି ଯୋଜନାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରି ପ୍ରାର୍ଥନା କରିବା।

ପରଦିନ ସକାଳେ ଶ୍ରୀ ଜ୍ଞାନୀ ପଳାଇଯାଆନ୍ତି। ଏକ ମାସ ପରେ ଶିକ୍ଷାର୍ଥୀ ତାଙ୍କୁ ଚିଠି ଲେଖନ୍ତି, ମୁଁ ସଙ୍ଗେ ସଙ୍ଗେ ମୋ' ଦଳରୁ ଚାରି ଜଣଙ୍କୁ ଅଧିକ ଦାୟିତ୍ୱ ଦେବାପାଇଁ ତାଲିମ ଦେବାକୁ ଆରମ୍ଭ କରିଥିଲି। ସେହି ନୂଆ ପାଳକୀୟ ପ୍ରାଚୀନମାନଙ୍କୁ ମୁଁ ନେତୃତ୍ୱର ବୋଝ ବିଷୟରେ ସମ୍ପୂର୍ଣ୍ଣ ରୂପେ କହିଥିଲି। ଯିଥ୍ରୋ ମୋଶାଙ୍କୁ ଯାହା କରିବାକୁ କହିଥିଲେ ଆମେ ସେସବୁ କରୁଛୁ । ବର୍ତ୍ତମାନ ମୁଁ ମୁକ୍ତ ଅନୁଭବ କରୁଛି ଓ ମୋ' ପରିବାର ପାଇଁ ଯଥେଷ୍ଟ ସମୟ ଦେଇପାରୁଛି। ଛୋଟ ଦଳଟି ବୃଦ୍ଧି ଲାଭ କରୁଥିବାରୁ ବର୍ତ୍ତମାନ ନୂଆ ନେତାଗଣ ଆହୁରି ନୂଆ ନେତାମାନଙ୍କୁ ଓ ଅନ୍ୟମାନଙ୍କୁ ନେତୃତ୍ୱର ଦାୟିତ୍ୱ ବିଷୟରେ ତାଲିମ ଦେଉଛନ୍ତି। ସେମାନେ ସମସ୍ତେ ନିଜ ନିଜ ପରିବାର ପାଇଁ, ପ୍ରାର୍ଥନା କରିବାକୁ ଓ ଶିକ୍ଷା ଦେବା ପାଇଁ ପ୍ରସ୍ତୁତିକରଣ କରିବାକୁ ଅଧିକ ସମୟ ପାଉଛନ୍ତି। ଆମକୁ ପ୍ରତିନିଧି ନିଯୁକ୍ତ କରିବାରେ ଓ ଅଧିକ ନେତା ମନୋନୀତ କରିବାରେ ସାହାଯ୍ୟ କରିଥିବାରୁ ଆପଣଙ୍କୁ ଧନ୍ୟବାଦ ଦେଉଛୁ। ଅଧିକ ଉତ୍ତମ କାର୍ଯ୍ୟ କରିବାକୁ ପବିତ୍ରଆତ୍ମା ଅଧିକ ଲୋକଙ୍କୁ ବ୍ୟବହାର କରୁଅଛନ୍ତି।

## ବ୍ୟାବହାରିକ କାର୍ଯ୍ୟ

- ୧ମ ତୀମଥି ୩ ପର୍ବ ଓ ତିତସ ୧:୫–୯ ପଦରେ ଯେପରି ଦତ୍ତ ଅଛି ସେହିପରି ଆବଶ୍ୟକତାନୁସାରେ ପ୍ରତ୍ୟେକ ନୂଆ ମଣ୍ଡଳୀରେ ପ୍ରାଚୀନମାନଙ୍କୁ ନିଯୁକ୍ତ କରନ୍ତୁ।
- ବିଶ୍ୱସ୍ତ ଲୋକମାନଙ୍କୁ ପାଳକୀୟ ପ୍ରାଚୀନ ରୂପେ ତାଲିମ୍ ଦିଅନ୍ତୁ, ପୁଣି ସେମାନଙ୍କୁ ଶୀଘ୍ର ଅନ୍ୟ ନୂଆ ନେତାଗଣଙ୍କୁ ତାଲିମ ଦେବାରେ ସାହଯ୍ୟ କରନ୍ତୁ।
- ନୂଆ ନେତାଗଣଙ୍କୁ ଗର୍ବ ସହକାରେ ନିୟନ୍ତ୍ରଣକାରୀ ନ ହୋଇ ସେବକ ନେତା ହେବାକୁ ବାକ୍ୟ ଓ ଉଦାହରଣ ମାଧ୍ୟମରେ ଶିକ୍ଷା ଦିଅନ୍ତୁ।
- ଆପଣ ଓ ଆପଣ ତାଲିମ ଦେଉଥିବା ନେତାଗଣଙ୍କ ମଧ୍ୟରେ ସମ୍ପର୍କକୁ ଦୃଢ଼ୀଭୂତ କରନ୍ତୁ।
- ଆପଣ ଯେଉଁ ନେତାଗଣଙ୍କୁ ତାଲିମ ଦେଉଛନ୍ତି, ସେମାନଙ୍କୁ ନିୟମିତ ସାକ୍ଷାତ କରନ୍ତୁ। ସେମାନଙ୍କ ପାଇଁ ପ୍ରାର୍ଥନା କରି ସେମାନଙ୍କ ବିବରଣୀ ଶୁଣନ୍ତୁ। ଏକତ୍ର ମିଶି ନୂଆ ଅଧ୍ୟୟନ କରନ୍ତୁ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରନ୍ତୁ। ସେମାନେ ସେମାନଙ୍କ ଲୋକମାନଙ୍କୁ ପରିଦର୍ଶନ କରିବା ସମୟରେ ସେମାନଙ୍କ ସହିତ ଯାଆନ୍ତୁ ଓ ସେମାନଙ୍କୁ କଥା କହିବାକୁ ଦିଅନ୍ତୁ।
- ଆପଣ ଯେଉଁମାନଙ୍କୁ ତାଲିମ ଦିଅନ୍ତି, ସେମାନଙ୍କୁ ପରିଦର୍ଶନ କରିବା ବେଳେ ପ୍ରଚାର କରିବାକୁ ଦିଅନ୍ତୁ, ଯେପରି ଲୋକମାନେ ଜାଣିବେ ଯେ, ଆପଣ ସେମାନଙ୍କ ନେତୃତ୍ୱକୁ ସମ୍ମାନ ଦିଅନ୍ତି ଓ ସେମାନଙ୍କ ଉପରେ ଆପଣଙ୍କ ଭରସା ରହିଛି ବୋଲି ଜାଣିବେ। ସେମାନଙ୍କୁ ପ୍ରଚାର କରିବା ପାଇଁ ପ୍ରସ୍ତୁତ କରିବାଟା ହିଁ ଆପଣଙ୍କ କାର୍ଯ୍ୟ ଅଟେ। ଆପଣ ସେମାନଙ୍କୁ କିପରି ଉନ୍ନତି କରିପାରିବେ, ତାହା ଜାଣିବା ପାଇଁ ଆପଣଙ୍କୁ ସେମାନଙ୍କ କଥା ଶୁଣିବା ଆବଶ୍ୟକ।

## ୩-୭ ସେବାକାର୍ଯ୍ୟ ୭

# ଉପାସନା ମଣ୍ଡଳୀର ସଦସ୍ୟମାନଙ୍କ ମଧ୍ୟରେ ସହଭାଗିତା ସ୍ଥାପନ କରନ୍ତୁ

ପରଦିନ ଶିକ୍ଷାର୍ଥୀଙ୍କ ଦଳର ଜଣେ ବ୍ୟକ୍ତି ଶ୍ରୀ ବୋକାଙ୍କ ସହ ତାଙ୍କ ଘରକୁ ଆସନ୍ତି। ଶ୍ରୀ ବୋକା ଘୋଷଣା କରନ୍ତି, ଆମେ ମୋର ସମ୍ପର୍କୀୟ ଭାଇଙ୍କ ମଣ୍ଡଳୀରେ ବିଖ୍ୟାତ ପ୍ରଚାରକଙ୍କ ବାକ୍ୟ ଶୁଣିବାକୁ ଯାଇଥିଲୁ। ବର୍ତ୍ତମାନ ମୁଁ ସେଠାକୁ ଅନେକ ସମୟ ଯାଉଛି। ଈଶ୍ୱରଙ୍କ ପାଇଁ ତୁମେ କିପରି ପ୍ରକୃତ କାର୍ଯ୍ୟ କରିପାରିବ ସେ ବିଷୟ ଶିକ୍ଷା କରିବା ପାଇଁ ଆମେ ତୁମକୁ ଆମ ସହିତ ଯିବାକୁ ନିମନ୍ତ୍ରଣ କରୁଛୁ। ଆମେ ସବୁକିଛି ଭୁଲ କରୁଛୁ। ସେ ଯେପରି ସୁସମାଚାର ପ୍ରଚାର କରୁଛନ୍ତି, ଆମେ ସେପରି କରିବା ଉଚିତ୍। କିପରି ପ୍ରଚାର କରିବାକୁ ହେବ ତାହା ସେ ପ୍ରକୃତରେ ଜାଣନ୍ତି! ମୁଁ ଏଠାରେ ଏହି ମହାନ୍ ବ୍ୟକ୍ତିଙ୍କ ଶିକ୍ଷାରେ ଆଧାରିତ ଏକ ନୂଆ ଦଳ ଗଠନ କରିବାକୁ ଯାଉଛି! ମଣ୍ଡଳୀର ଅନ୍ୟମାନେ ମୋ' ସହିତ ସହମତ। ଆମ ମଣ୍ଡଳୀ ନିମନ୍ତେ ଏହା ଈଶ୍ୱରଙ୍କ ମତ ଅଟେ।

## ପରସ୍ପରକୁ ପ୍ରେମ କରିବାକୁ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୁଅନ୍ତୁ

ଲୋକମାନଙ୍କ ମୁହଁ ଦେଖି ଶିକ୍ଷାର୍ଥୀ କ୍ରୋଧ ଅନୁଭବ କରନ୍ତି। ସେମାନେ ଚାଲିଯିବା ପରେ ସେ ସାରାଙ୍କୁ କହନ୍ତି, ମନେହୁଏ ଶ୍ରୀ ବୋକା ତାଙ୍କ ସମ୍ପର୍କୀୟ ଭାଇଙ୍କ ମଣ୍ଡଳୀରୁ ଯେଉଁ ଧାରଣା ନେଇ ଆସିଛନ୍ତି, ତାହା ଆମ ମଣ୍ଡଳୀରେ ବ୍ୟାପିଯିବ। ଏହା ଯନ୍ତ୍ରଣାଦାୟକ ବିଭକ୍ତିକରଣ କରିସାରିଛି।

ଏହାପରେ ଲୋକମାନେ ମଣ୍ଡଳୀରେ ଏକତ୍ର ହୋଇ ପରସ୍ପର ଯୁକ୍ତିତର୍କ କରିବାକୁ ଲାଗିଲେ। ଦ୍ୱନ୍ଦ୍ୱ ବ୍ୟାପୁଛି। ସେ ଶ୍ରୀ ଜ୍ଞାନୀଙ୍କ ପାଖକୁ ବାର୍ତ୍ତା ପ୍ରେରଣ କରିବାରୁ ସେ ଶିକ୍ଷାର୍ଥୀଙ୍କ ମଣ୍ଡଳୀର ସଦସ୍ୟମାନଙ୍କୁ ଏକ ଚିଠି ଲେଖି ଉତ୍ତର ଦିଅନ୍ତି। ଶିକ୍ଷାର୍ଥୀ ସେମାନଙ୍କ ପାଇଁ ଏହା ପାଠ କରନ୍ତି :

> **ଭାଇ ଓ ଭଉଣୀମାନେ, ୧ମ କରିନ୍ଥୀୟରେ ଥିବା ପାଉଲଙ୍କ ଉଦାହରଣ ଅନୁସରଣ କରିବାକୁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି। ଯୀଶୁଙ୍କ ନାମରେ ମୁଁ ଆପଣମାନଙ୍କୁ ନିବେଦନ କରୁଛି ଯେ, ଆପଣମାନେ ପରସ୍ପର ଯୁକ୍ତିତର୍କ କରନ୍ତୁ ନାହିଁ। ମଣ୍ଡଳୀ ଯେପରି ବିଭକ୍ତ ନ ହେବ, ସେଥିପାଇଁ ପ୍ରକୃତ ସହାବସ୍ଥାନରେ ବାସ କରନ୍ତୁ। ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ଯେ, ଆପଣମାନେ ଏକମନ ହୋଇ, ଏକଚିନ୍ତା ଓ ଉଦ୍ଦେଶ୍ୟ ରଖନ୍ତୁ। ଆପଣମାନେ ଶିଶୁ ପରି ବିଶ୍ୱାସ ଓ ପ୍ରେମରେ ଯୀଶୁଙ୍କ ଆଜ୍ଞାବହ ହେବାକୁ ଶିକ୍ଷା କରିଥିଲେ। ବର୍ତ୍ତମାନ ସେଥିରୁ ନିବୃତ୍ତ ହୁଅନ୍ତୁ ନାହିଁ। ଆପଣମାନଙ୍କ ମଧ୍ୟରୁ କେତେ ଜଣ କହନ୍ତି, ମୁଁ ଶ୍ରୀ ଜ୍ଞାନୀଙ୍କୁ ଅନୁସରଣ କରୁଛି। ଅନ୍ୟମାନେ କହନ୍ତି, ମୁଁ ଶିକ୍ଷାର୍ଥୀଙ୍କୁ ଅନୁସରଣ କରୁଛି। ଅନ୍ୟମାନେ ଶ୍ରୀ ବୋକାଙ୍କ ସମ୍ପର୍କୀୟ ଭାଇଙ୍କ ମଣ୍ଡଳୀର ପ୍ରଚାରକଙ୍କ ଅନୁସରଣ କରିବାକୁ ଇଚ୍ଛା କରୁଛନ୍ତି। ଖ୍ରୀଷ୍ଟ କ'ଣ ବିଭକ୍ତ ହୋଇଅଛନ୍ତି? ମୁଁ, ଶ୍ରୀ ଜ୍ଞାନୀ କ'ଣ ଆପଣମାନଙ୍କ ପାଇଁ କ୍ରୁଶବିଦ୍ଧ ହୋଇଛୁ ? ଏହି ମନୋବୃତ୍ତି ଗର୍ବଭାବରୁ ଆସିଥାଏ। ମୁଁ ଯେତେବେଳେ ପ୍ରଥମେ ଆପଣମାନଙ୍କ ପାଖକୁ ଆସିଥିଲି, ସେତେବେଳେ ବଡ଼ ବଡ଼ ଶବ୍ଦ ବା ଆକର୍ଷଣୀୟ ଉଦାହରଣ ବ୍ୟବହାର କରି ନ ଥିଲି। ମୁଁ ଯୀଶୁ ଓ କ୍ରୁଶ ଉପରେ ତାହାଙ୍କ ମୃତ୍ୟୁଭୋଗ ଉପରେ ମନୋନିବେଶ କରିଥିଲି। ମୋର ବାର୍ତ୍ତା ଓ ପ୍ରଚାର ସାଧାରଣ ଥିଲା, ମାତ୍ର ପବିତ୍ରଆତ୍ମା ତାହା ବ୍ୟବହାର କରିଥିଲେ। ଆମେ ଜାଗତିକ ଜ୍ଞାନ ବ୍ୟବହାର କରୁ ନାହୁଁ। ମନେରଖନ୍ତୁ ଯେ, ଆପଣମାନଙ୍କ ମଧ୍ୟରୁ ଅନେକେ ଜଗତ ଦୃଷ୍ଟିରେ ଜ୍ଞାନୀ ବା ଶକ୍ତିଶାଳୀ ନୁହନ୍ତି, ମାତ୍ର ଈଶ୍ୱର ଆପଣା ଶକ୍ତିରେ ଆପଣମାନଙ୍କ ଜୀବନରେ ଚମତ୍କାର ବିଷୟସବୁ କରିଥିଲେ। ଶିକ୍ଷାର୍ଥୀ ମୋର ଉଦାହରଣ ଅନୁସରଣ କରୁଛନ୍ତି, ପୁଣି ଆପଣମାନଙ୍କୁ ତାଙ୍କର ଓ ଅନ୍ୟ ପାଳକୀୟ ପ୍ରାଚୀନମାନଙ୍କ ଆଜ୍ଞାବହ ହେବାକୁ ପଡ଼ିବ, କାରଣ ସେମାନେ ଆପଣମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଉଛନ୍ତି ।**

ଶ୍ରୀ ବୋକା ବାଧା ଦେବାକୁ ଆରମ୍ଭ କରନ୍ତି, ମାତ୍ର ଶିକ୍ଷାର୍ଥୀ ପାଠ କରି ଚାଲନ୍ତି।

> **ଆପଣମାନେ କ'ଣ ଭୁଲିଗଲେଣି ଯେ, ଆପଣମାନେ ସମସ୍ତେ ଈଶ୍ୱରଙ୍କ ମନ୍ଦିର ଓ ଈଶ୍ୱରଙ୍କ ଆତ୍ମା ଆପଣମାନଙ୍କ ମଧ୍ୟରେ ବାସ କରନ୍ତି ବୋଲି? ଜଣେ ମନୁଷ୍ୟ ନେତାଙ୍କୁ ଅନୁସରଣ କରିବା ବିଷୟରେ ଗର୍ବ କରନ୍ତୁ ନାହିଁ। ଆମେ ସମସ୍ତେ ଖ୍ରୀଷ୍ଟଙ୍କ ସେବକ ଅଟୁ ଓ ସେ ପ୍ରତ୍ୟେକଙ୍କୁ ଆପଣା ମଣ୍ଡଳୀରେ ଗୋଟିଏ ଗୋଟିଏ କାର୍ଯ୍ୟ କରିବାକୁ ଦିଅନ୍ତି। ଜଣେ ବ୍ୟକ୍ତି ବୀଜ ବପନ କରନ୍ତି, ଆଉ ଜଣେ ଜଳସେଚନ କରନ୍ତି, ମାତ୍ର ଈଶ୍ୱର ତାହାକୁ ବୃଦ୍ଧି ସାଧନ କରନ୍ତି ।**

**ଆପଣମାନେ ଆମର ନୁହନ୍ତି, ମାତ୍ର ଈଶ୍ୱରଙ୍କ କ୍ଷେତ୍ର ଓ ଅଟ୍ଟାଳିକା ଅଟନ୍ତି। ଆପଣମାନଙ୍କ ମଧ୍ୟରେ ଗର୍ବ ହେତୁ ଏହି ବିଭକ୍ତିକରଣ ଉତ୍ପନ୍ନ ହୋଇଛି।**

**ମନୁଷ୍ୟର ଗର୍ବ ଓ ବୋକାମୀ କିପରି ସମସ୍ତ ମନୁଷ୍ୟମାନଙ୍କୁ ବିଭକ୍ତ କରିଥିଲା,** ତାହା ଶ୍ରୀ ଜ୍ଞାନୀଙ୍କ ଚିଠି ଦର୍ଶାଏ।

### ଅନୁଶୀଳନୀ

**ଆଦିପୁସ୍ତକ ୧୧:୧–୯ ପଦ**ରେ ଦେଖନ୍ତୁ :

- କାହାର ମହାନତା ଉପରେ ଲୋକମାନେ ନିର୍ଭର କରନ୍ତି ?
- ଏହି ଗର୍ବିତ ବିଦ୍ରୋହୀ ବିରୋଧୀମାନଙ୍କୁ ପ୍ରତିରୋଧ କରିବା ପାଇଁ ଈଶ୍ୱର କ'ଣ କରିଥିଲେ ?

ଶିକ୍ଷାର୍ଥୀ ତାଙ୍କ ଘରେ, ତାଙ୍କ ମଣ୍ଡଳୀରେ ଶ୍ରୀ ଜ୍ଞାନୀଙ୍କ ପତ୍ର ବିଷୟରେ ଆଲୋଚନା କରନ୍ତି, ହଜାର ହଜାର ବର୍ଷ ଧରି ଲୋକମାନେ ବିଭିନ୍ନ ଦେଶ, ଭାଷାବାଦୀ ଓ ସଂସ୍କୃତିରେ ବିଭକ୍ତ ହୋଇଛନ୍ତି। ବର୍ତ୍ତମାନ, ଈଶ୍ୱରଙ୍କ ଜ୍ଞାନରେ ସେ ଆମକୁ ତାହାଙ୍କ ପ୍ରକୃତ ଉଦ୍ଦେଶ୍ୟରେ ଖ୍ରୀଷ୍ଟଙ୍କ ଆତ୍ମାରେ ଏକତ୍ର କରିଅଛନ୍ତି।

ଜଣେ ନୂଆ ନିଯୁକ୍ତ ପ୍ରାଚୀନ କହନ୍ତି, ଆମେ ସମ୍ପ୍ରତି ଆମର ଛୋଟ ଦଳରେ ଏ ବିଷୟରେ ଅଧ୍ୟୟନ କରିଥିଲୁ। ଯୋହନ ୧୭ ପର୍ବରେ ଯୀଶୁ ଆମ ସମସ୍ତଙ୍କ ପାଇଁ ପ୍ରାର୍ଥନା କରିଥିଲେ। ସେ ପ୍ରାର୍ଥନା କରନ୍ତି, ପିତା, ତୁମେ ଓ ମୁଁ ଯେପରି ଏକ, ଏମାନଙ୍କୁ ମଧ୍ୟ ସେହିପରି ଏକ କରନ୍ତୁ। ଯୀଶୁଙ୍କ ପ୍ରାର୍ଥନାର ଉତ୍ତର ସାଧାରଣ ମଣ୍ଡଳୀ ଶରୀରରେ ଦତ୍ତ ହୋଇଛି, କାରଣ ଆମେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର ଅଟୁ। ସେ ହିଁ ଆମର ମସ୍ତକ। ଆମେ ଏହିପରି ଅଭିନୟ କରି ନ ପାରୁ, ମାତ୍ର ତଦ୍ଵାରା ପବିତ୍ରଆତ୍ମା ଯେ ଆମକୁ ଏକ କରନ୍ତି ଏହି ସତ୍ୟତା ପରିବର୍ତ୍ତନ ହୁଏ ନାହିଁ। ସେମାନେ ଖ୍ରୀଷ୍ଟଙ୍କଠାରେ ଆତ୍ମିକ ଏକତାର ପ୍ରାର୍ଥନା ସଭା ସମାପ୍ତ କରନ୍ତି।

ପରଦିନ ଶିକ୍ଷାର୍ଥୀ ତାଙ୍କ ଛାତ୍ର ସାହାଯ୍ୟକାରୀଙ୍କୁ ସାକ୍ଷାତ କରି ତାଙ୍କୁ କହନ୍ତି, ଶ୍ରୀ ବୋକାଙ୍କ ଦ୍ୱାରା ପରିଚାଳିତ ଏକ ଦଳ ଆମ ମଣ୍ଡଳୀକୁ ବିଭକ୍ତ କରିଦେଇଛି। ଦୟାକରି ଆସି ମୋତେ ଦୟାକର। ସେମାନେ ଆଲୋଚନା କରନ୍ତି ଯେ, ଯେଉଁ ଲୋକମାନେ କ୍ଷମତା ଓ ନିୟନ୍ତ୍ରଣ ପାଇଁ ଇଚ୍ଛା କରନ୍ତି, ସେମାନେ କିପରି ଏହିପରି ବିଭକ୍ତ କରିଥାନ୍ତି। ସାହାଯ୍ୟକାରୀ ତାଙ୍କ ଶିକ୍ଷକଙ୍କୁ କହନ୍ତି, ମୁଁ ୧ମ କରିନ୍ଥୀୟରେ ପାଠ କରିଛି ଯେ, ସେମାନେ ମଧ୍ୟ ବିଭକ୍ତ ହୋଇଥିଲେ। ମୁଁ ଭାବୁଛି ୧୩ ପର୍ବରେ ଥିବା **ପ୍ରେମ ଅଧ୍ୟାୟ**ରେ ଆମେ ସାହାଯ୍ୟ ପାଇପାରିବା।

### ଅନୁଶୀଳନୀ

**୧ମ କରିନ୍ଥୀୟ ୧୩ ଅଧ୍ୟାୟ**ରେ ଦେଖନ୍ତୁ :

- ଆମେ ଯଦି ପ୍ରେମରେ ଦାନଗୁଡ଼ିକୁ ବ୍ୟବହାର ନ କରୁ, ତେବେ ଏଥିରେ କି ଲାଭ ?
- ପ୍ରେମରେ କ'ଣ ଥାଏ ?
- ପ୍ରେମରେ କ'ଣ *ନ* ଥାଏ ?
- ପ୍ରେମ କେଉଁ କାର୍ଯ୍ୟ କରିଥାଏ ?
- ପ୍ରେମ କେଉଁ କାର୍ଯ୍ୟ କରି *ନ* ଥାଏ ?

ସେମାନେ ଶିକ୍ଷାର୍ଥୀଙ୍କ ଘରକୁ ଯିବା ସମୟରେ ସେମାନେ ଯାହା ଅଧ୍ୟୟନ କରିଥିଲେ, ସାହାଯ୍ୟକାରୀ ସେ ବିଷୟରେ ଟିପ୍ପଣୀ ଦିଅନ୍ତି, ଆମେ ଯଦି ଗର୍ବର ସହ ଆମର ଆତ୍ମିକ ଦାନକୁ ବ୍ୟବହାର କରିବା, ତେବେ ଦାନଗୁଡ଼ିକ ଅନାବଶ୍ୟକ ଅଟେ। ଈଶ୍ୱର ଆମକୁ ଅନ୍ୟର ସ୍ୱାର୍ଥ ବିଷୟରେ ଯତ୍ନ ନେବାକୁ କହି ଆମ ହୃଦୟରେ ପ୍ରେମ ଦେଇଥାଆନ୍ତି। ସେମାନଙ୍କୁ କ୍ଷମା କରିବା ପାଇଁ ଈଶ୍ୱର ଆମକୁ ଶକ୍ତି ଯୋଗାନ୍ତି। ଆମେ କ'ଣ ଅନୁଭବ କରୁ ତାହା ପ୍ରେମ ନୁହେଁ, ମାତ୍ର ଯାହା କରୁ ତାହା ହିଁ ପ୍ରେମ ଅଟେ। ଆମେ ସେହିପରି ଅନୁଭବ ନ କଲେ ମଧ୍ୟ ବିଶ୍ୱାସରେ ଲୋକମାନଙ୍କ ସହିତ ପ୍ରେମରେ ବ୍ୟବହାର କରିପାରିବା। ବେଳେ ବେଳେ ଏହା ଆମର ଅନୁଭବ ନିମନ୍ତେ ସମୟ ନେଇଥାଏ, ଯେପରି ଏହା ଆମର ପ୍ରେମର ସିଦ୍ଧାନ୍ତ ଅନୁରୂପ ହେବ।

ଶିକ୍ଷାର୍ଥୀ ପ୍ରାର୍ଥନା କରନ୍ତି, ପ୍ରିୟ ଈଶ୍ୱର, ଯେଉଁମାନେ ବିଭକ୍ତ ହୋଇଛନ୍ତି ସେମାନଙ୍କ ବିରୁଦ୍ଧରେ ମୋର ବିରକ୍ତିଭାବ ହେତୁ ମୋତେ କ୍ଷମା କର, ପୁଣି ସେମାନଙ୍କ ସହିତ ଦୃଢ଼ତା ଓ ପ୍ରେମରେ ବ୍ୟବହାର କରିବା ପାଇଁ ମୋତେ ସାହସ ପ୍ରଦାନ କର।

ତା' ପରଦିନ ଶିକ୍ଷାର୍ଥୀ ଓ ସାହାଯ୍ୟକାରୀ ଶ୍ରୀ ବୋକାଙ୍କୁ ସାକ୍ଷାତ କରି ବିଭକ୍ତ ନ କରିବା ପାଇଁ ଅନୁରୋଧ କରନ୍ତି। ଶ୍ରୀ ବୋକା ଶୀଘ୍ର ତାଙ୍କ ପ୍ରସଙ୍ଗ ପରିବର୍ତ୍ତନ କରନ୍ତି। ସେ ହଠାତ୍ କହି ଦିଅନ୍ତି, ଶିକ୍ଷାର୍ଥୀ, ତୁମେ ତୁମର ଲୋକମାନଙ୍କୁ ଯେପରି କହିଥିଲ, ତୁମର କେତେ ଜଣ ଲୋକ ସେହିପରି ତୁମପରି ଅଭାବୀମାନଙ୍କ ସେବା କରୁ ନାହାନ୍ତି। ତୁମେ ସେମାନଙ୍କୁ ତୁମର କ୍ଷମତାକୁ ପଦଦଳିତ କରିବାକୁ ଦେଉଛ ! ଗୋଟିଏ ସଭା ଡାକି ସେମାନଙ୍କୁ ଆଜ୍ଞାବହ ହେବାକୁ ନଚେତ୍ ଛାଡ଼ି ଚାଲିଯିବାକୁ କୁହ ! ସେମାନେ ହିଁ ମଣ୍ଡଳୀକୁ ଭାଙ୍ଗୁଛନ୍ତି !

## ମଣ୍ଡଳୀରେ ମତଭେଦକୁ କିପରି ନିୟନ୍ତ୍ରଣ କରିପାରିବେ

ଶିକ୍ଷାର୍ଥୀ ଶ୍ରୀ ବୋକାଙ୍କୁ କହନ୍ତି, ବିଭକ୍ତିକରଣକୁ ଏଡ଼ାଇବା ପାଇଁ ଆମେ ଏପରି ଦୃଢ଼ ପଦକ୍ଷେପ ନେବା ନାହିଁ। ଭଗ୍ନ ରାଜ୍ୟ ବିଷୟରେ ମୁଁ କହୁଛି। ରାଜା ଦାଉଦ ତାଙ୍କର ସମ୍ପୂର୍ଣ୍ଣ ହୃଦୟରେ ଈଶ୍ୱରଙ୍କୁ ପ୍ରେମ କରୁଥିଲେ, ପୁଣି ଈଶ୍ୱର ତାଙ୍କୁ ପ୍ରତିଜ୍ଞା କରିଥିଲେ ଯେ, ତାଙ୍କ ବଂଶଧରଗଣ ଚିରକାଳ ରାଜା ରୂପେ ରାଜତ୍ୱ କରିବେ। ତାଙ୍କ ପୁତ୍ର ଶଲୋମନ ଇସ୍ରାୟେଲକୁ ଉତ୍ତମ ରୂପେ ଶାସନ କରିବା ପାଇଁ ଈଶ୍ୱରଙ୍କଠାରୁ ଜ୍ଞାନ ମାଗିଥିଲେ, ପୁଣି ସେ ଯିରୁଶାଲମରେ ଈଶ୍ୱରଙ୍କ ମନ୍ଦିର ନିର୍ମାଣ କରିଥିଲେ। କିନ୍ତୁ ଶଲୋମନଙ୍କ ପୁତ୍ର ରିହବିୟାମ୍ ତାଙ୍କ ପିତା ବା ପିତାମହଙ୍କ ପରି ଈଶ୍ୱରଙ୍କ ବିଷୟରେ ବା ତାହାଙ୍କ ଲୋକମାନଙ୍କ ବିଷୟରେ ଯତ୍ନଶୀଳ ହେଲେ ନାହିଁ। ସେ ଭୁଲ ଉପଦେଶରେ ମନୋଯୋଗ କରି ଏକ **ସଭା**ରେ ଭୁଲ ସିଦ୍ଧାନ୍ତ ଗ୍ରହଣ କଲେ, **ଯାହା ଫଳରେ ଇସ୍ରାୟେଲ ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଗଲା।**

### ଅନୁଶୀଳନୀ

**୧ମ ରାଜାବଳୀ ୧୨:୧–୧୯ ପଦ** ଦେଖନ୍ତୁ :

- ଲୋକମାନେ ରାଜା ରିହବିୟାମଙ୍କୁ କ'ଣ କରିବାକୁ ଅନୁରୋଧ କରିଥିଲେ ?

- ରିହବିୟାମଙ୍କୁ ଦୁଇଟି ଦଳ ଉପଦେଶ ଦେଉଥିଲେ। କେଉଁମାନଙ୍କ କଥାରେ ସେ ମନୋଯୋଗ କଲେ ?
- ରିହବିୟାମ ଯେତେବେଳେ ଲୋକମାନଙ୍କ ଦୁଃଖ ଦୂର କରିବା ପାଇଁ ପ୍ରତ୍ୟାଖ୍ୟାନ କଲେ, ସେତେବେଳେ ସେମାନେ କ'ଣ କଲେ ?

ଶ୍ରୀ ବୋକା ଶିକ୍ଷାର୍ଥୀ ଓ ସାହାର୍ଯ୍ୟକାରୀଙ୍କ କଥା ବାଧା ନ ଦେଇ ଶୁଣନ୍ତି, ତା'ପରେ କହନ୍ତି, ମୋତେ ସାକ୍ଷାତ କରି ଏହା ବୁଝାଇଥିବାରୁ ଧନ୍ୟବାଦ। ମୁଁ ତୁମର କଥାକୁ ଚିନ୍ତା କରିବି।

ଏ ବିଷୟରେ ଚିନ୍ତା କରିବାକୁ ସମୟ ଦେଇ ସାହାଯ୍ୟକାରୀ ତାଙ୍କ ଘରକୁ ଓ ଶିକ୍ଷାର୍ଥୀ ତାଙ୍କ କାଠକାମ ଦୋକାନକୁ ଚାଲିଗଲେ। ସେ ଜାଣିପାରନ୍ତି ଯେ, ସେ ଯେତେବେଳେ ଈଶ୍ୱରଙ୍କ ବାକ୍ୟରେ ମନୋଯୋଗ କରନ୍ତି, ସେତେବେଳେ ତାହା ତାଙ୍କୁ ସାହାଯ୍ୟ କରିଥାଏ। ସେ ପ୍ରାର୍ଥନା କରନ୍ତି, ହେ ପିତା, ଏହି ବିଭକ୍ତିକରଣକୁ ଜ୍ଞାନର ସହିତ ନିୟନ୍ତ୍ରଣ କରିବା ପାଇଁ ମୋତେ ସାହାଯ୍ୟ କର। ସେ ସ୍ମରଣ କରନ୍ତି ଯେ ଶ୍ରୀ ଜ୍ଞାନୀ ତାଙ୍କୁ କିପରି **ଦୁଇଟି ମଣ୍ଡଳୀ ଏକ କଳହ ସମାଧାନ କରିଥିଲେ,** ସେ ବିଷୟରେ ଶିକ୍ଷା ଦେଇଥିଲେ। ସେ ପାଉଲ ଓ ଅନ୍ୟ ପ୍ରେରିତଗଣ ଆନ୍ତିୟଖିଆରେ ଭାଗ ଭାଗ ହୋଇଥିବା ମଣ୍ଡଳୀକୁ କିପରି ନିୟନ୍ତ୍ରଣ କରିଥିଲେ, ସେ ବିଷୟରେ ଚିନ୍ତା କରନ୍ତି।

## ଅନୁଶୀଳନୀ

**ପ୍ରେରିତ ୧୫ ପର୍ବ**ରେ ଦେଖନ୍ତୁ ଯେ ଦୁଇଟି ମଣ୍ଡଳୀର ନେତାଗଣ କିପରି ଭିନ୍ନ ଭିନ୍ନ ମତବାଦକୁ ନିୟନ୍ତ୍ରଣ କରୁଛନ୍ତି:

- ନେତାଗଣ କ'ଣ କଳହରେ ସମ୍ପୃକ୍ତ ପ୍ରତ୍ୟେକଙ୍କୁ ନିଜ ସପକ୍ଷରେ କହିବାକୁ ସୁଯୋଗ ଦେଉଥିଲେ ?
- ଯେଉଁ ଫାରୂଶୀଗଣ ପିତରଙ୍କ ସହିତ ଅସମ୍ମତ ହେଉଥିଲେ ପିତର ସେମାନଙ୍କ ପ୍ରତି କିପରି ସମ୍ମାନ ପ୍ରଦର୍ଶନ କରିଥିଲେ ?
- ଯାକୁବ ଅସମ୍ମତର ଉତ୍ତର କେଉଁଠାରୁ ପାଇଥିଲେ ?
- ଈଶ୍ୱର କ'ଣ ସେମାନଙ୍କୁ ସମସ୍ତଙ୍କୁ ସେମାନଙ୍କ ସିଦ୍ଧାନ୍ତରେ ସହମ୍ମତ ହେବାକୁ ଦେଇଥିଲେ ? କିପରି ତାହା ହୋଇଥିଲା ?
- ଯିହୁଦୀ ଖ୍ରୀଷ୍ଟିୟାନଗଣ ବିଜାତୀୟମାନଙ୍କୁ ସେମାନଙ୍କ ସମସ୍ତ ପ୍ରଥା ଅନୁସରଣ କରିବାକୁ ବାଧ କରିଥିଲେ କି ?
- ପାଉଲ ଓ ବର୍ଣ୍ଣବ୍ବା ସେମାନଙ୍କ ପରବର୍ତ୍ତୀ ମିଶ୍ନାରୀ ଯାତ୍ରା ଆରମ୍ଭ କରିବା ସମୟରେ, କେଉଁ କାରଣରୁ ସେମାନେ ଗୋଟିଏ ନୁହେଁ ମାତ୍ର ଦୁଇଟି ଦଳ ହୋଇ ପୃଥକ ଭାବରେ କାର୍ଯ୍ୟ କରିଥିଲେ ?

ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ବିଭକ୍ତ ବିଷୟରେ ସାହାଯ୍ୟ କରିବାକୁ ତାଙ୍କ ଘରେ ହେଉଥିବା ପରବର୍ତ୍ତୀ ସଭାକୁ ଆସନ୍ତି। ଶିକ୍ଷାର୍ଥୀ କହନ୍ତି, ପ୍ରେରିତ ୧୫ ପର୍ବ ପ୍ରକାଶ କରିଥାଏ ଯେ, ଲୋକମାନେ ଭିନ୍ନ ଭିନ୍ନ ଉପାୟରେ ଈଶ୍ୱରଙ୍କ ସେବା କରିଥା'ନ୍ତି। ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଏକତାର ଅର୍ଥ ନୁହେଁ ଯେ, ସମସ୍ତ ବିଶ୍ୱାସୀ ବା ମଣ୍ଡଳୀର ସଦସ୍ୟଗଣଙ୍କ ସମାନ ଆତ୍ମିକ ଦାନ, ସମାନ ମତ ବା ସମାନ କାର୍ଯ୍ୟଧାରା ଥିବ। ସେମାନେ ସମସ୍ତେ ସମାନ ହୁଅନ୍ତୁ ବୋଲି ଆମେ ସେମାନଙ୍କୁ ବାଧ କରୁ ନାହୁଁ। ସାଦୃଶ୍ୟତା ଏକତା ନୁହେଁ। ଆମେ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ଓ ତାହାଙ୍କ ପ୍ରେରିତଗଣଙ୍କ ଆଜ୍ଞାକୁ ପାଳନ କରିବାକୁ କହିଥାଉ। ଆନ୍ତିୟଖିଆ ମଣ୍ଡଳୀରେ ଭୟଙ୍କର ମତଭେଦ ସୃଷ୍ଟି ହୋଇଥିଲା। ଫାରୂଶୀଗଣ ଏପରି ଅନେକ ଆଜ୍ଞା ଲଦି ଦେଇଥିଲେ, ଯେପରି ସେମାନଙ୍କଠାରେ ଈଶ୍ୱରଙ୍କ ପରି କ୍ଷମତା ଅଛି। ମଣ୍ଡଳୀ ଅନ୍ୟ ମଣ୍ଡଳୀର ସାହାଯ୍ୟ ଲୋଡ଼ିଥିଲା।

ଶିକ୍ଷାର୍ଥୀ ପ୍ରେରିତ ୧୫ ପର୍ବର କିଛି ଅଂଶ ପାଠ କରି ସାହାଯ୍ୟକାରୀଙ୍କୁ ସେ ବିଷୟରେ କିଛି କହିବାକୁ ଅନୁରୋଧ କରନ୍ତି। ସେ ବର୍ଣ୍ଣନା କରନ୍ତି, ଏହି ସଭା ସମୟରେ ପାଉଲ ଓ ବର୍ଣ୍ଣବ୍ବା ଆନ୍ତିୟଖିଆରୁ ଯିରୁଶାଲମକୁ ଯାତ୍ରା କରି ବୁଝାନ୍ତି ଯେ, ଈଶ୍ୱର କିପରି ମଣ୍ଡଳୀରେ ଯିହୁଦୀ ପ୍ରଥାକୁ ମାନ୍ୟ କରୁ ନ ଥିବା ବିଜାତୀୟମାନଙ୍କୁ ମଧ୍ୟ ଗ୍ରହଣ କରୁଥିଲେ। ଯିରୁଶାଲମରେ ମୁଖ୍ୟ ନେତା ଥିଲେ ପିତର ଓ ଯାକୁବ। ଲୋକମାନେ ସେମାନଙ୍କ ମତବାଦ କହିବା ସମୟରେ, ନିରବଚ୍ଛିନ୍ନ ଭାବରେ ସେମାନେ ତାହା ଯତ୍ନର ସହ ଶୁଣୁଥିଲେ। ତାପରେ ବଚସା ନ କରି ପବିତ୍ରଆତ୍ମାଙ୍କ ଶକ୍ତିରେ ସେମାନେ ଲୋକମାନଙ୍କୁ ଶାସ୍ତ୍ରରୁ ଦେଖାଇଥିଲେ ଯେ ଈଶ୍ୱର କିପରି ବିଜାତୀୟମାନଙ୍କୁ ଯିହୁଦୀ ପ୍ରଥା ପାଳନରୁ ମୁକ୍ତ କରିଥିଲେ। ନେତାମାନେ ପ୍ରଥମେ ଶୁଣୁଥିଲେ, ତାପରେ ପ୍ରେମରେ ଯାହା ସତ୍ୟ ତାହା କହୁଥିଲେ। ଶେଷରେ ଫାରୂଶୀଗଣ ସମ୍ମତ ହୋଇ ଅନ୍ୟମାନଙ୍କ ପ୍ରତି ସମର୍ପିତ ହୋଇଥିଲେ, ପୁଣି ସେମାନେ ସିଦ୍ଧାନ୍ତଟିକୁ ଗ୍ରହଣ କରିଥିଲେ। ଈଶ୍ୱର ଉକ୍ତ ବିଭକ୍ତିକରଣକୁ ସମାଧାନ କରିଥିଲେ।

ଅନେକ ଲୋକ କହନ୍ତି, ଆମେନ୍ !

ସାହାଯ୍ୟକାରୀ ଆହୁରି କହନ୍ତି, ପରେ ପାଉଲ ଓ ବର୍ଣ୍ଣବ୍ବା ସେବାକାର୍ଯ୍ୟ କରିବାର ପ୍ରଣାଳୀ ବିଷୟରେ ଅସମ୍ମତ ହୁଅନ୍ତି। ସେମାନେ ଉକ୍ତ ଅସମ୍ମତି ବିଷୟରେ ବ୍ୟକ୍ତିଗତ ରୂପେ ସମାଧାନ କରୁଥିଲେ, ମାତ୍ର ଅନ୍ୟମାନଙ୍କ ନିକଟରେ ପରସ୍ପର ପ୍ରତି ବିଷୋଦ୍‌ଗାର କରି ନ ଥିଲେ। ସେମାନେ ପରସ୍ପରର ମତକୁ ସମ୍ମାନ ଦେଉଥିଲେ ଏବଂ ସେମାନଙ୍କ ଆତ୍ମିକ ଦାନକୁ ପୃଥକ ଭାବରେ ବ୍ୟବହାର କରିବାକୁ ସମ୍ମତ ହୋଇଥିଲେ। ସେମାନେ ଗୋଟିଏ ଦଳ ନ ହୋଇ ଦୁଇଟି ଦଳରେ ଭିନ୍ନ ଭିନ୍ନ ଦିଗକୁ ଯାଇ **ମଣ୍ଡଳୀଗୁଡ଼ିକୁ** ଉତ୍ସାହିତ କରୁଥିଲେ ଓ ଅନେକ ନୂଆ ନୂଆ ମଣ୍ଡଳୀ ଆରମ୍ଭ କରିଥିଲେ, ଈଶ୍ୱର ଉଭୟଙ୍କ କାର୍ଯ୍ୟରେ ଆଶୀର୍ବାଦ କରିଥିଲେ।

## ଆଜ୍ଞା ଓ ପ୍ରଣାଳୀ ମଧ୍ୟରେ ପ୍ରଭେଦ

ଶିକ୍ଷାର୍ଥୀଙ୍କ ଲୋକମାନେ ଯଥାର୍ଥ କାର୍ଯ୍ୟ କରିବାକୁ ଇଚ୍ଛା କରନ୍ତି ଓ ତାଙ୍କ କଥା ଶୁଣନ୍ତି, ସେ କହନ୍ତି, ଆସ ଆମେ ପ୍ରେରିତ ୧୫ ପର୍ବରେ ଥିବା ଦୁଇଟି ଅସମ୍ମତି ବିଷୟ ବିବେଚନା କରିବା। ପ୍ରଥମଟି ଥିଲା ଖ୍ରୀଷ୍ଟଙ୍କ ମଣ୍ଡଳୀ ନିମନ୍ତେ ତାହାଙ୍କ ଆଜ୍ଞାର କ୍ଷମତା ବିଷୟରେ। ଦ୍ୱିତୀୟ ଅସମ୍ମତିଟି ଥିଲା ଆଜ୍ଞାଗୁଡ଼ିକ ପ୍ରୟୋଗ କରିବା ବିଷୟରେ। ସଙ୍ଘ ବିଷୟରେ ପାଉଲ ଓ ବର୍ଣ୍ଣବ୍ବାଙ୍କ ମଧ୍ୟରେ ମତଭେଦ ଉପୁଜିଥିଲା। ଖ୍ରୀଷ୍ଟଙ୍କ ଆଜ୍ଞାର କ୍ଷମତା ଅଧୀନରେ ହିଁ ମଣ୍ଡଳୀ ଏକତ୍ର ହୋଇଥାଏ। ମାତ୍ର ଖ୍ରୀଷ୍ଟିୟାନମାନେ ସେମାନଙ୍କ ନିଜର ଆତ୍ମିକ ଦାନ ଅନୁସାରେ ସ୍ୱାଧୀନ ରୂପେ ବିଭିନ୍ନ ସେବାକାର୍ଯ୍ୟରେ ବିଭିନ୍ନ ପ୍ରଣାଳୀରେ ସେଗୁଡ଼ିକ ପ୍ରୟୋଗ କରିପାରିବେ। ଆମେ ଯେତେବେଳେ ଖ୍ରୀଷ୍ଟଙ୍କ ମଣ୍ଡଳୀର କ୍ଷମତା ସ୍ତର ବିଷୟରେ ଦ୍ୱନ୍ଦ୍ୱରେ ପଡ଼ିଥାଉ, ସେତେବେଳେ ବିଭକ୍ତିକରଣ ହୋଇଥାଏ। ତାହାଙ୍କ ଆଜ୍ଞାଗୁଡ଼ିକ ସର୍ବଦା ଉଚ୍ଚରେ ଥାଏ, ଆମେ ସର୍ବଦା ସେଗୁଡ଼ିକ ପାଳନ କରୁ। ମାତ୍ର ଆମେ ଯେଉଁ ପ୍ରଣାଳୀରେ ସେଗୁଡ଼ିକ ପାଳନ କରିଥାଉ ତାହା ଭିନ୍ନ ଭିନ୍ନ ହୋଇପାରେ।

ସିଦ୍ଧାନ୍ତଟି ବହୁତ ସମୟ ପର୍ଯ୍ୟନ୍ତ ବଳବତ୍ତର ରହିପାରେ। ଶ୍ରୀ ବୋକା ଓ ତାଙ୍କ ଅନୁଗାମୀମାନେ ଅନ୍ୟମାନଙ୍କ କଥା ଶୁଣନ୍ତି ନାହିଁ। ସେମାନେ ଶିକ୍ଷାର୍ଥୀଙ୍କୁ ସମାଲୋଚନା କରୁଛନ୍ତି। ଶ୍ରୀ ବୋକା ସେମାନଙ୍କ ମୁଖ୍ୟ ମୁଖପାତ୍ର ଅଟନ୍ତି ଓ ସେ କହୁଛନ୍ତି, ଶିକ୍ଷାର୍ଥୀ ଜଣେ ଉତ୍ତମ ବ୍ୟକ୍ତି। ମାତ୍ର ତାଙ୍କର ଶିକ୍ଷାଦିକ୍ଷା ନାହିଁ, ପୁଣି ସେ କୌଣସି ସ୍ୱୀକୃତିପ୍ରାପ୍ତ ଆଧାତ୍ମିକ ବିଦ୍ୟାଳୟରୁ ଉପାଧି ପାଇ ନାହାନ୍ତି। ତେଣୁ ସେ ଆମକୁ ସମ୍ପୂର୍ଣ୍ଣ ସତ୍ୟ ଶିକ୍ଷା ଦେଉଛନ୍ତି ବୋଲି ଆମେ ନିଶ୍ଚିତ ରୂପେ କହି ନ ପାରୁ। ତାଙ୍କ ନିକଟରେ ଅନ୍ୟମାନେ ବସି ଠିକ୍ ସେହି କଥାକୁ ଦୋହରାଉଛନ୍ତି।

ଶିକ୍ଷାର୍ଥୀ କହନ୍ତି, ଆମେ ସମସ୍ତେ ସବୁ କଥାରେ ସମ୍ପୂର୍ଣ୍ଣ ସହମତ ହେବାକୁ ଏଠାକୁ ଆସି ନାହୁଁ, ପୁଣି ମୁଁ ଦେଖୁଛି ଯେ, ଆପଣମାନଙ୍କ ମଧ୍ୟରୁ ଅନେକେ କ୍ଳାନ୍ତ ହୋଇପଡ଼ୁଛନ୍ତି। ଯେଉଁମାନେ ଯିବାକୁ ଇଚ୍ଛା କରୁଛନ୍ତି ଯାଇପାରନ୍ତି।

ମହିଳା ଓ ସାନପିଲାମାନେ ପଳାନ୍ତି। ଯାକୁବ ନାମକ ଜଣେ ମାତ୍ର ବ୍ୟକ୍ତି ଶ୍ରୀ ବୋକାଙ୍କ ସହିତ ସମ୍ମତ ହୁଅନ୍ତି। ସେ ଶ୍ରୀ ବୋକାଙ୍କ ସମ୍ପର୍କୀୟ ଭାଇଙ୍କ ମଣ୍ଡଳୀରେ ଯୋଗ ଦେଉଥିଲେ ଓ ଅଳ୍ପଦିନ ପୂର୍ବେ ଶିକ୍ଷାର୍ଥୀଙ୍କ ମଣ୍ଡଳୀକୁ ଆସୁଥିଲେ। ତୃତୀୟ ଥର ପାଇଁ ଯାକୁବ କହନ୍ତି, ମୁଁ ଭାବୁଛି ମୁଁ ଯେଉଁ ମଣ୍ଡଳୀରେ ଯୋଗ ଦେଉଥିଲି ସେହି ମଣ୍ଡଳୀର ପ୍ରଣାଳୀକୁ ଆମେ ଅନୁସରଣ କରିବା ଉଚିତ୍।

ଶିକ୍ଷାର୍ଥୀ ଲୋକମାନଙ୍କୁ କହନ୍ତି, ଆମର ଏପରି ଅସଙ୍ଗତି ମଧ୍ୟରେ ପ୍ରଭୁଭୋଜ ପାଳନ କରିବା ଠିକ୍ ନୁହେଁ ବୋଲି ମୁଁ ଭାବୁଛି। ଆମେ ପ୍ରତ୍ୟେକଙ୍କ ମତ ଶୁଣିଲୁ। ଏହି ବିଭକ୍ତିକରଣର ସମାଧାନ କରିବା ପାଇଁ ମୁଁ ପାଳକୀୟ ପ୍ରାଚୀନମାନଙ୍କୁ ଅନୁରୋଧ କରୁଛି ଯେ, ସେମାନେ ଉପବାସ ପ୍ରାର୍ଥନା କରି ପୁନର୍ବାର ସଭା କରନ୍ତୁ।

କିଛିଦିନ ପରେ ପାଳକୀୟ ପ୍ରାଚୀନଗଣ ଶ୍ରୀ ବୋକା ଓ ତାଙ୍କ ଅନୁଗାମୀମାନଙ୍କୁ ସାକ୍ଷାତ କରନ୍ତି। ସେମାନେ ପ୍ରାର୍ଥନା କରି ଗୀତ ବୋଲିଲେ। ଶିକ୍ଷାର୍ଥୀ ଶ୍ରୀ ବୋକାଙ୍କୁ ଅନୁରୋଧ କରନ୍ତି, ମୋତେ ମୁଖ୍ୟ ନେତାରୁ ପରିବର୍ତ୍ତନ କରିବା ବ୍ୟତୀତ ତୁମେ ମଣ୍ଡଳୀରେ ଅନ୍ୟ କେଉଁ ପରିବର୍ତ୍ତନ ପ୍ରଣାଳୀ ପ୍ରବର୍ତ୍ତନ କରିବାକୁ ଇଚ୍ଛା କରୁଛ।

ଶ୍ରୀ ବୋକା କହିବାକୁ ଆରମ୍ଭ କରନ୍ତି, ମାତ୍ର ଯାକୁବ ତାଙ୍କୁ କହିବାରୁ ନିବୃତ୍ତ କରନ୍ତି, ମୁଁ ବିଶ୍ୱସ୍ତ ରୂପେ କହୁଛି। ଶ୍ରୀ ବୋକା ଯାହା ଇଚ୍ଛା କରନ୍ତି, ଆମେ ଅଧିକାଂଶ ସେଥିରେ ସମ୍ମତ ନୋହୁ। ସେ ଇଚ୍ଛା କରନ୍ତି ଯେ, ଶିକ୍ଷାର୍ଥୀଙ୍କୁ ବାହାର କରିବା ପରେ ତାଙ୍କୁ ମଣ୍ଡଳୀର ପାଳକ କରାଯିବ, ଯଦିଚ କୌଣସି ଆଧାତ୍ମିକ ବିଦ୍ୟାଳୟରୁ ସେ ମଧ୍ୟ ସ୍ୱୀକୃତି ଲାଭ ପାଇ ନାହାନ୍ତି। ଆମେ ପ୍ରକୃତରେ ଇଚ୍ଛା କରୁଛୁ ଯେ, ଆମେ ଯେପରି ଆମର ପୂର୍ବ ମଣ୍ଡଳୀର ପ୍ରଣାଳୀ ଅନୁସରଣ କରିବା। ଆମକୁ ସେମାନଙ୍କ ଉପାସନା ଶୈଳୀ ଭଲ ଲାଗେ। ସେମାନଙ୍କର ଉନ୍ନତ ଯନ୍ତ୍ରପାତି ରହିଛି, ସେମାନେ ଅନେକ ସମୟରେ ବଡ଼ ବଡ଼ ସୁସମାଚାର ସଭା କରିବା ପାଇଁ ଷ୍ଟାଡ଼ିୟମ୍ ଭଡ଼ାରେ ନିଅନ୍ତି, ସେଠାକୁ ବିଖ୍ୟାତ ସଙ୍ଗୀତଜ୍ଞ ଓ ପେଶାଦାର ବାଦ୍ୟଯନ୍ତ୍ର ବାଦକ ଆସିଥା'ନ୍ତି।

ଶ୍ରୀ ବୋକା କହନ୍ତି, ଏଠାରେ ଆମର ସେହିପରି ଉତ୍ସାହ ନାହିଁ। ମୋର ବିଶ୍ୱାସ ଏକତା ନିମନ୍ତେ ଆମର ଏହି କ୍ଷେତ୍ରରେ ଥିବା ସବୁ ମଣ୍ଡଳୀ ଠିକ୍ ସେହି ପ୍ରଣାଳୀ ପ୍ରୟୋଗ କରିବା ଉଚିତ୍। ଯାକୁବଙ୍କ ପୂର୍ବ ମଣ୍ଡଳୀ ଯେପରି କରୁଛନ୍ତି ଆମେ ମଧ୍ୟ ଠିକ୍ ସେହିପରି କରିବା ଉଚିତ୍।

ସମସ୍ତ ପାଳକୀୟ ପ୍ରାଚୀନଗଣ ଏକତ୍ର ବିରୋଧ କରନ୍ତି। ପ୍ରେରିତ ୧୫ ପର୍ବରେ ଥିବା ଦୁଇଟି ଅସମ୍ମତିରୁ ଶିକ୍ଷାର୍ଥୀ କ'ଣ ଶିକ୍ଷା କଲେ ତାହା ବର୍ଣ୍ଣନା କରନ୍ତି। ସେ ଭଦ୍ରତାର ସହ କହନ୍ତି, ମୁଁ ଖୁସି ଯେ ଏହା ଯୀଶୁଙ୍କ ଆଜ୍ଞାବହତା ବିଷୟରେ ଅସମ୍ମତି ନୁହେଁ। ଏହି ଅସମ୍ମତି ସେବାକାର୍ଯ୍ୟ କରିବାର ବିଭିନ୍ନ ପ୍ରଣାଳୀ ବିଷୟରେ ଆଧାରିତ। ଆପଣମାନେ ସେହି ପ୍ରଚାରକଙ୍କୁ ଭଲ ପାଉଛନ୍ତି, ଯେ କି ବିଭିନ୍ନ ପ୍ରଣାଳୀରେ ସୁସମାଚାର ପ୍ରଚାର କରନ୍ତି। ମୋ'ଠାରେ ସେପରି ଦାନ ନାହିଁ। ସେମାନଙ୍କ ପ୍ରଣାଳୀ ଆପଣେଇବା ପାଇଁ ଆମ ମଣ୍ଡଳୀ ଏତେ ଐଶ୍ୱର୍ଯ୍ୟଶାଳୀ ନୁହେଁ। ଆମ ସମାଜରେ ସୁସମାଚାର ପ୍ରଚାରର ପ୍ରଣାଳୀ ଉତ୍ତମ କାର୍ଯ୍ୟ କରିଥାଏ। ଈଶ୍ୱର ଆମକୁ ଏଠାରେ ଯେଉଁ ପ୍ରଣାଳୀରେ କାର୍ଯ୍ୟ କରିବାକୁ ଦେଇଅଛନ୍ତି, ସେଥିରେ ଆମର ପ୍ରାଚୀନଗଣ ଓ ଅନ୍ୟମାନେ ଖୁସି ଅଛନ୍ତି। ଆମ ଲୋକମାନେ ସହଜରେ ସେଗୁଡ଼ିକୁ ଅନୁସରଣ କରିପାରୁଛନ୍ତି। ଆମେ ଯାକୁବଙ୍କ ପୂର୍ବ ମଣ୍ଡଳୀକୁ ସମାଲୋଚନା କରୁନାହୁଁ, ଯେଉଁମାନେ ସେମାନଙ୍କ ପ୍ରଚାରକ ଓ ତାଙ୍କ ପ୍ରଣାଳୀକୁ ଅନୁସରଣ କରି କାର୍ଯ୍ୟ କରନ୍ତି। ଆମେ ସେମାନଙ୍କୁ ପରିବର୍ତ୍ତିତ ହେବା ପାଇଁ କହୁ ନାହୁଁ। ଆମେ ପ୍ରାୟ ପ୍ରତ୍ୟେକେ

ବର୍ତ୍ତମାନ ସମ୍ମତ ହୋଇଛୁ। ଆସନ୍ତୁ ଆମେ ସମସ୍ତେ ପରସ୍ପରକୁ କ୍ଷମା ମାଗିବା, କାରଣ ଆମେ କେବଳ ବିଭିନ୍ନ ପ୍ରଣାଳୀର ସେବାକାର୍ଯ୍ୟ ବିଷୟରେ ପରସ୍ପରକୁ ସମାଲୋଚନା କରିଛୁ।

ପ୍ରାଚୀନଗଣ କହନ୍ତି, ଆମେନ୍ !

ଶିକ୍ଷାର୍ଥୀ ବର୍ଣ୍ଣନା କରନ୍ତି, ଯିରୂଶାଲମର ପ୍ରଥମ ମଣ୍ଡଳୀ ପ୍ରତ୍ୟେକ ଦିନ ଯିହୁଦୀ ମନ୍ଦିରରେ ଓ ସେମାନଙ୍କ ଗୃହଗୁଡ଼ିକରେ ଏକତ୍ର ହେଉଥିଲେ। ସେମାନେ ଅନେକ ସମୟରେ ଏକତ୍ର ଭୋଜନ କରୁଥିଲେ, ସେମାନଙ୍କ ସମ୍ପତ୍ତିରେ ଅନ୍ୟମାନଙ୍କୁ ଅଂଶୀ କରି ଅଭାବୀମାନଙ୍କ ଯତ୍ନ ନେଉଥିଲେ। ସେମାନେ ଗୋଟିଏ ପ୍ରେମମୟ ପରିବାର ପରି ଥିଲେ। ପ୍ରେରିତମାନଙ୍କ ସମୟରେ **ମଣ୍ଡଳୀଗୁଡ଼ିକ** ଅନ୍ୟ **ମଣ୍ଡଳୀଗୁଡ଼ିକୁ** ଉତ୍ସାହିତ କରିବା ପାଇଁ ପରିଦର୍ଶକମାନଙ୍କୁ ପ୍ରେରଣ କରୁଥିଲେ। ସେମାନେ ପରସ୍ପରକୁ ସମାଲୋଚନା ନ କରି ପ୍ରେମରେ ସେମାନଙ୍କ ମତଭେଦ ଦୂର କରୁଥିଲେ। ବିଜାତୀୟ **ମଣ୍ଡଳୀ** ଭିନ୍ନ ପ୍ରଥା ଅନୁସରଣ କଲେ ମଧ୍ୟ ଯିହୁଦୀ **ମଣ୍ଡଳୀ** ସହିତ ସେମାନଙ୍କର ସହଭାଗିତା ରହିଥାଏ। ସେମାନେ ପରସ୍ପରକୁ ସମ୍ମାନ ଦେଉଥିଲେ ଓ ଯୀଶୁଙ୍କ ଆଜ୍ଞାବହ ହୋଇ ପ୍ରତ୍ୟେକ ସଂସ୍କୃତିକୁ ସେମାନଙ୍କ ପ୍ରଥା ପାଳନ କରିବାକୁ ଦେଉଥିଲେ। ଆମେ ମଧ୍ୟ ସେହିପରି କରିପାରିବା। ସେମାନେ ଶାସ୍ତ୍ର ଖୋଲି ପ୍ରେରିତ ୨ ଓ ୧୦ ପର୍ବରେ ଥିବା ଯିରୂଶାଲମର ଯିହୁଦୀ ମଣ୍ଡଳୀ ଓ କାଇସରୀଆରେ ଥିବା ବିଜାତୀୟ ମଣ୍ଡଳୀ ମଧ୍ୟରେ ତୁଳନା କରନ୍ତି। ସେମାନେ ଆହୁରି ମଧ୍ୟ ଦେଖିଲେ ଯେ, ଗାଲାତୀୟ **ମଣ୍ଡଳୀ** କିପରି ଯିହୁଦୀ **ମଣ୍ଡଳୀ**ଠାରୁ ଭିନ୍ନ ଥିଲା।

ଶ୍ରୀ ବୋକା ପଳାନ୍ତି, ମାତ୍ର ଯାକୁବ ସ୍ୱୀକାର କରନ୍ତି, **ମଣ୍ଡଳୀ**ରେ ଏପରି ପ୍ରଭେଦକୁ ବାଇବଲ ଅନୁମତି ଦେଇଥାଏ ବୋଲି ମୁଁ ଜାଣି ନ ଥିଲି। ପୁଣି ମୁଁ କେବେ ମଧ୍ୟ ପ୍ରଣାଳୀଗୁଡ଼ିକର ପ୍ରଭେଦ ବୁଝିପାରି ନ ଥିଲି, ଯେଉଁଗୁଡ଼ିକ ଭିନ୍ନ ଭିନ୍ନ ହୋଇପାରେ ବା ସାର୍ବଜନୀନ ହୋଇପାରେ, ସେଥିରେ ଆଜ୍ଞାଗୁଡ଼ିକ ପ୍ରତିହତ ହୋଇ ନ ଥାଏ। ସେଥିପାଇଁ ମୁଁ ପାଳକୀୟ ପ୍ରାଚୀନମାନଙ୍କ କଥା ମାନିବାକୁ ଓ ଶିକ୍ଷାର୍ଥୀଙ୍କୁ ମୋର ନେତା ମାନିବାକୁ ଇଚ୍ଛା କରୁଛି। ତାଙ୍କ ଶୈଳୀ ମୋର ପୂର୍ବତନ ପାଳକଙ୍କ ଶୈଳୀ ଅପେକ୍ଷା ଭିନ୍ନ ଅଟେ, ମାତ୍ର ବର୍ତ୍ତମାନ ମୁଁ ଏହାର ଏତେ ଗୁରୁତ୍ୱ ଅଛି ବୋଲି ଭାବୁ ନାହିଁ।

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀର ସହଭାଗିତା ଓ ବିଭିନ୍ନ ମଣ୍ଡଳୀ ମଧ୍ୟରେ ସହଭାଗିତା ପାଇଁ ଯୋଜନା କରନ୍ତୁ।
- ଛୋଟ ଛୋଟ ଦଳ କରି ବା ସମ୍ପୂର୍ଣ୍ଣ ମଣ୍ଡଳୀରେ ଆପଣ ଖେଳ ବା ଅନ୍ୟ ପ୍ରକାର କୌତୁକ କରି ନିୟମିତ ସମୟ ନିର୍ଘଣ୍ଟରେ ସହଭାଗିତାରେ ଆସିପାରନ୍ତି।
- ଅନ୍ୟ ମଣ୍ଡଳୀ ସହିତ ସହଭାଗିତାରେ ଆସିବା ପାଇଁ ସମୟ ନିର୍ଘଣ୍ଟ କରନ୍ତୁ ଏବଂ ସେମାନେ ସାହାଯ୍ୟ ଲୋଡ଼ିଲେ ସେମାନଙ୍କ ସେବା କରନ୍ତୁ।
- ଅସମ୍ମତି ହେତୁ ମଣ୍ଡଳୀରେ ଯଦି ବ୍ୟାଘାତ ସୃଷ୍ଟି ହେଉଥାଏ, ତେବେ ଯେଉଁମାନେ କହିବାକୁ ଇଚ୍ଛା କରୁଛନ୍ତି ସେମାନଙ୍କ ପାଇଁ ଏକ ସଭା କରନ୍ତୁ। ତା'ପରେ ପାଳକୀୟ ପ୍ରାଚୀନମାନଙ୍କୁ ଏ ବିଷୟରେ ଚିନ୍ତା ଓ ପ୍ରାର୍ଥନା କରି କ'ଣ କରିବାକୁ ହେବ, ତାହା କହିବାକୁ ଦିଅନ୍ତୁ।
- ଲୋକମାନେ ଯଦି ଅନ୍ୟମାନଙ୍କ ପ୍ରତି ବାସ୍ତବରେ ପାଳକୀୟ କାର୍ଯ୍ୟ କରି ନାହାନ୍ତି, ତେବେ ସେମାନଙ୍କୁ ପାଳକୀୟ ପ୍ରାଚୀନ କରନ୍ତୁ ନାହିଁ। ସେମାନେ ଏକ ଛୋଟ ଦଳର ନେତା ହୋଇପାରନ୍ତି (୧ମ ପିତର ୫:୧-୪)।
- ସମସ୍ତଙ୍କଠାରୁ ଶୁଣି ପ୍ରାର୍ଥନାରେ ସହମତ ହେବାର ଗୁରୁତ୍ୱ ବିଷୟରେ ପ୍ରାଚୀନମାନଙ୍କୁ ଶିକ୍ଷା ଦିଅନ୍ତୁ।
- ନିଶ୍ଚିତ ହୁଅନ୍ତୁ ଯେ, ଆପଣ ଯେଉଁ ବିଷୟ ପ୍ରସ୍ତାବ କରୁଛନ୍ତି, ତାହାର ଯୀଶୁଙ୍କର କୌଣସି ଏକ ଆଜ୍ଞା ସହିତ ସାମଞ୍ଜସ୍ୟ ଅଛି ଓ ତଦ୍ୱାରା ତାହା ପାଳନ ହେଉଛି, ପୁଣି ତଦ୍ୱାରା ଆପଣ ଅଳ୍ପ କେତେ ଜଣଙ୍କ ହାତରେ ଅଧିକ କ୍ଷମତା ଓ ନିୟନ୍ତ୍ରଣ ନ୍ୟସ୍ତ କରନ୍ତୁ ନାହିଁ।

## ୩-୮ ସେବାକାର୍ଯ୍ୟ ୮

# ପରିଦର୍ଶନ କରି ପରାମର୍ଶ ଦିଅନ୍ତୁ

ଶିକ୍ଷାର୍ଥୀ ଶ୍ରୀ ଜ୍ଞାନୀଙ୍କ ଉଦାହରଣ ଅନୁସରଣ କରି ଯେଉଁ ନୂତନ ନେତାମାନଙ୍କୁ ସେ ତାଲିମ ଦିଅନ୍ତି, ସେମାନଙ୍କୁ ସେ ନିୟମିତ ରୂପେ ପରିଦର୍ଶନ କରନ୍ତି। ସାହାଯ୍ୟକାରୀଙ୍କ ଘରେ ସେ ପଚାରନ୍ତି, ତୁମର ମଣ୍ଡଳୀରେ ଅଭିବୃଦ୍ଧି ହାର କିପରି ହେଉଛି ?

ସାହାଯ୍ୟକାରୀ ଉତ୍ତର ଦିଅନ୍ତି, ମୁଁ ବ୍ୟସ୍ତ ହୋଇପଡୁଛି। ଯତ୍ନଶୀଳଙ୍କ ପରିବାରରେ ପୁନର୍ବାର ମେଲେରିଆ ହୋଇଛି। ସେ ନିରୁତ୍ସାହିତ ହୋଇପଡ଼ିଛନ୍ତି। ତାଙ୍କ ପୁଅର ଗୋଡ଼ ମଧ୍ୟ ଭାଙ୍ଗିଯାଇଛି। ତାଙ୍କ ସ୍ତ୍ରୀ ନିରାଶ ହୋଇପଡ଼ି ବସିରହି କାନ୍ଦୁଛନ୍ତି ଓ ଶୂନ୍ୟକୁ ଅନାଇ ରହୁଛନ୍ତି। ତୁମେ ସେମାନଙ୍କ ସହ କଥାବାର୍ତ୍ତା କରିବ କି ?

ସେମାନେ ଯତ୍ନଶୀଳଙ୍କ ଘରକୁ ପରିଦର୍ଶନରେ ଯାଇ ସେଠାରେ ଶ୍ରୀ ବୋକାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ସେ ଶିକ୍ଷାର୍ଥୀଙ୍କୁ କହନ୍ତି, ଯତ୍ନଶୀଳଙ୍କ ସ୍ତ୍ରୀ, କାର୍‌ମେନ୍ ମୋର ଭଉଣୀ ଅଟନ୍ତି। ମୋର ବ୍ୟବସାୟ ମାନ୍ଦା ହୋଇଯିବାରୁ ମୁଁ ମୋ' ଭିଣୋଇଙ୍କଠାରୁ ଋଣ କରିବାକୁ ଆସିଥିଲି। ମାତ୍ର ଅସୁସ୍ଥତା ହେତୁ ସେ ତାଙ୍କର ଶିକ୍ଷକ ଚାକିରୀ ହରାଇଛନ୍ତି। ତୁମେ ବୋଧହୁଏ ମୋତେ ସାହାଯ୍ୟ କରିପାରିବ।

ଶିକ୍ଷାର୍ଥୀ ଦୃଢ଼ ରୂପେ ତାଙ୍କୁ କହନ୍ତି, ମୁଁ ତୁମକୁ ଅନେକ ଥର କହିଛି ଯେ ମୁଁ ଋଣ ଦିଏ ନାହିଁ। ଯତ୍ନଶୀଳ ଓ କାରମେନ୍ ସାହାଯ୍ୟ ଲୋଡ଼ନ୍ତି।

ଶ୍ରୀ ବୋକା ଯତ୍ନଶୀଳଙ୍କୁ ତାଙ୍କ ସ୍ତ୍ରୀଙ୍କ ସମ୍ମୁଖରେ କହନ୍ତି, ତୁମେ ଓ ତୁମର ପରିବାର ବହୁତ ପାପ କରିଥିବାରୁ ତୁମେ ଏହି ସମସ୍ୟାରେ ପଡ଼ିଛ। ତୁମେ ବାସ୍ତବରେ ଯୀଶୁଙ୍କ ଦ୍ୱାରା ଉଦ୍ଧାର ପାଇ ନାହଁ କାରଣ ତୁମେ ଯଦି ପ୍ରକୃତ ଖ୍ରୀଷ୍ଟିୟାନ ହୋଇଥା'ନ୍ତ, ତେବେ ଏତେ ଦୁଃଖ ପାଇ ନ ଥା'ନ୍ତ। କାର୍‌ମେନ୍ ଜୋର୍‌ରେ କାନ୍ଦି କାନ୍ଦି ଘରୁ ବାହାରି ଯାଆନ୍ତି।

ମୁଁ ଏହା ଶୁଣିବାକୁ ଇଚ୍ଛା କରୁ ନାହିଁ ! ଯତ୍ନଶୀଳ ଚିତ୍କାର କରନ୍ତି। ସେ ତାଙ୍କ ଘରୁ ବାହାରି ଯାଆନ୍ତି। ଶିକ୍ଷାର୍ଥୀ ଓ ସାହାଯ୍ୟକାରୀ ତାଙ୍କ ପଛେ ପଛେ ଯାଆନ୍ତି। ସେ ସେମାନଙ୍କୁ କହନ୍ତି, ଶ୍ରୀ ବୋକା ମୋ' ପରିବାରରେ ବହୁତ ଗଣ୍ଡଗୋଳ କରିଛନ୍ତି। ଆମେ ମଣ୍ଡଳୀ ପରିତ୍ୟାଗ କରୁଛୁ।

ମଣ୍ଡଳୀକୁ ଆସିବା ପାଇଁ ସାହାଯ୍ୟକାରୀ ତାଙ୍କୁ ବହୁତ ପ୍ରବର୍ତ୍ତାଇଲେ ମଧ୍ୟ ସେ ତାଙ୍କ କଥା ଶୁଣନ୍ତି ନାହିଁ। ଶିକ୍ଷାର୍ଥୀ ଘରକୁ ଫେରିଯାଇ ସାରାଙ୍କ ସହ ପ୍ରାର୍ଥନା କରନ୍ତି। ସେ ଶ୍ରୀ ବୋକାଙ୍କ ଘରକୁ ଯାଇ ତାଙ୍କୁ ଭର୍ତ୍ସନା କରନ୍ତି, ତୁମେ ତୁମ ଭଉଣୀ କାର୍‌ମେନ୍‌ଙ୍କ ପରିବାରକୁ ନିରୁତ୍ସାହିତ କରିବାରୁ ସେମାନେ ସାହାଯ୍ୟକାରୀଙ୍କ ମଣ୍ଡଳୀ ପରିତ୍ୟାଗ କରିଛନ୍ତି।

ମୁଁ ଖୁସି ! ଶ୍ରୀ ବୋକା ଉତ୍ତର ଦିଅନ୍ତି, କୃପଣ ଲୋକମାନେ ମଣ୍ଡଳୀରେ ନ ରହିଲେ ଭଲ। କାର୍‌ମେନ୍‌ଙ୍କର ତାଙ୍କୁ ବିବାହ କରିବାର ନ ଥିଲା।

ଶିକ୍ଷାର୍ଥୀ କ୍ରୋଧାନ୍ୱିତ ହେଲେ, ମାତ୍ର କିଛି କହନ୍ତି ନାହିଁ। ପରଦିନ ସେ ସାହାଯ୍ୟକାରୀଙ୍କୁ ସାକ୍ଷାତ କରି ଉତ୍ସାହିତ କରନ୍ତି। ଶ୍ରୀ ଜ୍ଞାନୀ ତାଙ୍କୁ ନିରୁତ୍ସାହ ଖ୍ରୀଷ୍ଟିୟାନମାନଙ୍କୁ ଶିକ୍ଷା ଦେବା ପାଇଁ ଯାହା କହିଥିଲେ ତାହା ଦିଅନ୍ତି। ସେ ଦେଖିଲେ ଯେ ସାହାଯ୍ୟକାରୀ ତାଙ୍କ ଘରେ ବସି ଏକ ଦୁଃଖ ସ୍ୱରରେ ଗିଟାର ବଜାଉଛନ୍ତି। ଶିକ୍ଷାର୍ଥୀ ତାଙ୍କ ପାଇଁ ପଢ଼ନ୍ତି, ମୌଳିକ ସେବାକାର୍ଯ୍ୟ ହେଉଛି ଆମ ଲୋକମାନଙ୍କୁ ସାକ୍ଷାତ କରି ସେମାନଙ୍କୁ ଉପଦେଶ ଦେବା। ଜୀବନ କଷ୍ଟକର ହେଲେ ମଧ୍ୟ ଈଶ୍ୱରଙ୍କ ଉପରେ ନିର୍ଭର କରିବା ପାଇଁ ପରସ୍ପରକୁ ସାହାଯ୍ୟ କରି ଆନନ୍ଦ କରିବା ପାଇଁ ଏଠାରେ ବ୍ୟାବହାରିକ ଉପାୟ ରହିଛି। ଈଶ୍ୱରଙ୍କ ଆତ୍ମାଙ୍କୁ ଆମର ଉପଦେଶକ ବୋଲି କୁହାଯାଇଥାଏ। ଈଶ୍ୱର କିପରି ନିରୁତ୍ସାହିତ ଭାବବାଦୀଙ୍କୁ ସାହାଯ୍ୟ କରିଥିଲେ, ସେ ବିଷୟରେ ଶିକ୍ଷା କରନ୍ତୁ।

### ଅନୁଶୀଳନୀ

୧ମ ରାଜାବଳୀ ୧୯:୧-୧୮ ପଦରେ ଦେଖନ୍ତୁ :

- ଏଲିୟ କାହିଁକି ଏତେ ନିରୁତ୍ସାହିତ ହୋଇଥିଲେ ? ସମ୍ପୂର୍ଣ୍ଣ ଘଟଣା ଜାଣିବାକୁ ଇଚ୍ଛା କଲେ ୧୮ ପର୍ବଟିକୁ ମଧ୍ୟ ପଢ଼ନ୍ତୁ।
- ଏଲିୟଙ୍କୁ ସାହାଯ୍ୟ କରିବା ପାଇଁ ଈଶ୍ୱର କ'ଣ ପ୍ରେରଣ କରିଥିଲେ ?
- ଗୁମ୍ଫା ମଧ୍ୟରେ ଈଶ୍ୱର ଏଲିୟଙ୍କୁ ପ୍ରଥମେ କ'ଣ କହିଥିଲେ ?
- ଈଶ୍ୱର ତାଙ୍କ ସହିତ କଥା କହୁଅଛନ୍ତି ବୋଲି ଏଲିୟ କିପରି ଜାଣିପାରିଲେ ?
- ଏଲିୟଙ୍କୁ ଉତ୍ସାହିତ କରିବା ପାଇଁ ଈଶ୍ୱର ତାଙ୍କୁ କ'ଣ କହିଥିଲେ ?

ରାଚେଲ ଶିକ୍ଷାର୍ଥୀଙ୍କ ପାଇଁ ଚା' ଆଣିବା ସମୟରେ ସାହାଯ୍ୟକାରୀ ଅଧ୍ୟୟନ ପୁସ୍ତକ ପାଠ କରନ୍ତି, ଈଶ୍ୱରଙ୍କ ସାହସୀ ଭାବବାଦୀମାନେ ମଧ୍ୟ ନିରୁତ୍ସାହିତ ହୋଇଥିଲେ। ମହାନ୍ ଆଶ୍ଚର୍ଯ୍ୟ କର୍ମ କରିବା ପାଇଁ ଈଶ୍ୱର ଏଲିୟଙ୍କୁ ଶକ୍ତି ଦେଇଥିଲେ ମଧ୍ୟ ରାଣୀ ଇଷେବଲଙ୍କ ହତ୍ୟା ଧମକ ଶୁଣି ଡରିଯାଇ ପଳାୟନ କରିଥିଲେ। ସେ ଦୂରକୁ ଦୌଡ଼ିଯାଇ ଶାରୀରିକ ଭାବରେ କ୍ଳାନ୍ତ ହୋଇ ପଡ଼ିଥିଲେ। ସେ ତାଙ୍କ ଦାସଗଣଙ୍କୁ ପଛରେ ଛାଡ଼ି ଏକୁଟିଆ ଯାଇଥିଲେ, ଯାହାକି ଏକ ଭୁଲ ଥିଲା। ସେ ବନ୍ଧୁ ଲୋଡ଼ିଥିଲେ। ସେ ମୃତ୍ୟୁ କାମନା କରିଥିଲେ। ତାଙ୍କ ଶରୀର କ୍ଳାନ୍ତ ହୋଇ ପଡ଼ିବାରୁ ଏହା ନିରୁତ୍ସାହର ଏକ କାରଣ ଥିଲା। ଈଶ୍ୱର ଜଣେ ଦୂତଙ୍କ ହାତରେ ଖାଦ୍ୟ ଓ ଜଳ ପଠାଇ ତାଙ୍କ

ଶରୀର ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କୁ ଶୋଇବା ପାଇଁ ଦେଇଥିଲେ। ତା'ପରେ ଈଶ୍ୱର ତାଙ୍କ ସହିତ କଥା କହିଲେ। ଈଶ୍ୱରଙ୍କ ପ୍ରଥମ କଥା ଏକ ପ୍ରଶ୍ନ ଥିଲା, ତୁମେ କାହିଁକି ଏଠାରେ ଅଛ? ଈଶ୍ୱର ପ୍ରଥମେ ଏଲିୟଙ୍କ କଥା ଶୁଣିଥିଲେ। ଈଶ୍ୱର କ୍ରୋଧରେ ନୁହେଁ, ମାତ୍ର ଭଦ୍ର, ଧୀର ସ୍ୱରରେ ଏଲିୟଙ୍କ ସହ କଥାବାର୍ତ୍ତା କରିଥିଲେ। ଶେଷରେ ଈଶ୍ୱର ଏଲିୟଙ୍କୁ ଜୀବନର ମୂଲ୍ୟ ବୁଝାଇଥିଲେ। ସେ ଏଲିୟଙ୍କୁ ଏକ କାର୍ଯ୍ୟ କରିବାକୁ ଦେଇଥିଲେ ଓ ଆପଣା ଶକ୍ତିରେ ତାଙ୍କୁ ନୂତନ ଆଶା ଦେଇଥିଲେ।

ସେମାନେ ୧ମ ରାଜାବଳୀ ୧୯ ପର୍ବଟି ପୁନର୍ବାର ପଢ଼ନ୍ତି। ଶିକ୍ଷାର୍ଥୀ କହନ୍ତି, ଆମେ ମହାନ୍ ଉପଦେଶକଙ୍କ ଉଦାହରଣ ଅନୁସରଣ କରିବା। ଲୋକମାନେ ଯେତେବେଳେ ନିରୁତ୍ସାହିତ ହୋଇପଡ଼ନ୍ତି, ଆମେ ସେତେବେଳେ ସେମାନଙ୍କୁ ପରିଦର୍ଶନ କରିଥାଉ। ପ୍ରଥମେ, ଦେଖନ୍ତୁ ଯେ, ସେମାନଙ୍କ ସମସ୍ୟାର କାରଣ ଶାରୀରିକ ଅଟେ କି। ସେମାନେ କ୍ଳାନ୍ତ, କ୍ଷୁଧିତ ବା ପୀଡ଼ିତ ଅଟନ୍ତି କି? ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ ଓ ସେମାନଙ୍କ ଶାରୀରିକ ଆବଶ୍ୟକତା ପୂରଣ କରନ୍ତୁ। ତା'ପରେ ପ୍ରଶ୍ନ ପଚାରି ସମସ୍ୟାଟି ଖୋଜି ବାହାର କରନ୍ତୁ। ଲୋକମାନେ କାହିଁକି ନିରୁତ୍ସାହିତ ହୋଇପଡ଼ିଛନ୍ତି, ଧୈର୍ଯ୍ୟର ସହ ତାହାର ପ୍ରକୃତ କାରଣ ଶୁଣନ୍ତୁ। ଭଦ୍ର ବ୍ୟବହାର ଦେଖାନ୍ତୁ। ଈଶ୍ୱର ଆମର କ୍ରୋଧ ହେତୁ ନୁହେଁ, ମାତ୍ର ଆମର ସମ୍ବେଦନା ମାଧ୍ୟମରେ ଆଘାତପ୍ରାପ୍ତ ଲୋକମାନଙ୍କ ସହ କଥାବାର୍ତ୍ତା କରନ୍ତି।

ସାହାଯ୍ୟକାରୀ କହନ୍ତି, ଯତ୍ନଶୀଳ ଓ ତାଙ୍କ ପରିବାର ନିମନ୍ତେ ମୋର ଏହା କରିବା ଆବଶ୍ୟକ ଅଛି। ଈଶ୍ୱର ଏଲିୟଙ୍କ ସହିତ କୋମଳ ସ୍ୱରରେ ଯେପରି କଥାବାର୍ତ୍ତା କରିଥିଲେ, ମୋର ମଧ୍ୟ ତାଙ୍କ ସହିତ ବ୍ୟକ୍ତିଗତ ରୂପେ କଥାବାର୍ତ୍ତା କରିବା ଉଚିତ୍।

ସାହାଯ୍ୟକାରୀ ଅଧ୍ୟୟନ ପୁସ୍ତକରୁ ପଢ଼ନ୍ତି, ଅନ୍ୟମାନଙ୍କର କୌଣସି ବିଷୟକୁ ଅତିରଞ୍ଜିତ ନୁହେଁ, ମାତ୍ର ସମ୍ପୂର୍ଣ୍ଣ ସତ୍ୟ ବୋଲି ନିଶ୍ଚିତବୋଧ ନ ହୋଇ କେବେ ମଧ୍ୟ ଅନ୍ୟମାନଙ୍କ ନିକଟରେ ଖରାପ ସମ୍ବାଦ ପରବେଷଣ କରନ୍ତୁ ନାହିଁ। ଗପସପ ଏଡ଼ାଇ ଯାଆନ୍ତୁ। ନିରୁତ୍ସାହିତ ବିଶ୍ୱାସୀମାନେ ଖ୍ରୀଷ୍ଟଙ୍କ ପ୍ରତି କ'ଣ ଅଟନ୍ତି, ତାହା ସ୍ମରଣ କରାଇ ସେ ବିଷୟରେ ସେମାନଙ୍କୁ ଆଶା ଦିଅନ୍ତୁ। ଏଫିସୀୟ ୧:୩-୧୪ ପଦରେ ଥିବା ଉତ୍ସାହଜନକ ବାକ୍ୟ ଉଚ୍ଚସ୍ୱରରେ ପାଠ କରିବାକୁ ଓ ପ୍ରତ୍ୟେକ ପ୍ରତିଜ୍ଞା ବିଷୟ ଦାବୀ କରି କହିବାକୁ ସେମାନଙ୍କୁ କୁହନ୍ତୁ। ସେମାନଙ୍କୁ ପଦଗୁଡ଼ିକ ପଢ଼ିବାକୁ କୁହନ୍ତୁ ବା ଆପଣଙ୍କ ସହିତ ପୁନରାବୃତ୍ତି କରିବାକୁ କୁହନ୍ତୁ। ସେମାନେ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ନିକଟରେ ଅସ୍ୱୀକୃତ ଅନେକ ପାପ କରିଛନ୍ତି। ସେମାନଙ୍କୁ ସେମାନଙ୍କ ପାପ ସ୍ୱୀକାର କରିବାରେ ସାହାଯ୍ୟ କରନ୍ତୁ। ଯେଉଁମାନେ ସେମାନଙ୍କ ପ୍ରତି ଭୁଲ କରିଛନ୍ତି, ବିଶେଷରେ ସେମାନଙ୍କ ନିଜ ପରିବାରର ଲୋକମାନଙ୍କୁ କ୍ଷମା କରିବା ପାଇଁ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଈଶ୍ୱରଙ୍କ କ୍ଷମା ବିଷୟରେ ସେମାନଙ୍କୁ ନିଶ୍ଚିତବୋଧ ଦିଅନ୍ତୁ। ଶେଷରେ, କଷ୍ଟକର ପରିସ୍ଥିତିରେ ମଧ୍ୟ ଈଶ୍ୱରଙ୍କ ସେବା କରିବାର ବ୍ୟାବହାରିକ ଉପାୟ ପାଇବା ପାଇଁ ସେମାନଙ୍କୁ ସାହାଯ୍ୟ କରନ୍ତୁ।

ସାହାଯ୍ୟକାରୀ ଅଧ୍ୟୟନଟିକୁ ବନ୍ଦ କରି କହନ୍ତି, ହଁ, ମୁଁ ଏହା କରିବି! ମୁଁ ମୋ' ମଣ୍ଡଳୀରେ ପରିଦର୍ଶନ ଓ ଉପଦେଶ ଦେବାର ସେବାକାର୍ଯ୍ୟ କରିବି। ମୁଁ ଆଜି ରାତିରେ ଆମର କାର୍ଯ୍ୟକାରୀମାନଙ୍କ ସହ ସାକ୍ଷାତ କରିବି। ଶିକ୍ଷାର୍ଥୀ, ଦୟାକରି ମୋ' ସହିତ ରହି ମୋତେ ସାହାଯ୍ୟ କର!

## ଅନୁଶୀଳନୀ

**ଏଫିସୀୟ ୧:୩-୧୪ ପଦ**ରେ ଖ୍ରୀଷ୍ଟଙ୍କଠାରେ ଥିବା ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିବା ପାଇଁ ଯେଉଁ ମୂଲ୍ୟବାନ ପ୍ରତିଜ୍ଞାଗୁଡ଼ିକ ରହିଛି ତାହା ଦେଖନ୍ତୁ।

ସେହି ରାତିରେ ସାହାଯ୍ୟକାରୀ ତାଙ୍କର ନୂଆ ମଣ୍ଡଳୀର କାର୍ଯ୍ୟକାରୀମାନଙ୍କୁ ବୁଝାନ୍ତି, ଆମର ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଆମେ ସେମାନଙ୍କ ଗୃହଗୁଡ଼ିକ ପରିଦର୍ଶନ କରିପାରିବା। କେହି କେହି ନିଜ ପରିବାରରେ କଳି କରୁଛନ୍ତି। ଅନ୍ୟମାନେ ପୀଡ଼ିତ, ବୃଦ୍ଧ ଓ ଦୁର୍ବଳ ବା ବେକାର ଅଛନ୍ତି। କେହି କେହି ମଦ୍ୟପାନ, ନିଶା ଔଷଧ ବା ଯୌନ ସମସ୍ୟା ସହିତ ଯୁଦ୍ଧ କରୁଛନ୍ତି। କେହି କେହି ନୂଆ ବିଶ୍ୱାସୀ ସେମାନଙ୍କ ପରିତ୍ରାଣ ଓ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସେମାନଙ୍କ ସ୍ଥାନ ବିଷୟରେ ନିଶ୍ଚିତବୋଧ ନୁହନ୍ତି। ଅନେକଙ୍କର ଏପରି ବନ୍ଧୁ ଓ ସାଙ୍ଗସାଥୀ ଅଛନ୍ତି, ଯେଉଁମାନେ ଅଦ୍ୟାବଧି ଯୀଶୁଙ୍କୁ ଜାଣି ନାହାନ୍ତି। ଆସନ୍ତୁ ଏକତ୍ର ହେବା, ଯେପରି କେହି ନା କେହି ନିୟମିତ ରୂପେ ପ୍ରତ୍ୟେକ ନୂଆ ବିଶ୍ୱାସୀଙ୍କୁ ପରିଦର୍ଶନ କରିବେ। ଶିକ୍ଷାର୍ଥୀ, ଦୟାକରି କୁହନ୍ତୁ, ଆମକୁ କ'ଣ କରିବାକୁ ପଡ଼ିବ।

ଶିକ୍ଷାର୍ଥୀ ଜ୍ଞାନଯୁକ୍ତ ଉପଦେଶ ଦିଅନ୍ତି, ଏଠାରେ ତୁମେ ନେତା ଅଟ। କ'ଣ କରିବାକୁ ପଡ଼ିବ ତାହା ତୁମେ ଜାଣ। ତୁମେ ସେମାନଙ୍କୁ କୁହ।

ସାହାଯ୍ୟକାରୀ ଦଳକୁ କହନ୍ତି, ଦୁଇ ଜଣ କରି ଯାଆନ୍ତୁ। ପୁରୁଷ ଲୋକ ପୁରୁଷମାନଙ୍କୁ ସାକ୍ଷାତ କରନ୍ତୁ ଓ ମହିଳାମାନେ ମହିଳାମାନଙ୍କୁ ସାକ୍ଷାତ କରନ୍ତୁ। ଗପସପ କରନ୍ତୁ ନାହିଁ। ସ୍ୱାମୀ ଓ ସ୍ତ୍ରୀମାନେ ପରିବାରଗୁଡ଼ିକୁ ପରିଦର୍ଶନ କରିପାରିବେ। ଯେଉଁ ଲୋକମାନଙ୍କୁ ପରିଦର୍ଶନ କରୁଛନ୍ତି ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ। ଲୋକମାନଙ୍କୁ ଯୀଶୁଙ୍କ ବିଷୟରେ କହି ସେମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ମୁଁ ଆପଣମାନଙ୍କୁ ଯେଉଁ କାହାଣୀଗୁଡ଼ିକ କହିଛି, ତାହା ବ୍ୟବହାର କରନ୍ତୁ। ପରିପକ୍ୱ ବିଶ୍ୱାସୀଗଣ ନୂଆ ବିଶ୍ୱାସୀମାନଙ୍କ ସହିତ ପରିତ୍ରାଣପ୍ରାପ୍ତ ନ ହୋଇଥିବା ସେମାନଙ୍କ ସାଙ୍ଗମାନଙ୍କ ଘରକୁ ଯାଇ କ'ଣ କହିବାକୁ ପଡ଼ିବ, ତାହା ନୂଆ ବିଶ୍ୱାସୀମାନଙ୍କୁ ଶୀଘ୍ର ଶିଖିବାରେ ସାହାଯ୍ୟ କରନ୍ତୁ। ସ୍ମରଣ ରଖନ୍ତୁ, ଆମେ ସମସ୍ତେ ଆମର ମହାନ୍ ପାଳକ ଯୀଶୁଙ୍କ ପରି ପାଳକ ଅଟୁ। ଆମେ ପ୍ରେମ ଓ ସମ୍ବେଦନଶୀଳତାର ସହ ସମସ୍ତେ ତାହାଙ୍କ ମେଷଗୁଡ଼ିକର ଯତ୍ନ ନେଇଥାଉ। ବିବେଚନା କରନ୍ତୁ ! ଲୋକମାନେ ଭୋଜନ ଓ କାର୍ଯ୍ୟ କରୁଥିବା ସମୟରେ ସେମାନଙ୍କୁ ବାଧା ଦିଅନ୍ତୁ ନାହିଁ। ପରିଷ୍କାର, ସମ୍ମାନୀୟ ଓ ଭଦ୍ର ହୁଅନ୍ତୁ। ଯୀଶୁ କିପରି ଅଟନ୍ତି, ତାହା ସେମାନଙ୍କୁ ଦର୍ଶାନ୍ତୁ।

ମଣ୍ଡଳୀ ପରିତ୍ୟାଗ କରିଥିବା ଯତ୍ନଶୀଳଙ୍କ ପରିବାରକୁ ସାହାଯ୍ୟକାରୀ ଓ ଶିକ୍ଷାର୍ଥୀ ପରିଦର୍ଶନ କରନ୍ତି। ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ଯତ୍ନଶୀଳଙ୍କ ପରିବାର ସହିତ କଥାବାର୍ତ୍ତା କରିବାକୁ ପୁନର୍ବାର କହନ୍ତି, ମାତ୍ର ଶିକ୍ଷାର୍ଥୀ ତାହା ପ୍ରତ୍ୟାଖ୍ୟାନ କରି କହନ୍ତି, ତୁମେ ସେମାନଙ୍କ ପାଳକ ଅଟ।

ସାହାଯ୍ୟକାରୀ ଯତ୍ନଶୀଳ ଓ ତାଙ୍କ ପରିବାରକୁ ଆୟୁବଙ୍କ ଦୁଃଖ ବିଷୟରେ କହନ୍ତି। ଆୟୁବ ପୀଡ଼ିତ ହୋଇ ଅତ୍ୟନ୍ତ କଷ୍ଟ ପାଉଥିବା ସମୟରେ ତାଙ୍କର ସାଙ୍ଗମାନେ ତାଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଥିଲେ, ମାତ୍ର ସେମାନେ ତାଙ୍କୁ ଅଧିକ ଦୟନୀୟ କରି ଦେଇଥିଲେ। ସେମାନେ କହୁଥିଲେ ଯେ, ସେ ମନ୍ଦ ବ୍ୟକ୍ତି ବୋଲି ଦୁଃଖ ପାଉଛନ୍ତି। ଆୟୁବ ଈଶ୍ୱରଙ୍କୁ ତାଙ୍କର ଦୁଃଖ ବିଷୟରେ ପ୍ରଶ୍ନ କରୁଥିଲେ, କାରଣ ସେ ଦୁଷ୍ଟ ଲୋକମାନଙ୍କୁ ଆନନ୍ଦରେ ଥିବାର ଦେଖୁଥିଲେ। **କଷ୍ଟ ପାଉଥିବା ଲୋକମାନେ କିପରି ସାନ୍ତ୍ୱନା ପାଆନ୍ତି,** ସେ ବିଷୟରେ ମୁଁ ବର୍ଣ୍ଣନା କରୁଛି।

### ଅନୁଶୀଳନୀ

**ଆୟୁବ ୧ ଓ ୨ ପଦରେ** ଦେଖନ୍ତୁ :
- ଈଶ୍ୱର ଆୟୁବଙ୍କ ବିଶ୍ୱାସକୁ କିପରି ପରୀକ୍ଷା କରିଥିଲେ ?
- ଈଶ୍ୱର ଆୟୁବଙ୍କୁ କାହିଁକି ପରୀକ୍ଷା କରୁଥିଲେ, ସେ କ'ଣ ସେ ବିଷୟ ବୁଝିପାରିଥିଲେ ?

ବର୍ତ୍ତମାନ **ଆୟୁବ ୩୮ ଓ ୪୨ ପଦରେ** ଦେଖନ୍ତୁ :
- ଈଶ୍ୱର ଆୟୁବଙ୍କୁ କିପରି ଉତ୍ତର ଦେଇଥିଲେ ?
- ଶେଷରେ ତାଙ୍କ ପ୍ରତି କ'ଣ ଘଟିଲା ?

ଯତ୍ନଶୀଳଙ୍କ ଘରେ ସାହାଯ୍ୟକାରୀ ତାଙ୍କୁ ଓ କାର୍‌ମେନ୍‌ଙ୍କୁ ସାନ୍ତ୍ୱନା ଦିଅନ୍ତି । ଅନେକ କାରଣରୁ ଆମ ପ୍ରତି ଦୁଃଖ ଆସିଥାଏ । ଆମେ ବୋକାମୀ କରୁଥିବାରୁ ନିଜ ଉପରକୁ ଦୁଃଖ ଆଣିଥାଉ । ଆମକୁ ସଂଶୋଧନ କରିବା ପାଇଁ, ଆମକୁ ତାହାଙ୍କ ବିଷୟ ସ୍ମରଣରେ ଆଣିବା ପାଇଁ, ବା ଆମକୁ ସ୍ୱର୍ଗୀୟ ଗୃହକୁ ନେବା ପାଇଁ ମଧ୍ୟ ଈଶ୍ୱର ରୋଗକୁ ମାଧ୍ୟମ କରିଥାଆନ୍ତି । ଆମର ବିଶ୍ୱାସକୁ ପରୀକ୍ଷିତ ଓ ଦୃଢ଼ୀଭୂତ କରିବା ପାଇଁ ସେ ଆମ ପ୍ରତି ଦୁଃଖ ଆସିବାକୁ ଦେଇଥା'ନ୍ତି । ବେଳେ ବେଳେ ସେ ଆପଣା ଶକ୍ତିରେ ଆମକୁ ସୁସ୍ଥ କରିଥାଆନ୍ତି । ପାଉଲ ଯେପରି କରିନ୍ଥୀୟ ମଣ୍ଡଳୀକୁ କହିଥିଲେ, ସେହିପରି ବେଳେ ବେଳେ ସେ ଆମର ଦୁର୍ବଳତାରେ ଆପଣା ଶକ୍ତି ପ୍ରଦର୍ଶନ କରିଥାଆନ୍ତି ।

କାର୍‌ମେନ୍ ଓ ପିଲାମାନେ ବିଛଣାକୁ ଯାଆନ୍ତି, ମାତ୍ର ଯତ୍ନଶୀଳ ଅଧିକ ଶିକ୍ଷା କରିବାକୁ ଇଚ୍ଛା କରନ୍ତି । **ଦୁଃଖଭୋଗ ବିଷୟରେ ପାଉଲଙ୍କ ମନୋବୃତ୍ତି** ବିଷୟରେ ସାହାଯ୍ୟକାରୀ ବର୍ଣ୍ଣନା କରନ୍ତି ।

### ଅନୁଶୀଳନୀ

- **୨ୟ କରିନ୍ଥୀୟ ୧:୩–୭ ପଦରେ** ଆମର ସାନ୍ତ୍ୱନାର ମୁଖ୍ୟ ଉତ୍ସ ବିଷୟରେ ଦେଖନ୍ତୁ ।
- **୨ୟ କରିନ୍ଥୀୟ ୪:୭–୧୨ ପଦରେ** ତାହାଙ୍କ ଶରୀରରେ ଜଣେ ବିଶ୍ୱାସୀର କଷ୍ଟଭୋଗ ବିଷୟ ଦେଖନ୍ତୁ ।
- **୨ୟ କରିନ୍ଥୀୟ ୧୨:୭–୧୦ ପଦରେ** ଈଶ୍ୱର ପାଉଲଙ୍କୁ ଦୁଃଖ ଭୋଗ କରିବାକୁ କାହିଁକି ଦେଇଥିଲେ, ତା'ର ଏକ କାରଣ ଦେଖନ୍ତୁ ।

ସାହାଯ୍ୟକାରୀ ଯତ୍ନଶୀଳଙ୍କ ସହିତ ପ୍ରାର୍ଥନା କରି ତାଙ୍କୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରନ୍ତି, ଆମେ ଦୁଃଖଭୋଗ କରୁ ବୋଲି ଈଶ୍ୱର ଇଚ୍ଛା କରନ୍ତି ନାହିଁ । ଯୀଶୁ ଆମର ଦୁଃଖଭୋଗକୁ ନିଜ ଉପରେ ନେବାକୁ ଆସିଥିଲେ । ଆମେ ଯଦି ଈଶ୍ୱରଙ୍କ ଉପରେ ନିର୍ଭର କରୁ, ତେବେ ସେ ଆମ ଦୁଃଖଭୋଗରେ କିଛି ଉତ୍ତମ ବିଷୟ ବାହାର କରିବେ, ଯେପରି ସେ ଯୀଶୁ, ପାଉଲ ଓ ଆୟୁବଙ୍କ ଦୁଃଖଭୋଗରୁ ଉତ୍ତମ ବିଷୟ ବାହାର କରିଥିଲେ । ବର୍ତ୍ତମାନ ମୁଁ ତୁମକୁ **ଜଣେ ଅନ୍ଧ ଲୋକ**ଙ୍କ ବିଷୟରେ କହୁଛି, **ଯାହାକୁ କେହି ବିଶ୍ୱାସ କରୁ ନ ଥିଲେ ।**

### ଅନୁଶୀଳନୀ

- ଯୋହନ ୯ ପର୍ବରେ ଦେଖନ୍ତୁ ଯେ, ମନୁଷ୍ୟର ଅନ୍ଧତ୍ୱ ହେତୁ କିଛି ଉତ୍ତମ ବିଷୟ ହୋଇଥାଏ ।
- **ଯାକୁବ ୫:୧୩–୨୦ ପଦରେ** ଲୋକମାନଙ୍କ ଭଲ ଓ ମନ୍ଦ ସମୟରେ ସେମାନଙ୍କ ପ୍ରତି ଉପଦେଶ ଦେଖନ୍ତୁ ।
- **ଏବ୍ରୀ ୧୨:୫–୧୨ ପଦରେ** ଯେଉଁ ବିଶ୍ୱାସୀ ଗୋଟିଏ ପାପ କରି ଚାଲିଥାଏ ତାକୁ ଈଶ୍ୱର କାହିଁକି ଦଣ୍ଡ ଦିଅନ୍ତି, ତା'ର ଏକ ମୁଖ୍ୟ କାରଣ ଦେଖନ୍ତୁ ।

ସେମାନେ ଯତ୍ନଶୀଳଙ୍କ ଗୃହ ପରିତ୍ୟାଗ କରିବା ପରେ, ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ କହନ୍ତି, ତୁମେ ଉତ୍ତମ ଉପଦେଶ ଦେଲ । ତୁମେ ସେପରି ହେବ ବୋଲି ମୁଁ ଜାଣିଥିଲି । ସେଥିପାଇଁ ମୁଁ ନୀରବ ରହିଥିଲି ।

ପରଦିନ ସାହାଯ୍ୟକାରୀ ତାଙ୍କ ସ୍ତ୍ରୀ ରାଚେଲଙ୍କୁ ନେଇ ଯତ୍ନଶୀଳଙ୍କ ସ୍ତ୍ରୀ କାର୍‌ମେନ୍‌ଙ୍କ ପାଖକୁ ଯାଆନ୍ତି । ରାଚେଲ ମଧ୍ୟ ପରିଦର୍ଶନ ଓ ଉପଦେଶ ଦେବା ବିଷୟରେ ପାଠ କରନ୍ତି । ସେ କାର୍‌ମେନ୍‌ଙ୍କୁ ବୁଝାନ୍ତି, ତୁମର ଦୁଃଖଭୋଗର ଅର୍ଥ ଏହା ନୁହେଁ ଯେ, ଈଶ୍ୱର ତୁମକୁ ପରିତ୍ୟାଗ କରିଅଛନ୍ତି ।

ପରେ ସେମାନେ ଏକତ୍ର ହୋଇ ସେମାନଙ୍କ ନିରୁତ୍ସାହ ଭାବର ମୂଳ କାରଣ ଖୋଜିବାକୁ ଚେଷ୍ଟା କଲେ । ଯତ୍ନଶୀଳ କହନ୍ତି, ମୂଳ କାରଣଟି ମୁଁ ଜାଣିଛି । ମୁଁ ମୋ' ପରିବାରକୁ ଈଶ୍ୱରଙ୍କ ବିଶ୍ୱସ୍ତତାକୁ ଭୁଲିଯିବାକୁ ଦେଇଥିଲି । ଆମେ ପାରିବାରିକ ପ୍ରାର୍ଥନା କରୁ ନ ଥିଲୁ । ଆସ ବର୍ତ୍ତମାନ ଏକତ୍ର ପ୍ରାର୍ଥନା କରି ଈଶ୍ୱର ଆୟୁବଙ୍କ ପ୍ରତି ଯେପରି କରିଥିଲେ, ଆମ ଦୁଃଖଭୋଗରୁ ମଧ୍ୟ ସେହିପରି ଉତ୍ତମତା ଆଣିବେ ବୋଲି ତାହାଙ୍କୁ ନିବେଦନ କରିବା ।

ସାହାଯ୍ୟକାରୀଙ୍କ ମଣ୍ଡଳୀର କେତେକ ସଦସ୍ୟ ଅନେକ ଦିନ ପର୍ଯ୍ୟନ୍ତ ସେହି ପରିବାରକୁ ସାହାଯ୍ୟ କରିବା ପାଇଁ ଖାଦ୍ୟ ଯୋଗାନ୍ତି । ପରିବାରର ବିଶ୍ୱାସ ବଢ଼ିଯାଏ ଓ ସେମାନେ ମଣ୍ଡଳୀକୁ ଫେରନ୍ତି । ଈଶ୍ୱର ଶୀଘ୍ର ସେମାନଙ୍କ ଶାରୀରିକ ରୋଗ ଦୂର କରନ୍ତି । ଯତ୍ନଶୀଳ ଅନ୍ୟମାନଙ୍କୁ ପରିଦର୍ଶନ କରି ଯୀଶୁ ଯେ ସେମାନଙ୍କୁ ସାନ୍ତ୍ୱନା ଦେଇଛନ୍ତି, ତାହା କହନ୍ତି । ସେ ଉକ୍ତ ସାହାଯ୍ୟକୁ ବର୍ଣ୍ଣନା କରିବାକୁ ଭଲ ପାଆନ୍ତି, ଈଶ୍ୱର ମନ୍ଦ ବିଷୟ ବ୍ୟବହାର କରି ଆମ ପ୍ରତି ଉତ୍ତମ ବିଷୟ ଆଣିଅଛନ୍ତି ।

ଏକ ଉପାସନା ସେବାକାର୍ଯ୍ୟରେ ସାହାଯ୍ୟକାରୀ ଘୋଷଣା କରନ୍ତି, ଯତ୍ନଶୀଳ ଓ କାର୍‌ମେନ୍ ବହୁତ ଲୋକଙ୍କୁ ଯେଉଁ ବିଷୟ କହୁଛନ୍ତି, ସେହି ସମ୍ବେଦନଶୀଳ ଯତ୍ନ ବିଷୟ ମଣ୍ଡଳୀ ଜାଣିଛି । ପ୍ରେରିତ ୬ ପର୍ବ ଅନୁସାରେ ଆମେ ବର୍ତ୍ତମାନ ସେମାନଙ୍କ ଉପରେ ହସ୍ତାର୍ପଣ କରି ସେମାନଙ୍କୁ ଦିକନ କରିବା । ଦଳ ଆନନ୍ଦ କରେ ।

## ବ୍ୟାବହାରିକ କାର୍ଯ୍ୟ

- ଯେଉଁମାନଙ୍କର ସମସ୍ୟା ଅଛି ସେମାନଙ୍କୁ ପରିଦର୍ଶନ କରି ଉପଦେଶ ଦେବାର ସେବାକାର୍ଯ୍ୟ କରନ୍ତୁ । ଆପଣଙ୍କ ମଣ୍ଡଳୀରେ ଯେଉଁମାନେ ଅନ୍ୟମାନଙ୍କୁ ଉପଦେଶ ଦେବାରେ ଆନନ୍ଦ ପାଆନ୍ତି, ସେମାନଙ୍କୁ ଖୋଜନ୍ତୁ । ଏହି ଭାଗରେ ଥିବା କାହାଣୀ ବ୍ୟବହାର କରି ସେମାନଙ୍କୁ ଉତ୍ସାହିତ ଓ ଉଜ୍ଜୀବିତ କରିବାକୁ ସେମାନଙ୍କୁ ଶିକ୍ଷା ଦିଅନ୍ତୁ ।
- ସମସ୍ୟା ଥାଉ ବା ନ ଥାଉ ସମସ୍ତେ ଯେପରି ନିୟମିତ ରୂପେ ପରିଦର୍ଶନ ଲାଭ କରିପାରିବେ ସେହିପରି ପ୍ରସ୍ତୁତ କରନ୍ତୁ ।
- ୧ମ ଭାଗରେ ଥିବା ଯୀଶୁଙ୍କ ମୌଳିକ ଆଜ୍ଞାଗୁଡ଼ିକ ପାଳନ କରିବା ପାଇଁ ନୂଆ ବିଶ୍ୱାସୀମାନଙ୍କୁ ଶିକ୍ଷା ଦିଅନ୍ତୁ ।
- ନୂଆ ବିଶ୍ୱାସୀମାନଙ୍କ ସହିତ ଉଦ୍ଧାରପ୍ରାପ୍ତ ହୋଇ ନ ଥିବା ସେମାନଙ୍କ ସାଙ୍ଗମାନଙ୍କୁ ପରିଦର୍ଶନ କରି ସାକ୍ଷ୍ୟ ଦିଅନ୍ତୁ ।
- ଦୁର୍ବଳ, ପୀଡ଼ିତ ଓ ଅଭାବଗ୍ରସ୍ତ ବୟସ୍କ ବ୍ୟକ୍ତିଙ୍କ ବିଶେଷ ଯତ୍ନ ନିଅନ୍ତୁ ।

## ୩-୯ ସେବାକାର୍ଯ୍ୟ ୯
# ବିବାହ ଓ ସମ୍ପୂର୍ଣ୍ଣ ପରିବାରର ବିଶ୍ୱାସ ଦୃଢ଼ୀଭୂତ କରନ୍ତୁ

ଶ୍ରୀ ବୋକା ଶିକ୍ଷାର୍ଥୀଙ୍କ ଘରେ ତାଙ୍କର ବିକ୍ରୀ ଗାଡ଼ିରେ ବିକ୍ରୀ କରିବା ପାଇଁ ଅନେକ ଜିନିଷ ଧରି ପହଞ୍ଚନ୍ତି। ଏଇଟା ଦେଖ, ସେ କହନ୍ତି, ଏହା ଏକ ନୂଆ ପ୍ରକାର ବ୍ୟାଟେରୀ, ଯାହାକି କେବେ ସରିଯିବ ନାହିଁ। ତୁମ ପାଇଁ ଏଥିରୁ ବାରଟି ଥିବା ଗୋଟିଏ ବାକ୍ସ କିଣ।

ଶିକ୍ଷାର୍ଥୀ ପ୍ରଶ୍ନ କରନ୍ତି, ସେଗୁଡ଼ିକ ଯଦି କେବେ ସରିଯିବ ନାହିଁ, ତେବେ ମୁଁ ଏତେଗୁଡ଼ିଏ କାହିଁକି କିଣିବି ? ତୁମେ ସେହି ଜିନିଷ ଲୁଗାରେ ଗୁଡ଼ାଇଛ କାହିଁକି ?

ଏହା ମୋର ବ୍ୟକ୍ତିଗତ ଅଟେ। ଶିକ୍ଷାର୍ଥୀ ଲୁଗାଟି ବାହାର କରି ଦେଖନ୍ତି ଯେ ମୂର୍ତ୍ତିଗୁଡ଼ିକ ଅଛି, କେତେକ ଲୋକ ଏହି ମୂର୍ତ୍ତିପୂଜା କରନ୍ତି।

ଏଗୁଡ଼ିକ କେବଳ ଘରକୁ ସୁସଜ୍ଜିତ କରିଥାଏ ! ଶ୍ରୀ ବୋକା ସ୍ପଷ୍ଟ ରୂପେ କହନ୍ତି।

ତାହାହେଲେ ତୁମେ ସେଗୁଡ଼ିକୁ ଲୁଚାଇଛ କାହିଁକି ?

ମୁଁ ଜାଣିଥିଲି ଯେ ତୁମେ ଏଥିରେ ସମ୍ମତ ହେବ ନାହିଁ ! ତୁମେ ସଂକୀର୍ଣ୍ଣମନା ଅଟ ! ତୁମର ଯଦି ଦୃଢ଼ ବିଶ୍ୱାସ ଥା'ନ୍ତା, ତେବେ ମୂର୍ତ୍ତିଗୁଡ଼ିକ ବାସ୍ତବିକ କିଛି ନୁହନ୍ତି ବୋଲି ଜାଣି ଏ ବିଷୟରେ ଏତେ ଗୋଳମାଳ କରି ନ ଥା'ନ୍ତ। ମୋର ଦୃଢ଼ ବିଶ୍ୱାସ ରହିଛି, ତେଣୁ ମୁଁ ବିନା ବାଧାରେ ଏ ମୂର୍ତ୍ତିସବୁ ବିକ୍ରି କରିପାରୁଛି।

ମୁଁ ତୁମର ଯୁକ୍ତି ବୁଝି ପାରୁ ନାହିଁ, ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ଯେଉଁ ବିଜାତୀୟ ସେଗୁଡ଼ିକ କିଣୁଛନ୍ତି, ସେମାନେ ସେଗୁଡ଼ିକ ପୂଜା କରୁଛନ୍ତି।

ବାସ୍ତବରେ ତୁମର ବିଶ୍ୱାସ ନାହିଁ। ମଣ୍ଡଳୀରେ ମୋ' ବ୍ୟତୀତ ଆଉ କାହାର ପ୍ରକୃତ ବିଶ୍ୱାସ ନାହିଁ। ତୁମ୍ଭେମାନେ ଉତ୍ତମ ଜୀବନ ଯାପନ କରୁଛ, ମାତ୍ର ସମସ୍ତଙ୍କ ପରିବାରରେ ସମସ୍ୟା ରହିଛି। ସ୍ୱାମୀମାନେ ନିଜ ନିଜ ସ୍ତ୍ରୀମାନଙ୍କ ସହ କଳି କରି ପିଲାମାନଙ୍କୁ ଅବହେଳା କରୁଛନ୍ତି। ସେମାନଙ୍କର ବିଶ୍ୱାସ ନାହିଁ ! ମୁଁ ମୋ' ପରିବାରକୁ ଶୃଙ୍ଖଳାରେ ରଖିଛି। ମୋ' ସ୍ତ୍ରୀ ମୋ' କଥା ନ ମାନିଲେ, ମୁଁ ତାହା ସହ୍ୟ କରିଥାଏ।

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ଏହା ସତ୍ୟ ଯେ ଆମ ପରିବାରଗୁଡ଼ିକରେ ସମସ୍ୟା ରହିଛି, ପୁଣି ତୁମର ପରିବାରରେ ମଧ୍ୟ ସେହିପରି ସମସ୍ୟା ରହିଥିବାର ମନେ ହୁଏ। ମୁଁ ଶ୍ରୀ ଜ୍ଞାନୀଙ୍କୁ କହିଥିଲି ଯେ, ଆମେ ସମସ୍ତ ପରିବାରର ବିଶ୍ୱାସକୁ ସୁଦୃଢ଼ କରିବା ଆବଶ୍ୟକ। ସେ ମୋତେ ବିଶ୍ୱାସବୀର ଅବ୍ରହାମଙ୍କ ବିଷୟରେ ଏହି ଅଧ୍ୟୟନ ଦେଇଥିଲେ। ଆସ ଏହା ପଢ଼ିବା। ମାତ୍ର ପ୍ରଥମେ, ତୁମେ ମୋ'ଠାରେ ପ୍ରତିଜ୍ଞା କର ଯେ, ତୁମେ ଆଉ ଏହି ମୂର୍ତ୍ତିଗୁଡ଼ିକ ବିକ୍ରୀ କରିବ ନାହିଁ।

ଶ୍ରୀ ବୋକା ଅସ୍ପଷ୍ଟ ସ୍ୱରରେ ଅସନ୍ତୋଷ ପ୍ରକାଶ କରନ୍ତି, ତୁମ କଥା ହେଉ। ଏହାପରେ ମୁଁ ଆଉ ବିକ୍ରୀ କରିବି ନାହିଁ। ମୋ ମଣ୍ଡଳୀରେ ସମସ୍ୟା ହେଉ ବୋଲି ମୁଁ ଇଚ୍ଛା କରୁ ନାହିଁ।

ଶିକ୍ଷାର୍ଥୀ କହନ୍ତି, ଉତ୍ତମ। ବର୍ତ୍ତମାନ ଆସ ପ୍ରକୃତ ବିଶ୍ୱାସ ବିଷୟରେ ଆମେ **ବିଶ୍ୱାସବୀର ଅବ୍ରହାମ**ଙ୍କ ବିଷୟରେ ଅଧ୍ୟୟନ କରିବା। ଈଶ୍ୱର ଅବ୍ରହାମଙ୍କୁ ପ୍ରତିଜ୍ଞା କରିଥିଲେ ଯେ, ତାଙ୍କର ଜଣେ ବଂଶଧରଙ୍କ ମାଧ୍ୟମରେ ସେ ସମସ୍ତ ଜାତିକୁ ଆଶୀର୍ବାଦ କରିବେ। ସେ ହେଉଛନ୍ତି ଯୀଶୁ। ଅବ୍ରହାମ ଏହି ପ୍ରତିଜ୍ଞାକୁ ବିଶ୍ୱାସ କରିଥିଲେ।

### ଅନୁଶୀଳନୀ

ଅବ୍ରହାମଙ୍କ ଗତବୟସ୍କ ଓ ବନ୍ଧ୍ୟା ସ୍ତ୍ରୀ ସାରାଙ୍କୁ କିଏ ସନ୍ତାନ ପ୍ରସବ କରାଇଥିଲା, ତାହା **ଆଦି ପୁସ୍ତକ ୨୧:୧-୭ ପଦ**ରେ ଦେଖନ୍ତୁ।

**ଆଦିପୁସ୍ତକ ୨୨:୧-୮ ପଦ**ରେ ଦେଖନ୍ତୁ :

- ଈଶ୍ୱର କିପରି ଅବ୍ରହାମଙ୍କ ବିଶ୍ୱାସ ପରୀକ୍ଷା କରିଥିଲେ ?
- ଈଶ୍ୱର ଅବ୍ରହାମଙ୍କ ପୁତ୍ରଙ୍କୁ କିପରି ଉଦ୍ଧାର କରିଥିଲେ ?
- ଅବ୍ରହାମ ଈଶ୍ୱରଙ୍କ ଉପରେ ନିର୍ଭର କରୁଥିବାରୁ ଈଶ୍ୱର ତାଙ୍କ ପ୍ରତି କେଉଁ ପ୍ରତିଜ୍ଞା କରିଥିଲେ ?

ଶ୍ରୀ ବୋକା ଶିକ୍ଷାର୍ଥୀଙ୍କ ଘର ସମ୍ମୁଖରେ ତାଙ୍କ ଗାଡ଼ି ଉପରେ କିଛି ସମୟ ଆଉଜି ପଡ଼ନ୍ତି। ତା'ପରେ ସେ ଟିପ୍ପଣୀ ଦିଅନ୍ତି, ଆଜିର ମନୁଷ୍ୟ ଅପେକ୍ଷା ଅବ୍ରହାମଙ୍କର ବହୁତ ବିଶ୍ୱାସ ଥିଲା। ସେ ଓ ତାଙ୍କ ସ୍ତ୍ରୀ ବହୁତ ପୂର୍ବରୁ ସେସବୁ କରିଥିଲେ। ଆଜି ଆମେ ଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛୁ।

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ଆଜି ଆମ ପ୍ରତି ଅବ୍ରହାମଙ୍କ ଉଦାହରଣ ପ୍ରୟୋଗ କରାଯାଇଥାଏ। ଈଶ୍ୱର ତାଙ୍କୁ ଏକ ପୁତ୍ର ସନ୍ତାନ ଦେଇଥିଲେ, ଯାହାଙ୍କ ମାଧ୍ୟମରେ ସମସ୍ତ ଜାତିକୁ ଆଶୀର୍ବାଦ କରିବା ପାଇଁ ତାହାଙ୍କ ପ୍ରତିଜ୍ଞା ସଫଳ ହେବ। ସେଥିରେ ଆମେ ମଧ୍ୟ ସମ୍ପୃକ୍ତ। ସେ ଅବ୍ରହାମଙ୍କ ବିଶ୍ୱାସ ପରୀକ୍ଷା କରିବା ପାଇଁ ତାଙ୍କୁ ତାଙ୍କ ପୁତ୍ରଙ୍କୁ ବଳିଦାନ କରିବା ପାଇଁ, ତାଙ୍କୁ ଏକ ଯଜ୍ଞବେଦି ସମ୍ମୁଖରେ ବଧ କରିବା ପାଇଁ କହନ୍ତି। ଅବ୍ରହାମ ଈଶ୍ୱରଙ୍କ ପ୍ରତି ଏତେ ବିଶ୍ୱାସ କରିଥିଲେ ଯେ, ତାହାଙ୍କ ଆଜ୍ଞାବହ ହୋଇଥିଲେ, ପୁଣି ଈଶ୍ୱର ମେଷଛୁଆ ପଠାଇ ଇସ୍‌ହାକ ସ୍ଥାନରେ ତାକୁ ମରିବାକୁ ଦେଇଥିଲେ। ଏହା ଏକ ଉଦାହରଣ ଥିଲା, ଏକ ଭାବବାଣୀ ଥିଲା ଯେ, ଯୀଶୁ

କିପରି ଆମ ସ୍ଥାନରେ ୨,୦୦୦ ବର୍ଷ ପରେ
ମୃତ୍ୟୁଭୋଗ କରିବେ। ଅବ୍ରହାମଙ୍କ ବଂଶଧର,
ଯୀଶୁଙ୍କ ମାଧ୍ୟମରେ ଈଶ୍ୱର ପୃଥିବୀର ସମସ୍ତ
ପରିବାରକୁ ଆଶୀର୍ବାଦ କରିବା ପାଇଁ ଆପଣା ପ୍ରତିଜ୍ଞା
ସଫଳ କରିଥିଲେ।

ସେ ମୋତେ ଅଧିକ ବିକ୍ରୀ କରିବାକୁ ଆଶୀର୍ବାଦ
କରିପାରିବେ।

ତୁମ ସ୍ତ୍ରୀଙ୍କୁ ମାଡ଼ ମାରିବା ବିଷୟରେ, ତାହା ଠିକ୍
ନୁହେଁ। ଈଶ୍ୱର ବିବାହ ସ୍ଥାପନ କରି ଏହାକୁ ଉତ୍ତମ
କରିଥିଲେ। ସେ ଆମକୁ ସନ୍ତାନ ଦେଇ ସେମାନଙ୍କୁ
ଆଶୀର୍ବାଦ କରନ୍ତି। ଆମେ ତାହାଙ୍କ ପରିଚାଳନାରେ
ଆମ ପରିବାର ଚଳାଇଲେ ସହାବସ୍ଥାନରେ ବାସ କରିପାରିବା।

**ଅନୁଶୀଳନୀ**

**ଏଫିସୀୟ ୫:୨୧–୩୩** ପଦରେ ଦେଖନ୍ତୁ :

- ଖ୍ରୀଷ୍ଟିୟାନ ସ୍ତ୍ରୀମାନେ କାହା ପ୍ରତି ସମର୍ପିତ ହେବା ଉଚିତ୍?
- ଜଣେ ଖ୍ରୀଷ୍ଟିୟାନ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀଙ୍କଠାରୁ ଏହି ସମର୍ପଣ ଲାଭ କରିବା ପାଇଁ କ'ଣ କରିବାକୁ ପଡ଼ିବ?
- ଜଣେ ମନୁଷ୍ୟ ତାଙ୍କ ସ୍ତ୍ରୀଙ୍କୁ କେତେ ଅଧିକ ପ୍ରେମ କରିବେ?
- ଖ୍ରୀଷ୍ଟିୟାନ ବିବାହ କାହାର ଉଦାହରଣ ଅଟେ?

**ଏଫିସୀୟ ୬:୧–୩ ପଦ** ପାଠ କରନ୍ତୁ :

- ଏକ ଖ୍ରୀଷ୍ଟିୟାନ ଗୃହରେ ପିଲାମାନଙ୍କ କର୍ତ୍ତବ୍ୟ କ'ଣ ଅଟେ?
- ପିତାମାତାଙ୍କ କର୍ତ୍ତବ୍ୟ କଅଣ?

ଶିକ୍ଷାର୍ଥୀଙ୍କ ଘରର ଦ୍ୱାର ମୁହଁରେ ଶ୍ରୀ ବୋକାଙ୍କ ଗାଡ଼ି ନିକଟରେ ଛିଡ଼ା ହୋଇଥିବା ସମୟରେ ଶିକ୍ଷାର୍ଥୀ ଶ୍ରୀ ବୋକାଙ୍କୁ ବର୍ଣ୍ଣନା କରି କହନ୍ତି, ଶାସ୍ତ୍ର ଆମକୁ କହେ ଯେ, ମନୁଷ୍ୟ ଓ ସ୍ତ୍ରୀ ବିବାହରେ ଏକତ୍ର ହେବା ପାଇଁ ସେମାନଙ୍କ ପିତାମାତାଙ୍କୁ ପରିତ୍ୟାଗ କରିବେ। ସେମାନଙ୍କ ଅବଶିଷ୍ଟ ଜୀବନରେ ସେମାନେ ପରସ୍ପର ପ୍ରତି ବିଶ୍ୱସ୍ତ ରହିବାକୁ ପଡ଼ିବ। ସ୍ୱାମୀ ଆତ୍ମ ତୁଲ୍ୟ ନିଜ ସ୍ତ୍ରୀକୁ ପ୍ରେମ କରିବା ଉଚିତ୍। ସ୍ତ୍ରୀ ସ୍ୱାମୀଙ୍କୁ ସମ୍ମାନ ଦେଇ ତାଙ୍କ ପ୍ରତି ସମର୍ପିତ ହେବା ଉଚିତ୍। ସ୍ୱାମୀ ତାଙ୍କୁ କ୍ରୋଧ କଥା ଓ ଧମକ ଦେଇ ଶାସନ କରିବେ ନାହିଁ। ବରଂ, ପାଉଲ ସେମାନଙ୍କୁ ପରସ୍ପର ପ୍ରତି ସମର୍ପିତ ହେବା ପାଇଁ କହିଛନ୍ତି। ଜଣେ ସ୍ୱାମୀ ଯଦି ତାଙ୍କ ସ୍ତ୍ରୀଙ୍କୁ ପ୍ରେମ କରନ୍ତି ଓ ନିଜ ପରିବାରର ଯତ୍ନ ନିଅନ୍ତି, ତେବେ ସ୍ତ୍ରୀ ଖୁସିରେ ତାଙ୍କର ଅନୁସରଣ କରିବେ।

ଶ୍ରୀ ବୋକା ବାଧା ଦିଅନ୍ତି, ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ଖ୍ରୀଷ୍ଟିୟାନ ହୋଇଥିବେ, ତେବେ କେବଳ ଏହା ହେବ। ମୋର ସ୍ତ୍ରୀ ଖ୍ରୀଷ୍ଟିୟାନ ନୁହେଁ। ସେ ଏ ବିଷୟରେ ଅଜ୍ଞ। ମୁଁ ତାଙ୍କୁ ଛାଡ଼ପତ୍ର ଦେଇ ଜଣେ ଖ୍ରୀଷ୍ଟିୟାନ ଯୁବତୀଙ୍କୁ ବିବାହ କରିବାକୁ ଯୋଜନା କରୁଛି! ତା'ହେଲେ ମୋର ପିଲାମାନଙ୍କ ବ୍ୟବହାର ଉତ୍ତମ ହେବ!

ଶିକ୍ଷାର୍ଥୀ ବର୍ଣ୍ଣନା କରନ୍ତି, ନା! ୧ମ କରିନ୍ଥୀୟ ୭:୧୦–୧୬ ପଦରେ ପାଉଲ ଆମକୁ କହିଛନ୍ତି ଯେ, ସାଥୀଟି ଯଦି ଇଚ୍ଛା କରୁଛି ତେବେ ସେ ଅବିଶ୍ୱାସୀ ହେଲେ ମଧ୍ୟ ତା' ସହିତ ବାସ କର। ସେ ଅବିବାହିତ ବିଶ୍ୱାସୀମାନଙ୍କୁ କେବଳ ଖ୍ରୀଷ୍ଟଙ୍କ ଅନୁଗାମୀମାନଙ୍କୁ ବିବାହ କରିବାକୁ କହନ୍ତି। ଆମ ପିଲାମାନଙ୍କୁ କିପରି ତାଲିମ ଦେବାକୁ ହେବ, ସେ ବିଷୟରେ ମଧ୍ୟ ପାଉଲ ଆମକୁ କହନ୍ତି। ଶିକ୍ଷାର୍ଥୀ ଅନୁଚ୍ଛେଦଟି ପାଠ କରିବାକୁ ଆରମ୍ଭ କରନ୍ତି, ମାତ୍ର ଶ୍ରୀ ବୋକା ସ୍ଥାନ ତ୍ୟାଗ କରନ୍ତି।

## ପିଲାମାନଙ୍କୁ ତାଲିମ ଦେଇ ଖ୍ରୀଷ୍ଟଙ୍କଠାରେ କିପରି ବିଶ୍ୱାସୀ କରାଇବେ

ପରବର୍ତ୍ତୀ ସଭାରେ ଶିକ୍ଷାର୍ଥୀ ତାଙ୍କ ମଣ୍ଡଳୀକୁ କହନ୍ତି, ଆମକୁ ଆମର ପାରିବାରିକ ଜୀବନ ସୁଦୃଢ଼ କରିବାକୁ ପଡ଼ିବ। ଏଫିସୀୟ ୬:୧–୪ ପଦରେ ପାଉଲ ପିଲାମାନଙ୍କୁ ସେମାନଙ୍କ ପିତାମାତାଙ୍କ ଆଜ୍ଞାବହ ହୋଇ ପ୍ରଭୁଙ୍କଠାରେ ରହିବାକୁ କହିଥିଲେ, ଯେପରି ସେମାନେ ବହୁତ ବର୍ଷ ଉତ୍ତମ ଜୀବନ ଯାପନ କରିପାରିବେ। ସେ ପିତାମାତାଙ୍କୁ କହନ୍ତି ଯେ, ସେମାନେ ସେମାନଙ୍କ ପିଲାମାନଙ୍କୁ ଉତ୍ତମ ରୂପେ ତାଲିମ ଦେବେ, ସେମାନଙ୍କୁ ଅଯଥା ସହଜରେ ପାଳନୀୟ ହୋଇପାରୁ ନ ଥିବା ଆଜ୍ଞାସବୁ ଦେଇ ବିରକ୍ତ ନ କରିବାକୁ କହନ୍ତି। ଉତ୍ତମ ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ସେମାନଙ୍କ ଆଜ୍ଞାବହ ହେବାକୁ ଶିକ୍ଷା ଦିଅନ୍ତି। ଆପଣମାନେ ସେମାନଙ୍କୁ ବାଇବଲରୁ କାହାଣୀ କହି ସେମାନଙ୍କୁ ପ୍ରାର୍ଥନା ଓ ଯୀଶୁଙ୍କ ଆଜ୍ଞା ଶିକ୍ଷା ଦେଇପାରିବେ। ପ୍ରତ୍ୟେକ ପରିବାରରେ ପାରିବାରିକ ଉପାସନା ନିମନ୍ତେ ଏକ ନିୟମିତ ସମୟ କରିବା ଉଚିତ୍। ଏଲୀଯାଜକଙ୍କ ଉତ୍ତମ ଓ ମନ୍ଦ ପୁତ୍ରଙ୍କ ବିଷୟରେ ଆସନ୍ତୁ ଶିକ୍ଷା କରିବା।

**ଅନୁଶୀଳନୀ**

**୧ମ ଶାମୁୟେଲ ୩ ପର୍ବ**ରେ ଦେଖନ୍ତୁ :

- ଏଲୀ ତାଙ୍କୁ ଡାକୁଛନ୍ତି ବୋଲି ଜାଣିବା ପରେ ଶାମୁୟେଲ କେତେ ଶୀଘ୍ର ତାଙ୍କ ଆଜ୍ଞାବହ ହୋଇଥିଲେ?
- ଏଲୀ ତାଙ୍କ ବିଦ୍ରୋହୀ ପୁତ୍ରମାନଙ୍କ ପ୍ରତି କ'ଣ କରିପାରୁ ନ ଥିଲେ?

ଶିକ୍ଷାର୍ଥୀ ତାଙ୍କ ଘରେ ସଭା କରୁଥିବା ମଣ୍ଡଳୀକୁ ବୁଝାଇବାକୁ ଲାଗନ୍ତି, ଈଶ୍ୱର ଏଲୀଙ୍କୁ ତାଙ୍କ ପୁତ୍ରମାନଙ୍କୁ ସଂଶୋଧନ କରିବାକୁ ସତର୍କ କରିଦିଅନ୍ତି। ଇସ୍ରାଏଲର ମହାଯାଜକ ରୂପେ ଏଲୀ ସାରା ଜାତିକୁ ଏକ ମନ୍ଦ ଉଦାହରଣ ଦେଉଥିଲେ। ତାଙ୍କ ପୁତ୍ରଗଣ ସେମାନଙ୍କ କ୍ଷମତାପନ୍ନ ପଦବୀକୁ ଅପବ୍ୟବହାର କରି ଲୋକମାନଙ୍କ ବସ୍ତୁସବୁ ଚୋରି କରୁଥିଲେ ଓ ସେମାନଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେ, ମାତ୍ର ଏଲୀ ସେମାନଙ୍କୁ ଏଥିରୁ ନିବୃତ କରୁ ନ ଥିଲେ। ଏଲୀ ତାଙ୍କ ପୁତ୍ରମାନଙ୍କୁ ସଂଶୋଧନ ନ କରିବାରୁ, ସେମାନେ

ସମସ୍ତେ ମୃତ୍ୟୁଭୋଗ କରିଥିଲେ। ଅନ୍ୟ ପକ୍ଷରେ ଶାମୁୟେଲଙ୍କ ପିତାମାତାମାନେ ଶାମୁୟେଲଙ୍କୁ ଆନନ୍ଦରେ ଆଜ୍ଞାବହ ହେବା ପାଇଁ ଶିକ୍ଷା ଦେଇଥିଲେ। ତାଙ୍କର ଆଜ୍ଞାବହତା ହେତୁ ଈଶ୍ୱର ତାଙ୍କୁ ସାରା ଜୀବନ ଆଶୀର୍ବାଦ କରିଥିଲେ।

ଶିକ୍ଷାର୍ଥୀ ତାଙ୍କ ଲୋକମାନଙ୍କୁ ପଚାରନ୍ତି ଯେ, ସେମାନଙ୍କ ପରିବାର ପାଇଁ ସେମାନେ କ'ଣ ଯୋଜନା କରିଛନ୍ତି। ଶିକ୍ଷାର୍ଥୀଙ୍କ ଅନୁଗତ ହୋଇଥିବା ଯାକୁବ, ଯେ କି ବର୍ତ୍ତମାନ ଖ୍ରୀଷ୍ଟଙ୍କଠାରେ ବହୁତ ଶୀଘ୍ର ବୃଦ୍ଧି ପାଉଛନ୍ତି ସେ ଉତ୍ତର ଦିଅନ୍ତି, ପିତାମାତା ରୂପେ ଆମେ ଆମ ସନ୍ତାନମାନଙ୍କୁ ସେମାନଙ୍କ ଯୌବନ କାଳରେ ତାଲିମ ଦେଇ ସେମାନଙ୍କୁ ଆତ୍ମିକ ବିପଦରୁ ସୁରକ୍ଷିତ କରିଥାଉ। ସେମାନେ କ'ଣ କରନ୍ତୁ ବୋଲି ଆମର ଇଚ୍ଛା ଆମେ ତାଙ୍କୁ ଜଣାଇଥାଉ। ଆମେ ଆଶା କରୁ ଯେ, ସେମାନେ ଶାମୁୟେଲଙ୍କ ପରି ଶୀଘ୍ର ଆଜ୍ଞାବହ ହେବେ। ସେମାନେ ଯଦି ଶୀଘ୍ର ଓ ହୃଷ୍ଟଚିତ୍ତରେ ଆଜ୍ଞାବହ ହେବେ ନାହିଁ, ତେବେ ଆମେ ସେମାନଙ୍କୁ ସଂଶୋଧନ କରିବା। ମାଆମାନେ କ'ଣ ଏଥିରେ ରାଜି ଅଛନ୍ତି ?

କିଛି ସମୟର ନୀରବତା ପରେ ସାରା ଉତ୍ତର ଦିଅନ୍ତି, ମୁଁ ରାଜି, ଯାକୁବ। ହିତୋପଦେଶ ୧୩:୨୪ ପଦ କହିଥାଏ ଯେ, ଅତି ସାନ ପିଲାମାନଙ୍କୁ ଆମେ ଶାରୀରିକ ଭାବରେ ସଂଶୋଧନ କଲେ, ସେମାନେ ଶୀଘ୍ର ଶିକ୍ଷା କରିଥା'ନ୍ତି। ବଡ଼ ପିଲାମାନେ ଅନାଜ୍ଞାବହ ହେଲେ, ଆମେ ଯଦି କିଛି ସମୟ ପାଇଁ ସେମାନଙ୍କଠାରୁ କିଛି ବିଷୟ ନେଇଯାଉ, ତେବେ ସେମାନେ ଆମର ଆଜ୍ଞାବହ ହୋଇଥା'ନ୍ତି। ଆମକୁ ଆମ ପିଲାମାନଙ୍କୁ ସମ୍ମାନ କରିବାକୁ ପଡ଼ିବ, ସେମାନଙ୍କ ପ୍ରତି ବିରକ୍ତ ହୋଇ ସେମାନଙ୍କୁ ନାମ ଧରି ଡାକିବା ଅନୁଚିତ୍। ଆମେ କ୍ରୋଧାନ୍ୱିତ ହୋଇ ସେମାନଙ୍କୁ ସଂଶୋଧନ କରିବା ଅନୁଚିତ୍, ନଚେତ୍ ଆମେ ସେମାନଙ୍କ କ୍ଷତି କରିଦେବା। ପୁଣି ଆମେ ନିଶ୍ଚିତ ହେବା ଉଚିତ୍ ଯେ, ଉଭୟ ପିତାମାତା ସେମାନଙ୍କୁ ସମାନ ନିୟମ ଶିକ୍ଷା ଦେବେ।

ଏହିପରି ସଭାରେ ଦବୋରା ପ୍ରଥମ ଥର ପାଇଁ କହନ୍ତି, ଆମେ ଆମର ଉଦାହରଣ ମାଧ୍ୟମରେ ଆମ ପିଲାମାନଙ୍କୁ ଶିକ୍ଷା ଦେବା ଉଚିତ୍। ଆମେ ସେମାନଙ୍କୁ ମଦ୍ୟପାନ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନରୁ ଦୂରରେ ରହିବା ପାଇଁ ଶିକ୍ଷା ଦେବା ଉଚିତ୍। ଆମେ ସେମାନଙ୍କୁ ଏପରି ସାଙ୍ଗମାନଙ୍କୁ ମନୋନୀତ କରିବାକୁ ଦର୍ଶାଇବା ଉଚିତ୍, ଯେଉଁମାନେ ସେମାନଙ୍କୁ ମନ୍ଦ କାର୍ଯ୍ୟ କରିବାକୁ ପ୍ରଲୋଭିତ କରୁ ନ ଥିବେ। ସେମାନେ କିପରି କଠିନ ପରିଶ୍ରମ କରିବେ, ସବୁ ଉତ୍ତମ କରିବେ, ତାହା ଆମେ ପ୍ରଭୁଙ୍କ ପ୍ରତି କରି ସେମାନଙ୍କୁ ପ୍ରଦର୍ଶନ କରିବାକୁ ପଡ଼ିବ। ସେମାନଙ୍କ ନିଜ ଜୀବନରେ ଈଶ୍ୱରଙ୍କ ବାକ୍ୟ କିପରି ପ୍ରୟୋଗ କରିବାକୁ ହେବ, ଆମକୁ ତାହା ଦର୍ଶାଇବାକୁ ପଡ଼ିବ।

ଚମତ୍କାର ! ଶିକ୍ଷାର୍ଥୀ ଆଶ୍ଚର୍ଯ୍ୟରୂପେ କହନ୍ତି। ବାଇବଲରେ ପାରିବାରିକ ଘଟଣା ବିଷୟରେ ଲେଖାଅଛି। ସେଗୁଡ଼ିକ ପିଲାମାନଙ୍କୁ ସହଜରେ ଶିକ୍ଷା ଦେଇ ହେବ। ଆପଣ ପିତାମାତାମାନେ ଆପଣମାନଙ୍କ ପିଲାମାନଙ୍କୁ ସେଥିରୁ ମୂଲ୍ୟବାନ ସତ୍ୟଗୁଡ଼ିକ ଶିକ୍ଷା ଦେଇପାରିବେ। ଆପଣମାନଙ୍କ ପିଲାମାନଙ୍କୁ ଓ ଅନ୍ୟ ପିଲାମାନଙ୍କୁ, ଯେଉଁମାନଙ୍କ ପିତାମାତା ଖ୍ରୀଷ୍ଟିୟାନ ନୁହନ୍ତି, ସେମାନଙ୍କୁ ଏହା କୁହନ୍ତୁ।

### ଅନୁଶୀଳନୀ

**ଆଦିପୁସ୍ତକ ୨୪ ପର୍ବ**ରେ ଈଶ୍ୱର ଇସ୍‌ହାକ୍‌ଙ୍କ ପାଇଁ କିପରି ଜଣେ ସ୍ତ୍ରୀ ଯୋଗାଇଥିଲେ, ତାହା ଦେଖନ୍ତୁ।
**ଆଦିପୁସ୍ତକ ୨୯:୧–୩୦ ପଦ**ରେ ଯାକୁବ ରାଚେଲଙ୍କ ପ୍ରତି ଆପଣା ପ୍ରେମ କିପରି ପ୍ରମାଣିତ କରିଥିଲେ, ତାହା ଦେଖନ୍ତୁ।
**ପ୍ରେରିତ ୭:୯–୧୪ ପଦ**ରେ ଦେଖନ୍ତୁ :

* ଯେଉଁ ଭାଇମାନେ ତାଙ୍କୁ କ୍ରୀତଦାସ ରୂପେ ବିକ୍ରୀ କରିଥିଲେ, ସେମାନଙ୍କୁ କ୍ଷମା କରିଦେଇଛନ୍ତି ବୋଲି ଦର୍ଶାଇବାକୁ ଯୋଷେଫ କ'ଣ କରିଥିଲେ ?
* ଈଶ୍ୱର ଯୋଷେଫଙ୍କ ଦୁଃଖଭୋଗକୁ ବ୍ୟବହାର କରି ତାଙ୍କ ପରିବାରକୁ କ୍ଷୁଧାରୁ କିପରି ଉଦ୍ଧାର କରିଥିଲେ ?

**ଲୂକ ୧ ଓ ୨ ପର୍ବ**ରେ ଯୀଶୁ କି ପ୍ରକାର ପରିବାରରେ ଜନ୍ମଗ୍ରହଣ କରିଥିଲେ ଦେଖନ୍ତୁ।

ଶିକ୍ଷାର୍ଥୀଙ୍କ ଘରେ ସଭା ପରେ, ସାରା ମାଆମାନଙ୍କୁ କିଛି ସମୟ ଅପେକ୍ଷା କରିବାକୁ ଅନୁରୋଧ କରନ୍ତି। ସେ ସେମାନଙ୍କୁ କହନ୍ତି, ଶିକ୍ଷାର୍ଥୀ ମୋତେ ପିଲାମାନଙ୍କ ଶିକ୍ଷକ ହେବା ପାଇଁ ସାହାଯ୍ୟ କରିଛନ୍ତି। ସେ ଇଚ୍ଛା କରନ୍ତି ଯେ, ଆମେ ପିଲାମାନଙ୍କ ପାଇଁ କ୍ଷୁଦ୍ର କାହାଣୀଗୁଡ଼ିକର ତାଲିକା କରିବା ଓ ପ୍ରତ୍ୟେକ ସପ୍ତାହରେ ଆମ ମଣ୍ଡଳୀରେ ସେଥିରୁ ଗୋଟିଏ ନେଇ ନାଟକ ଆକାରରେ ତାକୁ ଉପସ୍ଥାପନ କରିବା।

ଶିକ୍ଷାର୍ଥୀ ଆହୁରି କହନ୍ତି, ଆସ ସେମାନଙ୍କ ପିତାମାନଙ୍କୁ ମଧ୍ୟ ସେଥିରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କରିବା। ବଡ଼ମାନେ ଯଦି ପିଲାମାନଙ୍କ ସହିତ ସେଥିରେ ଯୋଗ ଦେବେ, ତେବେ କାହାଣୀଟି ପ୍ରଭାବଶାଳୀ ହୋଇପାରିବ।

ସାରା ଅନୁରୋଧ କରନ୍ତି, ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ପିଲାମାନଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା କରୁଛନ୍ତି, ଦୟାକରି ସେମାନେ ସାହାଯ୍ୟ କରନ୍ତୁ। ଆମେ ଏକତ୍ର ପ୍ରତ୍ୟେକ ସପ୍ତାହରେ ଏହା ପ୍ରସ୍ତୁତ କରିବା। ଆମେ ଇଚ୍ଛା କରୁଛୁ ଯେ, ଆମ ପିଲାମାନେ ଯାହା ଶିକ୍ଷା କରୁଛନ୍ତି, ସେଥିରେ ଖୁସି ହୁଅନ୍ତୁ ଓ ତାହାକୁ ମାନ୍ୟତା ଦିଅନ୍ତୁ। ପୁରୁଷମାନେ ଯଦି ଏଥିରେ ଅଂଶ ଗ୍ରହଣ କରିବେ, ତେବେ ଆହୁରି ଭଲ ହେବ। ଏଥିପାଇଁ ଆମେ ତୁମର ସାହାଯ୍ୟ ଲୋଡ଼ୁଛୁ, ଶିକ୍ଷାର୍ଥୀ।

ଯାକୁବଙ୍କ ସ୍ତ୍ରୀ ତାଙ୍କ ପିଲାମାନଙ୍କୁ କହନ୍ତି, ଆସିଁନ୍ତା କାଲିଠାରୁ ତୁମେମାନେ ବିଦ୍ୟାଳୟକୁ ଯିବା ପୂର୍ବରୁ ଆମେ ପ୍ରତ୍ୟେକ ଦିନ ସକାଳେ ଏକତ୍ର ପାରିବାରିକ ପ୍ରାର୍ଥନା କରିବାକୁ ଆରମ୍ଭ କରିବା।

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀରେ ଯୋଗ ଦେଉଥିବା ପରିବାରଗୁଡ଼ିକୁ ସେମାନଙ୍କ ପରିବାରରେ ଈଶ୍ୱରଙ୍କ ଆଜ୍ଞାବହ ହେବା ପାଇଁ ସାହାଯ୍ୟ କରନ୍ତୁ।
- ଆପଣଙ୍କ ପରିବାରକୁ ଏକତ୍ର ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବାକୁ, ଗୀତ ଗାଇବାକୁ ଓ ପ୍ରାର୍ଥନା କରିବାକୁ ସାହାଯ୍ୟ କରନ୍ତୁ।
- ପିତାମାତାମାନଙ୍କୁ ସେମାନଙ୍କ ପିଲାମାନଙ୍କୁ ପ୍ରେମରେ ସଂଶୋଧନ କରିବା ବିଷୟ ଶିକ୍ଷା ଦିଅନ୍ତୁ।
- ଆପଣଙ୍କ ପିଲାମାନଙ୍କୁ ବାଇବଲ କାହାଣୀ ଶୁଣିବାକୁ, ତା'ପରେ ସେଗୁଡ଼ିକ ନାଟକ ଆକାରରେ ଦେଖାଇବାକୁ ଓ ଉପାସନାରେ ଯୋଗ ଦେବାକୁ ପ୍ରସ୍ତୁତ କରନ୍ତୁ।
- ବଡ଼ମାନଙ୍କୁ ମଧ୍ୟ ବାଇବଲ କାହାଣୀଗୁଡ଼ିକ ସେମାନେ ନିଜେ ବା ପିଲାମାନଙ୍କ ସହିତ ଅଭିନୟ କରିବା ପାଇଁ ଅନୁରୋଧ କରନ୍ତୁ।

## ୩-୧୦ ସେବାକାର୍ଯ୍ୟ ୧୦

# ଅସୁସ୍ଥ, ଅଭାବଗ୍ରସ୍ତ ଓ ନିର୍ଯ୍ୟାତିତ ଲୋକମାନଙ୍କ ଯତ୍ନ ନିଅନ୍ତୁ

ଶିକ୍ଷାର୍ଥୀଙ୍କ ପଡ଼ୋଶୀ, ଦବୋରା ଭୋର୍ ସମୟରେ ତାଙ୍କ ଘର ନିକଟରେ ପହଞ୍ଚି କହନ୍ତି, ମୋର ସମ୍ପର୍କୀୟ ଭାଇ ଜେଲ୍‌ରେ ଅଛି ! ତାଙ୍କ ସହରରେ ଏକ ନୂଆ ମଣ୍ଡଳୀ ଆରମ୍ଭ କରିବାରେ ତୁମେ ମୋତେ ସାହାଯ୍ୟ କରିଥିଲ। ସେମାନେ ତାଙ୍କ ଘରେ ଏକତ୍ର ହୁଅନ୍ତି। ତାଙ୍କ ସହରର ଅଧିକାରୀ ଖ୍ରୀଷ୍ଟ-ବିରୋଧୀ ଅଟନ୍ତି। ତାଙ୍କର ନଅ ଜଣ ସନ୍ତାନ ଅଛନ୍ତି ଓ ସେମାନେ ସମସ୍ତେ କ୍ଷୁଧିତ ଅଛନ୍ତି।

ଶିକ୍ଷାର୍ଥୀ ଓ ତାଙ୍କ ସ୍ତ୍ରୀ ଏକ ବଡ଼ ମୁଣିରେ ଚାଉଳ ଓ ଅନ୍ୟାନ୍ୟ ଜିନିଷ ନେଇ ଯୋଷେଫଙ୍କ ସ୍ତ୍ରୀ ଲିସାଙ୍କୁ ଦିଅନ୍ତି।

ଯୋଷେଫ ଜେଲ୍‌ରେ ଅଛନ୍ତି, ଲିସା ସେମାନଙ୍କୁ କହନ୍ତି, ସେମାନେ ତାଙ୍କ ବିରୁଦ୍ଧରେ ଅନୁମୋଦନ ବିନା ସଭା କରୁଥିବାର ଅଭିଯୋଗ ଆଣିବାକୁ ଯାଉଛନ୍ତି। ଶିକ୍ଷାର୍ଥୀ, ତୁମେ ମୋ' ପାଇଁ ଜଣେ ଓକିଲଙ୍କୁ ଯୋଗାଡ଼ କରିପାରିବ କି ? ମୁଁ ଏ ବିଷୟରେ କ'ଣ କରିବି ଜାଣେ ନାହିଁ। ମୁଁ ଆପଣମାନଙ୍କ ପାଇଁ ଚାହା ପ୍ରସ୍ତୁତ କରୁଛି।

ଲିସା ଛୋଟ ରୋଷେଇ ଘରକୁ ଯିବା ବେଳେ ସାରା ତାଙ୍କ ସ୍ୱାମୀଙ୍କୁ ଧୀର ସ୍ୱରରେ କହନ୍ତି, ତୁମେ ଅନ୍ୟମାନଙ୍କୁ ଭାରାର୍ପଣ କରିବ ବୋଲି ଯାହା କହୁଥିଲ, ଏହା ହେଉଛି ସେହି ବିଷୟ। ଆମ ମଣ୍ଡଳୀରେ ଅନେକ ଲୋକ ଦରିଦ୍ର। କେହି କେହି ଅଶିକ୍ଷିତ। କେବଳ ତୁମେ ଓ ମୁଁ ସେମାନଙ୍କ ସମସ୍ତଙ୍କର ଯତ୍ନ ନେଇପାରିବା ନାହିଁ।

ଶିକ୍ଷାର୍ଥୀ ଦୀର୍ଘଶ୍ୱାସ ପକାନ୍ତି, ତୁମେ ଠିକ୍ କହୁଛ। ଆମ ମଣ୍ଡଳୀର ଲୋକମାନଙ୍କୁ ଆମେ ଏ ବିଷୟର ଭାର ଅର୍ପଣ କରିବା। ଜଣେ ବିଧବା ତାଙ୍କ ଘର ମରାମତି କରିବା ଲୋଡ଼ନ୍ତି ଏବଂ ଏହି ମହିଳା ଯୋଷେଫଙ୍କ ସପକ୍ଷରେ ଜଣେ ଓକିଲ ଲୋଡ଼ୁଛନ୍ତି।

ସେମାନେ ଆସିବା ପରେ ଦେଖନ୍ତି ଯେ, ଉଭୟ ସାହାଯ୍ୟକାରୀ ଓ ଶ୍ରୀ ବୋକା ଶିକ୍ଷାର୍ଥୀଙ୍କ ଘରେ ଅପେକ୍ଷା କରିଛନ୍ତି। ଶ୍ରୀ ବୋକା କରୁଣ ସ୍ୱରରେ କାନ୍ଦନ୍ତି, ଶିକ୍ଷାର୍ଥୀ, ଶିକ୍ଷାର୍ଥୀ, ମୋତେ ଦୟାକରି ମୋର ବିକ୍ରୟ ପାଇଁ ଘୋଷଣା କରିବାକୁ ଡାକବାଜି ଯନ୍ତ୍ର କିଣିବାକୁ ଅର୍ଥ ଋଣ ଦିଅ। ଏହା ମୋର ବିକ୍ରୀ ବୃଦ୍ଧି କରିବ ଓ ମୁଁ ଆସନ୍ତା ମାସରେ ଏହା ତୁମକୁ ଫେରାଇଦେବି।

ମୁଁ ତୁମକୁ ଋଣ ନ କରିବାକୁ କହିଛି !

ଜଣେ ପାଳକ ରୂପେ ତୁମର କାର୍ଯ୍ୟ ହେଉଛି ତୁମେ ଦରିଦ୍ର ଓ ଅଭାବଗ୍ରସ୍ତମାନଙ୍କ ଯତ୍ନ ନେବ। ତୁମେ ଆମ୍ଭମାନଙ୍କୁ ଅବହେଳା କରୁଛ !

ଯେଉଁମାନେ ଅତ୍ୟନ୍ତ ଅଭାବଗ୍ରସ୍ତ ମୁଁ ସେମାନଙ୍କ ଯତ୍ନ ନେଇଥାଏ, ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି। ମାତ୍ର ଜଣେ ଅଳସୁଆ ଲୋକକୁ ଅର୍ଥ ଦେବାଟା ହିଁ ସବୁଠାରୁ ଖରାପ କାର୍ଯ୍ୟ ଅଟେ। ତୁମେ ଚାକିରୀ ପାଇଲେ ମୁଁ ଖୁସି ହେବି। ତା'ପରେ ତୁମେ ଅଭାବଗ୍ରସ୍ତ ନ ହୋଇ ସେମାନଙ୍କୁ ସାହାଯ୍ୟ କରିପାରିବ।

ସାହାଯ୍ୟକାରୀ ଟିପ୍ପଣୀ ଦିଅନ୍ତି, ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରିବା ପାଇଁ ମୁଁ ମୋ' ମଣ୍ଡଳୀରେ ଶିକ୍ଷା ଦେଉଛି। ମୁଁ ମେଷ ଓ ଛେଳି ଦୃଷ୍ଟାନ୍ତ ଦେଇ ଏହା ଆରମ୍ଭ କରିଛି।

### ଅନୁଶୀଳନୀ

**ମାଥିଉ ୨୫:୩୧-୪୬** ପଦରେ ଦେଖନ୍ତୁ :

- ଆମେ ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରିବା ଦ୍ୱାରା କାହାର ସେବା କରିଥାଉ ?
- ଅବିଶ୍ୱାସୀମାନେ ଅଭାବଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ ନ କରି ମୃତ୍ୟୁଭୋଗ କଲେ ସେମାନଙ୍କ ପ୍ରତି କ'ଣ ଘଟିଥାଏ ?

ଶିକ୍ଷାର୍ଥୀଙ୍କ ଘରେ ସାରା ଯେତେବେଳେ ତାଙ୍କୁ ଓ ଶ୍ରୀ ବୋକାଙ୍କୁ ଚାହା ଦେଉଥିଲେ, ସେତେବେଳେ ଶିକ୍ଷାର୍ଥୀ ବର୍ଣ୍ଣନା କରନ୍ତି, ଯୀଶୁ କହିଥିଲେ ଯେ ଦରିଦ୍ର, କ୍ଷୁଧିତ, ଶୋକାର୍ତ୍ତ ଓ ସରଳ ଲୋକମାନେ ଯେଉଁମାନେ ଦୁଃଖ ପାଆନ୍ତି, ସେମାନେ ଈଶ୍ୱରଙ୍କଠାରୁ ବିଶେଷ ଆଶୀର୍ବାଦ ପାଇବେ। ଆମେ ଏହି ଲୋକମାନଙ୍କ ସେବା କରିବା ଦ୍ୱାରା ଈଶ୍ୱରଙ୍କ ସେବା କରିଥାଉ। ଆମେ ଏହି ଲୋକମାନଙ୍କୁ ଅବହେଳା କରିବା ଦ୍ୱାରା ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିଥାଉ।

## ଈଶ୍ୱର ଆପଣା ଲୋକମାନଙ୍କ ଆବଶ୍ୟକତା କିପରି ଯୋଗାଇଥାଆନ୍ତି

ଶିକ୍ଷାର୍ଥୀ ଯୋଗ କରନ୍ତି, ଅନ୍ୟମାନଙ୍କ ପରି ଦରିଦ୍ରମାନେ ମଧ୍ୟ ସେମାନଙ୍କ ଦୈନନ୍ଦିନ ଜୀବିକା ପାଇଁ ଭିକ୍ଷା ନ କରି ପ୍ରାର୍ଥନା କରିବା ଉଚିତ୍। ମାତ୍ର ଶୁଝିବାକୁ ଇଚ୍ଛା ନ କରି ଋଣ କରିବା ଅପେକ୍ଷା ଭିକ୍ଷା କରିବାଟା ବହୁତ ସମ୍ମାନୀୟ ବିଷୟ ଅଟେ। ଏହା ସବୁଠାରୁ ବଡ଼ ପ୍ରତାରଣାପୂର୍ଣ୍ଣ ଲୁଣ୍ଠନ ଅଟେ। ଆମର ଅଭାବ ପୂରଣ କରିବା ପାଇଁ ଆମକୁ ଈଶ୍ୱରଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ।

ଶ୍ରୀ ଜ୍ଞାନୀ ଅସ୍ପଷ୍ଟ ସ୍ୱରରେ ବିରକ୍ତି ପ୍ରକାଶ କରନ୍ତି, ତୁମର ମେଜରେ ଖାଦ୍ୟ ଥିଲେ, ଏପରି କହିବାଟା ସହଜ ଅଟେ।

ଶିକ୍ଷାର୍ଥୀ କହନ୍ତି, ମୁଁ ତୁମକୁ କହିବି ଯେ, ଯାତ୍ରା ପୁସ୍ତକରେ ଈଶ୍ୱର କିପରି ଆପଣା ଇସ୍ରାଏଲୀୟ ଲୋକମାନଙ୍କ ଯତ୍ନ ନେଇଥିଲେ। ସେମାନେ ମିସରରେ ଅନେକ ବର୍ଷ ଧରି କ୍ରୀତଦାସ ଥିଲେ। ଈଶ୍ୱର ସେମାନଙ୍କ ନିକଟକୁ ମୋଶା ନାମକ ଜଣେ ଭାବବାଦୀଙ୍କୁ ପ୍ରେରଣ କରିଥିଲେ। ମୋଶା ମିସରର ଫାରୋ (ରାଜା)ଙ୍କୁ କହିଲେ ଯେ, ଆପଣା ଲୋକମାନେ ମୁକ୍ତ ହୁଅନ୍ତୁ ବୋଲି ଈଶ୍ୱର ଇଚ୍ଛା କରୁଥିଲେ। ଫାରୋ ପ୍ରତ୍ୟାଖ୍ୟାନ କରିବା ପରେ ମିସର ଉପରେ ଦଶଟି ମହାମାରୀ ଆସିଲା। ଶେଷରେ, ଈଶ୍ୱର ପ୍ରଥମଜାତ ସମସ୍ତ ପୁତ୍ରଙ୍କୁ ବଧ କରିବା ପାଇଁ ସଂହାରକ ଦୂତଙ୍କୁ ପ୍ରେରଣ କଲେ। ମୋଶା ଇସ୍ରାଏଲୀୟମାନଙ୍କୁ ସତର୍କ କରାଇ କହିଥିଲେ ଯେ, ସେମାନେ ଏକ ମେଷ ବଧ କରି ତା'ର ରକ୍ତ ଦ୍ୱାରର ବାଜୁବନ୍ଧରେ ଲଗାଇବେ, ଫଳରେ ଦୂତ ସେମାନଙ୍କର କୌଣସି କ୍ଷତି କରିବେ ନାହିଁ। ଫାରୋଙ୍କ ନିଜ ପୁତ୍ରର ମୃତ୍ୟୁ ହେଲା। ଶେଷରେ ସେ ଲୋକମାନଙ୍କୁ ଯିବାକୁ ଦେଲେ। ପ୍ରଥମ କେତୋଟି ଅଧ୍ୟାୟରେ ଏହି ବିଷୟ ଲେଖାଅଛି। ସାହାଯ୍ୟକାରୀ, ତୁମେ ଏହି କାହାଣୀର ଶେଷାଂଶଟି କହିପାରିବ କି ?

ମୁଁ ଚେଷ୍ଟା କରିବି, ସାହାଯ୍ୟକାରୀ କହନ୍ତି। ଲୋକମାନେ ମିସରରୁ ସୂଫ ସାଗର ପର୍ଯ୍ୟନ୍ତ ଯାଇ ଅଟକି ଗଲେ। ସେମାନେ ଆଉ ଗତି କରିପାରିଲେ ନାହିଁ। ଫାରୋ ତାଙ୍କ ମନ ପରିବର୍ତ୍ତନ କରି ସେମାନଙ୍କ ପଛରେ ନିଜର ସୈନ୍ୟମାନଙ୍କୁ ପ୍ରେରଣ କଲେ। ସୂଫ ସାଗର ମଧ୍ୟଦେଇ ଈଶ୍ୱର ଇସ୍ରାଏଲୀୟମାନଙ୍କ ପାଇଁ ଏକ ଶୁଖିଲା ପଥ କଲେ, ପୁଣି ଯେତେବେଳେ ମିସରୀୟ ସୈନ୍ୟଗଣ ସେମାନଙ୍କୁ ଅନୁସରଣ କରିବାକୁ ଚେଷ୍ଟା କଲେ, ସେତେବେଳେ ସେମାନଙ୍କ ଉପରେ ସମୁଦ୍ର ଜଳ ମାଡ଼ି ଆସିଲା। ତା'ପରେ ଇସ୍ରାଏଲୀୟମାନେ ସେମାନଙ୍କ ଦେଶକୁ ଯିବା ପୂର୍ବରୁ ଚାଳିଶ ବର୍ଷ ଧରି ପ୍ରାନ୍ତରରେ ଏଣେତେଣେ ଭ୍ରମଣ କରିବାକୁ ଲାଗିଲେ। ସେମାନେ ପ୍ରାନ୍ତରରେ କିଛି ଖାଇବାକୁ ପାଇଲେ ନାହିଁ, ବେଳେ ବେଳେ ପାଣି ମଧ୍ୟ ପାଇଲେ ନାହିଁ, ମାତ୍ର ଈଶ୍ୱର ସେମାନଙ୍କ ପ୍ରୟୋଜନାନୁସାରେ ସବୁକିଛି ଯୋଗାଇଲେ। ଈଶ୍ୱର ସେମାନଙ୍କୁ **ଆଶ୍ଚର୍ଯ୍ୟ ମାନ୍ନା** ଯୋଗାଇଥିଲେ।

### ଅନୁଶୀଳନ

**ଯାତ୍ରା ୧୬:୧୧–୩୫** ପଦରେ ଦେଖନ୍ତୁ:

- ଈଶ୍ୱର କିପରି ଆପଣା ଲୋକମାନଙ୍କୁ ଖାଦ୍ୟ ଯୋଗାଇଥିଲେ ?
- ମାନ୍ନା ପାଇବା ପରେ ଲୋକମାନେ କ'ଣ ଈଶ୍ୱରଙ୍କୁ ଅଭିଯୋଗ କରିବା ଓ ତାହାଙ୍କ ଅନାଜ୍ଞାବହ ହେବାରୁ ନିବୃତ୍ତ ରହିଥିଲେ ?

ସେମାନେ ଶିକ୍ଷାର୍ଥୀଙ୍କ ଘରେ ଚାହା ପିଇବା ସମୟରେ ସାହାଯ୍ୟକାରୀ ଅନ୍ୟ ଏକ କାହାଣୀ କହନ୍ତି, ସେହିପରି, ଯୀଶୁ ଅଭାବଗ୍ରସ୍ତ ଲୋକମାନଙ୍କ ଯତ୍ନ ନିଅନ୍ତି। ମୁଁ ଆପଣମାନଙ୍କୁ କହିବି ଯେ, ଯୀଶୁ କିପରି ଆପଣା ମାଂସ ଖାଇବାକୁ ଦିଅନ୍ତି।

### ଅନୁଶୀଳନୀ

**ଯୋହନ ୬ ପର୍ବ**ରେ ଦେଖନ୍ତୁ :

- ୨–୧୩ ପଦରେ ଯୀଶୁ ପୀଡ଼ିତ ଓ କ୍ଷୁଧିତ ଲୋକମାନଙ୍କ ପ୍ରତି କ'ଣ କରିଥିଲେ ତାହା ଦେଖନ୍ତୁ ?
- ୧୪–୨୭ ପଦରେ ଯୀଶୁ କେଉଁ ଦୁଇଟି କାର୍ଯ୍ୟ କରନ୍ତୁ ବୋଲି ଲୋକମାନେ ଇଚ୍ଛା କରୁଥିଲେ ତାହା ଦେଖନ୍ତୁ ?
- ୧୭–୨୧ ପଦରେ ଯୀଶୁଙ୍କର ପ୍ରକୃତି ଉପରେ କ୍ଷମତା ରହିଛି ବୋଲି ସେ କିପରି ପ୍ରଦର୍ଶନ କରିଥିଲେ ତାହା ଦେଖନ୍ତୁ ?
- ୨୮–୪୦ ପଦରେ ସ୍ୱର୍ଗରୁ ଆନୀତ ରୋଟୀ କିଏ ଓ ଆମେ ଏହାକୁ କିପରି ଗ୍ରହଣ କରିଥାଉ ତାହା ଦେଖନ୍ତୁ ?
- ୪୧–୬୯ ପଦରେ ଯେଉଁ ରୋଟୀ ଆମକୁ ଅନନ୍ତ ଜୀବନ ପ୍ରଦାନ କରିଥାଏ, ତାକୁ ଆମେ ପାଇବା ପାଇଁ କ'ଣ କରିଥାଉ, ତାହା ଦେଖନ୍ତୁ ?

ସାହାଯ୍ୟକାରୀ ଆହୁରି କହନ୍ତି, ଯୀଶୁ ଅନେକ ପୀଡ଼ିତ ଲୋକଙ୍କୁ ସୁସ୍ଥ କରିଥିଲେ। ତାଙ୍କ ଶିକ୍ଷା ଶୁଣୁଥିବା ଲୋକମାନଙ୍କର ଖାଦ୍ୟ ନ ଥିବା ସମୟରେ ସେ ସେମାନଙ୍କୁ ଖାଦ୍ୟ ଖୁଆଇଥିଲେ। ଲୋକମାନେ ଇଚ୍ଛା କରିଥିଲେ ଯେ, ସେ ରାଜା ହୁଅନ୍ତୁ ଓ ସେମାନଙ୍କୁ ସର୍ବଦା ମାଗଣାରେ ଖାଦ୍ୟ ଦିଅନ୍ତୁ। ଯୀଶୁ ଅତି ସହଜରେ ତାହା କରିପାରିଥା'ନ୍ତେ। ସେ ସମସ୍ତ ବିଷୟ ଉପରେ ବାସ୍ତବରେ ରାଜା ଅଟନ୍ତି। ସେ ପ୍ରକୃତି ଉପରେ ମଧ୍ୟ ରାଜତ୍ୱ କରନ୍ତି। ସେ ଝଡ଼କୁ ସୁସ୍ଥିର କରିଥିଲେ ଓ ଜଳ ଉପରେ ଚାଲିଥିଲେ। ଯୀଶୁ ଜାଣିଥିଲେ ଯେ, ଶାରୀରିକ ଖାଦ୍ୟ ସେମାନଙ୍କ ହୃଦୟ ପରିବର୍ତ୍ତନ କରିପାରିବ ନାହିଁ। ସେମାନେ ତଥାପି ମଧ୍ୟ ଈଶ୍ୱରଙ୍କଠାରୁ ଦୂରରେ ରହିବେ। ଯୀଶୁ ସେମାନଙ୍କୁ ଏପରି ଖାଦ୍ୟ ଦେବାକୁ ଇଚ୍ଛା କରିଥିଲେ, ଯାହା ସେମାନଙ୍କୁ ଚିରକାଳ ସନ୍ତୁଷ୍ଟ କରିବ। ଏହି ଖାଦ୍ୟ ହେଉଛି, ସ୍ୱୟଂ ଯୀଶୁ। ଯୋହନ ୬ ପର୍ବରେ ସେ ସେମାନଙ୍କୁ କହିଥିଲେ ଯେ, ଅନନ୍ତ ଜୀବନ ପାଇବାକୁ ହେଲେ ସେମାନଙ୍କୁ ତାହାଙ୍କ ମାଂସ ଖାଇବାକୁ ପଡ଼ିବ। ଯେଉଁମାନେ ଆତ୍ମିକ ସତ୍ୟତା ଶୁଣିବାକୁ ଇଚ୍ଛା କରୁ ନ ଥିଲେ, ଏହା ଦ୍ୱାରା ସେମାନେ ଅପମାନିତ ହୋଇଥିଲେ। ଈଶ୍ୱର ଇଚ୍ଛା କରନ୍ତି ଯେ, ପ୍ରତ୍ୟେକେ ଯୀଶୁଙ୍କଠାରେ ବିଶ୍ୱାସ କରି ତାହାଙ୍କଠାରୁ ଅନନ୍ତ ଜୀବନ ଗ୍ରହଣ କରିବେ। ଆମେ ଯେତେବେଳେ ମଣ୍ଡଳୀର, ଖ୍ରୀଷ୍ଟଙ୍କ ଶରୀରର ଅଂଶ ହେଉ, ସେତେବେଳେ ସେ ଆମକୁ ଏହି ଜୀବନ ଦାନ କରିଥାଆନ୍ତି।

ଶ୍ରୀ ବୋକା ଉତ୍ତର ଦିଅନ୍ତି, ତାହା ଏକ ଉତ୍ତମ କାହାଣୀ, ମାତ୍ର ଏହା ଦ୍ୱାରା ମୋ' ପରିବାର ଖାଦ୍ୟ ପାଆନ୍ତି ନାହିଁ। ବିଦାୟ !

## ଦୀକନମାନେ ଖ୍ରୀଷ୍ଟଙ୍କ ପ୍ରେମ ପ୍ରଦର୍ଶନ କରନ୍ତି

ଶ୍ରୀ ବୋକା ପଳାଇଯିବା ପରେ, ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ପଚାରନ୍ତି, ମଣ୍ଡଳୀକୁ ପରିଚାଳନା ଓ ଶିକ୍ଷା ଦେବାରେ ଅବହେଳା ନ କରି ମୁଁ କିପରି ଆମ ମଣ୍ଡଳୀର ଓ ନୂତନ ମଣ୍ଡଳୀର ଅଭାବଗ୍ରସ୍ତ ଲୋକମାନଙ୍କର ଯତ୍ନ ନେଇପାରିବି?

ଅଭାବଗ୍ରସ୍ତ ଲୋକମାନଙ୍କୁ ଅବହେଳା ପ୍ରଦର୍ଶନ ନ କରି ଶିକ୍ଷା ଦେବା ପାଇଁ ତୁମର ଯେଉଁ ଆତ୍ମିକ ଦାନ ଅଛି, ତୁମକୁ ତାହା ବଜାୟ ରଖିବାକୁ ପଡ଼ିବ। ଯିରୂଶାଲମ ମଣ୍ଡଳୀର ନେତାମାନେ ମଧ୍ୟ ସେହିପରି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନେକ ବିଧବାଙ୍କର ଯତ୍ନ ନେବା ଆବଶ୍ୟକ ଥିବା ବେଳେ ସେମାନେ ଯୀଶୁଙ୍କ ସୁସମାଚାର ପ୍ରଚାରରେ ବ୍ୟସ୍ତ ଥିଲେ। ମୁଁ ତୁମକୁ **ପ୍ରଥମ ଦୀକନ**ଙ୍କ ବିଷୟରେ କହୁଛି।

**ଅନୁଶୀଳନୀ**

**ପ୍ରେରିତ ୬ ଓ ୭:୫୪–୬୦ ପଦ**ରେ ଦେଖନ୍ତୁ:

- ବିଦେଶୀୟ ବିଧବାଗଣ ଅବହେଳିତ ନୁହନ୍ତି ବୋଲି ପ୍ରେରିତମାନେ କିପରି ନିଶ୍ଚିତ ହୋଇଥିଲେ?
- ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରିବା ପାଇଁ କାହାକୁ ନିଯୁକ୍ତ କରାଯିବ, ସେ ବିଷୟରେ ପ୍ରେରିତମାନେ କିପରି ଜାଣିପାରିଲେ?
- ବିଧବାମାନଙ୍କ ସେବା କରିବାକୁ ମନୋନୀତ ଲୋକମାନଙ୍କ ମଧ୍ୟରୁ ସ୍ତିଫାନ୍ କି ପ୍ରକାର ବ୍ୟକ୍ତି ଥିଲେ?

ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ ବୁଝାନ୍ତି, ଅଭାବଗ୍ରସ୍ତ ଲୋକମାନଙ୍କ ଯତ୍ନ ନେବା ସହିତ ପ୍ରେରିତମାନେ ଯିରୂଶାଲମ ମନ୍ଦିରରେ ଶିକ୍ଷା ଦେବା ଓ ପରିଚାଳନା କରିବାର ଦାୟିତ୍ୱକୁ ପ୍ରତ୍ୟାଖ୍ୟାନ କରିପାରି ନ ଥିଲେ। ତେଣୁ ସେମାନେ ଲୋକମାନଙ୍କୁ ଜ୍ଞାନୀ ଓ ପବିତ୍ର ଆତ୍ମାବିଷ୍ଟ ଉତ୍ତମ ଖ୍ୟାତିସମ୍ପନ୍ନ ସାତ ଜଣ ଲୋକଙ୍କୁ ମନୋନୀତ କରିବାକୁ ଅନୁରୋଧ କରିଥିଲେ। ପ୍ରେରିତମାନେ ସେହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରି ସେମାନଙ୍କ ଉପରେ ହସ୍ତାର୍ପଣ କରିଥିଲେ। ଯେଉଁ ପୁରୁଷ ଓ ମହିଳା ଏହିପରି ଅଭାବଗ୍ରସ୍ତ ଲୋକମାନଙ୍କ ଯତ୍ନ ନେଉଥିଲେ, ସେମାନଙ୍କୁ ଦୀକନ ବୋଲି କୁହାଯାଉଥିଲା । ଦୀକନମାନେ ଈଶ୍ୱରଙ୍କ ଲୋକମାନଙ୍କ ଦାସ ଅଟନ୍ତି। ଜଣେ ଦୀକନ, ସ୍ତିଫାନ୍ ପବିତ୍ରଆତ୍ମାଙ୍କ ଶକ୍ତିରେ ଅବିଶ୍ୱାସୀ ଯିହୁଦୀମାନଙ୍କ ନିକଟରେ ମଧ୍ୟ ପ୍ରଚାର କରିଥିଲେ। ତାଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଥିଲା ଓ ସେ ସ୍ୱର୍ଗରେ ଯୀଶୁଙ୍କୁ ପିତାଙ୍କ ନିକଟରେ ବସିଥିବାର ଦେଖିଥିଲେ। ସେମାନେ ତାଙ୍କୁ ପଥର ଫୋପାଡ଼ି ମାରିଦେଇଥିଲେ।

ସାହାଯ୍ୟକାରୀ ଉତ୍ତର ଦିଅନ୍ତି, ତୁମେ ମୋତେ ଦୀକନମାନଙ୍କ ବିଷୟରେ ଯାହା ଶିକ୍ଷା ଦେଇଥିଲ ତାହା ମୋର ମନେଅଛି। ପାଉଲ ତାଙ୍କ ସହଯୋଗୀ ତୀମଥିଙ୍କୁ କହିଥିଲେ ଯେ, ଦୀକନମାନେ ଉତ୍ତମ ପିତାମାତା ଓ ବିଶ୍ୱସ୍ତ ଜୀବନ ସାଥୀ ହେବା ଉଚିତ୍। ସେମାନେ ପରିପକ୍ୱ ଖ୍ରୀଷ୍ଟିୟାନ ହେବା ସଙ୍ଗେ ସଙ୍ଗେ ଖ୍ୟାତିସମ୍ପନ୍ନ ହେବା ଉଚିତ୍। ସେମାନଙ୍କର ଅର୍ଥ ପ୍ରତି ବା ନିଶା ସେବନ ପ୍ରତି ଲାଳସା ରହିବା ଉଚିତ୍ ନୁହେଁ। ଯେଉଁ ଦୁଇ ଜଣ ମହିଳା ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରୁଥିଲେ, ସେମାନେ ଥିଲେ ଦର୍କା, ଯେ କି ଦରିଦ୍ରମାନଙ୍କ ପାଇଁ ଲୁଗା ସିଲେଇ କରୁଥିଲେ ଓ ଲୁଦିଆ, ଯେ କି ପାଉଲଙ୍କ ମିଶନାରୀ ଦଳକୁ ରହିବାକୁ ସ୍ଥାନ ଦେଇଥିଲେ।

ସାହାଯ୍ୟକାରୀ ସାନ୍ତ୍ୱନା ପାଇ ଦୀର୍ଘଶ୍ୱାସ ପକାନ୍ତି। ଅଭାବଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ମଣ୍ଡଳୀକୁ କିପରି ପରିଚାଳନା କରିବା ତାହା ମୁଁ ବର୍ତ୍ତମାନ ବୁଝିପାରୁଛି। ପ୍ରଥମ ବିଶ୍ୱାସୀମାନେ ଯେପରି କରିଥିଲେ, ମୁଁ ମଧ୍ୟ ସେହିପରି ସେମାନଙ୍କ ସେବା କରିବା ପାଇଁ ଦୀକନମାନଙ୍କୁ ନିଯୁକ୍ତ କରିବା ପାଇଁ ଏକ ସଭା ଡକାଇବି।

ଏକ ସପ୍ତାହ ପରେ ସାହାଯ୍ୟକାରୀ ଶିକ୍ଷାର୍ଥୀଙ୍କୁ ବିବରଣୀ ଦିଅନ୍ତି, ମୋ' ମଣ୍ଡଳୀ ଯତ୍ନଶୀଳ ଓ ତାଙ୍କ ସ୍ତ୍ରୀ କାର୍‌ମେନ୍‌ଙ୍କୁ ଦୀକନ ରୂପେ ସେବା କରିବାକୁ ମନୋନୀତ କରିଛନ୍ତି। ଆମେ ସେମାନଙ୍କ ଉପରେ ହସ୍ତାର୍ପଣ କରିଥିଲୁ ଓ ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରିବା ପାଇଁ ଈଶ୍ୱର ଯେପରି ସେମାନଙ୍କୁ ସ୍ତିଫାନ୍‌ଙ୍କ ପରି ଜ୍ଞାନ ଦେବେ, ସେଥିପାଇଁ ପ୍ରାର୍ଥନା କରିଥିଲୁ।

ହଁ। **ପ୍ରାଚୀନମାନେ ପୀଡ଼ିତମାନଙ୍କ ସହିତ କିପରି ବ୍ୟବହାର କରନ୍ତି,** ଦୟାକରି ଯାକୁବ ପୁସ୍ତକରେ ସେ ବିଷୟରେ ପାଠ କରନ୍ତୁ।

ଅନୁଶୀଳନୀ

ପ୍ରାଚୀନମାନେ ପୀଡ଼ିତମାନଙ୍କ ପାଇଁ କ'ଣ କରନ୍ତି **ଯାକୁବ ୫:୧୩–୧୭ ପଦ**ରେ ତାହା ଦେଖନ୍ତୁ।

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀ ଓ ସମାଜରେ ଆପଣଙ୍କ ସାହାଯ୍ୟ ଲୋଡ଼ୁଥିବା ଲୋକମାନଙ୍କର ଏକ ତାଲିକା କରନ୍ତୁ।
- ଆପଣଙ୍କ ମଣ୍ଡଳୀରେ ଏହି ଅଭାବଗ୍ରସ୍ତ ଲୋକମାନଙ୍କ ବିଷୟରେ ପ୍ରାର୍ଥନା କରନ୍ତୁ।
- ଆପଣଙ୍କ ମଣ୍ଡଳୀରେ ଯେଉଁମାନେ ଦୀକନ ପଦବୀ ପାଇ ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରିବା ପାଇଁ ଯୋଗ୍ୟ ସେମାନଙ୍କୁ ଚିହ୍ନଟ କରନ୍ତୁ।
- ଯେଉଁମାନେ ପାଉଲଙ୍କ ପରି ସମସ୍ତ ଆବଶ୍ୟକ ବିଷୟ ପୂରଣ କରନ୍ତି, ପ୍ରାର୍ଥନାରେ ସେମାନଙ୍କୁ ନିଯୁକ୍ତ କରି ହସ୍ତାର୍ପଣ କରନ୍ତୁ।

ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ କହନ୍ତି, ଦୁଃଖଭୋଗ କରୁଥିବା ଲୋକମାନଙ୍କୁ ଯୀଶୁ ମଧ୍ୟ ଦୁଃଖଭୋଗ କରିଥିଲେ ବୋଲି ସ୍ମରଣ କରାଇ ଦିଅନ୍ତୁ। ଆମ ପରି ସେ ମଧ୍ୟ ମନୁଷ୍ୟ ଥିଲେ।

ମୁଁ ଭାବୁଥିଲି ସେ ଈଶ୍ୱର ଥିଲେ।

ସେ ଈଶ୍ୱର। ମାତ୍ର କୁମାରୀ ମରିୟମଙ୍କ ଗର୍ଭରୁ ଜନ୍ମ ନେବା ସମୟରେ ଆମ ପରି ମନୁଷ୍ୟ ପ୍ରକୃତିବିଶିଷ୍ଟ ଥିଲେ। ସେ ଆପଣାକୁ ସ୍ୱର୍ଗୀୟ ଗୌରବରୁ ତଥା ଈଶ୍ୱରଙ୍କ ପୁତ୍ରତ୍ୱରୁ ବଞ୍ଚିତ କରି ଜଣେ ପ୍ରକୃତ ମନୁଷ୍ୟ ରୂପେ ଆମର ସମସ୍ତ ମାନବୀୟ ଦୁର୍ବଳତା ଧାରଣ କରିଥିଲେ। ଏକମାତ୍ର ଭିନ୍ନତା ଥିଲା ଯେ, ସେ କେବେ ପାପ କରି ନ ଥିଲେ। ଫିଲିପ୍ପୀୟ ୨:୧–୧୧ ପଦଟି ଏହା ବର୍ଣ୍ଣନା କରିଥାଏ। ଏବ୍ରୀ ୨:୧୭–୧୮ ପଦ ବର୍ଣ୍ଣନା କରିଥାଏ ଯେ, ଆମର ମହାଯାଜକ ରୂପେ ସେବା କରିବା ପାଇଁ ତଥା ନିଜେ ଦୁଃଖଭୋଗ କରି ଦୁଃଖଭୋଗ କରୁଥିବା ଲୋକମାନଙ୍କୁ ସାହାଯ୍ୟ କରିବାକୁ ତାହାଙ୍କୁ ମନୁଷ୍ୟ ରୂପେ ଧାରଣ କରିବାକୁ ପଡ଼ିଥିଲା।

## ୩-୧୧ ସେବାକାର୍ଯ୍ୟ ୧୧

# ଖ୍ରୀଷ୍ଟଙ୍କ ସଦୃଶ ହୋଇ ମଣ୍ଡଳୀରେ ଶୃଙ୍ଖଳା ରକ୍ଷା କରନ୍ତୁ

ଯାକୁବ ଶିକ୍ଷାର୍ଥୀଙ୍କ ଘରକୁ ଯାଇ ତାଙ୍କୁ କହନ୍ତି, ଶିକ୍ଷାର୍ଥୀ ଭାଇ, ମୁଁ ବର୍ତ୍ତମାନ ଦେଖିଲି ଯେ, ମୋର ଜଣେ କାର୍ଯ୍ୟକାରୀ, ଶଫୀରା ମୋ'ଠାରୁ ଚୋରି କରୁଛି। ଶଫୀରା ଖ୍ରୀଷ୍ଟରେ ଭଉଣୀ ଅଟନ୍ତି। ମୁଁ ତାଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା କରିଥିଲି, ମାତ୍ର ସେ ରାଗିଗଲେ। ମଣ୍ଡଳୀରେ ଶାନ୍ତି ରକ୍ଷା କରିବା ପାଇଁ ମୁଁ କ'ଣ ଏହି ପାପ ଏଡ଼ାଇଯିବା ଉଚିତ୍ ?

ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି, ନା, ଆମେ ମଣ୍ଡଳୀରେ ପାପକୁ ଏଡ଼ାଇ ପାରିବା ନାହିଁ। ବାଇବଲ ଆମକୁ ଏ ବିଷୟରେ ଶୀଘ୍ର ସମାଧାନ କରିବାକୁ କହିଛି। ମୋ' ସ୍ତ୍ରୀ ସାରା ଆସନ୍ତୁ, ପୁଣି ଆମେ ଖ୍ରୀଷ୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସିଧାସଳଖ ତାଙ୍କ ନିକଟକୁ ଯିବା। ବୋଧହୁଏ ଆମେ ସମସ୍ତେ ଏକତ୍ର ଶଫୀରାଙ୍କୁ ଅନୁତାପ କରିବା ପାଇଁ ପ୍ରବର୍ତ୍ତାଇ ପାରିବା। ଗାଲାତୀୟ ୬:୧ ପଦ ଅନୁସାରେ ଆମେ ପ୍ରେମ ଓ ଭଦ୍ର ବ୍ୟବହାର କରିପାରିବା।

ସେମାନେ ଶଫୀରାଙ୍କ ଘରକୁ ଯାଆନ୍ତି ଓ ତାଙ୍କ ସହିତ ଏକାନ୍ତରେ କଥାବାର୍ତ୍ତା କରିବା ପାଇଁ ଅନୁରୋଧ କରନ୍ତି। ଯାକୁବ ତାଙ୍କୁ କହନ୍ତି, ମୁଁ ତୁମକୁ ମୋ' ସ୍ତ୍ରୀଙ୍କୁ ରାନ୍ଧିବାରେ ଓ ଘର ସଫା କରିବାରେ ସାହାଯ୍ୟ କରିବାକୁ ମୂଲ୍ୟ ଦେଇ ଆଣିଥିଲି। ମୁଁ ତୁମକୁ ଭଲ ପାରିଶ୍ରମିକ ଦେଉଥିଲି। ମାତ୍ର ତୁମେ ଆମର ଗାମୁଛା ଓ ଅନ୍ୟାନ୍ୟ ଦ୍ରବ୍ୟ ଚୋରିକଲ।

ଶଫୀରା ଭୟରେ ଥରୁଥାଏ। ସାରା ତାଙ୍କୁ ଏକୁଟିଆ ନେଇଯାଇ ନିଶ୍ଚିତବୋଧ ଦିଅନ୍ତି, ତୁମକୁ ଲଜ୍ଜିତ କରିବାକୁ ଆମେ ଏଠାରେ ଏକତ୍ର ହୋଇନାହୁଁ। ଆମର ଇଚ୍ଛା ଯେ ତୁମେ ଈଶ୍ୱରଙ୍କ କ୍ଷମା ଓ ସମ୍ପୂର୍ଣ୍ଣ ଆଶୀର୍ବାଦ ଲାଭ କର। ତୁମେ କ'ଣ କରିଥିଲ, ସେ ବିଷୟରେ ଆମେ କଥାବାର୍ତ୍ତା କରିବା ପୂର୍ବରୁ ତୁମର କିଛି ବିଷୟ ବୁଝିବା ଆବଶ୍ୟକ। ଯୀଶୁ ଆମକୁ ଶିକ୍ଷା ଦେଇଥିଲେ ଯେ, ଯେଉଁମାନେ ଯୀଶୁଙ୍କ ପରି ଜୀବନ ଯାପନ କରନ୍ତି, ସେମାନଙ୍କ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ ବର୍ତ୍ତେ। ଆସନ୍ତୁ ଆମେ ଏକତ୍ର ମିଶି **ଆନନ୍ଦର ଉତ୍ସ** ବିଷୟରେ ପାଠ କରିବା।

### ଅନୁଶୀଳନୀ

ଆଶୀର୍ବାଦ ବିଷୟରେ ଈଶ୍ୱରଙ୍କ ପ୍ରତିଜ୍ଞା ବିଷୟ **ମାଥିଉ ୫:୧-୧୬ ପଦ**ରେ ଦେଖନ୍ତୁ:

* ଈଶ୍ୱରଙ୍କଠାରୁ ଆନନ୍ଦ ଗ୍ରହଣ କରୁଥିବା ଲୋକମାନଙ୍କ ବିଷୟରେ ଯୀଶୁ କ'ଣ ବର୍ଣ୍ଣନା କରିଅଛନ୍ତି ?

* ଖ୍ରୀଷ୍ଟଙ୍କୁ ଅନୁସରଣ କରୁଥିବାରୁ ଲୋକମାନେ ଆମକୁ ତାଡ଼ନା କଲେ, ଆମେ କିପରି ଉତ୍ତର ଦେବା ଉଚିତ୍ ?

* ଆମେ ଆମ କାର୍ଯ୍ୟ ମାଧ୍ୟମରେ ଈଶ୍ୱରଙ୍କୁ କିପରି ଗୌରବ ଦେଇପାରିବା ?

ସାରା ଶଫୀରାଙ୍କୁ ଶୃଙ୍ଖଳା ବିଷୟରେ ଶିକ୍ଷା ଦିଅନ୍ତି। ଆମେ ଖ୍ରୀଷ୍ଟଙ୍କର ହୋଇଥିବାରୁ, ତାହାଙ୍କ ଆତ୍ମା ଆମକୁ ଖ୍ରୀଷ୍ଟଙ୍କ ପରି ହେବାକୁ ଇଚ୍ଛା ଓ ଶକ୍ତି ଯୋଗାନ୍ତି। ଆମେ ଆଉ ଭୁଲ କରିବାକୁ ଇଚ୍ଛା କରି ନ ଥାଉ, ମାତ୍ର ଆମର ପାପପୂର୍ଣ୍ଣ ସ୍ୱଭାବ ଆମକୁ ମନ୍ଦକାଯର୍ୟ କରିବାକୁ ପ୍ରବର୍ତ୍ତାଇ ଥାଏ। ଆମେ ଆମର ପୁରାତନ ସ୍ୱଭାବର ଅଭିଳାଷ ଓ ନୂତନ ସ୍ୱଭାବର ଅଭିଳାଷକୁ ନେଇ ସଂଘର୍ଷ କରିଥାଉ। ଆମେ ପାପରେ ପଡ଼ିଲେ, ପବିତ୍ରଆତ୍ମା ଆମକୁ ପାପ ବିଷୟରେ ବୋଧ ଦେଇ ଅନୁତାପ କରିବାକୁ ଦେଇଥା'ନ୍ତି। ସେ ଅନ୍ୟ ଭାଇ ଓ ଭଉଣୀମାନଙ୍କ ମାଧ୍ୟମରେ ମଧ୍ୟ ଆମକୁ ଉତ୍ତମ କାର୍ଯ୍ୟ କରିବାକୁ, ଅନୁତାପ କରିବାକୁ ଓ ଆମ ପ୍ରତି ଈଶ୍ୱରଙ୍କ କ୍ଷମା ବିଷୟରେ ନିଶ୍ଚିତବୋଧ ପାଇବାକୁ ଉତ୍ସାହିତ କରିଥାଆନ୍ତି।

କିନ୍ତୁ ମୁଁ ଜଣେ ଖରାପ ଲୋକ। ମୁଁ ତୁମ ପରି ଉତ୍ତମ ବ୍ୟକ୍ତି ନୁହେଁ।

ତୁମେ ଈଶ୍ୱରଙ୍କ ସନ୍ତାନ ଓ ସେ ତୁମକୁ ପରିବର୍ତ୍ତନ କରୁଅଛନ୍ତି, ସାରା ଶଫୀରାଙ୍କୁ ନିଶ୍ଚିତବୋଧ ଦିଅନ୍ତି। ଜଣେ ଉତ୍ତମ ମାଆ ପ୍ରେମରେ ତା'ର ସନ୍ତାନକୁ ଯେପରି ସଂଶୋଧନ କରିଥାଏ, ଈଶ୍ୱର ଆମକୁ ସେହିପରି ସଂଶୋଧନ କରିଥାଆନ୍ତି। ସଂଶୋଧିତ ହେବା ଦ୍ୱାରା ଆମେ ବିପଦମୁକ୍ତ ହୋଇଥାଉ। ପ୍ରେମପୂର୍ଣ୍ଣ ସଂଶୋଧନ ବିନା, ଜଣେ ପିଲା ନିଆଁ ବା ବିଷ ସହିତ ଖେଳିପାରେ ବା ଏକ କାର ସମ୍ମୁଖକୁ ଚାଲିଯାଇପାରେ। ଆମକୁ ସଂଶୋଧନ କରି ଈଶ୍ୱର ଆମକୁ ବିପଦରୁ ରକ୍ଷା କରିଥା'ନ୍ତି। ପୁରାତନ ନିୟମରେ ଇସ୍ରାଏଲୀୟମାନଙ୍କୁ ପାପ କରିବା ବିଷୟରେ ସତର୍କ କରିବା ପାଇଁ ଭାବବାଦୀଗଣ ସତରଟି ପୁସ୍ତକ ଲେଖିଥିଲେ। ଇସ୍ରାଏଲୀୟଗଣ ଈଶ୍ୱରଙ୍କ ସଂଶୋଧନ ପ୍ରତି ମନୋଯୋଗ ଦେଇ ନ ଥିଲେ ଏବଂ ଭୟଙ୍କର ଶାରୀରିକ ଓ ଆତ୍ମିକ ବିପଦରେ ପଡ଼ିଥିଲେ। ବର୍ତ୍ତମାନ ଆମ ପାଖରେ ପବିତ୍ରଆତ୍ମା ଅଛନ୍ତି। ସେ ଆମକୁ ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ଯାପନ କରିବାରେ ସାହାଯ୍ୟ କରନ୍ତି। ଖ୍ରୀଷ୍ଟ ଆମକୁ ଅନୁତାପ କରି ବାପ୍ତିସ୍ମ ନେବାକୁ ଆଜ୍ଞା ଦେବା ସମୟରେ ଆମକୁ ଏହି ନୂଆ ଜୀବନ ଯାପନ କରିବାକୁ ଆଦେଶ ଦେଉଥିଲେ। **ପବିତ୍ରଆତ୍ମା ଆମକୁ କିପରି ପବିତ୍ର କରନ୍ତି**, ସେ ବିଷୟରେ ମୁଁ ତୁମକୁ କହୁଛି।

### ଅନୁଶୀଳନୀ

**ଗାଲାତୀୟ ୫:୧୬ ପଦରୁ ୬:୩ ପଦ** ମଧ୍ୟରେ ଦେଖନ୍ତୁ:

- ଆମେ ଖ୍ରୀଷ୍ଟଙ୍କୁ ନ ଜାଣିବା ସମୟରେ ଅଭ୍ୟାସଗତ ଭାବରେ କେଉଁ ଭୁଲ କାର୍ଯ୍ୟ କରିଥାଉ ?

- ପବିତ୍ରଆତ୍ମାଙ୍କ ଶକ୍ତିରେ ଈଶ୍ୱର ଆମଠାରେ କେଉଁ ନଅଟି ଫଳ ବୃଦ୍ଧି କରାଇଥାଆନ୍ତି ?
- ଜଗତର ପାପ ଦୂର କରିବା ପାଇଁ ଆମକୁ ଆମର ପୁରାତନ ପାପ ସ୍ୱଭାବକୁ କ'ଣ କରିବାକୁ ପଡ଼ିବ ?
- ଯେଉଁମାନେ ପାପରେ ପତିତ ହୁଅନ୍ତି, ଆମେ ସେମାନଙ୍କୁ କିପରି ପୁନଃସଂସ୍ଥାପିତ କରିବା ?

ସାରାଙ୍କୁ ଶଫୀରାଙ୍କ ସହିତ ଅଧିକ କଥାବାର୍ତ୍ତା କରିବାକୁ ଛାଡ଼ି ଦେଇ ଲୋକମାନେ ପଳାଇଯାଆନ୍ତି। ସେ ବର୍ଣ୍ଣନା କରନ୍ତି, ଯୀଶୁଙ୍କ ଶିଷ୍ୟ ରୂପେ ଆମେ ପ୍ରେମରେ ଦୈନନ୍ଦିନ ତାହାଙ୍କ ଆଜ୍ଞାବହ ହେବା ପାଇଁ ଅଭ୍ୟାସ କରିଥାଉ। ଏହା ଆମକୁ ଆନନ୍ଦ ପ୍ରଦାନ କରିଥାଏ ଓ ଈଶ୍ୱରଙ୍କ ଆଶୀର୍ବାଦ ଆଣି ଦେଇଥାଏ। ଏହା ଆମକୁ ଆତ୍ମିକ ବିପଦରୁ ମଧ୍ୟ ସୁରକ୍ଷା ଦେଇଥାଏ। ଆମେ ପ୍ରତ୍ୟେକ ଦିନ ପ୍ରାର୍ଥନା କରି ଆମ ଜୀବନରେ ଈଶ୍ୱରଙ୍କ ବାକ୍ୟ ପ୍ରୟୋଗ କରିଥାଉ। ଆମେ ଆମର କାର୍ଯ୍ୟ ଓ ଅଭ୍ୟାସ ମାଧ୍ୟମରେ ଖ୍ରୀଷ୍ଟଙ୍କ ଉଦାହରଣ ଅନୁସରଣ କରି ଆତ୍ମାଙ୍କ ଫଳ ଦେଖାଇଥାଉ। ଆମେ ଆମ ଅଧିକାରୀମାନଙ୍କ ଆଜ୍ଞାବହ ହୋଇଥାଉ। ଆତ୍ମିକ ବିପଦ ଏଡ଼ାଇ ଯିବା ପାଇଁ ଶୃଙ୍ଖଳିତ ହେବା ପାଇଁ ଏହା ହିଁ ଉପାୟ ଅଟେ। ଆମେ ଏହି ଅଭ୍ୟାସଗୁଡ଼ିକ ବୃଦ୍ଧି କଲେ, ପବିତ୍ରଆତ୍ମା ପାପ ଉପରେ ଜୟଲାଭ କରିବାକୁ ଆମକୁ ଶକ୍ତି ଯୋଗାନ୍ତି।

ମୋ' କ୍ଷେତ୍ରରେ ତାହା ଏକ ବଡ଼ ଆଶ୍ଚର୍ଯ୍ୟ କର୍ମ ହେବ।

ତୁମେ ଏକୁଟିଆ ନାହିଁ। ଆମ ପ୍ରତ୍ୟେକଙ୍କୁ କୌଣସି ନା କୌଣସି ଉପାୟରେ ଆମର ପୁରାତନ ଅଭିଳାଷକୁ କ୍ରୁଶବିଦ୍ଧ କରିବାକୁ ପଡ଼ିବ, ପୁଣି ଈଶ୍ୱର ସର୍ବଦା ଆମକୁ ସାହାଯ୍ୟ କରନ୍ତି। ନୂତନ ନିୟମରେ ପ୍ରେରିତ ପାଉଲ ଆମକୁ କହନ୍ତି ଯେ, ଲୋକମାନେ ନିମ୍ନୋକ୍ତ ପାପ କଲେ ସେମାନଙ୍କୁ ଆମେ ଆତ୍ମିକ ଓ ଶାରୀରିକ ବିପଦ ବିଷୟରେ ସତର୍କ କରାଇଦେବା:

| | | |
|---|---|---|
| କଳହ ବା ବିଭେଦର କାରଣ, | ଅଳସୁଆମୀ ବା ଗପସପ, | ଅନୈତିକ କାର୍ଯ୍ୟକଳାପ ବା ମଦ୍ୟପାନ, |
| ଲୋଭ ବା ଚୋରି, | ପ୍ରତିମା ପୂଜା, | ଭ୍ରାନ୍ତ ଧର୍ମଶିକ୍ଷା। |

ସାରା ଭଦ୍ର ଭାବରେ ଶଫୀରାଙ୍କୁ ନିଶ୍ଚିତବୋଧ ଦିଅନ୍ତି, ଈଶ୍ୱର ତୁମକୁ ମନ୍ଦ ଅଭ୍ୟାସରୁ ମୁକ୍ତ କରାଇବେ। ଦୟାକରି ବର୍ତ୍ତମାନ ତାହାଙ୍କୁ ଏହା କରିବାକୁ ଅନୁରୋଧ କର।

ଶଫୀରା କିଛି ସମୟ କାନ୍ଦିବା ପରେ ତାଙ୍କୁ କ୍ଷମା କରିବା ପାଇଁ ଈଶ୍ୱରଙ୍କୁ ଅନୁରୋଧ କରନ୍ତି। ସେ ସାରାଙ୍କ ସହିତ ଶିକ୍ଷାର୍ଥୀଙ୍କ ଘରକୁ ଯାଇ ତାଙ୍କ ମାଲିକ ଯାକୁବଙ୍କୁ କହନ୍ତି, ଦୟାକରି ମୋତେ କ୍ଷମା କର। ମୁଁ ତୁମର ଯାହା କିଛି ଚୋରି କରିଛି, ତାହା ଫେରାଇ ଦେବି। ମୁଁ ବହୁତ ଦୁଃଖିତ।

ପରବର୍ତ୍ତୀ ସଭାରେ ଶଫୀରା ମଣ୍ଡଳୀରେ ସ୍ୱୀକାର କରନ୍ତି, ମୁଁ ମୋ' ଜୀବନରେ ପାପ କରିଆସୁଥିଲି। ମୁଁ ସେଗୁଡ଼ିକୁ ଲୁଚାଇବାକୁ ଚେଷ୍ଟା କରିଥିଲି। ଏପରିକି ଚୋରି କରୁଥିଲି। ମାତ୍ର ମୁଁ ଏସବୁ ସ୍ୱୀକାର କରି ଈଶ୍ୱରଙ୍କଠାରୁ କ୍ଷମା ପ୍ରାପ୍ତ ହୋଇଥିଲି। ମୋର ଆଶା ଆପଣମାନେ ସମସ୍ତେ ମୋତେ କ୍ଷମା କରିଦେବେ।

ଲୋକମାନେ ଉତ୍ତର ଦିଅନ୍ତି ଯେ, ସେମାନେ ତାକୁ କ୍ଷମା କରିଦେବେ, ମାତ୍ର ପରେ ଶ୍ରୀ ବୋକା ଶିକ୍ଷାର୍ଥୀଙ୍କ ପାଖକୁ ଆସି କ୍ଷୀଣ ସ୍ୱରରେ ବଚସା କରି କହନ୍ତି, ଏହା ଅତି ସହଜ। ଚୋରି କରିବା ଏକ ବଡ଼ ପାପ। ଆମେ ତାଙ୍କୁ ମଣ୍ଡଳୀରେ ସାମିଲ କରିବା ପୂର୍ବରୁ ତାଙ୍କୁ ଦଣ୍ଡଭୋଗ କରିବାକୁ ପଡ଼ିବ। ତାଙ୍କୁ ତାଙ୍କର ଅନୁତାପ ପ୍ରମାଣ କରିବାକୁ ପଡ଼ିବ।

ଶିକ୍ଷାର୍ଥୀ ଅସମ୍ମତ ହୁଅନ୍ତି, ନା, ଶ୍ରୀ ବୋକା। ଆମେ ତାଙ୍କ ହୃଦୟକୁ ବିଚାର କରିବା ନାହିଁ। ଖ୍ରୀଷ୍ଟଙ୍କୁ ଅନୁସରଣ କରିବା ପାଇଁ ସେ ବର୍ତ୍ତମାନ ଆମର ସାହାଯ୍ୟ ଲୋଡ଼ନ୍ତି। ପାପକୁ ଏଡ଼ାଇଯିବା ପାଇଁ ସେ ଈଶ୍ୱରଙ୍କ ଶକ୍ତି ଲୋଡ଼ନ୍ତି। ସେ ଶକ୍ତିଯୁକ୍ତ ହୋଇ ଆତ୍ମବିଶ୍ୱାସ ଫେରିପାଇବା ପର୍ଯ୍ୟନ୍ତ ସାରା ପ୍ରତ୍ୟେକ ଦିନ ସକାଳେ ସେ ତାଙ୍କ କାମକୁ ଯିବା ପୂର୍ବରୁ ତାଙ୍କ ଘରକୁ ପ୍ରାର୍ଥନା କରିବାକୁ ଯାଉଛନ୍ତି। ଆମେ କେତେ ଥର କ୍ଷମା ଦେଉଛୁ, ତାହା ଗଣନା ନ କରିବାକୁ ଯୀଶୁ ଆମକୁ ଶିକ୍ଷା ଦେଇଥିଲେ। ବରଂ, ଆମେ ପରୀକ୍ଷାରୁ ମୁକ୍ତି ପାଇବା ପାଇଁ ପରସ୍ପରକୁ ସାହାଯ୍ୟ କରିବା ଉଚିତ୍। ଈଶ୍ୱର ଆମକୁ ଏତେ କ୍ଷମା ଦେଇଅଛନ୍ତି ଯେ, ଆମେ କୃତଜ୍ଞତାର ସହ ପରସ୍ପରକୁ କ୍ଷମା କରିବାକୁ ଉତ୍ସୁକ ହେବା ଉଚିତ୍। ଆମେ ଯଦି କ୍ଷମା ଦେଇପାରୁ ନାହୁଁ, ତେବେ ଆମେ ଈଶ୍ୱରଙ୍କ ମହାନ୍ କ୍ଷମା ପ୍ରତି ଆମର ହୃଦୟକୁ ବନ୍ଦ କରିଦେଉଛୁ। ଈଶ୍ୱର ଆମକୁ ଆମର ଉତ୍ତମତା ପ୍ରମାଣ କରିବା ପାଇଁ ଆମର କାର୍ଯ୍ୟ ହେତୁ ନୁହେଁ, ମାତ୍ର ଅନୁଗ୍ରହରେ ଉଦ୍ଧାର କରିଥାଆନ୍ତି।

ଶ୍ରୀ ବୋକା ବିଦ୍ରୂପ କରନ୍ତି, ଈଶ୍ୱର ଆମକୁ କ୍ଷମା ଦେବେ ବୋଲି ଆମେ ପାପ କରି ଚାଲିଥିବା !

ନା ! ଶିକ୍ଷାର୍ଥୀ କହନ୍ତି, ଏହିପ୍ରକାର ଚିନ୍ତାଧାରା କେବଳ ପ୍ରଦର୍ଶନ କରିବ ଯେ, ଆମେ ପ୍ରକୃତରେ ଅନୁତାପ କରିନାହୁଁ।

## ମଣ୍ଡଳୀରେ ନେତାମାନଙ୍କୁ ସଂଶୋଧନ କରିବା

ଶ୍ରୀ ବୋକା ଯାକୁବଙ୍କ ଘରେ ପହଞ୍ଚି ଶିକ୍ଷାର୍ଥୀଙ୍କୁ ସମାଲୋଚନା କରନ୍ତି, ସେ ଶଫୀରାଙ୍କ ପ୍ରତି ସଦୟ ହୃଦୟ ହେଉଛନ୍ତି, କାରଣ ସେହି ଚୋରଣୀଟି ସୁନ୍ଦରୀ ଅଟେ। ଯାକୁବ ହସନ୍ତି। ଶ୍ରୀ ବୋକା ଅନ୍ୟ କେତେ ଜଣଙ୍କୁ ମଧ୍ୟ ସେହି କଥା କହନ୍ତି। ଅତି ଶୀଘ୍ର ଏହି ସମାଲୋଚନାଟି ବିଶ୍ୱାସୀମାନଙ୍କ ଗହଣରେ ମିଳିମିଳା ରୋଗ ପରି ବ୍ୟାପିଯାଏ।

ପରବର୍ତ୍ତୀ ସପ୍ତାହର ସଭାରେ ଶଫୀରା ମଣ୍ଡଳୀର ଅନ୍ୟମାନଙ୍କ ସହିତ ପ୍ରଭୁଭୋଜ ପାଳନ କରିବାକୁ ଆନନ୍ଦରେ ଅପେକ୍ଷା କରି ବସିଥା'ନ୍ତି। ଶ୍ରୀ ବୋକା ଛିଡ଼ା ହୋଇ କହନ୍ତି, ଆମେ ଏହା ଆଉ କରିବା ନାହିଁ। ଏହି ମହିଳା ପବିତ୍ର ଭୋଜରେ ଅଂଶ ଗ୍ରହଣ କରିପାରିବ ନାହିଁ। ସେ .....

ଶିକ୍ଷାର୍ଥୀ ବାଧା ଦିଅନ୍ତି। ମୁଁ ଶ୍ରୀ ଜ୍ଞାନୀଙ୍କ ସହିତ ଅଧ୍ୟୟନ କରିଛି ଯେ, ଯେଉଁ ବିଶ୍ୱାସୀମାନେ ଭୁଲ କରିଥା'ନ୍ତି, ସେମାନଙ୍କ ସହିତ କିପରି ବ୍ୟବହାର କରିବାକୁ ହୁଏ, ତାହା ବାଇବଲ କହିଥାଏ। ଆମେ ଯଦି ପରସ୍ପର ସହିତ କଳହ କରିଥିବା, ତେବେ ପ୍ରଭୁଭୋଜ ଗ୍ରହଣ କରିବା ପୂର୍ବରୁ ଆମକୁ ପରସ୍ପରକୁ କ୍ଷମା ଦେଇ ପୁନର୍ମିଳିତ ହେବାକୁ ପଡ଼ିବ।

ଶ୍ରୀ ବୋକା ପଚାରନ୍ତି, କିନ୍ତୁ ମଣ୍ଡଳୀ ନେତା ଯଦି ଭୁଲ କରିଥା'ନ୍ତି, ତେବେ ତାଙ୍କ ବିଷୟରେ କ'ଣ କରିବା ?

ଯାକୁବ ଉତ୍ତର ଦିଅନ୍ତି, ଆମର ସମସ୍ତ ନେତାଙ୍କର ବଡ଼ ଦାୟିତ୍ୱ ରହିଛି। ସେମାନେ ପାପରେ ପଡ଼ିଲେ ଅନେକ ଲୋକଙ୍କୁ କଷ୍ଟ ହେବ। ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଇଥାଏ ଯେ, ସେମାନଙ୍କ ମଧ୍ୟରୁ ଜଣଙ୍କ ବିରୁଦ୍ଧରେ ଯଦି ସମାଲୋଚନା ହୁଏ, ତେବେ ଆମେ ଏହାକୁ ଯତ୍ନର ସହ ବିବେଚନା କରିବା ଉଚିତ୍। ଏହି ସମାଲୋଚନା ଯଦି ଗପସପ, ଈର୍ଷା ବା ଗର୍ବ ହେତୁ ହୋଇଥାଏ, ତେବେ ବାଇବଲ ଏହାକୁ ଏଡ଼ାଇ

ଯିବାକୁ କହିଥାଏ। ମାତ୍ର ଆମେ ଯଦି ଏକ ବଡ଼ ଭୁଲର ପ୍ରମାଣ ପାଇଛୁ, ତେବେ ଆମେ ଏ ବିଷୟରେ ଚିନ୍ତା କରିବା ଉଚିତ୍। ଜଣେ ନେତା ଯଦି ସାଧାରଣରେ ପାପ କରନ୍ତି, ତେବେ ଆପଣମାନେ ତାଙ୍କୁ ସମସ୍ତ ମଣ୍ଡଳୀ ସମ୍ମୁଖରେ ସଂଶୋଧନ କରିବା ଉଚିତ୍ ଯେପରି ଅନ୍ୟମାନେ ମଧ୍ୟ ଏହା ଦ୍ୱାରା ଚେତାବନୀ ପାଇବେ। ଥରେ ପ୍ରେରିତ ପିତର ଭୁଲ କରିଥିଲେ ଓ ପାଉଲ ତାଙ୍କୁ ସର୍ବସାଧାରଣରେ ସଂଶୋଧନ କରିଥିଲେ। ନେତାମାନେ ଅନ୍ୟମାନଙ୍କୁ ପାପ କରିବାରେ ସହାୟକ ହୋଇଥିଲେ, ସର୍ବସାଧାରଣରେ ସଂଶୋଧିତ ହେବା ଆବଶ୍ୟକ। ନଚେତ୍ ଏହି ଭୁଲ ବଡ଼ ବଡ଼ ବିଭେଦ ସୃଷ୍ଟି କରିବ। ଖ୍ରୀଷ୍ଟଙ୍କ ପାଇଁ ନେତା ହେବାଟା ଏତେ ସହଜ କଥା ନୁହେଁ।

**ଅନୁଶୀଳନୀ**

**ଗାଲାତୀୟ ୨:୧୧-୨୧ ପଦରେ ପିତରଙ୍କ ଛଳନା** ବିଷୟରେ ଦେଖନ୍ତୁ:

- ପିତର ଲୋକମାନଙ୍କୁ ପାପ କରିବାକୁ ପରିଚାଳନା କରିବା ସମୟରେ ପାଉଲ କିପରି ତାଙ୍କୁ ସଂଶୋଧନ କରିଥିଲେ?
- ପିତରଙ୍କ କାର୍ଯ୍ୟକଳାପ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହର ସୁସମାଚାର ବିରୁଦ୍ଧରେ କିପରି ଯାଇଥିଲା?
- ପିତର କାହିଁକି ପ୍ରତାରକ ରୂପେ କାର୍ଯ୍ୟ କରିଥିଲେ?
- ଆମେ କିପରି ଉଦ୍ଧାର ପାଇଥାଉ, କଠିନ ବ୍ୟବସ୍ଥା ପାଳନ କରିବା ଦ୍ୱାରା ନା ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଦ୍ୱାରା?
- ପିତର ସଂଶୋଧନକୁ ଗ୍ରହଣ କରିଥିଲେ। ଆସ ଆମେ ସମସ୍ତେ ସେହିପରି କରିବା।

**୨ୟ ଶାମୁୟେଲ ୧୧:୧-୧୨:୨୫ ପଦରେ ଦାଉଦଙ୍କ ଗୁପ୍ତ ପାପ** ବିଷୟରେ ଦେଖନ୍ତୁ:

- ଦାଉଦ ଆପଣା ପାପକୁ ଲୁଚାଇବାକୁ ଯାଇ କିପରି ଅଧିକ ପାପ କରିଥିଲେ?
- ନେତାମାନଙ୍କ ଗୁପ୍ତ ପାପକୁ ଭାବବାଦୀ କିପରି ସଂଶୋଧନ କରିଥିଲେ?
- ଦାଉଦ କ୍ଷମାପ୍ରାପ୍ତ ହୋଇଥିଲେ ବୋଲି ଈଶ୍ୱର କିପରି ତାଙ୍କୁ ଦର୍ଶାଇଥିଲେ?

ଯାକୁବ ବର୍ଣ୍ଣନା କରନ୍ତି, ଏହି କାହାଣୀରେ ଦୁଇ ଜଣ ନେତା ସଂଶୋଧିତ ହୋଇଥିଲେ। ଭ୍ରାନ୍ତ ଗର୍ବ ହେତୁ ବିଜାତୀୟ ବିଶ୍ୱାସୀମାନଙ୍କୁ ପ୍ରତ୍ୟାଖ୍ୟାନ କରିଥିବାରୁ ପ୍ରେରିତ ପିତରଙ୍କୁ ପ୍ରେରିତ ପାଉଲ ସଂଶୋଧନ କରିଥିଲେ। ପିତର ଯୀଶୁଙ୍କ ସୁସମାଚାର ଅଗ୍ରାହ୍ୟ କରି ଅନ୍ୟମାନଙ୍କୁ ମଧ୍ୟ ସେହି ପାପ କରିବାକୁ ଚାଳନା ଦେଇଥିଲେ। ପିତର ଯଦି ଶିକ୍ଷା ଦେଉଥିଲେ ଯେ, ଆମେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ହେତୁ ଉଦ୍ଧାରପ୍ରାପ୍ତ ହୋଇଛୁ, ତଥାପି ତାଙ୍କ କାର୍ଯ୍ୟକଳାପ ଦର୍ଶାଉଥିଲା ଆମେ ଯେପରି ଯିହୁଦୀୟ ବ୍ୟବସ୍ଥା ପାଳନ କରିବା ଦ୍ୱାରା ଉଦ୍ଧାରପ୍ରାପ୍ତ ହୋଇଛୁ। ସମଗ୍ର ମଣ୍ଡଳୀ ଯେପରି ଭୁଲ ବୁଝିପାରିବେ, ସେଥିପାଇଁ ପାଉଲ ସର୍ବସାଧାରଣରେ ତାଙ୍କୁ ସଂଶୋଧନ କରିଥିଲେ। ସମଗ୍ର ଇସ୍ରାଏଲ ଯେପରି ଈଶ୍ୱରଙ୍କ ପବିତ୍ରତାକୁ ଗୁରୁତ୍ୱର ସହ ଗ୍ରହଣ କରିବେ, ସେଥିପାଇଁ ନାଥନ ଭାବବାଦୀ ରାଜା ଦାଉଦଙ୍କୁ ସର୍ବସାଧାରଣରେ ସଂଶୋଧନ କରିଥିଲେ।

ଯାକୁବ ଶ୍ରୀ ବୋକାଙ୍କ ପ୍ରତି ବୁଲିପଡ଼ି ପଚାରନ୍ତି, ଆମର କେହି ନେତା କ'ଣ ଏହିପରି ଗୁରୁତର ଭୁଲ କରିଥିବାର ପ୍ରମାଣ ତୁମ ପାଖରେ ଅଛି, ଫଳରେ ଆମେ ତାଙ୍କୁ ସମଗ୍ର ମଣ୍ଡଳୀ ସାକ୍ଷାତରେ ସଂଶୋଧନ କରିବା?

ଶ୍ରୀ ବୋକା କହନ୍ତି, ଓଃ, ଏସବୁ ଭୁଲିଯାଅ!

ଯାକୁବ ତାଙ୍କୁ ଭର୍ତ୍ସନା କରନ୍ତି, ତୁମେ ହିଁ ଏକଥା ଆରମ୍ଭ କରିଥିଲ।

ଦବୋରା ସ୍ୱୀକାର କରନ୍ତି, ମୁଁ ଲଜ୍ଜିତ ଯେ ମୁଁ ଏହି କଥା ଶୁଣି ଅନ୍ୟମାନଙ୍କୁ ଏହା କହିଥିଲି। ଏକ ଖରାପ ଗୁଜବ ହେତୁ ମୁଁ ମୋର ପାଳକ ଶିକ୍ଷାର୍ଥୀଙ୍କୁ ସମାଲୋଚନା କରିଥିଲି।

ଯାକୁବ ଉତ୍ତର ଦିଅନ୍ତି, ମୁଁ ଭାବୁଛି ଯେ ଗୋଟିଏ ହିଂସ୍ର ଗଧିଆ, ଗୋଟିଏ ହେଟା ଆମ ନେତାଙ୍କ ବିରୁଦ୍ଧରେ ଏହି ସମାଲୋଚନା କରି ଆମ ଦଳରେ ବିଭେଦ ସୃଷ୍ଟି କରିବାକୁ ଚେଷ୍ଟା କରିଛି। ଶିକ୍ଷାର୍ଥୀ, ଦୟାକରି ଆମେମାନେ ଯେଉଁମାନେ ଏହି ଗୁଜବ ଶୁଣି ଏହାର ଜାଲରେ ପଡ଼ିଥିଲୁ, ଆମମାନଙ୍କୁ ତୁମେ କ୍ଷମା କର।

ପୁନଃ ସଂସ୍ଥାପିତ ଏକତା ହେତୁ ସେମାନେ ଈଶ୍ୱରଙ୍କ ପ୍ରଶଂସା କରିଥିଲେ ଓ ଆନନ୍ଦରେ ପ୍ରଭୁଭୋଜ ପାଳନ କରିଥିଲେ। ତା'ପରେ ସଫିରା ସାରାଙ୍କୁ କହିଥିଲେ, ମଣ୍ଡଳୀର ପ୍ରେମ ଓ ଗ୍ରହଣୀୟ ଭାବ ହେତୁ ମୁଁ ଆଶ୍ଚର୍ଯ୍ୟ ହେଉଛି। ମୁଁ ମୋ' ପରିବାରରେ ଏପରି କ୍ଷମା କେବେ ଦେଖି ନ ଥିଲି। ଈଶ୍ୱରଙ୍କ ଅନୁଗ୍ରହ କେଡ଼େ ମହାନ୍!

ଗୋଟିଏ ମାସ ପରେ ଶଫୀରା ମଣ୍ଡଳୀରେ ବିବରଣୀ ଦିଅନ୍ତି, ଶିକ୍ଷାର୍ଥୀଙ୍କ ପ୍ରିୟ ସ୍ତ୍ରୀ ମୋତେ ଦୈନନ୍ଦିନ ପ୍ରାର୍ଥନା କରିବାକୁ ଅଭ୍ୟାସ କରାଇ ମୋତେ ମୋର ପୁରାତନ ଚୋରି ଅଭ୍ୟାସରୁ ମୁକ୍ତ କରିଛନ୍ତି। ଈଶ୍ୱର ମୋ' ହୃଦୟରୁ ମନ୍ଦ ଅଭିଳାଷ ଦୂର କରିଅଛନ୍ତି। ବର୍ତ୍ତମାନ ଏ ବିଷୟ ଚିନ୍ତା କରିବାଟା ମୋତେ ଆଘାତ ଦେଉଛି। ଏହା ଅତି ଆନନ୍ଦର ବିଷୟ ଯେ ଈଶ୍ୱର ମୋତେ ଶୁଚି କରି ଏକ ପବିତ୍ର ହୃଦୟ ପ୍ରଦାନ କରିଅଛନ୍ତି।

## ବ୍ୟାବହାରିକ କାର୍ଯ୍ୟ

- ଲୋକମାନଙ୍କ ମଧ୍ୟରେ ଦୈନନ୍ଦିନ ପ୍ରାର୍ଥନା ଓ ଅନ୍ୟମାନଙ୍କୁ କ୍ଷମା ଦେବାର ଆତ୍ମିକ ଶୃଙ୍ଖଳା ଜାଗ୍ରତ କରନ୍ତୁ।
- ଲୋକମାନଙ୍କୁ ପ୍ରେମରେ କିପରି ସଂଶୋଧନ କରାଯାଇପାରିବ, ତାହା ଶିକ୍ଷା ଦେବା ପାଇଁ ଏହି ଭାଗରେ ଥିବା କାହାଣୀଗୁଡ଼ିକୁ ବ୍ୟବହାର କରନ୍ତୁ।
- ଏହିପ୍ରକାର ସଂଶୋଧନ କିପରି ଆତ୍ମିକ ଓ ଶାରୀରିକ ବିପଦରୁ ରକ୍ଷା କରିଥାଏ, ସେ ବିଷୟରେ ଆପଣଙ୍କ ଲୋକମାନଙ୍କ ନିକଟରେ ବର୍ଣ୍ଣନା କରନ୍ତୁ।
- ଯେଉଁମାନେ ପାପ କରିଛନ୍ତି, ସେମାନଙ୍କୁ ଦଣ୍ଡ ନ ଦେଇ ଈଶ୍ୱରଙ୍କ ଅନୁଗ୍ରହରେ କାହିଁକି ସଂଶୋଧନ କରି ପୁନଃସଂସ୍ଥାପିତ କରିବା, ତାହା ବର୍ଣ୍ଣନା କରନ୍ତୁ।
- ଯେଉଁମାନେ ପାପ କରିଛନ୍ତି ପ୍ରେମରେ ସେମାନଙ୍କୁ ସଂଶୋଧନ କରନ୍ତୁ। ମାଥିଉ ୧୮:୧୫-୧୭ ଓ ଗାଲାତୀୟ ୬:୧ ଓ ୧ମ ତୀମଥି ୫:୧୯-୨୦ ପଦରେ ଥିବା ନିର୍ଦ୍ଦେଶ ପାଳନ କରନ୍ତୁ।
- ଯେଉଁମାନେ ଅନୁତାପ କରି ଫେରନ୍ତି, ସେମାନଙ୍କୁ ସହଭାଗିତାରେ ଗ୍ରହଣ କରି ସେମାନଙ୍କୁ ଈଶ୍ୱରଙ୍କ ଅନୁଗ୍ରହ, ପାପ କ୍ଷମା ଓ ଶୁଚିକରଣ ବିଷୟରେ ନିଶ୍ଚିତବୋଧ ଦିଅନ୍ତୁ ।

## ୩–୧୨ ସେବାକାର୍ଯ୍ୟ ୧୨

# ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରନ୍ତୁ

ପରଦିନ ପୋଲିସ୍ ଶିକ୍ଷାର୍ଥୀଙ୍କ ଘରକୁ ଆସି ତାଙ୍କୁ ଜେଲକୁ ନେଇଯାଆନ୍ତି। ବିଚାରକର୍ତ୍ତା ତାଙ୍କୁ କହନ୍ତି, ମୁଁ ତୁମକୁ ପରୀକ୍ଷା କରିବି ଯେ, ତୁମେ ଆମର ପୌରମଣ୍ଡଳ ମଧ୍ୟରେ ଅନଧିକାର ସଭା କରିଥିଲ କି ନାହିଁ। ଧ୍ୱଂସାତ୍ମକ କାର୍ଯ୍ୟକଳାପର ଦଣ୍ଡ ଭୟଙ୍କର ଅଟେ। ତୁମର ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କେହି ତୁମକୁ ସାକ୍ଷାତ କରିପାରିବେ ନାହିଁ।

ଦ୍ୱିପ୍ରହରରେ ସାରା ଶିକ୍ଷାର୍ଥୀଙ୍କୁ ସାକ୍ଷାତ କରିବାକୁ ଆସି କହନ୍ତି, ଅନେକ ଲୋକ ପ୍ରଭୁଙ୍କ ପ୍ରତି ଫେରୁଥିବାରୁ ଏହା ହୋଇଛି। ଆମେ ଦୈନନ୍ଦିନ ବିନାଶପ୍ରାପ୍ତ ଲୋକମାନଙ୍କ ପରିତ୍ରାଣ ପାଇଁ ପ୍ରାର୍ଥନା କରୁଛୁ ଓ **ସୁଯୋଗ** ପାଇଲେ ସେମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହୁଛୁ। ପ୍ରଭୁ ଆମ ପ୍ରାର୍ଥନାର ଉତ୍ତର ଦେଇଥିଲେ। ମାତ୍ର ଏହା ଦ୍ୱାରା ଯେଉଁମାନେ ଖ୍ରୀଷ୍ଟିୟାନମାନଙ୍କୁ ଘୃଣା କରନ୍ତି, ସେମାନେ ଆତଙ୍କିତ ହୋଇଯାଇଥିଲେ।

ଶିକ୍ଷାର୍ଥୀ ପ୍ରାର୍ଥନା କରନ୍ତି, ପ୍ରଭୁ, ଏହି ଜେଲ୍‌ରେ ଅନ୍ୟ ବନ୍ଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ପ୍ରଭୁ ମୋତେ ସୁଯୋଗ ଦେଇଅଛନ୍ତି।

ଈଶ୍ୱର ପ୍ରାର୍ଥନାର ଉତ୍ତର ଦିଅନ୍ତି। ଗୋଟିଏ ସପ୍ତାହ ପରେ ଛଅ ଜଣ ବ୍ୟକ୍ତି ଖ୍ରୀଷ୍ଟଙ୍କ ପ୍ରତି ଫେରନ୍ତି।

ତିନି ସପ୍ତାହ ପରେ ବିଚାରକର୍ତ୍ତା ବିଚାର କରନ୍ତି। ପ୍ରାଚୀନ ଯୋଷେଫ ଯାହାଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା, ତାଙ୍କ ବିଚାର ମଧ୍ୟ ସେହି ସମୟରେ ହୁଏ । ସେମାନେ ସମାନ ଓକିଲଙ୍କୁ ନିଯୁକ୍ତ କଲେ ମଧ୍ୟ ସେମାନଙ୍କ ସୁରକ୍ଷା ପାଇଁ ସେ ଚେଷ୍ଟା କରନ୍ତି ନାହିଁ। ବିଶ୍ୱାସୀମାନେ ସମାଜର ଉତ୍ତମ ସଂସ୍କୃତି ଓ ପ୍ରଥାକୁ ଅବହେଳା କରୁଛନ୍ତି ବୋଲି ଯେଉଁ ସାକ୍ଷୀମାନେ ଦୋଷାରୋପ କରିଥିଲେ, ଓକିଲ ସେମାନଙ୍କୁ ଡାକନ୍ତି। ଶ୍ରୀ ବୋକା ମଧ୍ୟ ଶିକ୍ଷାର୍ଥୀଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦିଅନ୍ତି। ଜଣାଯାଏ ଯେପରି ମଣ୍ଡଳୀରେ ଗୁପ୍ତଚର କାର୍ଯ୍ୟ କରିବା ପାଇଁ କେହି ଜଣେ ତାଙ୍କୁ ପାରିଶ୍ରମିକ ଦେଇଛନ୍ତି। ବିଚାରକର୍ତ୍ତା ଘୋଷଣା କରନ୍ତି, ତୁମ ଦୁଇ ଜଣଙ୍କ ପାଇଁ ମୁଁ ଦଣ୍ଡ ବିଧାନ ନ କରିବା ପର୍ଯ୍ୟନ୍ତ ତୁମେ ଦୁଇ ଜଣ କାରାଗାରରେ ରହିବ। ଏହା ହିଁ ଅନଧିକାର ସଭା କରିବାର ଦଣ୍ଡ ହେବ।

ସାହାଯ୍ୟକାରୀ ଗୁପ୍ତ ଭାବରେ ଯାକୁବଙ୍କ ଘରେ ଶିକ୍ଷାର୍ଥୀଙ୍କ ମଣ୍ଡଳୀର ପ୍ରାଚୀନମାନଙ୍କୁ ସାକ୍ଷାତ କରି ସେମାନଙ୍କୁ କହନ୍ତି, ମୋର ଭାଇ ଓ ଭଉଣୀମାନେ ଆପଣମାନେ କ୍ରୋଧାନ୍ୱିତ ଓ ଭୟଭୀତ ହୋଇଯାଇଛନ୍ତି । ନିରୁତ୍ସାହିତ ହୁଅନ୍ତୁ ନାହିଁ। ଶ୍ରୀ ଜ୍ଞାନୀ ଆମକୁ ଈଶ୍ୱରଙ୍କ ବାକ୍ୟରୁ ଶିକ୍ଷା ଦେଇଥିଲେ ଯେ, ଆମକୁ ତାଡ଼ନା କରୁଥିବା ବ୍ୟକ୍ତିଙ୍କ ପ୍ରତି ଆମେ କ୍ରୋଧ କରିବା ଅନୁଚିତ। ସେମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କରିବା ସମୟରେ କହିଥିଲେ, ‘ସେମାନେ କ’ଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ।’ ଈଶ୍ୱର ଏହାକୁ ଉତ୍ତମ କାରଣରେ ବ୍ୟବହାର କରିବେ। ଶିକ୍ଷାର୍ଥୀ ଓ ଯୋଷେଫଙ୍କ ପାଇଁ ପ୍ରାର୍ଥନା କରିଚାଲନ୍ତୁ। ମନେରଖନ୍ତୁ, ଆମର ଯୁଦ୍ଧ ଲୋକମାନଙ୍କ ବିରୁଦ୍ଧରେ ନୁହେଁ, ମାତ୍ର ମନ୍ଦ ଆତ୍ମାର ଶକ୍ତି ବିରୁଦ୍ଧରେ। ବାଇବଲରେ ଯେଉଁମାନେ ପ୍ରାର୍ଥନା କରିଥିଲେ, ଅର୍ଥାତ୍ ଅବ୍ରହାମ, ଏଷ୍ଟର ଓ ପ୍ରାଣପଣ କରିଥିବା ବିଧବାଙ୍କ ଉଦାହରଣ ଅନୁସରଣ କରନ୍ତୁ। **ଅବ୍ରହାମଙ୍କ ସାହସିକ ମଧ୍ୟସ୍ଥ ପ୍ରାର୍ଥନା** ବିଷୟରେ ମୁଁ ଆପଣମାନଙ୍କୁ କହୁଛି।

## ଅନୁଶୀଳନୀ

**ଆଦି ପୁସ୍ତକ ୧୮:୧୬–୩୩ ପଦରେ** ଦେଖନ୍ତୁ:

- ଅବ୍ରହାମ ଯେତେବେଳେ ସଦୋମର ଦୁଷ୍ଟ ଲୋକମାନଙ୍କ ପାଇଁ ମଧ୍ୟସ୍ଥ ପ୍ରାର୍ଥନା କଲେ, ସେତେବେଳେ ସେ କିପରି ପ୍ରାଣପଣ କରିଥିଲେ ?
- ଅବ୍ରହାମ ପ୍ରାର୍ଥନା କରିବା ସମୟରେ ଗର୍ବ କରୁଥିଲେ ନା ନମ୍ର ହୋଇଥିଲେ ?
- ଅବ୍ରହାମଙ୍କ ସମବେଦନା ଓ ପ୍ରାଣପଣ ପ୍ରତି ଈଶ୍ୱରଙ୍କ ପ୍ରତିକ୍ରିୟା କ'ଣ ଥିଲା ?

ଯାକୁବଙ୍କ ଘରେ ଏକତ୍ର ହୋଇଥିବା ପ୍ରାଚୀନମାନଙ୍କୁ ସାହାଯ୍ୟକାରୀ ବର୍ଣ୍ଣନା କରନ୍ତି, ଅବ୍ରହାମ ସଦୋମର ଦୁଷ୍ଟ ଲୋକମାନଙ୍କ ସପକ୍ଷରେ କହୁଥିଲେ। ସେମାନେ ଅବ୍ରହାମଙ୍କ ପାଇଁ ବିଦେଶୀୟ ଥିଲେ, ମାତ୍ର ସେ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇଥିଲେ। ଈଶ୍ୱର ତାଙ୍କ ପ୍ରାର୍ଥନାର କିଛି ଅଂଶ ଶୁଣି ଅନୁଗ୍ରହ କରିଥିଲେ। ଅବ୍ରହାମ ଈଶ୍ୱରଙ୍କଠାରୁ କୌଣସି ବିଷୟ ଦାବୀ କରି ନ ଥିଲେ, ମାତ୍ର ନମ୍ର ଭାବରେ ମାଗିଥିଲେ। ଆମେ ମଧ୍ୟ ଆମର ଓ ଆମଠାରୁ ଦୂରରେ ଥିବା ଲୋକମାନଙ୍କ ସହର, ଦେଶ ଓ ସରକାରଙ୍କ ପାଇଁ ମଧ୍ୟସ୍ଥ ପ୍ରାର୍ଥନା କରିବା ଉଚିତ୍। ଶିକ୍ଷାର୍ଥୀ ଯିବା ପରେ ଦୟାକରି ମଣ୍ଡଳୀକୁ ଏହିପରି ପ୍ରାର୍ଥନା କରିବାକୁ ସାହାଯ୍ୟ କରନ୍ତୁ ।

ମନେ ରଖନ୍ତୁ ଯେ, କେବଳ ଆପଣଙ୍କ ପାଇଁ ଓ ଆପଣଙ୍କ ପରିବାର ପାଇଁ ପ୍ରାର୍ଥନା ନ କରି ସମଗ୍ର ମଣ୍ଡଳୀ ପାଇଁ ପ୍ରାର୍ଥନା କରନ୍ତୁ। ନେତାମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ। ଆପଣଙ୍କ ଯେପରି ତାହାଙ୍କ ସେବା କରିପାରିବେ, ସେଥିପାଇଁ ଆପଣଙ୍କୁ ପବିତ୍ରଆତ୍ମା ଓ ତାହାଙ୍କ ଶକ୍ତିରେ ପରିପୂର୍ଣ୍ଣ କରିବାକୁ ଈଶ୍ୱରଙ୍କୁ ଅନୁରୋଧ କରନ୍ତୁ। ଅଭାବଗ୍ରସ୍ତ ଓ ଜେଲରେ ଥିବା ଲୋକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ। ପ୍ରାର୍ଥନା କରନ୍ତୁ ଯେପରି ଈଶ୍ୱର ଆମକୁ ଅଧିକ ସୁଯୋଗ ଓ ଅଧିକ କାର୍ଯ୍ୟକାରୀ ଦେବେ, ଯେପରି ଆମେ ଦୂରରେ ଥିବା ଅବହେଳିତ ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିପାରିବା। ବର୍ତ୍ତମାନ ମୁଁ ଆପଣମାନଙ୍କୁ **ଗୋଟିଏ ଦେଶ ଉଦ୍ଧାର କରିବାକୁ ଈଶ୍ୱର କିପରି ଜଣେ ଅନାଥ ଝିଅକୁ ବ୍ୟବହାର କରନ୍ତି**, ସେ ବିଷୟରେ କହୁଛି।

## ଅନୁଶୀଳନୀ

**ଏଷ୍ଟର ୩:୧୩–୫:୩ ଓ ୭:୧–୮ ପଦରେ** ଦେଖନ୍ତୁ:

- କେଉଁ ମହା ବିପଦ ହେତୁ ମର୍ଦ୍ଦଖୟ ଶୋକ କରୁଥିଲେ ?
- ଏଷ୍ଟର ରାଣୀ ଯେପରି ରାଜାଙ୍କ ସହିତ ସାକ୍ଷାତ କରିବେ, ସେଥିପାଇଁ ଯିହୁଦୀୟମାନେ କ'ଣ କରିଥିଲେ ?
- ଏଷ୍ଟର ରାଣୀ କିପରି ଆପଣା ଲୋକମାନଙ୍କ ପ୍ରତି ପ୍ରେମ ଓ ସାହସିକ ବିଶ୍ୱାସ ପ୍ରଦର୍ଶନ କରିବା ପାଇଁ କଷଣ କରିଥିଲେ ?
- ଏଷ୍ଟରଙ୍କ ସମ୍ପୂର୍ଣ୍ଣ କାହାଣୀକୁ ସଂକ୍ଷିପ୍ତ କରି କୁହନ୍ତୁ, ଏହା ଦେଖାନ୍ତୁ ଯେ, ତାଙ୍କ ଲୋକମାନଙ୍କ ପ୍ରାର୍ଥନା ମାଧ୍ୟମରେ ସେ କିପରି ଏକ ଜାତିକୁ ଉଦ୍ଧାର କରିପାରିଥିଲେ ?

ଯାକୁବଙ୍କ ଘରେ ସାହାଯ୍ୟକାରୀ ପ୍ରାଚୀନମାନଙ୍କୁ ବର୍ଣ୍ଣନା କରନ୍ତି, ଈଶ୍ୱର ଏଷ୍ଟରଙ୍କୁ ରାଣୀ କରିଥିଲେ, ଯେପରି ସେ ଆପଣା ଲୋକମାନଙ୍କୁ ବିନାଶରୁ ଉଦ୍ଧାର କରିବେ। ସେ ରାଜାଙ୍କୁ ସାକ୍ଷାତ କରିବା ପୂର୍ବରୁ ସେ ଓ ତାଙ୍କ ଲୋକମାନେ ତିନି ଦିନ ଉପବାସ ପ୍ରାର୍ଥନା କରିଥିଲେ। ନିଜ ଜୀବନରେ ବିପଦ ବରଣ କରି ରାଜାଙ୍କ ନିକଟକୁ ଯାଇଥିଲେ ଓ ତାଙ୍କ ବିଶ୍ୱାସ ଦ୍ୱାରା ତାଙ୍କ ଲୋକମାନେ ଉଦ୍ଧାର ପାଇଥିଲେ। ପୁରାତନ ନିୟମରେ ଈଶ୍ୱର ଆପଣା ପବିତ୍ରତା ପ୍ରଦର୍ଶନ କରିବା ପାଇଁ ତାହାଙ୍କ ଲୋକମାନଙ୍କ ଶତ୍ରୁମାନଙ୍କୁ ଦଣ୍ଡ ଦେଇଥିଲେ। ଈଶ୍ୱର ମର୍ଦ୍ଦଖୟଙ୍କ ଶତ୍ରୁମାନଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ନୂତନ ନିୟମରେ ଯେଉଁମାନେ ତାଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି, ଈଶ୍ୱର ସେମାନଙ୍କ ପ୍ରତି ଅନୁଗ୍ରହ ପ୍ରଦର୍ଶନ କରନ୍ତି। ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯୀଶୁ ଆମକୁ କହନ୍ତି। ଲୋକମାନଙ୍କୁ ବିନାଶରୁ ଉଦ୍ଧାର କରିବା ପାଇଁ ଈଶ୍ୱର ଆମର ପ୍ରାର୍ଥନା ମାଧ୍ୟମରେ କାର୍ଯ୍ୟ କରିଥାଆନ୍ତି। ଆମେ ସର୍ବଦା ସମ୍ପୂର୍ଣ୍ଣ ହୃଦୟରେ ପ୍ରାର୍ଥନା କରିବା ଉଚିତ୍। ଆମେ କେବେ ମଧ୍ୟ ପ୍ରାର୍ଥନା କରି କ୍ଳାନ୍ତ ହେବା ଅନୁଚିତ୍। ଆତ୍ମିକ ଯୁଦ୍ଧରେ ପ୍ରାର୍ଥନା ହିଁ ଆମର ମୁଖ୍ୟ ଅସ୍ତ୍ର ଅଟେ। ବର୍ତ୍ତମାନ ମୁଁ ଆପଣମାନଙ୍କୁ **ପ୍ରାଣପଣ କରିଥିବା ବିଧବା**ଙ୍କ ବିଷୟରେ କହିବି।

## ଅନୁଶୀଳନ

**ଲୂକ ୧୮:୧–୮ ପଦରେ ଦେଖନ୍ତୁ :**

- ବିଧବାଟି ସାହାଯ୍ୟ ପାଇବାକୁ ଦୁର୍ନୀତିଗ୍ରସ୍ତ ବିଚାରକର୍ତ୍ତାଙ୍କୁ କିପରି ଅନୁରୋଧ କରିଥିଲେ ?
- ଈଶ୍ୱର ଆମର ଉତ୍ତମ ବିଚାରକ ହୋଇଥିବାରୁ, ଆମେ ମଧ୍ୟ କ'ଣ ତାହାଙ୍କ ପ୍ରତି ଆମ ପ୍ରାର୍ଥନାରେ ପ୍ରାଣପଣ କରିବା ଉଚିତ୍ ? କାହିଁକି ?
- ଖ୍ରୀଷ୍ଟ ପୁନରାଗମନ କରିବା ସମୟରେ ଆମଠାରେ କ'ଣ ଦେଖିବାକୁ ଇଚ୍ଛା କରିବେ ?

ସାହାଯ୍ୟକାରୀ ପ୍ରାର୍ଥନା ବିଷୟରେ ତାଙ୍କ ଶିକ୍ଷା ସମାପ୍ତ କରନ୍ତି, ଦୁର୍ନୀତିଗ୍ରସ୍ତ ବିଚାରକ ବିଧବାଙ୍କୁ ସାହାଯ୍ୟ କରିଥିଲେ, କାରଣ ସେ ତାଙ୍କୁ ମାଗି ଚାଲିଥିଲେ। କୌଣସି ବିଷୟ ତାଙ୍କୁ ବିରତ କରିପାରି ନ ଥିଲା। ଈଶ୍ୱର ଜଣେ ଉତ୍ତମ ବିଚାରକ ଅଟନ୍ତି। ସେ ନ୍ୟାୟରେ ଆପଣଙ୍କ ପ୍ରାର୍ଥନାର ଉତ୍ତର ଦେବେ। ବିଶ୍ୱସ୍ତ ପ୍ରାର୍ଥନା କରିବାରୁ ଆପଣମାନଙ୍କୁ କୌଣସି ବିଷୟ ବାଧା ନ ଦେଉ। ଆପଣ ଦଳଗତ ପ୍ରାର୍ଥନା କରିବା ସମୟରେ ଆପଣଙ୍କ ଚତୁର୍ଦ୍ଦିଗରେ ଥିବା ଲୋକମାନଙ୍କ ବିଷୟ ଭାବି ଦେଖନ୍ତୁ। ଭଣ୍ଡ ଦେବତାମାନଙ୍କୁ ପ୍ରାର୍ଥନା କରିବା ପରି ଅନର୍ଥକ ପୁନରୁକ୍ତି କରି ଲମ୍ବା ପ୍ରାର୍ଥନାରେ ସେମାନଙ୍କୁ ବିରକ୍ତ କରନ୍ତୁ ନାହିଁ। ସମାଲୋଚନା ଓ ଗପସପରୁ ଦୂରରେ ରୁହନ୍ତୁ। ଅନ୍ୟମାନଙ୍କୁ ଖରାପ ବ୍ୟବହାର କରିବା ଦ୍ୱାରା ଆମ ପ୍ରାର୍ଥନା ବାଧାପ୍ରାପ୍ତ ହୋଇଥାଏ। ମନେ ରଖନ୍ତୁ ଯେ, ଶତ୍ରୁ ଆମକୁ ବାଧା ଦେଇ ବିଚଳିତ କରିବାକୁ ଇଚ୍ଛା କରିଥାଏ। ଅନେକ ସମୟରେ ଯୀଶୁ ରାତିରେ ଏକାନ୍ତରେ ପ୍ରାର୍ଥନା କରିବାକୁ ଦୂରକୁ ଯାଉଥିଲେ। ଯୀଶୁଙ୍କ ପରି, ଜଗତରୁ ଦୂରେଇ ଯାଇ ପ୍ରାର୍ଥନା କରନ୍ତୁ।

ସାହାଯ୍ୟକାରୀ ଦ୍ୱାର ବାହାରକୁ ଯିବା ସମୟରେ ଦେଖିଲେ ଯେ, ତିନି ଜଣ ପୋଲିସ୍ ତାଙ୍କ ଅପେକ୍ଷାରେ ଅଛନ୍ତି। ସେମାନେ ତାଙ୍କୁ ଗିରଫ କରି ଜେଲକୁ ନେଇଗଲେ। ସେ ସେମାନଙ୍କୁ ଶିକ୍ଷାର୍ଥୀ ରହିଥିବା ଗୃହରେ ତାଙ୍କୁ ରଖିବାକୁ ଅନୁରୋଧ କଲେ ମଧ୍ୟ ସେମାନେ ତାହା ଅଗ୍ରାହ୍ୟ କରନ୍ତି।

ବିଶ୍ୱାସୀମାନେ ସେମାନଙ୍କ ଘରେ ଉପବାସ ପ୍ରାର୍ଥନା କରନ୍ତି। କେହି କେହି ଛୋଟ ଛୋଟ ଦଳ ହୋଇ ଶିକ୍ଷାର୍ଥୀ ଓ ସାହାଯ୍ୟକାରୀଙ୍କ ପାଇଁ ରାତିସାରା ପ୍ରାର୍ଥନା କରନ୍ତି। ଶ୍ରୀ ବୋକା ଯାକୁବଙ୍କ ଗୋଦାମରେ ଏକ ସଭାରେ ପହଞ୍ଚି କହନ୍ତି, ଈଶ୍ୱର ଆମର ପ୍ରାର୍ଥନାର ଉତ୍ତର ଦିଅନ୍ତୁ ବୋଲି ଯଦି ଆମେ ପ୍ରକୃତରେ ଇଚ୍ଛା କରୁଛୁ, ତେବେ ଆମକୁ ଆଣ୍ଠେଇ ପ୍ରାର୍ଥନା କରିବାକୁ ପଡ଼ିବ। ଛିଡ଼ା ହେବା ନାହିଁ। ବସିକରି ନାହିଁ। କେବଳ ଆଣ୍ଠେଇ କରି। ବାଇବଲ କହେ ରାଜା ଶଲୋମନ ଆଣ୍ଠେଇ ପଡ଼ି ସ୍ୱର୍ଗ ଆଡ଼େ ହସ୍ତ ବିସ୍ତାର କରି ପ୍ରାର୍ଥନା କରୁଥିଲେ। ତାହା ହିଁ ଏକମାତ୍ର ଉପାୟ !

ଯାକୁବ ଉତ୍ତର ଦିଅନ୍ତି, ତୁମେ ପ୍ରତ୍ୟେକଙ୍କୁ ପ୍ରାର୍ଥନାର ବାସ୍ତବ ଉଦ୍ଦେଶ୍ୟରୁ ଦୂରେଇ ଦେଉଛ। ଦୁଇ ଜଣ ଲୋକ ଜେଲ୍‌ରେ ଅଛନ୍ତି, ପୁଣି ତୁମେ ଆମକୁ ଆମ ଶରୀରର ମୁଦ୍ରା ବିଷୟରେ କହୁଛ ! ଈଶ୍ୱର ଆମର ହୃଦୟକୁ ହିଁ ଦେଖନ୍ତି। ବାଇବଲରେ ସେମାନେ ବିଭିନ୍ନ ଉପାୟରେ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରୁଥିଲେ। ବେଳେ ବେଳେ ସେମାନେ ନୀରବରେ ପ୍ରାର୍ଥନା କରୁଥିଲେ। ଅନ୍ୟ ସମୟରେ ସେମାନେ ଉଚ୍ଚ ସ୍ୱରରେ ପ୍ରାର୍ଥନା କରୁଥିଲେ। ବେଳେ ବେଳେ ସେମାନେ ଛିଡ଼ା ହୋଇ ମୁଖ ତଳକୁ କରି ପ୍ରାର୍ଥନା କରୁଥିଲେ। କେହି କେହି ବାଇବଲର ଗୀତସଂହିତା କହୁଥିଲେ ବା ସେମାନଙ୍କ ପ୍ରାର୍ଥନାକୁ ଗୀତ ଆକାରରେ ବୋଲୁଥିଲେ। ୨ୟ କରିନ୍ଥୀୟ ୩:୧୭ ପଦ କହେ, 'ପ୍ରଭୁଙ୍କ ଆତ୍ମା ଯେଉଁଠାରେ ଥାଏ, ସେଠାରେ ସ୍ୱାଧୀନତା ଥାଏ।'

ଶ୍ରୀ ବୋକା ପଳାନ୍ତି। ସେମାନେ ମଣ୍ଡଳୀକୁ ସାହାଯ୍ୟ କରିବା ପାଇଁ କିପରି ଫଳପ୍ରଦ ପ୍ରାର୍ଥନା କରିପାରିବେ, ସେ ବିଷୟରେ କଥାବାର୍ତ୍ତା କରୁଥିଲେ। ସମସ୍ତେ ଦୈନନ୍ଦିନ, ଏକାନ୍ତରେ ବା ସପରିବାରରେ ପ୍ରାର୍ଥନା କରିବାକୁ ସମ୍ମତ ହୋଇଥିଲେ। ଦୁଇ ଜଣ ବୟସ୍କ ମହିଳା ପ୍ରତ୍ୟେକ ଦିନ ବଡ଼ିଭୋରରୁ ଏକତ୍ର ପ୍ରାର୍ଥନା କରିବାକୁ ପ୍ରତିଜ୍ଞା କରନ୍ତି। ଯାକୁବ ବିଶ୍ୱାସୀମାନଙ୍କୁ ଏକ ପ୍ରାର୍ଥନା ଶୃଙ୍ଖଳ ତିଆରି କରିବାକୁ କହନ୍ତି। ଯଦି କାହାର କିଛି ଆବଶ୍ୟକ ହୁଏ, ତେବେ ସେ ଆଉ ଜଣଙ୍କୁ ତାହା କହିବ। ସେହି ବ୍ୟକ୍ତି ଅନ୍ୟ ଜଣଙ୍କୁ କହିବେ, ଏହିପରି ଭାବରେ ଉକ୍ତ ଶୃଙ୍ଖଳରେ ସମସ୍ତେ ପ୍ରାର୍ଥନା ନ କରିବା ପର୍ଯ୍ୟନ୍ତ ତାହା ଚାଲୁ ରହିବ। ପ୍ରତ୍ୟେକେ ଭିନ୍ନ ଭିନ୍ନ ଉପାୟରେ ବା ଭିନ୍ନ ଭିନ୍ନ ସମୟରେ ପ୍ରାର୍ଥନା କରିପାରିବେ।

## ଯୀଶୁଙ୍କ ନାମରେ ପ୍ରାର୍ଥନାର ଶକ୍ତି

ପରଦିନ ଯାକୁବ ଓ ଅନ୍ୟ ପ୍ରାଚୀନଗଣ ନୂଆ ବିବାହ କରିଥିବା ରତଙ୍କ ଘରକୁ ଗଲେ, ଯେ କି ଗୁରୁତର ପୀଡ଼ିତ ଥିଲେ। ସେ ବର୍ଣ୍ଣନା କରନ୍ତି, ମୋ' ସ୍ୱାମୀ ଟୋବିୟ ମୋତେ ପିଟିବାରୁ ମୁଁ ପଡ଼ିଗଲି। ସେ ଅବୈଧ ନିଶାସେବନ କରୁଛନ୍ତି। ବର୍ତ୍ତମାନ ମୋତେ ବହୁତ କଷ୍ଟ ହେଉଛି। ଶ୍ରୀ ବୋକା ମଧ୍ୟ ଆସି ବଡ଼ ବଡ଼ କଥା କହି ପ୍ରଚାର କରିଛନ୍ତି। ସେ ପ୍ରାଚୀନମାନଙ୍କୁ କହନ୍ତି, ବର୍ତ୍ତମାନ ଶିକ୍ଷାର୍ଥୀ ଜେଲ୍‌ରେ ଅଛନ୍ତି, ମୁଁ ମଣ୍ଡଳୀ ପରିଚାଳନା କରିବା ଉଚିତ୍।

ନା, ତୁମେ କରିବ ନାହିଁ ! ଯାକୁବ ଦୃଢ଼ ରୂପେ କହନ୍ତି। ତୁମର ଆତ୍ମିକ ଶକ୍ତି ବଳରେ ବଡ଼ ବଡ଼ ଶବ୍ଦ କହି ଲୋକମାନଙ୍କୁ ପ୍ରଭାବିତ କରିବା ବନ୍ଦ କର ! ବର୍ତ୍ତମାନ ପ୍ରାଚୀନମାନେ ଯାକୁବ ୫ ପର୍ବରେ ଥିବା ନିର୍ଦ୍ଦେଶଗୁଡ଼ିକ ଅନୁସରଣ କରନ୍ତୁ। ସେମାନେ ଉକ୍ତ ମହିଳାଙ୍କ ମସ୍ତକରେ ଟିକିଏ ତେଲ ଢାଳି ଯୀଶୁଙ୍କ ନାମରେ ପ୍ରାର୍ଥନା କରନ୍ତି। ସେମାନେ ସରଳ ଶବ୍ଦ ବ୍ୟବହାର କରି ସରଳ ଭାବରେ ବିଶ୍ୱାସରେ ପ୍ରାର୍ଥନା କରନ୍ତି।

ଏହା କ'ଣ ମୋର ଭୁଲ ? ଦବୋରା ଆଗ୍ରହର ସହ ପଚାରନ୍ତି, ମୁଁ କ'ଣ ଏତେ ପାପ କରିଛି ?

ଶ୍ରୀ ବୋକା ହଁ ବୋଲି କହି ଆରମ୍ଭ କରିବା ସମୟରେ ଯାକୁବ ତାଙ୍କୁ କହନ୍ତି, ଯଦି କୌଣସି ପାପ ତୁମକୁ ବ୍ୟସ୍ତ କରୁଛି, ତେବେ ତାକୁ ସ୍ୱୀକାର କର ଓ ଈଶ୍ୱର ତୁମକୁ କ୍ଷମା କରିବେ ବୋଲି ବିଶ୍ୱାସ ରଖ।

ସେମାନେ ପ୍ରାର୍ଥନା କରିବା ସମୟରେ ତାଙ୍କ ସ୍ୱାମୀ ଟୋବିୟ ଦ୍ୱାର ଠେଲି ଦେଇ ଖୋଲନ୍ତି। ସେ ସେମାନଙ୍କୁ ଯୀଶୁଙ୍କ ନାମରେ ପ୍ରାର୍ଥନା କରୁଥିବାର ଶୁଣି ଅଭିଶାପ ଦିଅନ୍ତି। ସେ ଯାକୁବଙ୍କୁ ଆଘାତ ଦିଅନ୍ତି, ମାତ୍ର ସେହି ସମୟରେ ପଡ଼ିଯାଆନ୍ତି ଓ ତାଙ୍କର ମଣିବନ୍ଧର ହାଡ଼ ମୋଡ଼ି ହୋଇଯାଏ। ସେ ପୁନର୍ବାର ଅସଙ୍ଗତ ଭାବରେ ଅଭିଶାପ ଦିଅନ୍ତି। ଯାକୁବ ପ୍ରାଚୀନମାନଙ୍କୁ କହନ୍ତି, ଟୋବିୟ ନିଶାଦ୍ରବ୍ୟକୁ ତାଙ୍କ ମନକୁ ଦୁର୍ବଳ କରିବାକୁ ଦିଅନ୍ତି ଓ ତାଙ୍କ ଚିନ୍ତାଧାରାକୁ ମନ୍ଦ ଆତ୍ମାକୁ ନିୟନ୍ତ୍ରଣ କରିବାକୁ ଖୋଲି ଦିଅନ୍ତି।

ଶ୍ରୀ ବୋକା ଚିତ୍କାର କରନ୍ତି, ଦୌଡ଼ି ପଳାଅ, ଆମର ଏହି ଶକ୍ତି ସହିତ ସାମଞ୍ଜସ୍ୟ ନାହିଁ! ରତ କାନ୍ଦନ୍ତି, ଯାଅ ନାହିଁ! ମୁଁ ତୁମକୁ ରହିବାକୁ ଅନୁରୋଧ କରୁଛି। ଶିକ୍ଷାର୍ଥୀ ଆମକୁ ମନ୍ଦାତ୍ମା ଉପରେ ଯୀଶୁଙ୍କ ଶକ୍ତି ବିଷୟରେ ଶିକ୍ଷା ଦେଇଥିଲେ। ସେ କହିଥିଲେ ଯେ, ମନ୍ଦାତ୍ମାକୁ ପ୍ରତିବାଧା ଦେଲେ ସେ ଆମଠାରୁ ପଳାଇଯାଏ।

ହଁ, ଯାକୁବ ଉତ୍ତର ଦିଅନ୍ତି। ଯାକୁବ ୪:୭ ପଦରେ ତାହା ଲେଖାଅଛି। ଆମେ ମନ୍ଦାତ୍ମାଠାରୁ ଦୂରକୁ ପଳାଇଯିବା ନାହିଁ, ବରଂ ଏଠାରେ ରହି ତାହାକୁ ପ୍ରତିରୋଧ କରିବା। ଆମଠାରୁ ବାହାରି ଯିବା ପାଇଁ ଆମେ ତାକୁ ଯୀଶୁଙ୍କ ନାମରେ ବାଧ୍ୟ କରିବା। **ଭୂତାତ୍ମା ଦ୍ୱାରା କଷ୍ଟ ପାଉଥିବା ବାଳକ** ବିଷୟରେ ସେ କହନ୍ତି।

### ଅନୁଶୀଳନୀ

**ମାର୍କ ୯:୧୪-୨୯ ପଦରେ ଦେଖନ୍ତୁ:**

- ଯୀଶୁ ଶିଷ୍ୟମାନଙ୍କୁ କ'ଣ କରୁଥିବାର ଦେଖିଲେ ?
- ଶିଷ୍ୟମାନେ ମନ୍ଦାତ୍ମାକୁ କାହିଁକି ବାହାର କରିପାରିଲେ ନାହିଁ ?
- ଯୀଶୁ ପିତାଙ୍କୁ କ'ଣ କରିବାକୁ ଅନୁରୋଧ କରିଥିଲେ ?
- ଆତ୍ମା ବାହାର କରିବାକୁ ଯୀଶୁ କ'ଣ କରିଥିଲେ ?

ଯାକୁବ ବର୍ଣ୍ଣନା କରନ୍ତି, ଯୀଶୁ ପହଞ୍ଚିବା ପରେ ପ୍ରାର୍ଥନା କରିବା ପରିବର୍ତ୍ତେ ତାହାଙ୍କ ଶିଷ୍ୟଗଣ ଯୁକ୍ତିତର୍କ କରୁଥିଲେ! ସେମାନେ ଈଶ୍ୱରଙ୍କ ଶକ୍ତି ଉପରେ ନିର୍ଭର ରଖି ନ ଥିବାରୁ ଆତ୍ମା ବାହାର କରିପାରୁ ନ ଥିଲେ। ସେମାନଙ୍କ କ୍ଷୀଣ ବିଶ୍ୱାସ ଦେଖି ଯୀଶୁ ସେମାନଙ୍କୁ ଭର୍ତ୍ସନା କରିଥିଲେ। ପିତାଙ୍କଠାରେ ବିଶ୍ୱାସ ରଖିବାକୁ ସେ କହିଥିଲେ। ତା'ପରେ ଉକ୍ତ ବାଳକକୁ ଛାଡ଼ି ଚାଲିଯିବାକୁ ଓ ଆଉ କେବେ ନ ଆସିବାକୁ ସେ ଉକ୍ତ ଆତ୍ମାକୁ ଆଜ୍ଞା ଦେଇଥିଲେ। ସେ ଉକ୍ତ ବାଳକକୁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ କରିଥିଲେ। ବର୍ତ୍ତମାନ, ଯୀଶୁ ଯେପରି କହିଥିଲେ, ଟୋବିୟଙ୍କ ପାଇଁ ସେପରି କରିବା। ଆସ, ମୋ ସହିତ ତାଙ୍କ ପାଇଁ ପ୍ରାର୍ଥନା କରିବା!

ଶ୍ରୀ ବୋକା ଯାକୁବଙ୍କଠାରେ ଅଭିଯୋଗ କରନ୍ତି, କ'ଣ କରିବାକୁ ହେବ ସେ ବିଷୟରେ ଏତେକଥା କୁହ ନାହିଁ! ତୁମେ ଜଣେ ଅତି ନୂତନ ବିଶ୍ୱାସୀ। ଶିକ୍ଷାର୍ଥୀଙ୍କ ଅନୁପସ୍ଥିତିରେ ମୁଁ ସେହି ଦାୟିତ୍ୱରେ ଅଛି। ଯତ୍ନଶୀଳ ମଧ୍ୟ ଏହି ମଣ୍ଡଳୀରେ ଲୋକମାନଙ୍କୁ ଅନେକଥର ପରିଚାଳନା କରିଛନ୍ତି।

ପ୍ରାଚୀନମାନଙ୍କ ମଧ୍ୟରୁ ଆଉ ଜଣେ ଶ୍ରୀ ବୋକାଙ୍କୁ ଭର୍ତ୍ସନା କରନ୍ତି। ତୁମେ ଯାହା କହୁଛ, ତାହା ଠିକ୍ ନୁହେଁ। ଆମ ସହିତ କାର୍ଯ୍ୟ କରିବାକୁ ଯାକୁବଙ୍କ ପୂର୍ଣ୍ଣ ଅଧିକାର ଅଛି। ପୁଣି ଅନ୍ୟ ମଣ୍ଡଳୀର ହେଲେ ମଧ୍ୟ ଆମେ ଯତ୍ନଶୀଳଙ୍କ ସାହାଯ୍ୟ ଲୋଡ଼ୁଛୁ। ନୂତନ ନିୟମରେ ନେତାଗଣ ଅବିରତ ବିଭିନ୍ନ ମଣ୍ଡଳୀରେ ସେବା କରିଥିଲେ। ଆବଶ୍ୟକ ସମୟରେ ମଣ୍ଡଳୀକୁ ସାହାଯ୍ୟ କରିବା ପାଇଁ ସେମାନେ ଅନେକ ସମୟରେ ଯାତ୍ରା କରୁଥିଲେ। ମଣ୍ଡଳୀଗୁଡ଼ିକ ମଧ୍ୟରେ ଏପରି ସହଯୋଗ ଲୋଡ଼ାଅଛି ବୋଲି ଶାସ୍ତ୍ରରେ ଲେଖାଅଛି । ସେଗୁଡ଼ିକ ଏକୁଟିଆ ଦଳ ନୁହନ୍ତି। ଯେକୌଣସି ମଣ୍ଡଳୀ ଖ୍ରୀଷ୍ଟଙ୍କ ବଡ଼ ଶରୀରର ଅଂଶ ଅଟେ। ଅବଶିଷ୍ଟ ଲୋକମାନଙ୍କୁ ସେ କହନ୍ତି, ଆସ, ଏହି ଭୂତାତ୍ମା ପ୍ରପୀଡ଼ିତ ଲୋକ ଉପରେ ହସ୍ତାର୍ପଣ କରି ପ୍ରାର୍ଥନା କରିବା।

ଶ୍ରୀ ବୋକା ଚିତ୍କାର କରନ୍ତି, ନା! ଉକ୍ତ ମନ୍ଦାତ୍ମାଗୁଡ଼ିକ ବିରୁଦ୍ଧରେ ଯାଅ ନାହିଁ! ସେମାନେ ଆମକୁ ଆକ୍ରମଣ କରିବେ! ପ୍ରାଚୀନଗଣ ତାଙ୍କ କଥା ନ ଶୁଣିବାରୁ ସେ ଘରୁ ବାହାରି ଯାଆନ୍ତି ଓ ଦ୍ୱାର ମୁହଁରେ ଅନାଇ ରହନ୍ତି। ପ୍ରାଚୀନଗଣ ଯୀଶୁଙ୍କ ନାମରେ ମନ୍ଦାତ୍ମାକୁ ଧମକ ଦିଅନ୍ତି। ପରବର୍ତ୍ତୀ ସମୟରେ ସେମାନେ ଟୋବିୟଙ୍କୁ ଯୀଶୁଙ୍କ ନାମରେ ଈଶ୍ୱରଙ୍କଠାରେ ତାହାଙ୍କ ପାପ ସ୍ୱୀକାର କରିବାକୁ ଓ ମନ୍ଦାତ୍ମା ଶକ୍ତି ବିରୁଦ୍ଧରେ ନିଜକୁ ସୁରକ୍ଷିତ ରଖିବାକୁ ପବିତ୍ରଆତ୍ମାଙ୍କ ଶକ୍ତିଲାଭ କରିବାକୁ ସାହାଯ୍ୟ କରନ୍ତି। ଶେଷରେ ଟୋବିୟ ଶାନ୍ତ ହୋଇ ଈଶ୍ୱରଙ୍କ ପ୍ରତି ସମର୍ପିତ ହୁଅନ୍ତି। ସେ ତାଙ୍କ ପାପ ସ୍ୱୀକାର କରି ତାଙ୍କୁ ଉଦ୍ଧାର କରିବା ପାଇଁ ଯୀଶୁଙ୍କୁ ଅନୁରୋଧ କରନ୍ତି। କିଛି ସମୟ ନୀରବତା ପରେ ସେ କହନ୍ତି, ମନ୍ଦାତ୍ମା ଚାଲିଯାଇଛି!

ସେମାନେ ପ୍ରଭୁଙ୍କ ପ୍ରଶଂସା କରନ୍ତି। ଟୋବିୟ ଯାକୁବଙ୍କୁ କହନ୍ତି, ମୁଁ ତୁମ ନିକଟରେ କିଛି ବିଷୟ ସ୍ୱୀକାର କରିବି। ମୁଁ ଅଧିକାରୀଙ୍କ ସହିତ କାର୍ଯ୍ୟ କରେ ଓ ତୁମ ନେତାଙ୍କ ଅନଧିକାର କାଯର୍ଯ୍ୟକଳାପ ବିରୁଦ୍ଧରେ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲି। ତୁମର ଗୁପ୍ତ ସଭା କେଉଁଠାରେ ହୁଏ, ସେ ବିଷୟରେ ଶ୍ରୀ ବୋକା ମୋତେ ସୂଚନା ଦେଇଥିଲେ। ମୁଁ ତାଙ୍କ ପାଇଁ ଖଣ୍ଡ ଖଣ୍ଡ ମାଂସ କିଣି ଦେଲେ ସେ ମୋତେ କିଛି ବିଷୟ କହୁଥିଲେ।

ପରଦିନ ଟୋବିୟ ମନ୍ଦାତ୍ମା ଶକ୍ତିରୁ ମୁକ୍ତ ହୋଇ ଅଧିକାରୀଙ୍କୁ ସତକଥା କହନ୍ତି। ସେମାନେ ଶିକ୍ଷାର୍ଥୀ ଓ ସାହାଯ୍ୟକାରୀଙ୍କୁ ମୁକ୍ତ କରନ୍ତି, ସେମାନେ ଶିକ୍ଷାର୍ଥୀଙ୍କ ଘରକୁ ଫେରି ଦେଖନ୍ତି ଯେ, ଏକ ଛୋଟ ଦଳ ସେମାନଙ୍କ ମୁକ୍ତି ନିମନ୍ତେ ପ୍ରାର୍ଥନା କରୁଛନ୍ତି। ସେମାନେ ଅତି ଆନନ୍ଦରେ ଈଶ୍ୱରଙ୍କ ପ୍ରଶଂସା କରନ୍ତି।

### ଅନୁଭୂତ ହେଉଥିବା ଲଜ୍ଜା ଓ ଈଶ୍ୱରଙ୍କ ସମ୍ମୁଖରେ ଦୋଷ ଯାହା ବାସ୍ତବତା ଅଟେ, ସେଗୁଡ଼ିକର ପ୍ରଭେଦ ଜାଣିବା

ସେହିଦିନ ପରେ ଦବୋରା ଶିକ୍ଷାର୍ଥୀଙ୍କ ଘରେ ହଠାତ୍ ପହଞ୍ଚନ୍ତି। ମୋତେ ସାହାଯ୍ୟ କର! ସେ କାନ୍ଦନ୍ତି, ମୋ' ଭାଇ ଶାମୁୟେଲ ଆତ୍ମହତ୍ୟା କରିବାକୁ ଯାଉଛନ୍ତି! ଆସ ତାଙ୍କ ସହିତ କଥାବାର୍ତ୍ତା କର! ମୁଁ ତାଙ୍କୁ ଯୀଶୁଙ୍କ ବିଷୟରେ କହିଲେ ମଧ୍ୟ ସେ ତାହା ଶୁଣୁ ନାହାନ୍ତି।

ଶିକ୍ଷାର୍ଥୀ ଓ ସାରା ଦବୋରାଙ୍କ ଘରକୁ ଦୌଡ଼ି ଯାଆନ୍ତି। ସେ ବର୍ଣ୍ଣନା କରନ୍ତି,

ଶାମୁୟେଲ ଗୋଟିଏ କ୍ଷୁର ଧରି କାନ୍ଦୁଛନ୍ତି। ଦବୋରା ଦୌଡ଼ିଯାଇ ତାଙ୍କଠାରୁ ତାହା ଛଡ଼ାଇ ଆଣନ୍ତି। ଶାମୁୟେଲ ଧଇଁସଇଁ ହୋଇ କାନ୍ଦି କାନ୍ଦି କହନ୍ତି, ମୁଁ ଆଉ ବଞ୍ଚିବାକୁ ଇଚ୍ଛା କରୁ ନାହିଁ। ମୁଁ ଲଜ୍ଜିତ। ଦୟାକରି ଚାଲିଯାଅ!

ସାରା ତାଙ୍କୁ ତାଙ୍କ ଦୁଃଖର କାରଣ ପଚାରନ୍ତି। ବହୁତ ସମୟର ନୀରବତା ପରେ ସେ ତାଙ୍କୁ କହନ୍ତି, ବିଶ୍ୱବିଦ୍ୟାଳୟର ଜଣେ ବୋକା ଶିକ୍ଷକ ମୋତେ ଅକୃତକାର୍ଯ୍ୟ କରିଦେଲେ, ଫଳରେ ମୁଁ ଆଉ ପଢ଼ିପାରିବି ନାହିଁ। ମୁଁ ଏଜେ ଲଜ୍ଜିତ ଯେ ବଞ୍ଚିରହି ପାରିବି ନାହିଁ। ମୁଁ ବହୁତ ପରିଶ୍ରମ କରି ଅଧ୍ୟୟନ କଲେ ମଧ୍ୟ ସ୍ମରଣ ରଖିପାରି ନ ଥିଲି। ଉତ୍ତମ ନମ୍ବର ରଖିଥିବା ଛାତ୍ରମାନଙ୍କ ଅପେକ୍ଷା ମୁଁ ଅଧିକ ପରିଶ୍ରମ କରିଥିଲି! ମୁଁ ମୋ' ପ୍ରତି ଓ ମୋ' ପରିବାର ପ୍ରତି ଲଜ୍ଜା ଆଣିଛି।

ସାରା ଶିକ୍ଷାର୍ଥୀଙ୍କୁ ଧୀର ସ୍ୱରରେ କହନ୍ତି, ଶ୍ରୀ ଜ୍ଞାନୀ ଶାମୁୟେଲ ବିଷୟରେ କ'ଣ କରିଥା'ନ୍ତେ ?

ଶିକ୍ଷାର୍ଥୀ ନୀରବରେ ପ୍ରାର୍ଥନାରେ ଜ୍ଞାନ ଭିକ୍ଷା କରନ୍ତି, ତା'ପରେ ସ୍ଥିର ଭାବରେ ଶାମୁୟେଲଙ୍କୁ ନିଶ୍ଚିତବୋଧ ଦିଅନ୍ତି, ତୁମେ ଲଜ୍ଜିତ ହୋଇଛ, ମାତ୍ର ତୁମେ କୌଣସି ଭୁଲ କରି ନାହଁ। ତୁମେ ବିଶ୍ୱବିଦ୍ୟାଳୟରେ ଅକୃତକାର୍ଯ୍ୟ ହେଲେ ମଧ୍ୟ ଈଶ୍ୱର ତୁମକୁ ଦୋଷୀ ବୋଲି କହନ୍ତି ନାହିଁ। ତୁମେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲ। ତୁମର ଆତ୍ମହତ୍ୟା କରିବା ଅନାବଶ୍ୟକ। ଯୀଶୁ ଖ୍ରୀଷ୍ଟ ତୁମ ହୃଦୟ ମଧ୍ୟକୁ ଆସି ଲଜ୍ଜା ବାହାର କରିଦେବେ।

ମୁଁ ଯଦି ନ ମରିବି, ତେବେ ଉକ୍ତ ଶିକ୍ଷକଙ୍କ କ୍ଷତି କରିବି। ତାଙ୍କ ପାଖରେ ରାସାୟନିକ ଦ୍ରବ୍ୟ ଚିହ୍ନଟ କରିବା ପାଇଁ ବହୁମୂଲ୍ୟ ଯନ୍ତ୍ରପାତି ଅଛି। ମୁଁ ତାଙ୍କଠାରୁ ସେଗୁଡ଼ିକ ଚୋରି କରିବି। କିଏ ଏହା କରିଛି ସେ ବିଷୟରେ ସେ କିଛି ପ୍ରମାଣ ପାଇବେ ନାହିଁ!

ନା, ନା! ଶିକ୍ଷାର୍ଥୀ ଜୋର ଦିଅନ୍ତି। ତାହା ଭୁଲ ହେବ! ତୁମେ ଦୁଇପ୍ରକାର ଲଜ୍ଜା ବିଷୟରେ ବୁଝିବା ଆବଶ୍ୟକ। ଗୋଟିଏ ଲଜ୍ଜାକୁ କେବଳ ଅନୁଭବ କରାଯାଇଥାଏ। ଅନ୍ୟଟି ହେଉଛି ପ୍ରକୃତ ଦୋଷ, ଯାହା ଈଶ୍ୱରଙ୍କଠାରୁ ଦଣ୍ଡ ପାଇବାକୁ ଯୋଗ୍ୟ କରିଥାଏ! ଅକୃତକାର୍ଯ୍ୟ ହେବା ଦ୍ୱାରା କେବଳ ପ୍ରଥମ ପ୍ରକାର ଲଜ୍ଜା ଆସିଥାଏ, ଯାହାକି ପାପ ନୁହେଁ। ମାତ୍ର ଚୋରି କରିବା ହେଉଛି ପ୍ରକୃତ ପାପ। ଏହା ବାସ୍ତବ ଦୋଷୀ ମନୋଭାବ ଆଣିଥାଏ ଓ ଈଶ୍ୱରଙ୍କଠାରୁ ଦଣ୍ଡ ଆଣିଥାଏ!

ମୁଁ ପ୍ରଭେଦଟି ବୁଝିପାରୁ ନାହିଁ।

ମୁଁ ତୁମକୁ ବାଇବଲରୁ **ରାଜା ଶାଉଲ ଓ ଦୁଇ ପ୍ରକାର ଲଜ୍ଜା** ବିଷୟରେ ବର୍ଣ୍ଣନା କରୁଛି।

**ଅନୁଶୀଳନୀ**

**୧ମ ଶାମୁୟେଲ ୨୦:୨୭–୩୪ ପଦ**ରେ ଶିକ୍ଷାର୍ଥୀ ଶାମୁୟେଲଙ୍କୁ କ'ଣ ଆବିଷ୍କାର କରିବାକୁ ଦେଇଥିଲେ, ତାହା ଦେଖିବାକୁ ଦିଅନ୍ତୁ:

- ୩୦ ପଦରେ ଯୋନାଥନ ତାଙ୍କ ପରିବାର ପ୍ରତି ଲଜ୍ଜା ଆଣିଥିଲେ ବୋଲି ରାଜା ଶାଉଲ କାହିଁକି କହିଥିଲେ, ତାହା ଦେଖନ୍ତୁ।
- ୩୪ ପଦରେ ଶାଉଲ ଦାଉଦଙ୍କ ପ୍ରତି କିପରି ଲଜ୍ଜାଦାୟକ ବ୍ୟବହାର କରିଥିଲେ, ତାହା ଦେଖନ୍ତୁ।
- କେଉଁ ମନୁଷ୍ୟର ଲଜ୍ଜା ଈଶ୍ୱରଙ୍କ ସମ୍ମୁଖରେ ପ୍ରକୃତ ଦୋଷ ରୂପେ ଅଭିହିତ ହୋଇଥିଲା, ଶାଉଲଙ୍କର ନା ଯୋନାଥନଙ୍କର?

ଶିକ୍ଷାର୍ଥୀ ଶାମୁୟେଲଙ୍କୁ ବର୍ଣ୍ଣନା କରନ୍ତି, ଯୋନାଥନ ଲଜ୍ଜା ଅନୁଭବ କରିଥିଲେ, ମାତ୍ର ଈଶ୍ୱରଙ୍କ ସମ୍ମୁଖରେ ସେ ଦୋଷୀ ନ ଥିଲେ। ସେ କୌଣସି ଭୁଲ କରି ନ ଥିଲେ। ତାଙ୍କର ଈର୍ଷାଳୁ ଓ ପ୍ରତିହିଂସାପରାୟଣ ପିତା ରାଜା ଶାଉଲ ଏକ ମନ୍ଦ ଅପରାଧ କରିବାକୁ ଇଚ୍ଛା କରିଥିଲେ ମଧ୍ୟ ଦୋଷୀ ଅନୁଭବ କରି ନ ଥିଲେ। ସେ ଜଣେ ନିର୍ଦ୍ଦୋଷୀକୁ ହତ୍ୟା କରିବାକୁ ଇଚ୍ଛା କରିଥିଲେ। ଈଶ୍ୱରଙ୍କ ସମ୍ମୁଖରେ ତାଙ୍କ ହୃଦୟ ଗର୍ବୀତ ଓ ପାପପୂର୍ଣ୍ଣ ଥିଲା। ତୁମେ ଭିନ୍ନତା ଦେଖିପାରୁଛ କି?

ହଁ! ଏହା ମୁଁ ବୁଝିପାରୁଛି! ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଅକୃତକାର୍ଯ୍ୟ ହେବା ଲଜ୍ଜାଦାୟକ ବିଷୟ, ମାତ୍ର ବାସ୍ତବରେ ମନ୍ଦ ନୁହେଁ। ମାତ୍ର ଶିକ୍ଷକଙ୍କଠାରୁ ଚୋରୀ କରିବା ପାଇଁ ଇଚ୍ଛା କରିବାଟା ଈଶ୍ୱରଙ୍କ ସମ୍ମୁଖରେ ପାପ ଅଟେ। ଯେଉଁ ବିଷୟ ମନ୍ଦ ନୁହେଁ, ତା' ପ୍ରତି ମୁଁ ଲଜ୍ଜା ଅନୁଭବ କରିଥିଲେ ମଧ୍ୟ ବାସ୍ତବରେ ଯେଉଁ ପାପ ମୁଁ କରିଛି, ତାହା ପାଇଁ ମୁଁ ଲଜ୍ଜିତ ହୋଇ ନ ଥିଲି। ଗତ ରାତିରେ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲି, ଯେପରି ଉକ୍ତ ଶିକ୍ଷକଙ୍କ କ୍ଷତି କରିବା ପାଇଁ ଈଶ୍ୱର ମୋତେ ଯେକୌଣସି ଉପାୟରେ ସାହାଯ୍ୟ କରିବେ। ମୁଁ ଭୁଲ କରିଥିଲି। ମାତ୍ର ମୁଁ କିପରି ମୋ' ପିତାମାତାଙ୍କ ସମ୍ମୁଖୀନ ହୋଇପାରିବି? ସେମାନେ ମୋତେ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଅନେକ ଅର୍ଥ ଖର୍ଚ୍ଚ କରିଥିଲେ।

ଈଶ୍ୱର ତୁମକୁ ସାହାଯ୍ୟ କରିବେ। ପ୍ରଥମେ ଈଶ୍ୱରଙ୍କଠାରେ ତୁମ ପାପ ସ୍ୱୀକାର କରି କ୍ଷମା ଭିକ୍ଷା କର। ତୁମେ ପାପ ପାଇଁ ଖ୍ରୀଷ୍ଟଙ୍କ ବଳିଦାନ ବିଷୟ ଜାଣିଛ। ତୁମେ ଏହାକୁ କାହିଁକି ଲୋଡ଼ ତାହା ବର୍ତ୍ତମାନ ଜାଣିଛ । ପାପ ସ୍ୱୀକାର କରିବାଟା ପ୍ରାର୍ଥନାର ଏକ ମୁଖ୍ୟ ଅଂଶ ଅଟେ। ଶିକ୍ଷକଙ୍କଠାରୁ ଚୋରି କରିବା ପାଇଁ ଇଚ୍ଛା ହିଁ ପ୍ରକୃତ ପାପ ଅଟେ ଓ ତାହା ଈଶ୍ୱରଙ୍କ ସମ୍ମୁଖରେ ପ୍ରକୃତ ଲଜ୍ଜା ଆଣିଥାଏ। ତୁମକୁ ଏହା ସ୍ୱୀକାର କରିବାକୁ ପଡ଼ିବ।

ଈଶ୍ୱରଙ୍କ ସମ୍ମୁଖରେ କିପରି ପାପ ସ୍ୱୀକାର କରିବାକୁ ହେବ, ତାହା ମୁଁ ଜାଣେ ନାହିଁ। ମୁଁ କେବେ ଏହା କରି ନାହିଁ।

ପ୍ରକୃତ ଲଜ୍ଜା ଜାଣିବା ଦ୍ୱାରା ଆମେ ଈଶ୍ୱରଙ୍କ ସମ୍ମୁଖରେ ପ୍ରକୃତ ଦୋଷ ଓ ଆମର ଅନୁଭୂତ ହେଉଥିବା ଲଜ୍ଜା ମଧ୍ୟରେ ପ୍ରଭେଦ ଜାଣିପାରିଥାଉ। ପିତାମାତା, ଶିକ୍ଷକ ବା ସେହିପରି କ୍ଷମତାସମ୍ପନ୍ନ ବ୍ୟକ୍ତି ଯଦି ଆମକୁ ସର୍ବସାଧାରଣରେ ଭର୍ତ୍ସନା କରନ୍ତି, ତେବେ ଆମେ ଲଜ୍ଜା ଅନୁଭବ କରିଥାଉ। ଅନ୍ୟମାନେ ଆମ ବିଷୟରେ ଖରାପ ଭାବିବା ପରି ବା ଆମ ପରିବାରର ସମ୍ମାନହାନି କରିବା ପରି ଯଦି କିଛି କାର୍ଯ୍ୟ ଆମେ କରୁ, ସେତେବେଳେ ଆମେ ଲଜ୍ଜା ଅନୁଭବ କରିଥାଉ। ଲଜ୍ଜାର ଏହିପ୍ରକାର ଅନୁଭବ ବେଳେ ବେଳେ ଉପଯୁକ୍ତ ହୋଇ ନ ଥାଏ। ଆମେ ଈଶ୍ୱରଙ୍କ ଦୃଷ୍ଟିରେ କୌଣସି ଭୁଲ ନ କଲେ ମଧ୍ୟ ପରିସ୍ଥିତି ଆମକୁ ଖରାପ ଜଣାପଡ଼ିଥାଏ। ବର୍ତ୍ତମାନ ଆସ ଆମେ ଏକତ୍ର ବସି ତୁମର ପ୍ରକୃତ ପାପ ସ୍ୱୀକାର କରି ପ୍ରାର୍ଥନା କରିବା। ତୁମେ ଯଦି ଇଚ୍ଛା କରୁଛ, ତେବେ ମୁଁ ଯୀଶୁଙ୍କ ନାମରେ ଏକ ପାପସ୍ୱୀକାର ପ୍ରାର୍ଥନା କହିବି ଓ ତୁମେ ମୋ' ପରେ ତାହା ପୁନରାବୃତ୍ତି କରିବ।

ଶିକ୍ଷାର୍ଥୀଙ୍କ ପଛେ ପଛେ ଶାମୁୟେଲ ଯୀଶୁଙ୍କ ନାମରେ କ୍ଷମା ପାଇଁ ପ୍ରାର୍ଥନାଟିକୁ ପୁନରାବୃତ୍ତି କରନ୍ତି। ଥରେ ସେ ଈଶ୍ୱରଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିବା ପରେ ଏହାକୁ ସହଜ ବୋଲି ଜାଣି ତାଙ୍କ ନିଜ ଭାଷାରେ ତାଙ୍କ ପାପଗୁଡ଼ିକୁ ସ୍ୱୀକାର କରି ପ୍ରାର୍ଥନା କରନ୍ତି। କିଛିଦିନ ପରେ ତାଙ୍କ ବିଶ୍ୱାସ ଓ ଅନୁତାପ ତାଙ୍କ ବାପ୍ତିସ୍ମ ଦ୍ୱାରା ଦୃଢ଼ୀଭୂତ ହୁଏ।

## ବ୍ୟାବହାରିକ କାର୍ଯ୍ୟ

- ଆପଣଙ୍କ ମଣ୍ଡଳୀର ସଦସ୍ୟମାନଙ୍କୁ ସପରିବାରରେ ବିଶ୍ୱାସର ସହ ପ୍ରାର୍ଥନା କରିବାକୁ ଶିକ୍ଷା ଦେବା ପାଇଁ ଏହି ଭାଗରେ ଥିବା କାହାଣୀଗୁଡ଼ିକ ବ୍ୟବହାର କରନ୍ତୁ।
- ମଣ୍ଡଳୀକୁ ପରସ୍ପର ପାଇଁ ଓ ଅଭାବଗ୍ରସ୍ତ ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ସାହାଯ୍ୟ କରନ୍ତୁ। ଆପଣ ସେମାନଙ୍କୁ ସେମାନଙ୍କ ଘରେ ସାକ୍ଷାତ କରି ସେମାନଙ୍କ ସହିତ ପ୍ରାର୍ଥନା ଆରମ୍ଭ କରି ସାହାଯ୍ୟ କରିବା ଆବଶ୍ୟକ ହୋଇପାରେ।
- ଅସୁସ୍ଥ ଓ ମନ୍ଦାତ୍ମା ପ୍ରପୀଡ଼ିତ ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ମଣ୍ଡଳୀକୁ ପ୍ରସ୍ତୁତ କରନ୍ତୁ।
- ଉପାସନା ସମୟରେ ମଣ୍ଡଳୀକୁ ସହର, ଦେଶ ଓ ପୃଥିବୀର ଦେଶଗୁଡ଼ିକରେ ଥିବା ସରକାର ପାଇଁ ପ୍ରାର୍ଥନା କରିବାକୁ ସାହାଯ୍ୟ କରନ୍ତୁ।
- ଲୋକମାନଙ୍କୁ ସେମାନଙ୍କ ପ୍ରକୃତ ପାପ ସ୍ୱୀକାର କରି ସେମାନଙ୍କ ପ୍ରତି କ୍ଷମା ଓ ଅନନ୍ତ ଜୀବନ ଆଣିଦେଉଥିବା ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନରେ ବିଶ୍ୱାସ କରିବାକୁ ସାହାଯ୍ୟ କରନ୍ତୁ।

## ୩-୧୩ ସେବାକାର୍ଯ୍ୟ ୧୩

# ଈଶ୍ୱରଙ୍କ ଧନର ଉତ୍ତମ ଭଣ୍ଡାରଘରିଆ ହୁଅନ୍ତୁ

ଯତ୍ନଶୀଳ ଓ ତାଙ୍କ ସ୍ତ୍ରୀ କାର୍‌ମେନ୍ ଶିକ୍ଷାର୍ଥୀଙ୍କ ଘରକୁ ଆସି କହନ୍ତି, ଅନେକ ପରିବାର ଦେଶର ଅନ୍ୟାନ୍ୟ ସ୍ଥାନରୁ ଏଠାକୁ ଆସୁଛନ୍ତି। ଅନେକେ କୁଡ଼ିଆରେ ରହୁଛନ୍ତି, ଦୂରରେ ନୁହେଁ, ନଦୀ କୂଳରେ। ଆମେ ସେମାନଙ୍କୁ ସାହାଯ୍ୟ କରିବା ଉଚିତ୍।

ଆସ ସେମାନଙ୍କୁ ଦେଖିବା। ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି।

ସେମାନେ ଦେଖନ୍ତି ଯେ, ଲୋକମାନେ କୁଡ଼ିଆରେ ବାସ କରୁଛନ୍ତି ଓ ସେମାନେ ଏକ ଘଣ୍ଟା ବାଜିବା ଶବ୍ଦ ଶୁଣିଲେ। ଶ୍ରୀ ବୋକା ସେମାନଙ୍କ ଆଡ଼କୁ ତାଙ୍କ ଗାଡ଼ିଟି ଠେଲି ଠେଲି ନେଇଆସନ୍ତି। ସେ ଏକ ନିଶ୍ୱାସରେ କହନ୍ତି, ପୋଲିସ୍ ଅତି ଶୀଘ୍ର ଏହି ଲୋକମାନଙ୍କୁ ତଡ଼ିଦେବ! ସେମାନେ ସରକାରୀ ଜମିରେ ରହିଛନ୍ତି।

ଯତ୍ନଶୀଳ ପାଟି କରି କହନ୍ତି, ଲଜ୍ଜାଦାୟକ! ସେମାନଙ୍କ ପାଇଁ ମୁଁ ଅଧିକାରୀଙ୍କୁ ଅନୁରୋଧ କରିବି।

ନା! ଶ୍ରୀ ବୋକା ଅସମ୍ମତ ହୁଅନ୍ତି, ଏହି ଲୋକମାନଙ୍କୁ ଚାଲିଯିବାକୁ ଦିଅ! ସେମାନେ ଏଠାକାର ସ୍ଥାୟୀ ବାସିନ୍ଦାଙ୍କଠାରୁ କାମ ନେଇଯାଉଛନ୍ତି। ସେମାନଙ୍କର ଏକ ଭିନ୍ନ ପ୍ରଥା ରହିଛି। ସେମାନଙ୍କ ପୋଷାକ ଭିନ୍ନ ଅଟେ। ତୁମେ ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ପୁନର୍ବାର ଅଧିକାରୀଙ୍କଠାରୁ ସମସ୍ୟାର ସମ୍ମୁଖୀନ ହେବ। ସେଗୁଡ଼ିକ ତୁମର ସମସ୍ୟା ନୁହେଁ। ତୁମେ ଯଦି ଦରିଦ୍ରମାନଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା କରୁଛ, ତେବେ ମୋତେ ସାହାଯ୍ୟ କରିପାରିବ। ମୋର ଗୋଟିଏ ଦୁଇଚକିଆ ସାଇକେଲ ଆବଶ୍ୟକ। ତା'ପରେ ମୁଁ ସର୍ବତ୍ର ବୁଲି ବୁଲି ଆମ ମଣ୍ଡଳୀ ପାଇଁ ଅଧିକ ଲୋକଙ୍କୁ ନିମନ୍ତ୍ରଣ କରିପାରିବି!

କାର୍‌ମେନ୍ ଧୀର ସ୍ୱରରେ ବଚସା କରନ୍ତି।

ଶୀକ୍ଷାର୍ଥୀ ଏହା ଦେଖ। ଶ୍ରୀ ବୋକା ଏକ ଛୋଟ ବୋତଲରେ ଧଳା ପାଉଡ଼ର ରଖି ତାହା ଧରିଥା'ନ୍ତି। ହାତୀଠାରୁ ବାହାରିଥିବା ଏହି ସାର କିଣ। ଦୈନିକ ଏଥିରୁ କିଛି ଖାଅ, ପୁଣି ତୁମର ଶାରୀରିକ ବୃଦ୍ଧି ହେବ।

ଯତ୍ନଶୀଳ କହନ୍ତି, ମୋର ଦାଦା ଏହା ଖାଇ କହୁଥିଲେ, ଏହା ଦ୍ୱାରା ତାଙ୍କ ନାକ ମଧ୍ୟ ବଡ଼ ହୋଇପାରିଲା ନାହିଁ! ଯେଉଁ ଶିକ୍ଷାର୍ଥୀମାନେ ଅତି ଦରିଦ୍ର ସେମାନଙ୍କୁ ସାହାଯ୍ୟ କରିବାକୁ ପଡ଼ିବ। ଅଭାବଗ୍ରସ୍ତ ଲୋକମାନଙ୍କୁ କିପରି ସାହାଯ୍ୟ କରିବ, ସେ ବିଷୟରେ ମୁଁ ବାଇବଲରୁ ପଢ଼ିଛି। ସେମାନଙ୍କୁ କେବଳ ଅର୍ଥ ଦେବା ଦ୍ୱାରା କିଛି ଉପକାର ହୁଏ ନାହିଁ। ଆମେ ସେମାନଙ୍କୁ ଅନ୍ୟ ଉପାୟରେ ସାହାଯ୍ୟ କରିବା ଉଚିତ୍। ସେ **ଦର୍କା**ଙ୍କ କାହାଣୀ କହନ୍ତି।

### ଅନୁଶୀଳନୀ

**ପ୍ରେରିତ ୯:୩୬-୪୩** ପଦରେ ଦେଖନ୍ତୁ :

- ଲୋକମାନେ ଦର୍କାଙ୍କ ବିଷୟରେ କ'ଣ କହନ୍ତି ?
- ଦର୍କା କେଉଁମାନଙ୍କୁ ସାହାଯ୍ୟ କରିଥିଲେ ?
- କେଉଁ ମନୋବୃତ୍ତି ନେଇ ଦର୍କା ଓ ପିତର ଅନ୍ୟମାନଙ୍କ ସେବା କରୁଥିଲେ ?

ଶିକ୍ଷାର୍ଥୀ ଓ ଶ୍ରୀ ବୋକା ନୂଆ ଆସିଥିବା ଦରିଦ୍ର ପରିବାରର କୁଡ଼ିଆକୁ ଛିଡ଼ା ହୋଇ ଅନାଇ ରହିଥିବା ସମୟରେ ଯତ୍ନଶୀଳ ସେମାନଙ୍କୁ ବୁଝାନ୍ତି, ଦର୍କା ଏହିପରି ଦରିଦ୍ର ଓ ବିଧବାମାନଙ୍କୁ ସାହାଯ୍ୟ କରୁଥିଲେ, ଯେଉଁମାନଙ୍କୁ ସାହାଯ୍ୟ କରିବା ପାଇଁ କେହି ନ ଥିଲେ। ସେ ଓ ପିତର ଉଭୟେ ନମ୍ରତାର ସହ ଅନ୍ୟମାନଙ୍କ ସେବା କରୁଥିଲେ। ପିତର ପହଞ୍ଚିଲା ପରେ ସେ କୋଠରୀରୁ ସମସ୍ତଙ୍କୁ ବାହାର କରିଦେଇ ଆଣ୍ଠୋଇ ପ୍ରାର୍ଥନା କରୁଥିଲେ। ଈଶ୍ୱର ଦର୍କାଙ୍କୁ ମୃତ୍ୟୁରୁ ଉଠାଇଥିଲେ।

କାର୍‌ମେନ୍ କହନ୍ତି, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଅଧିକ ଉତ୍ତମ ବିଷୟ କରିବା ନିମନ୍ତେ ଏଠାରେ ଆମର ଏକ ସୁଯୋଗ ରହିଛି। ସେ ଆମକୁ ଅଭାବଗ୍ରସ୍ତ ଲୋକମାନଙ୍କୁ ଦାନ କରି ସେମାନଙ୍କ ଯତ୍ନ ନେବା ପାଇଁ ସେ ଆମକୁ ଆଜ୍ଞା ଦେଇଅଛନ୍ତି।

ହଁ! ଶିକ୍ଷାର୍ଥୀ ଉତ୍ତର ଦିଅନ୍ତି। ମାଥିଉ ୨୫:୩୧-୪୬ ପଦରେ ସେ ଆମକୁ କହିଅଛନ୍ତି ଯେ, ଆମେ ଏହି ଦରିଦ୍ର ପରିବାରଗୁଡ଼ିକ ପାଇଁ ପ୍ରେମରେ ଯାହା କରୁ, ତାହା ତାହାଙ୍କ ପାଇଁ କରିଥାଉ। ଯୀଶୁଙ୍କ ପ୍ରତି ପ୍ରେମ ହେତୁ ଯେଉଁମାନେ ଅଭାବଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରନ୍ତି, ଈଶ୍ୱର ସେମାନଙ୍କୁ ସ୍ୱର୍ଗରେ ପୁରସ୍କୃତ କରିବେ ବୋଲି ପ୍ରତିଜ୍ଞା କରିଅଛନ୍ତି। ୧ମ ଯୋହନ ୩:୧୭ ପଦ କହେ ଯେ, ଆମେ ଯଦି ସେମାନଙ୍କୁ ଅବହେଳା କରୁ, ତେବେ ଆମ ହୃଦୟରେ ଈଶ୍ୱରଙ୍କ ପ୍ରତି ପ୍ରେମ ନାହିଁ। ଆମ ପ୍ରେମ ଦର୍ଶାଇଥାଏ ଯେ, ଆମେ ଈଶ୍ୱରଙ୍କ ସନ୍ତାନ ଅଟୁ।

## ସମୟ ଓ ଅର୍ଥ ଲୁଣ୍ଠନକାରୀ

ଶିକ୍ଷାର୍ଥୀ ଆହୁରି କହନ୍ତି, ଅନ୍ୟମାନଙ୍କୁ ଦାନ କରି ସେମାନଙ୍କ ସେବା କରିବା ପାଇଁ ଈଶ୍ୱର ଆମକୁ ସୁଯୋଗ ଦିଅନ୍ତି। ଆମେ ହୃଷ୍ଟ ଚିତ୍ତରେ ଆମର ଅର୍ଥ, ଆମର ସମୟ ଓ କ୍ଷମତା ଦାନ କରିବା ଉଚିତ୍। ବେଳେ ବେଳେ ଈଶ୍ୱରଙ୍କୁ ଦାନ କରିବାର ସୁଯୋଗକୁ ଆମେ ହାତଛଡ଼ା କରିଥାଉ। ଆମେ ବୋକା ଭାବରେ ଆମ ଅର୍ଥ ଅପଚୟ କରିଥାଉ। ଆମେ ବୋକା ଭାବରେ କଥାବାର୍ତ୍ତା, ଯୁକ୍ତିତର୍କ, ବ୍ୟସ୍ତତା ଓ ମୂଲ୍ୟହୀନ କାର୍ଯ୍ୟ କରି ଆମର ସମୟ ଅପଚୟ କରିଥାଉ। ଏହି ବିଷୟଗୁଡ଼ିକ ହିଁ ଲୁଣ୍ଠନକାରୀ ଅଟନ୍ତି। ସେଗୁଡ଼ିକ ଆମର ସମୟ ଓ ଅର୍ଥ ଚୋରି କରିଥା'ନ୍ତି। ଆମକୁ ଈଶ୍ୱରଙ୍କ ପାଇଁ ଆମର ସମୟ, ଆମର ଆତ୍ମିକ ଦାନ ଓ ଆମର ଅର୍ଥକୁ କିପରି ବ୍ୟବହାର କରିବା, ତାହା ଯୋଜନା କରିବାକୁ ପଡ଼ିବ। ଆମକୁ ଆମର ଯୋଜନା ସଫଳ କରିବା ପାଇଁ ପ୍ରାର୍ଥନା ଓ ବିଶ୍ୱାସର ସହ ଦାନ କରିବାକୁ ପଡ଼ିବ।

ସଂଶୋଧନ କରନ୍ତୁ! ଶିକ୍ଷାର୍ଥୀ ଦୃଢ଼ୋକ୍ତି କରନ୍ତି। ଆମେ ଲୂକ ୧୪:୨୮-୩୦ ପଦରେ ଥିବା ନିର୍ବୋଧ ଗୃହ ନିର୍ମାଣକାରୀ ପରି ହେବା ଉଚିତ୍ ନୁହେଁ। ସେ ପ୍ରଥମେ ଯୋଜନା କରି ନ ଥିବାରୁ ତା'ର ଘର ସମ୍ପୂର୍ଣ୍ଣ କରିପାରି ନ ଥିଲା।

ଏହି ଦରିଦ୍ର ନବାଗତ ବ୍ୟକ୍ତି ଆମର ସାହାଯ୍ୟ ଲୋଡ଼ନ୍ତି। ଯତ୍ନଶୀଳ କହନ୍ତି, ଈଶ୍ୱର କିପରି ଯୁଦ୍ଧ, ଦୁର୍ଭିକ୍ଷ ଓ ତାଡ଼ନାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରୁଥିବା ଲୋକମାନଙ୍କୁ ଆଶୀର୍ବାଦ କରନ୍ତି, ସେ ବିଷୟରେ ବାଇବଲ କହିଥାଏ। ଆସ ଏହି ଅଭାବଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ବର୍ତ୍ତମାନ ଯୋଜନା କରିବା। **ବିଶ୍ୱସ୍ତ ଯୁବତୀ ବିଧବା ରତ**ଙ୍କ କାହାଣୀର ଏକ ଉଦାହରଣ।

### ଅନୁଶୀଳନୀ

**ରତର ବିବରଣୀ** ପୁସ୍ତକରେ ଦେଖନ୍ତୁ:

- ୧ମ ପର୍ବରେ ଦେଖନ୍ତୁ ଯେ ରତ କିପରି ଈଶ୍ୱରଙ୍କଠାରେ ସାହସ ଓ ବିଶ୍ୱାସ ପ୍ରଦର୍ଶନ କରିଥିଲେ ?
- ୨ୟ ପର୍ବରେ ଦେଖନ୍ତୁ ଯେ ବୋୟଜ କିପରି ଜଣେ ବିଦେଶୀୟ ବିଧବା ପ୍ରତି ଦୟା ପ୍ରଦର୍ଶନ କରିଥିଲେ ?
- ୩ୟ ପର୍ବରେ ଦେଖନ୍ତୁ ଯେ ଦୁଇ ଜଣ ବିଧବା କିପରି ସେମାନଙ୍କ ସମସ୍ୟା ସମାଧାନ ସମ୍ପର୍କରେ ସଂକଳ୍ପ କରନ୍ତି ?
- ୪ର୍ଥ ପର୍ବରେ ଦେଖନ୍ତୁ ଯେ ବୋୟଜ କିପରି ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ନିଜର ସମ୍ପତ୍ତିକୁ ବିପଦରେ ପକାଇ ଦେଇଥିଲେ ?
- ୪ର୍ଥ ପର୍ବରେ ଦେଖନ୍ତୁ ଯେ ବୋୟଜଙ୍କ ଦୟା ହେତୁ ଈଶ୍ୱର ରତଙ୍କ ପ୍ରତି କେଉଁ ମଙ୍ଗଳ କର୍ମ କରିଥିଲେ ?

କାର୍‌ମେନ୍ କହନ୍ତି, ଏପରି କଥା! ରତର ବିବରଣୀ ଉଭୟ ଅଭାବଗ୍ରସ୍ତ ଓ ଧନୀ ଲୋକମାନଙ୍କୁ କ'ଣ କରିବାକୁ ହେବ, ତାହା ଶିକ୍ଷା ଦେଇଥାଏ। ରତଙ୍କର କୌଣସି ରୋଜଗାର ନ ଥିଲା ଓ ବିପଦ ସମୟରେ କେହି ତାଙ୍କୁ ସାହାଯ୍ୟ କରିବାକୁ ନ ଥିଲେ। ସେ ଅତ୍ୟନ୍ତ ଦରିଦ୍ର ଥିଲେ। ଅଧିକନ୍ତୁ, ସେ ଈଶ୍ୱର ଓ ଆପଣା ଶାଶୁଙ୍କ ପ୍ରତି ବିଶ୍ୱସ୍ତ ଥିଲେ। ସେ ଅଳସୁଆ ନ ଥିଲେ। ବୋୟଜଙ୍କ ଶସ୍ୟ କ୍ଷେତରେ ଶସ୍ୟ ସଂଗ୍ରହ କରିବା ପାଇଁ ସେ କଠିନ ପରିଶ୍ରମ କରୁଥିଲେ। ସେ ସାହସୀ ଥିଲେ। ସେ ନୟମୀଙ୍କ ଉପଦେଶ ପାଳନ କରିଥିଲେ ଓ ଜଣେ ଇସ୍ରାଏଲୀୟ ବିଧବା ପରି ତାଙ୍କୁ ସୁରକ୍ଷା ଦେବା ପାଇଁ ବୋୟଜଙ୍କୁ ଅନୁରୋଧ କରିଥିଲେ।

ଶିକ୍ଷାର୍ଥୀ କହନ୍ତି, ଅନ୍ୟ ପକ୍ଷରେ ବୋୟଜ ଧନୀ ଥିଲେ। ସେ ରତଙ୍କୁ ଅଗ୍ରାହ୍ୟ କରିପାରିଥା'ନ୍ତେ। ମାତ୍ର ସେ ତାଙ୍କ ପ୍ରତି ଦୟା ପ୍ରଦର୍ଶନ କଲେ। ସେ ତାଙ୍କୁ ସ୍ୱାଧୀନ ଭାବରେ ଶସ୍ୟ ସଂଗ୍ରହ କରିବାକୁ ଦେଇଥିଲେ ଓ ତାଙ୍କ କାର୍ଯ୍ୟକାରୀମାନଙ୍କୁ ତାଙ୍କର କ୍ଷତି ନ କରିବା ପାଇଁ କହିଥିଲେ। ସେ ଜଣେ ବିଦେଶୀୟ ଦରିଦ୍ର ବିଧବା ପାଇଁ ବନ୍ଧୁର ମୁକ୍ତିକର୍ତ୍ତା ରୂପେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ଏହି ଦୟା ହେତୁ ଈଶ୍ୱର ତାଙ୍କୁ ଆଶୀର୍ବାଦ କରିଥିଲେ। ଦାଉଦ ଓ ଯୀଶୁ ଏହି ରତ ଓ ବୋୟଜଙ୍କ ବଂଶଜ ଥିଲେ। ଯୀଶୁ କିପରି ସମସ୍ତ ବିଶ୍ୱାସୀଙ୍କୁ ତାହାଙ୍କ କନ୍ୟା ରୂପେ ଉଦ୍ଧାର କରିଥିଲେ, ରତଙ୍କ ଏହି କାହାଣୀ ତାହାର ଏକ ଉଦାହରଣ ଅଟେ। ସେ ଆମର ମୁକ୍ତିକର୍ତ୍ତା ଅଟନ୍ତି। ଆମର ପ୍ରୟୋଜନ ସମୟରେ ସେ ଆମକୁ ରକ୍ଷା କରନ୍ତି। ବୋୟଜ ଯେପରି ରତ ଓ ନୟମୀଙ୍କୁ ସୁରକ୍ଷା କରିଥିଲେ, ଆମେ ସେହିପରି ଅଭାବଗ୍ରସ୍ତ ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଦ୍ୱାରା ଖ୍ରୀଷ୍ଟଙ୍କ ଅନୁକରଣ କରିଥାଉ।

## ମଣ୍ଡଳୀର ଦୁଇଟି ମୁଖ୍ୟ କାର୍ଯ୍ୟ

ଶିକ୍ଷାର୍ଥୀ କହନ୍ତି, ଖ୍ରୀଷ୍ଟଙ୍କ ଲୋକମାନେ କିପରି ଜଗତକୁ ପରିବର୍ତ୍ତନ କରନ୍ତି, ସେ ବିଷୟରେ ମୁଁ ପାଠ କରିଛି। ଏହାର ଦୁଇଟି ମୁଖ୍ୟ କାର୍ଯ୍ୟ ରହିଛି। ସେଗୁଡ଼ିକ ଦୁଇଟି ଗୋଡ଼ ସଦୃଶ ଯାହାକି ଆମକୁ ବୋହି ନେଇଥାଏ। ଗୋଟିଏ କାର୍ଯ୍ୟ ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ କରିଥାଏ। ଅନ୍ୟଟି ହେଉଛି ପ୍ରେମରେ ଲୋକମାନଙ୍କ ସେବା କରିବା। ପାପ ହେତୁ ଜଗତରେ ସମସ୍ତ ପ୍ରକାର ଅପ୍ରୀତିକର ବିଷୟ

ପ୍ରବେଶ କରିଥିଲା, ଯେପରି ଦରିଦ୍ରତା, ଦୁଃଖଭୋଗ ଓ ଯୁଦ୍ଧ। ପାପ ଆମ ଜୀବନକୁ ଅଧିକାର କରିଥିବାରୁ ସେଗୁଡ଼ିକ ଘଟିଥାଏ। ଆମେ ଯେତେବେଳେ ଅନୁତାପ କରି ଈଶ୍ୱରଙ୍କ ପ୍ରତି ଫେରୁ, ସେତେବେଳେ ସେ ପାପର ବନ୍ଧନରୁ ଆମକୁ ମୁକ୍ତ କରନ୍ତି ଓ ପାପର ପ୍ରଭାବରୁ ଆମକୁ ସୁସ୍ଥ କରିବାକୁ ଆରମ୍ଭ କରନ୍ତି।

ଦୁଇ ଜଣ ଲୋକ କଳି କରୁଥିବାର ସେମାନେ ଦେଖନ୍ତି। ଜଣେ ଅନ୍ୟ ଜଣଙ୍କୁ ଦୋଷ ଦେଉଥାଏ, ତୁ ମୋର ମଦ ଚୋରି କଲୁ!

ଆମକୁ ଏହି ଅଭାବଗ୍ରସ୍ତ ଲୋକମାନଙ୍କୁ ମଧ୍ୟ ଯୀଶୁଙ୍କ ବିଷୟରେ କହିବାକୁ ପଡ଼ିବ, କାର୍‌ମେନ୍ ଉତ୍ତର ଦିଅନ୍ତି।

ଆମେ ମିଳିମିଶି କରିବା, ଶିକ୍ଷାର୍ଥୀ କହନ୍ତି, ଆମେ ମଣ୍ଡଳୀର ଶରୀର ରୂପେ ଏକତ୍ର କାର୍ଯ୍ୟ କରିବା। ଯୀଶୁ ହିଂସା, ଦରିଦ୍ରତା ଓ ଦୁର୍ନୀତିର ଦୁର୍ଗ ଭଗ୍ନ କରିବେ। ଲୋକମାନେ ଈଶ୍ୱରଙ୍କ ପ୍ରତି ଫେରି ତାହାଙ୍କୁ ସେମାନଙ୍କର ସବୁକିଛି ଦାନ କରନ୍ତି, ସେମାନଙ୍କ ସମୟ, ସେମାନଙ୍କ କାର୍ଯ୍ୟ ଓ ସେମାନଙ୍କ ପରିବାର। ଆମେ ଆଉ ନିଜ ପାଇଁ ଜୀବନ ଯାପନ କରୁ ନାହୁଁ। ଆମେ ପରସ୍ପରଠାରୁ ଚୋରି କରି ପରସ୍ପରକୁ ଆଘାତ କରିଥାଉ। ଆମେ ପ୍ରେମରେ ପରସ୍ପରର ସେବା କରିବାକୁ ଆରମ୍ଭ କରୁ। ଆମେ ଯଦି ଦରିଦ୍ର, ତେବେ ଆମେ ବିଶ୍ୱସ୍ତ ହେବା ଓ ରତଙ୍କ ପରି କଠିନ ପରିଶ୍ରମ କରିବା। ଯେଉଁମାନେ ଧନୀ ବା ଶକ୍ତିଶାଳୀ ସେମାନେ ନିଜେ ସେବା କରନ୍ତି ନାହିଁ। ବୋୟଜଙ୍କ ପରି ସେମାନଙ୍କୁ ଅନ୍ୟମାନଙ୍କର ସେବା କରିବାକୁ ପଡ଼ିବ, ଯେପରି ଅନ୍ୟମାନେ ସୁଖ ଶାନ୍ତିରେ ବାସ କରିବେ। ସେମାନେ ପରସ୍ପରକୁ ହତ୍ୟା କରିବା ପୂର୍ବରୁ ଆସ ସେହି ଲୋକମାନଙ୍କ ସହ କଥାବାର୍ତ୍ତା କରି ଆମେ ସେମାନଙ୍କ ସମସ୍ୟା କିପରି ସମାଧାନ କରିପାରିବା ତାହା ଦେଖିବା।

ଶ୍ରୀ ବୋକା କହନ୍ତି, ମୁଁ ସେମାନଙ୍କ ନିକଟକୁ ଯିବି ନାହିଁ। ସେମାନଙ୍କର ରୋଗ ହୋଇଛି। ସେ ରାସ୍ତା ଉପରକୁ ତାଙ୍କର ଗାଡ଼ିଟିକୁ ଠେଲି ଠେଲି ନିଅନ୍ତି ଓ ଘଣ୍ଟି ବଜାନ୍ତି।

ପରଦିନ ଶିକ୍ଷାର୍ଥୀ ଓ ଯତ୍ନଶୀଳ ପରସ୍ପର ସାକ୍ଷାତ କରି ଏହି ନୂଆ ପରିବାରଗୁଡ଼ିକୁ କିପରି ସାହାଯ୍ୟ କରିବେ, ତା'ର ଯୋଜନା କରନ୍ତି। ସେମାନେ ଏହି ଅଭାବଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ସେମାନେ ସେମାନଙ୍କୁ ଅନେକ ଥର ପରିଦର୍ଶନ କରି ସେମାନଙ୍କ ଅତି ଆବଶ୍ୟକ ବିଷୟ ଜାଣିବାକୁ ଚେଷ୍ଟା କଲେ। ନଦୀ ଜଳରେ କୀଟାଣୁ ଥିବାରୁ ସେମାନେ ଏକତ୍ର କାର୍ଯ୍ୟ କରି ସେମାନଙ୍କ ପାଇଁ ଏକ କୂଅ ଖୋଳିଲେ। କେତେକ ଲୋକଙ୍କ ପାଇଁ ସାହାଯ୍ୟକାରୀ ଚାକିରୀ ଯୋଗାଡ଼ କଲେ ଓ ସେମାନଙ୍କ ପିଲାଙ୍କ ଅଧ୍ୟୟନ ପାଇଁ ବିଦ୍ୟାଳୟର ବ୍ୟବସ୍ଥା କଲେ। କାର୍‌ମେନ୍ ସେମାନଙ୍କ ଭାଷା ବୁଝନ୍ତି, ଯାହାକି ଟିକିଏ ଭିନ୍ନ ଅଟେ, ପୁଣି ସେ ସ୍ତ୍ରୀ ଲୋକମାନଙ୍କୁ ସ୍ଥାନୀୟ ଭାଷା ଶିଖାନ୍ତି। ସେମାନେ ଯେତେବେଳେ ଡାକ୍ତର ଓ ସରକାରୀ ଅଧିକାରୀଙ୍କ ସହ କଥାବାର୍ତ୍ତା କରନ୍ତି, ସେତେବେଳେ ସେ ସେମାନଙ୍କ ପାଇଁ ଅନୁବାଦ କରନ୍ତି।

ନୂଆ ପରିବାରଗୁଡ଼ିକ କୃତଜ୍ଞତା ପ୍ରକାଶ କରନ୍ତି। ସେମାନେ ଯୀଶୁଙ୍କ ସୁସମ୍ବାଦ ଶୁଣନ୍ତି। ସାହାଯ୍ୟକାରୀ ଓ ଯତ୍ନଶୀଳ ଏକ ମଣ୍ଡଳୀ ଆରମ୍ଭ କରି ଅନେକ ଲୋକଙ୍କୁ ନେତା ରୂପେ ତାଲିମ ଦିଅନ୍ତି। ସାହାଯ୍ୟକାରୀ ସେମାନଙ୍କୁ ସେମାନଙ୍କ ବିଶ୍ୱାସ ବିଷୟରେ ସଙ୍ଗୀତ ଲେଖି ସେମାନଙ୍କ ନିଜର ଅନନ୍ୟ ସଙ୍ଗୀତ ଶୈଳୀରେ ଗାଇବାକୁ ସାହାଯ୍ୟ କରନ୍ତି। ଅଳ୍ପ ମାସ ମଧ୍ୟରେ ଅନ୍ୟ ମଣ୍ଡଳୀ ଅପେକ୍ଷା ସେମାନେ ଅଧିକ ସଂଖ୍ୟାରେ ଖ୍ରୀଷ୍ଟଙ୍କ ନିକଟବର୍ତ୍ତୀ ହେଲେ।

## ବ୍ୟାବହାରିକ କାର୍ଯ୍ୟ

- ଯୀଶୁଙ୍କ ନାମରେ ଅଭାବଗ୍ରସ୍ତ ଲୋକମାନଙ୍କ ସେବା କରିବାକୁ ଆପଣଙ୍କ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଏହି ବିଭାଗରେ ଥିବା କାହାଣୀଗୁଡ଼ିକ ବ୍ୟବହାର କରନ୍ତୁ।
- ଆପଣଙ୍କ ସମାଜରେ ଯେଉଁମାନଙ୍କୁ କେହି ସାହାଯ୍ୟ କରିବାକୁ ଇଚ୍ଛା କରୁ ନାହାନ୍ତି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଯେଉଁମାନଙ୍କର ସମ୍ବେଦନଶୀଳତାର ଆତ୍ମିକ ଦାନ ରହିଛି, ସେମାନଙ୍କୁ ସେବାକାର୍ଯ୍ୟ କରିବା ପାଇଁ ସାହାଯ୍ୟ କରନ୍ତୁ। ଏଥିରେ ବିଦେଶୀୟ, ଶରଣାର୍ଥୀ, ବିଧବା, ଅନାଥ, ନିଶାସକ୍ତ, ବନ୍ଦୀ ଓ ଆର୍ଥିକ ସଙ୍କଟଗ୍ରସ୍ତ ଲୋକମାନେ ଅନ୍ତର୍ଭୁକ୍ତ।
- ଅଭାବଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବାର ଉପାୟ ଖୋଜି ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରନ୍ତୁ।
- ନିଜକୁ ବିପଦଗ୍ରସ୍ତ କରି ମଧ୍ୟ ଅପମାନିତ ଲୋକମାନଙ୍କ ନ୍ୟାୟ ପାଇଁ କାର୍ଯ୍ୟ କରନ୍ତୁ।
- କେବଳ ବିଶ୍ୱସ୍ତ ଲୋକମାନଙ୍କୁ ମଣ୍ଡଳୀରେ ଦାନ ସଂଗ୍ରହ କରିବାକୁ ଦେଇ ସେମାନଙ୍କୁ ଉତ୍ତମ ରୂପେ ହିସାବ ରଖିବାକୁ ସାହାଯ୍ୟ କରନ୍ତୁ।
- କୋଷାଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଯେ, ପ୍ରାଚୀମାନଙ୍କ ବିନାନୁମତିରେ ସେମାନେ ଯେପରି କେବେ ମଧ୍ୟ ଅର୍ଥ ଋଣ ନ କରନ୍ତି ବା କାହାକୁ ଋଣ ନ ଦିଅନ୍ତି।

# ୩-୧୪ ସେବାକାର୍ଯ୍ୟ ୧୪
# ମିଶନାରୀ ପ୍ରେରଣ କରନ୍ତୁ

ଅନେକ ମାସ ପରେ ଶ୍ରୀ ଜ୍ଞାନୀ ପୁନର୍ବାର ଶିକ୍ଷାର୍ଥୀଙ୍କୁ ସାକ୍ଷାତ କରନ୍ତି। ଶିକ୍ଷାର୍ଥୀ ଶ୍ରୀ ଜ୍ଞାନୀଙ୍କୁ କହନ୍ତି, କିପରି ଶିକ୍ଷା ଦେବାକୁ ହେବ ଆପଣ ଆମକୁ ଶିଖାଇଥିଲେ ! ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି ! ନୂତନ ମଣ୍ଡଳୀର ପ୍ରକୃତରେ ଯାହା ଆବଶ୍ୟକତା ତାହା ଶିକ୍ଷା ଦେବା ପାଇଁ ପ୍ରଥମେ କିପରି ଶୁଣିବାକୁ ହେବ, ତାହା ଆପଣ ଆମକୁ ଦେଖାଇଥିଲେ। ଆମ ଛାତ୍ରମାନେ ଯେପରି ଈଶ୍ୱରଙ୍କ ସତ୍ୟ ମନେ ରଖି ଅନ୍ୟମାନଙ୍କୁ ତାହା କହିପାରିବେ, ସେଥିପାଇଁ କାହାଣୀଗୁଡ଼ିକୁ କିପରି ବ୍ୟବହାର କରିବାକୁ ହେବ, ଆପଣ ତାହା ଆମକୁ ଦର୍ଶାଇଥିଲେ। ଆପଣ ଶିକ୍ଷାକୁ ପୁଙ୍ଖାନୁପୁଙ୍ଖ ଭାବରେ ଚିନ୍ତା କରି ଆମ ମଣ୍ଡଳୀରେ ତାହା ପ୍ରୟୋଗ କରିବା ପାଇଁ ତହିଁ ଉପରେ ଆଧାରିତ ପ୍ରଶ୍ନ କିପରି କରାଯିବ, ତାହା ଆପଣ ଆମକୁ ଦେଖାଇଥିଲେ।

ଯୀଶୁ ଯେପରି କରିଥିଲେ, ମୁଁ ତୁମକୁ କେବଳ ତାହା ଶିକ୍ଷା ଦେଇଥିଲି।

ଶ୍ରୀ ଜ୍ଞାନୀ ଓ ଶିକ୍ଷାର୍ଥୀ ତାଙ୍କ ଭାଇ ସାହାଯ୍ୟକାରୀଙ୍କୁ ତାଙ୍କ ଘରେ ସାକ୍ଷାତ କରନ୍ତି ଓ ଶ୍ରୀ ବୋକାଙ୍କୁ ତାଙ୍କ ଘରେ ଥିବାର ଦେଖନ୍ତି। ସେ ଶ୍ରୀ ଜ୍ଞାନୀଙ୍କୁ କହନ୍ତି, ଶିକ୍ଷାର୍ଥୀ ମୋତେ ଖରାପ ବ୍ୟବହାର କରିବାରୁ ବର୍ତ୍ତମାନ ମୁଁ ସାହାଯ୍ୟକାରୀଙ୍କ ମଣ୍ଡଳୀରେ ଯୋଗ ଦେଉଛି।

ଶ୍ରୀ ଜ୍ଞାନୀ ସେମାନଙ୍କୁ କହନ୍ତି, ମୁଁ ଦେଶର ଏପରି ଏକ ସ୍ଥାନରେ ଭ୍ରମଣ କରୁଛି, ଯେଉଁଠାରେ ପ୍ରଭୁଙ୍କ କାର୍ଯ୍ୟ ଆରମ୍ଭ କରିବା ପାଇଁ କୌଣସି ମଣ୍ଡଳୀ ନାହିଁ। ମୁଁ ଏକ କାର୍ଯ୍ୟକାରୀ ଦଳ ତିଆରି କରୁଛି, ସେଥିପାଇଁ ସାହାଯ୍ୟକାରୀ ମୁଁ ତୁମକୁ ମୋ' ସହିତ ସେଥିରେ ଯୋଗ ଦେବାକୁ ଅନୁରୋଧ କରିବାକୁ ଆସିଛି। ତୁମେ ଅନ୍ୟ ସଂସ୍କୃତିର ଲୋକମାନଙ୍କୁ ନେଇ ଗୋଟିଏ ମଣ୍ଡଳୀ ଆରମ୍ଭ କରି ସେଠାରେ ନେତାମାନଙ୍କୁ ପ୍ରସ୍ତୁତ କରିଛ। ଈଶ୍ୱର ତୁମକୁ ମଣ୍ଡଳୀ ଆରମ୍ଭ କରିବାକୁ ଦାନ ଓ ଅଭିଳାଷ ଦେଇଅଛନ୍ତି। ତୁମକୁ ପ୍ରେରଣ କରାଯାଇଛି। ତାହା ହିଁ ପ୍ରେରିତ ଶବ୍ଦର ଅର୍ଥ ଅଟେ। ଆମେ ଏକ ନୂତନ ଭାଷା ଓ ଏକ ନୂତନ ସଂସ୍କୃତି ଶିକ୍ଷା କରିବା।

ତୁମେ ସାହାଯ୍ୟକାରୀଙ୍କୁ ନେଇପାରିବ ନାହିଁ ! ଶ୍ରୀ ବୋକା ପ୍ରତିରୋଧ କରନ୍ତି, ଏଠାରେ ତାଙ୍କର ଦାୟିତ୍ୱ ରହିଛି ଓ ବହୁତ କାର୍ଯ୍ୟ କରିବାକୁ ଅଛି ! ଅଧିକନ୍ତୁ ମଣ୍ଡଳୀଟି ଏତେ ଦରିଦ୍ର ଯେ, ଏହା ତାଙ୍କୁ ଜଣେ ମିଶନାରୀ ରୂପେ ସାହାଯ୍ୟ କରିପାରିବ ନାହିଁ। ଆମେ ଗୋଟିଏ ଦୃଢ଼ ଓ ପ୍ରତିଷ୍ଠିତ ମଣ୍ଡଳୀ ହେବା ପରେ ମିଶନାରୀମାନଙ୍କୁ ପ୍ରେରଣ କରିବା ପାଇଁ ଚିନ୍ତା କରିପାରିବା। ଏଠାରେ ଅନେକ ପ୍ରତିମା ପୂଜକ ଅଛନ୍ତି, ସେମାନଙ୍କ ପାଇଁ ଆମକୁ କାର୍ଯ୍ୟ କରିବାକୁ ହେବ।

ଶିକ୍ଷାର୍ଥୀ ଅସମ୍ମତ ହୁଅନ୍ତି। ଏହା ସାହାଯ୍ୟକାରୀଙ୍କ ପାଇଁ ଏକ ସୁଯୋଗ ଅଟେ ଯେ, ସେ ସୁସମାଚାର ଶୁଣି ନ ଥିବା ଲୋକମାନଙ୍କୁ ସୁସମାଚାର ଶୁଣାଇବେ। ଈଶ୍ୱର ଅବ୍ରହାମଙ୍କୁ ପ୍ରତିଜ୍ଞା କରିଥିଲେ ଯେ, ତାଙ୍କ ବଂଶଧର ଦ୍ୱାରା ସେ ପ୍ରତ୍ୟେକ ଜାତିକୁ ଆଶୀର୍ବାଦ କରିବେ। ଏହି ପ୍ରତିଜ୍ଞାଟି ଅବ୍ରହାମଙ୍କ ବଂଶଧର, ଯୀଶୁ ଖ୍ରୀଷ୍ଟଙ୍କଠାରେ ସଫଳ ହୋଇଥିଲା। ମାଥିଉ ୨୪:୧୦ ପଦରେ ଯୀଶୁ କହିଥିଲେ ଯେ ଯେତେବେଳେ ପ୍ରତ୍ୟେକ ଜାତି ନିକଟରେ ସୁସମାଚାର ପ୍ରଚାର ହୋଇଯିବ, ସେତେବେଳେ ହିଁ ଜଗତ ଶେଷ ହେବ ଓ ତାହାଙ୍କର ଶେଷ ଆଗମନ ହେବ। ସେ ରାଜନୈତିକ ଦେଶ ବିଷୟରେ କହି ନ ଥିଲେ, ମାତ୍ର ସମାନ ସଂସ୍କୃତିର ବିଭିନ୍ନ ଲୋକଦଳ ବିଷୟରେ କହିଥିଲେ।

ହଁ ! ଶ୍ରୀ ଜ୍ଞାନୀ ଏକମତ ହୁଅନ୍ତି। ପ୍ରେରିତ ୧:୮ ପଦରେ ଯୀଶୁ କହିଥିଲେ ଯେ, ଆମକୁ ପାଖରେ ଓ ଦୂରରେ, ଆମ ନିଜର ଓ ଅନ୍ୟ ସମ୍ପ୍ରଦାୟ ମଧ୍ୟରେ ସାକ୍ଷୀ ହେବାକୁ ପଡ଼ିବ। ମାଥିଉ ୨୮:୧୮-୨୦ ପଦରେ ଥିବା ତାହାଙ୍କ ଶେଷ ଆଜ୍ଞା ଥିଲା ଯେ, ଜଗତର ପ୍ରତ୍ୟେକ ଜାତିକୁ ଶିଷ୍ୟ କରିବା। ଯେଉଁ ମଣ୍ଡଳୀ ଈଶ୍ୱରଙ୍କ ଆଜ୍ଞାବହ ହୁଅନ୍ତି, ଈଶ୍ୱର ସେମାନଙ୍କୁ ଆଶୀର୍ବାଦ କରନ୍ତି। ସେ ଜଗତର ସମସ୍ତ ଲୋକଙ୍କୁ ପ୍ରେମ କରନ୍ତି ଓ ଇଚ୍ଛା କରନ୍ତି ସେମାନେ ଯେପରି ତାହାଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ତାହାଙ୍କୁ ଜାଣିବେ। ମୁଁ ତୁମକୁ **ଅନିଚ୍ଛୁକ ମିଶନାରୀ ଯୂନସ**ଙ୍କ ବିଷୟରେ କହୁଛି, ଯେ କି ପ୍ରଥମେ ଅନ୍ୟ ସମ୍ପ୍ରଦାୟଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ବିଷୟରେ ଶ୍ରୀ ବୋକାଙ୍କ ପରି ଭାବୁଥିଲେ।

## ଈଶ୍ୱର ଜଗତର ସମସ୍ତ ଜାତିର ଲୋକମାନଙ୍କୁ ଉଦ୍ଧାର କରିବେ

### ଅନୁଶୀଳନୀ

**ଯୂନସ** ପୁସ୍ତକରୁ ଦେଖନ୍ତୁ:

- ଈଶ୍ୱର ଯେତେବେଳେ ଇସ୍ରାଏଲ ଭାବବାଦୀଙ୍କୁ ଗୋଟିଏ ଶତ୍ରୁ ସହର ବିଷୟରେ ବାର୍ତ୍ତା ଦେଲେ, ସେତେବେଳେ ସେ କ'ଣ କରିଥିଲେ ?
- ମିଶନାରୀ ତାଙ୍କ ପ୍ରେରିତ ସ୍ଥାନକୁ ଯିବାକୁ ଅନିଚ୍ଛୁକ ହେବା ପରେ ମଧ୍ୟ ଈଶ୍ୱର କିପରି ଆପଣା ଇଚ୍ଛା ସାଧନ କରିଥିଲେ ?
- ଏହି କାହାଣୀଟି କିପରି ଭାବରେ ଜଗତର ସବୁଠାରୁ ବଡ଼ ପାପପୂର୍ଣ୍ଣ ଜାତି ପ୍ରତି ମଧ୍ୟ ଈଶ୍ୱରଙ୍କ ପ୍ରେମ ଅଛି ବୋଲି ପ୍ରତିପାଦନ କରୁଛି ?

ଏହା ଏକ ବିପଦପୂର୍ଣ୍ଣ କଥାବାର୍ତ୍ତା ! ସାହାଯ୍ୟକାରୀଙ୍କ ଘରେ ଶ୍ରୀ ଜ୍ଞାନୀ, ଶିକ୍ଷାର୍ଥୀ ଓ ସାହାଯ୍ୟକାରୀଙ୍କ କଥାବାର୍ତ୍ତା ଶୁଣି ଶ୍ରୀ ବୋକା ଚିତ୍କାର କରନ୍ତି। ଆମକୁ ଦୂରକୁ ଯାଇ ଲୋକମାନଙ୍କୁ ସେମାନଙ୍କ ପାପ ହେତୁ ଅନୁତପ୍ତ କରାଇବା ଆବଶ୍ୟକ ନାହିଁ !

ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଯୂନସ ଗୋଟିଏ ଶତ୍ରୁ ଜାତି ନିକଟରେ ପ୍ରଚାର କରିବାକୁ ଅଗ୍ରାହ୍ୟ କରିଥିଲେ। ସେ ବିପରୀତ ଦିଗକୁ ଯାଉଥିବା ଜାହାଜରେ ଯାଉଥିଲେ। ଈଶ୍ୱର ତାଙ୍କୁ ଫେରାଇ ଆଣିବା ପାଇଁ ଝଡ଼ ପଠାଇଲେ ଓ ତା'ପରେ ଗୋଟିଏ ମାଛ ପଠାଇଲେ।

ଈଶ୍ୱରଙ୍କ ଇଚ୍ଛା ପାଳନ କରିବା ପାଇଁ ଯୂନସ କଷ୍ଟ ବିଷୟସବୁ ଶିକ୍ଷା କରିଥିଲେ। ଈଶ୍ୱର ଜଗତର ସମସ୍ତ ଲୋକଙ୍କର ଯେପରି ଯତ୍ନ ନିଅନ୍ତି ସେହିପରି ନୀନିବୀର ଦୁଷ୍ଟ ଲୋକମାନଙ୍କ ବିଷୟରେ ମଧ୍ୟ ମନୋଯୋଗୀ ଥିଲେ। ଅନୁତପ୍ତ ଲୋକମାନେ ଈଶ୍ୱରଙ୍କ ପ୍ରତି ଫେରିଲେ ଈଶ୍ୱର ସେମାନଙ୍କୁ ଯେପରି କ୍ଷମା କରନ୍ତି, ସେହିପରି ସେମାନେ ଅନୁତାପ କରିବାରୁ ସେମାନଙ୍କୁ ମଧ୍ୟ ଈଶ୍ୱର କ୍ଷମା କରିଥିଲେ। ଲୋକମାନେ ଆମଠାରୁ ଭିନ୍ନ ହେଲେ ମଧ୍ୟ ସେମାନଙ୍କୁ ପ୍ରେମ କରିବା ପାଇଁ ଈଶ୍ୱର କହିଥାଆନ୍ତି। ସେମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ସେ ଆମକୁ ପ୍ରେରଣ କରିଥାଆନ୍ତି ଓ ଆମେ ଯେତେବେଳେ ଯିବାକୁ ଇଚ୍ଛା କରିଥାଉ, ସେତେବେଳେ ସେ ଆମକୁ ଆଶୀର୍ବାଦ କରନ୍ତି। ଆମେ ଯଦି ତାହାଙ୍କ ଆଜ୍ଞାବହ ନ ହେଉ, ତେବେ ସେ ଉକ୍ତ ଲୋକମାନଙ୍କ ନିକଟରେ ଅନ୍ୟ ଉପାୟରେ ସୁସମାଚାର ପ୍ରଚାର କରିବେ, ମାତ୍ର ଆମେ ଏହି ବିଶେଷ ଆଶୀର୍ବାଦ ଗ୍ରହଣ କରିବା ନାହିଁ।

ଶ୍ରୀ ଜ୍ଞାନୀ ସାହାଯ୍ୟକାରୀଙ୍କ ସ୍ତ୍ରୀ ରାଚେଲଙ୍କୁ କହନ୍ତି, ଈଶ୍ୱର ତୁମ ଉଭୟଙ୍କୁ ଅନ୍ୟ ସଂସ୍କୃତିର ଲୋକମାନଙ୍କୁ ପ୍ରେମ କରି ସେମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବାକୁ ଆତ୍ମିକ ଦାନ ଦେଇଅଛନ୍ତି। ଦୟାକରି ମୋ' ସହିତ ଚାଲ। ସାହାଯ୍ୟକାରୀ, ତୁମେ ଦରିଦ୍ର, ପୁଣି ମୁଁ ମଧ୍ୟ ତୁମର ଦରିଦ୍ର ମଣ୍ଡଳୀ ତୁମକୁ ଦରମା ଦେଉ ବୋଲି ଆଶା କରୁ ନାହିଁ। ଏହା ଅଳ୍ପ ସାହାଯ୍ୟ କରିବା ଉଚିତ୍, ପୁଣି ଏହି ଅଞ୍ଚଳରେ ଈଶ୍ୱର ଯେଉଁ ଅନ୍ୟ ମଣ୍ଡଳୀଗୁଡ଼ିକୁ ଉଠାଇଅଛନ୍ତି, ସେମାନେ ମଧ୍ୟ କିଛି କିଛି ସାହାଯ୍ୟ କରିବା ଉଚିତ୍। ତୁମ ଓ ମୋ' ପାଇଁ ମୋର ଯୋଜନା ରହିଛି ଯେ ଆମେ ଯାଇ ସେଠାରେ ଥିବା ଏକ ବ୍ୟବସାୟରେ କାର୍ଯ୍ୟ କରିବା, ତାହା ଆମକୁ ।କିରୀ ଯୋଗାଇଅଛି। ପ୍ରେରିତ ୧୮ ପର୍ବରେ ପ୍ରେରିତ ପାଉଲଙ୍କ ପରି ଆମେ ଆମର ଜୀବିକା ନିର୍ବାହ କରିପାରିବା। ପାଉଲଙ୍କ ସାଙ୍ଗ, ପ୍ରିସ୍କିଲା ଓ ଆକ୍ୱିଲା ସେମାନଙ୍କୁ ତମ୍ବୁ ତିଆରି କରିବାର କାର୍ଯ୍ୟ ଯୋଗାଇଥିଲେ। ପ୍ରିସ୍କିଲା ଓ ଆକ୍ୱିଲାଙ୍କ ପରି ସେଠାରେ ଆମର ସାଙ୍ଗମାନେ ଅଛନ୍ତି। ଆମେ ଯେଉଁଠାରେ ମଣ୍ଡଳୀ ଆରମ୍ଭ କରିବା ସେଠାରେ ସେମାନେ ଆମକୁ ଚାକିରୀ ଦେବେ।

## ଅନ୍ୟ ସଂସ୍କୃତିର ଲୋକମାନଙ୍କ ନିକଟରେ କିପରି ସୁସମାଚାର ପ୍ରଚାର କରିବା

ରାଚେଲ କହନ୍ତି, ଅତି ଭିନ୍ନ ସଂସ୍କୃତିର ଲୋକମାନଙ୍କ ସହିତ କିପରି କାର୍ଯ୍ୟ କରିବାକୁ ହେବ, ତାହା ମୁଁ ଜାଣେ ନାହିଁ।

ଶ୍ରୀ ଜ୍ଞାନୀ ବର୍ଣ୍ଣନା କରନ୍ତି, ଆମ ସଂସ୍କୃତିରେ ଈଶ୍ୱର ଯେପରି ଆସିଥିଲେ, ଆମକୁ ସେହିପରି କାର୍ଯ୍ୟ କରିବାକୁ ପଡ଼ିବ। ଯୀଶୁଙ୍କ ଅବତାର ବିଷୟରେ ଚିନ୍ତା କର। ଈଶ୍ୱର ଆମ୍ଭମାନଙ୍କୁ ସୁସମାଚାର କହିବା ପାଇଁ ଯୀଶୁଙ୍କୁ ମିଶନାରୀ ରୂପେ ପ୍ରେରଣ କରିଥିଲେ। ସେ ସମସ୍ତଙ୍କଠାରୁ ଉପାସନା ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ରାଜା ରୂପେ ଆସି ନ ଥିଲେ। ସେ ସ୍ୱର୍ଗର ଗୌରବମୟ ସ୍ଥାନ ପରିତ୍ୟାଗ କରି ଜଣେ ଅସହାୟ ଶିଶୁ ରୂପରେ ଆସିଥିଲେ। ଜଣେ ତରୁଣ ରୂପେ ସେ ଯିହୁଦୀ ସଂସ୍କୃତି ଶିକ୍ଷା କରିଥିଲେ। ସେ ଶକ୍ତିଶାଳୀ ବା ବିଖ୍ୟାତ ହୋଇଥିବାରୁ ସେ ଶିକ୍ଷା ଦେବା ସମୟରେ ଲୋକମାନେ ତାହାଙ୍କ କଥା ଶୁଣୁ ନ ଥିଲେ। ତାହାଙ୍କ ବାକ୍ୟ ଈଶ୍ୱରଙ୍କଠାରୁ ଆସିଥିଲା ବୋଲି ସେମାନେ ଜାଣିଥିବାରୁ ସେମାନେ ତାହାଙ୍କ କଥା ଶୁଣୁଥିଲେ। ଯେଉଁମାନେ ତାହାଙ୍କ କଥାକୁ ଭଲ ପାଉ ନ ଥିଲେ, ସେମାନେ ତାହାଙ୍କୁ ହତ୍ୟା କରିଥିଲେ। ଆମ ପ୍ରତି ତାହାଙ୍କ ପ୍ରେମ ହେତୁ ସେ ଏସବୁ କରିପାରିଥିଲେ। ସେ ଆମକୁ ଅନ୍ୟ କୌଣସି ଉପାୟରେ ଉଦ୍ଧାର କରିପାରି ନ ଥା'ନ୍ତେ।

ମାତ୍ର ସେମାନେ କିପରି ଏହା କରିବେ? ଶ୍ରୀ ବୋକା ପ୍ରଶ୍ନ କରନ୍ତି। ସେମାନେ ଶିଶୁ ହୋଇ ଅନ୍ୟ ଏକ ନୂତନ ସଂସ୍କୃତିବିଶିଷ୍ଟ ସମ୍ପ୍ରଦାୟରେ ଜନ୍ମ ହୋଇପାରିବେ ନାହିଁ!

ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି, ଆମେ ଶିଶୁ ହୋଇପାରିବା ନାହିଁ, ମାତ୍ର ଆମେ ଶିଶୁ ପରି ଅନ୍ୟ ସଂସ୍କୃତିରେ ପ୍ରବେଶ କରିପାରିବା। ଆମେ ଯୀଶୁଙ୍କ ପରି ନିଜକୁ ନମ୍ର କରିପାରିବା ଓ ଲୋକମାନଙ୍କଠାରୁ ଭାଷା ଓ ସଂସ୍କୃତି ଶିକ୍ଷା କରିପାରିବା। ଆମେ ସେମାନଙ୍କୁ ଆମକୁ ଶିକ୍ଷା ଦେବାକୁ ଦେବା। ଋତ ଯେପରି ଇସ୍ରାଏଲ ପରି ଅନ୍ୟ ଏକ ସମ୍ପ୍ରଦାୟକୁ ଯିବା ସମୟରେ କରିଥିଲେ, ଆମେ ମଧ୍ୟ ସେହିପରି ବିଶ୍ୱାସ ଓ ପ୍ରେମର ସମ୍ପର୍କ ସ୍ଥାପନ କରିବା। ସେ ଇସ୍ରାଏଲୀୟମାନଙ୍କୁ ପ୍ରେମ କରୁଥିବାରୁ, ତାଙ୍କ ଶାଶୁ ନୟମୀଙ୍କଠାରୁ ଆରମ୍ଭ କରି ସେମାନଙ୍କ ସହିତ ବାନ୍ଧି ହୋଇଯାଇଥିଲେ।

ସାହାଯ୍ୟକାରୀ କହନ୍ତି, ଆମେ ଯେତେବେଳେ ଲୋକମାନଙ୍କୁ ଭଲ ରୂପେ ଜାଣିପାରିବା, ସେତେବେଳେ ସେମାନଙ୍କ ବୁଝିବା ଭଳି ସୁସମାଚାର କିପରି ପ୍ରଚାର କରିପାରିବା ତାହା ଜାଣିପାରିବା। ୧ମ କରିନ୍ଥୀୟ ୯:୧୯-୨୩ ପଦରେ ପ୍ରେରିତ ପାଉଲ କହନ୍ତି ଯେ ଯିହୁଦୀମାନଙ୍କ ପାଇଁ ସେ ଯିହୁଦୀ ପରି ଥିଲେ ଓ ଅନ୍ୟ ଜାତିର ଲୋକମାନଙ୍କ ପାଖରେ ସେ ସେମାନଙ୍କ ପରି ଥିଲେ। ଖ୍ରୀଷ୍ଟଙ୍କ ପାଇଁ ଅନ୍ୟମାନଙ୍କୁ ଲାଭ କରିବା ପାଇଁ ସେ ସେମାନଙ୍କ ପରି ହୋଇଥିଲେ। ମୁଁ ଭାବୁଛି ଏହା କୌତୁକପ୍ରଦ ହୋଇପାରେ!

ଶ୍ରୀ ଜ୍ଞାନୀ କହନ୍ତି, ତୁମର ଅଧ୍ୟୟନ ପାଇଁ ମୁଁ ଏକ ପୁସ୍ତକ ଆଣିଛି। ପାଉଲ ଯେପରି କରିଥିଲେ, ମିଶନାରୀଗଣ କିପରି ସେପରି ଖ୍ରୀଷ୍ଟଙ୍କ ଅବତାରକୁ ଅନୁକରଣ କରିପାରିବେ, ସେ ବିଷୟରେ ଏଥିରେ ଏକ ତାଲିକା ଅଛି:

କ. ଯାଇ ଲୋକମାନଙ୍କ ମଧ୍ୟରେ ବାସ କର, ପାପ ବ୍ୟତୀତ ସେମାନଙ୍କ ପରି ଜୀବନ ଯାପନ କର।
ଖ. ତୁମକୁ ଭାଷା ଶିକ୍ଷା ଦେବା ପାଇଁ ଜଣେ ସାହାଯ୍ୟକାରୀଙ୍କୁ ଯୋଗାଡ଼ କର।
ଗ. ପ୍ରତ୍ୟେକ ଦିନ ସେମାନଙ୍କ ଭାଷାର କିଛି କିଛି ବାକ୍ୟ ଶିକ୍ଷା କର।
ଘ. ଚାଲି ଚାଲି ଯାଇ ସେଦିନ ତୁମେ ପ୍ରାୟ ପଚାଶ ଜଣ ଲୋକଙ୍କ ସହ ସେ କଥା କହି ଅଭ୍ୟାସ କର।
ଙ. ସେମାନଙ୍କ ଭାଷା ଭଲ ରୂପେ ଶିକ୍ଷା କରିବା ପରେ ସେମାନଙ୍କୁ ଈଶ୍ୱର ଓ ତାହାଙ୍କ ପୁତ୍ର, ଯୀଶୁଙ୍କ ବିଷୟରେ ବାଇବଲ କାହାଣୀ କହିବା ଆରମ୍ଭ କର।
ଚ. ଗ୍ରହଣ କରୁଥିବା ଲୋକମାନଙ୍କ ଉପରେ ମନୋନିବେଶ କରି ପ୍ରତିବାଦ କରୁଥିବା ଲୋକମାନଙ୍କୁ ପରବର୍ତ୍ତୀ ସମୟ ପାଇଁ ଛାଡ଼ି ଦିଅ।
ଛ. ଘରର ମୁରବିଙ୍କ ସହ କଥା ହୁଅ। ଏହା ଦ୍ୱାରା ପରିବାରର ସମସ୍ତେ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ସହଜ ହୋଇଥାଏ।

ଶ୍ରୀ ଜ୍ଞାନୀ ସାହାଯ୍ୟକାରୀ ଓ ରାଚେଲଙ୍କୁ ବୁଝାନ୍ତି, ଅନ୍ୟ ସଂସ୍କୃତିର ଲୋକମାନେ ଯେତେବେଳେ ଖ୍ରୀଷ୍ଟଙ୍କ ପ୍ରତି ଫେରନ୍ତି, ସେତେବେଳେ ଆମକୁ ଆମର ନିଜର ନୁହେଁ, ମାତ୍ର ସେମାନଙ୍କୁ ଯତ୍ନର ସହ ଖ୍ରୀଷ୍ଟ ଓ ପ୍ରେରିତମାନଙ୍କ ଆଜ୍ଞା ଶିକ୍ଷା ଦେବାକୁ ପଡ଼ିବ। ସେମାନେ ବୃଦ୍ଧି ଲାଭ କରିବା ସହିତ ସେମାନଙ୍କ ନିଜ ସଂସ୍କୃତିର ଉନ୍ନତି କରନ୍ତୁ। ଆମେ ଯଦି ସେମାନଙ୍କୁ ବାଇବଲ ଭିନ୍ନ ଅନ୍ୟ ବିଷୟରେ କହିବା, ତେବେ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଯିବେ। ସେମାନେ ଖ୍ରୀଷ୍ଟଙ୍କୁ ନୁହେଁ, ମାତ୍ର ଆମର ସଂସ୍କୃତିକୁ ଅନୁସରଣ କରିବେ। ଅଧିକାଂଶ ସଂସ୍କୃତି ଉତ୍ତମ ଅଟେ, ମାତ୍ର ଆମେ ଯେତେବେଳେ ଗୋଟିଏ ସଂସ୍କୃତିକୁ ଅନ୍ୟ ସମ୍ପ୍ରଦାୟରେ ପ୍ରତିଷ୍ଠା କରୁ, ତାହା ସର୍ବଦା କ୍ଷତିକାରକ ହୋଇଥାଏ। ଆମେ ସରଳ ଭାବରେ ସେମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହିବା ଏବଂ ଯେଉଁମାନେ ଅନୁତାପ କରି ଯୀଶୁଙ୍କ ନାମରେ ଈଶ୍ୱରଙ୍କ କ୍ଷମା ଲୋଡ଼ନ୍ତି, ସେମାନଙ୍କୁ ବାପ୍ତିସ୍ମ ଦେବା। ତା'ପରେ ଆମେ ସେମାନଙ୍କୁ ମଣ୍ଡଳୀ ରୂପେ ଈଶ୍ୱରଙ୍କ ଉପାସନା କରିବାକୁ ଓ ପ୍ରେମରେ ତାହାଙ୍କ ସେବା କରିବାକୁ ଏକତ୍ରିତ କରିବା।

ଆସନ୍ତୁ ଆମେ ଯଥା ଶୀଘ୍ର ଆରମ୍ଭ କରିବା! ସାହାଯ୍ୟକାରୀ ଖୁସିରେ କହନ୍ତି, ସେଠାରେ ବାପ୍ତିଜିତ ବିଶ୍ୱାସୀମାନଙ୍କ ଏକ ଦଳ ହେବା ପରେ ଆମେ ସେମାନଙ୍କୁ ଉପାସନାର ମୌଳିକ ଧାରା ଶିକ୍ଷା ଦେବା - ପ୍ରଶଂସା, ପ୍ରାର୍ଥନା, ପାପ ସ୍ୱୀକାର ଓ ପ୍ରଭୁଭୋଜ, ବାକ୍ୟଦାନ ଓ ସହଭାଗିତା। ମୁଁ ସେମାନଙ୍କୁ ସେମାନଙ୍କ ନିଜ ସଂସ୍କୃତି ଶୈଳୀରେ ପ୍ରଶଂସା ଗୀତ ଗାନ କରିବାକୁ ଶିଖାଇବି। ଆମେ ସେମାନଙ୍କୁ ଖ୍ରୀଷ୍ଟଙ୍କ ସମସ୍ତ ଆଜ୍ଞା ପାଳନ କରିବାକୁ ଶିଖାଇବା। ଶ୍ରୀ ଜ୍ଞାନୀ, ଆପଣ ଆମ ପାଇଁ ଯେପରି କରିଥିଲେ, ଆମେ ମଧ୍ୟ ସେମାନଙ୍କୁ ସୁସମାଚାର ଅଧ୍ୟୟନ ଓ ପ୍ରୟୋଗ କରିବା ପାଇଁ ସମସ୍ତ ଉପକରଣ ଦେବା। ଯେଉଁମାନେ ସେମାନଙ୍କ ନିଜ ପରିବାରରେ ପାଳକତ୍ୱ କରୁଥିବେ ଆମେ ସେମାନଙ୍କୁ ନୂତନ ମଣ୍ଡଳୀରେ ପ୍ରାଚୀନ ରୂପେ ନିଯୁକ୍ତ କରିବା।

ରାଚ୍ଛେଲ ଅତି ଆଗ୍ରହରେ ସମ୍ମତ ହୁଅନ୍ତି ଓ ଶ୍ରୀ ଜ୍ଞାନୀ ଶେଷରେ କହନ୍ତି, ନୂତନ ପ୍ରାଚୀନମାନଙ୍କୁ ତାଲିମ ଦେବା ପରେ ଆମେ ସ୍ଥାନ ପରିତ୍ୟାଗ କରିବା। ଆମେ ସେମାନଙ୍କୁ ନିୟମିତ ପରିଦର୍ଶନ କରି ସେମାନଙ୍କ ନେତାମାନଙ୍କୁ ଉପଦେଶ ଦେବା, ମାତ୍ର ଆମେ ସେମାନଙ୍କ ମଣ୍ଡଳୀକୁ ପରିଚାଳନା କରିପାରିବା ନାହିଁ। ଈଶ୍ୱର ପ୍ରେରିତ ପୁସ୍ତକରେ ଯେପରି କରିଥିଲେ, ସେହିପରି ସେମାନଙ୍କ ମଧ୍ୟରେ ଶୀଘ୍ର ନେତାମାନଙ୍କୁ ଉଠାଇବେ ଓ ଆମେ ସେମାନଙ୍କୁ ତାଲିମ ଦେବା।

## ମିଶନାରୀଗଣ ନୂଆ ପ୍ରଥାର ସମ୍ମୁଖୀନ ହୁଅନ୍ତି

ଶ୍ରୀ ବୋକା ଚିତ୍କାର କରି କହନ୍ତି, ତୁମ ପାଖରେ ସେମାନଙ୍କ ପାଳକଙ୍କ ପାରିଶ୍ରମିକ ଓ ଗୀର୍ଜାଘର ପାଇଁ ଅର୍ଥ ନ ଥିଲେ ମଣ୍ଡଳୀ ଗଠନ କରିପାରିବ ନାହିଁ।

ଆମେ ଏ ବିଷୟରେ ଅନେକ ଥର ଆଲୋଚନା କରିଛୁ। ଶ୍ରୀ ଜ୍ଞାନୀ ଉତ୍ତର ଦିଅନ୍ତି। ଅର୍ଥ ଅଭାବ ହେଲେ, ଆମେ ଈଶ୍ୱରଙ୍କ କାର୍ଯ୍ୟ ବନ୍ଦ କରିପାରିବା ନାହିଁ। ଆମେ ଘରଗୁଡ଼ିକରେ ସଭା କରିଥାଉ। ଫିଲିମୋନଙ୍କ ଘରେ ଯେପରି ହେଉଥିଲା, ଆଜି ଜଗତରେ ସେହିପରି ଲକ୍ଷ ଲକ୍ଷ ଛୋଟ ଛୋଟ ଗୃହ ମଣ୍ଡଳୀ ରହିଥିବ। ଫିଲିମୋନ ୨ ପର୍ବରେ ପାଉଲ ସେମାନଙ୍କୁ ଅଭିନନ୍ଦନ କରିଥିଲେ।

ତୁମେ ଏତେ ଶୀଘ୍ର ନୂଆ ମଣ୍ଡଳୀ ଗଠନ କରିପାରିବ ନାହିଁ! ଶ୍ରୀ ବୋକା ଯୁକ୍ତି କରନ୍ତି। ସେହି ଲୋକମାନେ ଆମଠାରୁ ବହୁତ ଭିନ୍ନ ଅଟନ୍ତି। ନଦୀକୂଳରେ ବାସ କରୁଥିବା ଲୋକମାନଙ୍କ ପରି ସେମାନେ ନୂଆ ମଣ୍ଡଳୀରେ ସେମାନଙ୍କ ଅଜଣା ପ୍ରଥାସବୁ ଆରମ୍ଭ କରିବେ।

ସେମାନେ ଏପରି ସଙ୍ଗୀତ ବୋଲନ୍ତି ଯେ, ତାହା ମୋର ଶ୍ରୁତିକଟୁ ହୁଏ ଓ ଏପରି ଖାଦ୍ୟ ଖାଆନ୍ତି ଯେ, ମୁଁ ତାହା ସ୍ପର୍ଶ କରିପାରିବି ନାହିଁ। ସେମାନେ ଆମର ଉତ୍ସବ ଓ ପର୍ବ ପାଳନ କରନ୍ତି ନାହିଁ। ଅନ୍ୟ ସଂସ୍କୃତିର ଲୋକମାନଙ୍କୁ ଖ୍ରୀଷ୍ଟିୟାନ ହେବା ପୂର୍ବରୁ ଆମର ସମସ୍ତ ପ୍ରଥା ଶିକ୍ଷା କରିବାକୁ ପଡ଼ିବ !

ଶ୍ରୀ ଜ୍ଞାନୀ ଦୁଃଖରେ ଦୀର୍ଘଶ୍ୱାସ ପକାନ୍ତି, ଶ୍ରୀ ବୋକା, ମୁଁ ଦୁଃଖିତ ଯେ ତୁମେ ଈଶ୍ୱରଙ୍କ ଅନୁଗ୍ରହକୁ ବୁଝିପାରୁ ନାହଁ। ଆମେ ଏକ ପ୍ରଥା ବା ଧର୍ମକର୍ମର ଉପାସନା କରୁ ନାହୁଁ । ଖ୍ରୀଷ୍ଟଙ୍କ ଯାହା ଆଜ୍ଞା କରିଥିଲେ, ଆମେ ସେହିପରି ତାହାଙ୍କ ସେବା କରି ତାହାଙ୍କ ଉପାସନା କରିଥାଉ। ଆସ ଆମେ **ପ୍ରଥମ ମଣ୍ଡଳୀ ସଭା** ବିଷୟରେ ପୁନର୍ବାର ଦେଖିବା।

### ଅନୁଶୀଳନୀ

**ପ୍ରେରିତ ୧୫ ଅଧ୍ୟାୟ**ରେ ଦେଖିବା:

- କେତେକ ଯିହୁଦୀ ବିଶ୍ୱାସୀ କଣ ଶିକ୍ଷା ଦେଇଥିଲେ ଯେ, ତାହା ଆନ୍ତିୟଖିଆ ସଂସ୍କୃତିରେ ଈଶ୍ୱରଙ୍କ ଅନୁଗ୍ରହ ଆଣି ନ ଥିଲା ?
- ଉଦ୍ଧାରପ୍ରାପ୍ତ ହେବା ପାଇଁ ଈଶ୍ୱର ଆମଠାରୁ କ'ଣ ଲୋଡ଼ନ୍ତି ?
- ଈଶ୍ୱର କିପରି ଦର୍ଶାନ୍ତି ଯେ, ସମସ୍ତ ଲୋକ ସେମାନଙ୍କ ସଂସ୍କୃତି ପରିତ୍ୟାଗ ନ କରି ମଧ୍ୟ ଉଦ୍ଧାରପ୍ରାପ୍ତ ହୋଇପାରିବେ ?
- ବ୍ୟବସ୍ଥାଧୀନ ନ ହେଲେ ମଧ୍ୟ ପୁରାତନ ବ୍ୟବସ୍ଥା ପାଳନ କରୁଥିବା ବିଶ୍ୱାସୀ ଯିହୁଦୀମାନଙ୍କୁ ଅପମାନିତ ନ କରିବା ପାଇଁ ବିଜାତୀୟ ଖ୍ରୀଷ୍ଟିୟାନମାନଙ୍କୁ କ'ଣ କରିବାକୁ ପଡ଼ିଥିଲା ?
- ସଭା ବିଶ୍ୱାସୀମାନଙ୍କୁ ପିପରି ଉତ୍ସାହିତ କରିଥିଲା ?

ଶ୍ରୀ ବୋକା ଚାଲିଯା'ନ୍ତି। ସେ ଆଉ କେବେ ମଧ୍ୟ ଏପରି ମଣ୍ଡଳୀରେ ଯୋଗ ଦିଅନ୍ତି ନାହିଁ।

ଶ୍ରୀ ଜ୍ଞାନୀ, ସାହାଯ୍ୟକାରୀ ଓ ରାଚେଲଙ୍କୁ ମିଶନାରୀ କାର୍ଯ୍ୟ ବିଷୟରେ ନିର୍ଦ୍ଦେଶ ଦିଅନ୍ତି। ପ୍ରେରିତ ପୁସ୍ତକରେ ପ୍ରେରିତ ପାଉଲଙ୍କ ତିନୋଟି ମିଶନାରୀ ଯାତ୍ରା ବିଷୟରେ ବିବରଣୀ ଅଛି। ତାଙ୍କର ନିଜ ଯିହୁଦୀ ଲୋକମାନେ ଯେତେବେଳେ ଖ୍ରୀଷ୍ଟଙ୍କ ବିଷୟରେ ତାହାଙ୍କ ବାର୍ତ୍ତା ଅଗ୍ରାହ୍ୟ କଲେ, ସେତେବେଳେ ସେ ବିଜାତୀୟମାନଙ୍କ ନିକଟକୁ ଯାଇଥିଲେ ଓ ସେମାନେ ଏହା ଗ୍ରହଣ କରିଥିଲେ। କେତେକ ଯିହୁଦୀ ବିଶ୍ୱାସୀ କହିଥିଲେ ଯେ, ଉଦ୍ଧାରପ୍ରାପ୍ତ ହେବା ପାଇଁ ବିଜାତୀୟ ଖ୍ରୀଷ୍ଟିୟାନମାନେ ଯିହୁଦୀମାନଙ୍କ ସମସ୍ତ ପ୍ରଥା ଅନୁସରଣ କରିବା ଉଚିତ୍। ପାଉଲ ଓ ବର୍ଣ୍ଣବ୍ବା ସେହି ବିଷୟରେ ସମ୍ପୂର୍ଣ୍ଣ ଅସମ୍ମତ ହୋଇଥିଲେ। ସେମାନେ କହିଥିଲେ ଯେ, ଉଦ୍ଧାରପ୍ରାପ୍ତ ହେବା ପାଇଁ ଆମେ କୌଣସି ବ୍ୟବସ୍ଥା ବା ପ୍ରଥା ଅନୁସରଣ କରିବା ଈଶ୍ୱରଙ୍କ ଲୋଡ଼ା ନାହିଁ। ଆମ ପରି ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଈଶ୍ୱର ଆମକୁ ଉଦ୍ଧାର କରନ୍ତି। ଆମକୁ ଆମର ସଂସ୍କୃତି ପରିବର୍ତ୍ତନ କରିବାକୁ ପଡ଼ିବ ନାହିଁ।

ସାରା କହନ୍ତି, ଶ୍ରୀ ଜ୍ଞାନୀ, ଆମେ ଯେଉଁଠାରେ ମିଶନାରୀ ରୂପେ ସେବା କରିବା ସେଠାରେ ଖୁସିରେ ଅନ୍ୟ ସଂସ୍କୃତିକୁ ସମ୍ମାନ ଜଣାଇବା।

ମୁଁ ଜାଣେ ତୁମେ ସେପରି କରିବ। ପ୍ରେରିତ ପିତର କର୍ଣ୍ଣୀଲିୟ ଓ ତାଙ୍କ ଲୋକମାନଙ୍କୁ ପରିଦର୍ଶନ କରିବା ସମୟରେ ଯିରୂଶାଲମର ସଭାକୁ ସ୍ମରଣ କରାଇ ଦେଇଥିଲେ। ସେମାନେ ବିଜାତୀୟ ଥିଲେ, ମାତ୍ର ସେମାନେ ଈଶ୍ୱରଙ୍କ ପ୍ରତି ଫେରିବା ପରେ ସେ ସେମାନଙ୍କୁ ପବିତ୍ରଆତ୍ମାଙ୍କ ଦାନ ଦେଇଥିଲେ। ତାହା ପ୍ରେରିତମାନଙ୍କୁ ପ୍ରମାଣ ଦେଇଥାଏ ଯେ, ଯିହୁଦୀ ପ୍ରଥା ଗ୍ରହଣ ନ କଲେ ମଧ୍ୟ ସେମାନେ ଯେପରି ଥିଲେ, ଈଶ୍ୱର ସେମାନଙ୍କୁ ସେହିପରି ଗ୍ରହଣ କରିଥିଲେ। ପିତର ଓ ତାଙ୍କର ଯିହୁଦୀ ସାହାଯ୍ୟକାରୀଗଣ ସେମାନଙ୍କୁ ସେହିଦିନ ବାପ୍ତିସ୍ମ ଦେଇଥିଲେ। ସଭା ସ୍ଥିର କରିଥିଲା ଯେ, ସେ ବିଜାତୀୟମାନଙ୍କ ଉପରେ ମୋଶାଙ୍କ ପୁରାତନ ନିୟମର ବ୍ୟବସ୍ଥା ଲଦି ଦେବେ ନାହିଁ। ବରଂ ସେମାନେ ବିଜାତୀୟମାନଙ୍କୁ ସେମାନଙ୍କ ପଡ଼ୋଶୀ ଯିହୁଦୀମାନଙ୍କୁ ଅପମାନ ନ କରିବାକୁ ଅନୁରୋଧ କରିଥିଲେ। ଏହା ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ଏକତ୍ର କରି ରଖିଥିବାରୁ ସମସ୍ତ ବିଶ୍ୱାସୀ ଉତ୍ସାହିତ ହୋଇଥିଲେ। ଏହି ଏକତାର କାରଣ ସେମାନେ ସମାନ ପ୍ରଥା ଅନୁସରଣ କରୁଥିଲେ ବୋଲି ନୁହେଁ, ମାତ୍ର ସେମାନେ ସମସ୍ତେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ଉଦ୍ଧାରପ୍ରାପ୍ତ ହୋଇ ବିଭିନ୍ନ ପ୍ରଥା ଅନୁସରଣ କରିବାକୁ ସ୍ୱାଧୀନତା ପାଇଥିବାରୁ ହୋଇଥିଲା। ତୁମେ **ପିତରଙ୍କ ଦର୍ଶନ**କୁ ସ୍ମରଣ ରଖିଛ କି ?

### ଅନୁଶୀଳନୀ

**ପ୍ରେରିତ ୧୦ ଅଧ୍ୟାୟ**ରେ ଦେଖନ୍ତୁ:

- ଈଶ୍ୱର ପିତରଙ୍କୁ କେତେ ଥର ଉଠି ତାଙ୍କ ସଂସ୍କୃତିରେ ନିଷିଦ୍ଧ ପଶୁକୁ ମାରି ଖାଇବାକୁ କହିଥିଲେ ?
- ଏହି ଦର୍ଶନ ପିତରଙ୍କୁ ଅନ୍ୟ ସଂସ୍କୃତି ସହଭାଗିତାରେ ଆସିବାକୁ ସାହାଯ୍ୟ କରିଥିଲା। ପିତର ପରିଦର୍ଶନକାରୀମାନଙ୍କ ସହିତ କିପରି ବ୍ୟବହାର ପ୍ରଦର୍ଶନ କରିବେ ବୋଲି ଈଶ୍ୱର ଇଚ୍ଛା କରୁଥିଲେ ?
- ପିତରଙ୍କ ଦର୍ଶନ ଓ କାର୍ଯ୍ୟର କେଉଁ ବିଷୟଟି ଆମକୁ ବିଭିନ୍ନ ପ୍ରଥାର ଲୋକମାନଙ୍କୁ ଗ୍ରହଣ କରିବା ବିଷୟରେ କହିଥାଏ ?

ଏପରି କଥା, ସାହାଯ୍ୟକାରୀ କହନ୍ତି, ପ୍ରେରିତ ପାଉଲ ତାହାଙ୍କ ମିଶନାରୀ ଯାତ୍ରା ସମୟରେ ଯେପରି କରିଥିଲେ, ଆମେ ସେହିପରି ଅନ୍ୟ ସଂସ୍କୃତିର ଲୋକମାନଙ୍କୁ ସମାନ ସ୍ୱାଧୀନତା ଦେଇଥାଉ। ଆମର ସେମାନଙ୍କୁ ଆମ ଭାଷା ଶିକ୍ଷା ଦେବାକୁ ବା ଆମ ସଂସ୍କୃତି ଅନୁସରଣ କରିବାକୁ ବା ଆମ ବାଦ୍ୟଶୈଳୀ ବ୍ୟବହାର କରିବାକୁ ଦେବା ଆବଶ୍ୟକ ନାହିଁ। ଆମେ ସେମାନଙ୍କୁ ଈଶ୍ୱରଙ୍କ ପ୍ରତି ଫେରିବାକୁ ଶିକ୍ଷା ଦେବା, ଯେ କି ସେମାନେ ଯେପରି ଅଛନ୍ତି, ସେମାନଙ୍କୁ ସେପରି ଗ୍ରହଣ କରିଥାଆନ୍ତି। ଆମେ ଯେତେବେଳେ ତାହାଙ୍କ ପ୍ରତି ଫେରିଲୁ ସେତେବେଳେ ସେ ଯେପରି ଆମକୁ ଦେଇଥିଲେ ସେହିପରି ସେ ସେମାନଙ୍କୁ ପବିତ୍ରଆତ୍ମାଙ୍କ ଦାନ ଦେବେ। ପବିତ୍ରଆତ୍ମା ସେମାନଙ୍କୁ ସତ୍ୟ ପଥରେ କଢ଼ାଇନେବେ। ସେ ସେମାନଙ୍କୁ ପାପ ବିଷୟରେ ବୋଧ ଦେବେ। ଖ୍ରୀଷ୍ଟ ଯେ ପ୍ରଭୁ ଅଟନ୍ତି, କେଉଁ ପ୍ରଥା ତାହା ଦର୍ଶାଇଥାଏ ଓ କେଉଁ ପ୍ରଥା ତାହା ଅସ୍ୱୀକାର କରିଥାଏ, ତାହା ସେ ସେମାନଙ୍କୁ ଦର୍ଶାଇବେ।

ଆମେ ତୁମକୁ ଓ ରାଚେଲଙ୍କୁ ପ୍ରେରଣ କରିବା, ଶିକ୍ଷାର୍ଥୀ ସାହାଯ୍ୟକାରୀଙ୍କୁ କହନ୍ତି। ଆମେ ତୁମ୍ଭମାନଙ୍କ ଉପରେ ହସ୍ତାର୍ପଣ କରି ଆଶୀର୍ବାଦ ଦେଇ ତୁମକୁ ପ୍ରେରଣ କରିବୁ। ଆମେ ଉପାସନାରେ ଓ ଆମର ଛୋଟ ଦଳର ସେବାକାର୍ଯ୍ୟରେ ତୁମ୍ଭମାନଙ୍କ ପାଇଁ ବିଶ୍ୱସ୍ତ

ରୂପେ ପ୍ରାର୍ଥନା କରିବୁ। ଆମେ ତୁମ୍ଭମାନଙ୍କୁ ପ୍ରେମର ଦାନ ସାହାଯ୍ୟ କରିବୁ ଓ ଯଥାସମ୍ଭବ ତୁମ୍ଭମାନଙ୍କୁ ସାକ୍ଷାତ କରିବୁ। ତୁମେ ସେହି ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ଦୂତ ହେବ ଓ ଆମେ ଈଶ୍ୱରଙ୍କ କାର୍ଯ୍ୟରେ ତୁମର ସହଭାଗୀ ହେବୁ। ଦୟାକରି ଆମ ପାଖକୁ ବିବରଣୀ ପଠାଇବ, ଯେପରି ଆମେ ପ୍ରଭୁଙ୍କର କାର୍ଯ୍ୟରେ ଆନନ୍ଦ କରିପାରିବା ଓ ସମସ୍ୟା ସମୟରେ ପ୍ରାର୍ଥନା କରିପାରିବା। ଯଦି ତୁମେ ଯେଉଁ ନୂତନ ମଣ୍ଡଳୀ ଆରମ୍ଭ କରିବ, ତାହା ବାହ୍ୟ ରୂପେ ଏହି ମଣ୍ଡଳୀ ପରି ଦେଖାଯାଇ ନ ପାରେ, ମାତ୍ର ଆମେ ସମସ୍ତେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର ହେବା। ସେ ଆମକୁ ଭାଷା, ସଂସ୍କୃତି ବା ପ୍ରଥାନୁସାରେ ନୁହେଁ, ମାତ୍ର ଆମଠାରେ ଥିବା ପବିତ୍ରଆତ୍ମାଙ୍କ ଦ୍ୱାରା ଆମକୁ ଏକ କରିଥାଆନ୍ତି।

ଏହି ସ୍ଥାନରେ ଥିବା ସମସ୍ତ ନୂତନ ମଣ୍ଡଳୀ ଗୁପ୍ତ ରୂପେ ରାତିରେ ଏକ ନିଭୃତ ସ୍ଥାନରେ ଅଧିକାରୀଙ୍କ ଆଢ଼ୁଆଳରେ ସଭା କରନ୍ତି। ସେମାନେ ପ୍ରାର୍ଥନା କରି ସାହାଯ୍ୟକାରୀ ଓ ରାଚେଲଙ୍କ ଉପରେ ହସ୍ତାର୍ପଣ କରନ୍ତି, ଯେପରି ସେମାନେ ଶ୍ରୀ ଜ୍ଞାନୀଙ୍କ ସହିତ ଯିବେ ଓ ଏକ ଦୂର ଦେଶରେ ଖ୍ରୀଷ୍ଟଙ୍କ ଶିଷ୍ୟ ପ୍ରସ୍ତୁତ କରିବେ।

ଏହି ତିନି ଜଣ ପ୍ରେରିତ ଏକ ନୂତନ ଅଞ୍ଚଳକୁ ଯାଇ ଯେଉଁ ପରିବାରରେ ବାସ କରନ୍ତି ସେହି ପରିବାର ସେମାନଙ୍କୁ ଭାଷା ଶିଖାନ୍ତି। ସେମାନେ ଜୀବିକା ନିର୍ବାହ ନିମନ୍ତେ କଠିନ ପରିଶ୍ରମ କରନ୍ତି। ସେମାନେ ପ୍ରେରିତମାନଙ୍କ କାହାଣୀରୁ ଯାହା ଶିକ୍ଷା କରିଥିଲେ ତାହା କରନ୍ତି। ସେମାନେ କଠିନ ପରିଶ୍ରମ କରି ସେମାନଙ୍କ ଜୀବନରେ ଯୀଶୁଙ୍କୁ ପ୍ରତିଫଳିତ କରୁଥିବାରୁ ଲୋକମାନେ ସେମାନଙ୍କୁ ବିଶ୍ୱାସ କଲେ। ସାହାଯ୍ୟକାରୀ ତାଙ୍କ ମଣ୍ଡଳୀକୁ ଏକ ବିବରଣୀ ପଠାନ୍ତି। ଅନେକ ଲୋକ ଖ୍ରୀଷ୍ଟଙ୍କୁ ଗ୍ରହଣ କରୁଛନ୍ତି। ଆଜି ଆମେ ବହୁତ ଲୋକଙ୍କୁ ବାପ୍ତିସ୍ମ ଦେଲୁ। ସେମାନଙ୍କ ପ୍ରଥା ବହୁତ ଭିନ୍ନ ହେଲେ ମଧ୍ୟ ଆମେ ଯେତେବେଳେ ସେମାନଙ୍କ ପ୍ରଥାକୁ ସମ୍ମାନ ଦେଉ, ସେତେବେଳେ ଈଶ୍ୱର ଆମ କାର୍ଯ୍ୟରେ ଆଶୀର୍ବାଦ କରନ୍ତି।

ଯେଉଁ ମଣ୍ଡଳୀ ସାହାଯ୍ୟକାରୀ ଓ ରାଚେଲଙ୍କୁ ପ୍ରେରଣ କରିଥିଲା ଏହି ବିବରଣୀ ପାଇ ସେହି ମଣ୍ଡଳୀ ଆନନ୍ଦିତ ହୋଇଥିଲା। ଶ୍ରୀ ଜ୍ଞାନୀ ଈଶ୍ୱରଙ୍କ ଲୋକମାନଙ୍କ ନେତା ହେବା ପାଇଁ ଶିକ୍ଷାର୍ଥୀଙ୍କୁ ତାଲିମ ଦେବା ସମୟରେ ସେ ଯାହା କରିଥିଲେ, ସେହିପରି ଈଶ୍ୱରଙ୍କ ଆତ୍ମା ସେମାନଙ୍କ ମାଧ୍ୟମରେ ସେଠାରେ ସେମାନଙ୍କୁ ଅନେକ ନୂଆ ମଣ୍ଡଳୀ ଉତ୍ପନ୍ନ କରିବାକୁ ଦେଇଥିଲେ।

## ବ୍ୟାବହାରିକ କାର୍ଯ୍ୟ

- ଜଗତରେ ଯେଉଁ ମଣ୍ଡଳୀ ସୁଦୃଢ଼ ନୁହେଁ ଆପଣଙ୍କ ମଣ୍ଡଳୀରେ ନିୟମିତ ରୂପେ ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ।
- ଯେଉଁ ମଣ୍ଡଳୀକୁ ଈଶ୍ୱର ଅନ୍ୟ ସଂସ୍କୃତିର ଲୋକଙ୍କ ପାଇଁ କାର୍ଯ୍ୟ କରିବାର ଆତ୍ମିକ ଦାନ ଦେଇଅଛନ୍ତି ତାହା ସେମାନଙ୍କୁ ଦେଖାଇଦେବାକୁ ଈଶ୍ୱରଙ୍କୁ ଅନୁରୋଧ କରନ୍ତୁ।
- ମିଶନାରୀମାନଙ୍କୁ ପ୍ରାର୍ଥନା ଓ ଦାନ ମାଧ୍ୟମରେ ସାହାଯ୍ୟ କରିବାକୁ ଯୋଜନା କରନ୍ତୁ।
- ଆପଣଙ୍କ ମିଶନାରୀଗଣ ଅନ୍ୟ ସଂସ୍କୃତିର ଲୋକମାନଙ୍କ ନିକଟକୁ ଯିବାବେଳେ ଯେପରି ଖ୍ରୀଷ୍ଟଙ୍କ ଅବତାର ଅନୁକରଣ କରି ସାନ ପିଲାଙ୍କ ପରି ତାହା ଶିକ୍ଷା କରିବେ ଓ ଉକ୍ତ ଲୋକମାନଙ୍କ ପରିଚୟ ଧାରଣ କରିବେ, ସେ ବିଷୟ ସେମାନଙ୍କୁ ତାଲିମ ଦିଅନ୍ତୁ। ଯଦି ସମ୍ଭବ, ତେବେ ନିକଟରେ ବାସ କରୁଥିବା ଅନ୍ୟ ସଂସ୍କୃତିର ଲୋକମାନଙ୍କ ସହିତ ବାସ କରି ପ୍ରଥମେ ଏହା ଅଭ୍ୟାସ କରିବାକୁ ଦିଅନ୍ତୁ।
- ଅନ୍ୟ ଯେଉଁ ସଂସ୍କୃତିର ପ୍ରଥା ଖ୍ରୀଷ୍ଟଙ୍କୁ ପ୍ରଭୁ ରୂପେ ଅସ୍ୱୀକାର କରୁ ନାହିଁ, ତାହାକୁ ଗ୍ରହଣ କରିବାକୁ ସେମାନଙ୍କୁ ତାଲିମ ଦିଅନ୍ତୁ।
- ସୁଦୃଢ଼ ମଣ୍ଡଳୀ ଗଠନ କରି ନେତାମାନଙ୍କୁ ପ୍ରସ୍ତୁତ କରିବାକୁ ଆପଣଙ୍କ ମିଶନାରୀମାନଙ୍କୁ ତାଲିମ ଦିଅନ୍ତୁ।
- ପ୍ରେରିତ ୧୩:୧–୩ ପଦରେ ଆନ୍ତିୟଖିଆ ମଣ୍ଡଳୀ ଯେପରି ପାଉଲ ଓ ବର୍ଣ୍ଣବ୍ବାଙ୍କୁ ପୃଥକ୍ କରି ରଖିଥିଲେ, ମଣ୍ଡଳୀର ପୁନର୍ଗଠନ ଓ ଅଭିବୃଦ୍ଧି ନିମନ୍ତେ ଲୋକମାନଙ୍କୁ ସେହିପରି ମିଶନାରୀ ରୂପେ ପୃଥକ୍ କରନ୍ତୁ।

## ୩ୟ ଭାଗ ଶେଷ

# ଭାଗ ୪
# ପୁରାତନ ଓ ନୂତନ ନିୟମର ବାଇବଲ କାହାଣୀ ଏବଂ ଅନୁରୂପ ମତବାଦ

କାହାଣୀରେ ଥିବା ବାଇବଲ ଅଂଶକୁ ବଡ଼ ଅକ୍ଷରରେ ଚିହ୍ନିତ କରାଯାଇଛି।

## ପୂର୍ବପୁରୁଷମାନଙ୍କ ସମୟର ଐତିହାସିକ ଘଟଣାବଳୀ, ପରବର୍ତ୍ତୀ ସାଦୃଶ୍ୟ ଘଟଣାବଳୀ ସହିତ ଓ ସମ୍ପର୍କୀୟ ମତବାଦ

### ୪–୧ ସୃଷ୍ଟି (ସମ୍ପର୍କ : *ନୂତନ ସୃଷ୍ଟି, ପୁନଃ ସୃଷ୍ଟି, ପୁନର୍ଜନ୍ମ*)

(ପୁରାତନ ନିୟମ) **ଈଶ୍ୱର ଏହି ପ୍ରାକୃତିକ, ଅସ୍ଥାୟୀ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିଥିଲେ,** ଆଦି ୧–୨।

(ନୂତନ ନିୟମ) **ଈଶ୍ୱର ଆପଣା ନୂତନ ସୃଷ୍ଟି ଆରମ୍ଭ କରନ୍ତି, ଯାହାକି ଆତ୍ମିକ, ଚିରସ୍ଥାୟୀ ଓ ପାପରହିତ ଅଟେ :**

- ଯୀଶୁଙ୍କ ପୁନରୁତ୍ଥାନ, ଯେଉଁଥିରେ ବିଶ୍ୱାସୀମାନେ ଅଂଶ ଗ୍ରହଣ କରିଥା'ନ୍ତି, ନୂତନ ସୃଷ୍ଟି ଆରମ୍ଭ କରନ୍ତି, **ମାଥି. ୨୮।**
- ନୂତନ ସ୍ୱର୍ଗ ଓ ପୃଥିବୀ ସୃଷ୍ଟି ହୋଇ ଏହା ସମ୍ପୂର୍ଣ୍ଣ ହେବ, ଯାହାକି ଆମକୁ ଅପେକ୍ଷା କରିଥାଏ, **ପ୍ରକା. ୨୧–୨୨।**
- ଆମେ ଏଥିରେ ଆତ୍ମିକ ରୂପେ ପୁନର୍ଜନ୍ମ ହୋଇଛୁ (ନୀକଦୀମଙ୍କ ସହିତ ଯୀଶୁ), **ଯୋହନ ୩:୧୭।**

**(ଆମର ପ୍ରତ୍ୟୁତ୍ତର) ପୁରାତନ ସୃଷ୍ଟିରେ ଆମ ପାଇଁ ଯେଉଁ ଉତ୍ତମ ବିଷୟଗୁଡ଼ିକ ସୃଷ୍ଟି କରିଥିଲେ, ସେଥିପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ।**

- ଯୀଶୁଙ୍କ ପୁନରୁତ୍ଥାନ ଯାହାକି ନୂତନ ସୃଷ୍ଟିର ପ୍ରଥମ ଫଳ ଥିଲା ସେଥିର ଅଂଶୀ ହୋଇ ଆମେ ଈଶ୍ୱରଙ୍କ ନୂତନ, ଆତ୍ମିକ ଓ ଅନନ୍ତ ସୃଷ୍ଟିରେ ପ୍ରବେଶ କରୁ ବୋଲି ଆନନ୍ଦର ସହ ଘୋଷଣା କରନ୍ତୁ (୧ମ କରି ୧୫; ୨ୟ କରି ୫:୧୭)। ଅନ୍ୟ କୌଣସି ଉପାୟ ନାହିଁ (ଯୋହନ ୧୪:୬)।

### ୪–୨ ପ୍ରଲୋଭନ (ସମ୍ପର୍କ : *ପାପର ମୂଳ, ମୃତ୍ୟୁ, ଆଦମ, ଶୟତାନ, ଯୀଶୁ ଶୟତାନ ଓ ମୃତ୍ୟୁକୁ ପରାଜିତ କରନ୍ତି*)

(ପୁରାତନ ନିୟମ) **ପ୍ରଥମ ଆଦମ ଶୟତାନର ପ୍ରଲୋଭନ ପ୍ରତି ବଶ୍ୟତା ସ୍ୱୀକାର କରି ଈଶ୍ୱରଙ୍କୁ ଅବଜ୍ଞା କରିଥିଲେ,** ସେ ମନୁଷ୍ୟ ଜାତି ପାଇଁ ମୃତ୍ୟୁ ଓ ପବିତ୍ର ଈଶ୍ୱରଙ୍କଠାରୁ ବିଚ୍ଛିନ୍ନତା ଆଣିଥିଲେ (ପ୍ରକୃତ ପାପ) : ଆଦି ୩।

(ନୂତନ ନିୟମ) **ଶେଷ ଆଦମ ଯୀଶୁ ଶୟତାନର ପ୍ରଲୋଭନକୁ ଅବଜ୍ଞା କରିଥିଲେ, ସେ ମନୁଷ୍ୟ ଜାତି ପ୍ରତି ଜୀବନ ଓ ଈଶ୍ୱରଙ୍କ ସହିତ ପୁନର୍ମିଳନ ଆଣିଥିଲେ :**

- ଶେଷ ଆଦମ ଯୀଶୁ (୧ମ କରିନ୍ଥୀୟ ୧୫:୪୫) ଶୟତାନର ପ୍ରଲୋଭନକୁ ପ୍ରତିହତ କରନ୍ତି, **ମାଥି ୪।**
- ଆମ ମଧ୍ୟରେ ବାସ କରୁଥିବା ଯୀଶୁ ଶୟତାନକୁ ପ୍ରତିହତ କରିବା ପାଇଁ ଓ ଜଗତକୁ ଜୟ କରିବା ପାଇଁ ଆମକୁ ସକ୍ଷମ କରନ୍ତି , **ଯୋହନ ୧୬–୧୭।**
- ଯୀଶୁ ଗେଥ୍‌ଶମାନୀରେ ମୃତ୍ୟୁର ନିକଟବର୍ତ୍ତୀ ହେବା (ସର୍ବୋଚ୍ଚ ପରୀକ୍ଷା) ସମୟରେ ମଧ୍ୟ ପିତାଙ୍କ ଇଚ୍ଛାର ବାଧ୍ୟ ହୋଇଥିଲେ , **ମାଥି ୨୬:୩୬–୪୨।**

**(ଆମର ପ୍ରତ୍ୟୁତ୍ତର) ଈଶ୍ୱରଙ୍କ ପ୍ରତି ଆମର ପାପ ସ୍ୱୀକାର କରିବା ଓ ଅନୁତାପ କରିବା (୧ମ ଯୋହନ ୧:୮–୧୦)।**

- ଈଶ୍ୱରଙ୍କ ଅସ୍ତ୍ର ବ୍ୟବହାର କରି ପବିତ୍ରଆତ୍ମାଙ୍କ ଶକ୍ତିରେ ଶୟତାନକୁ ପ୍ରତିରୋଧ କରନ୍ତୁ (ଯାକୁବ ୪:୭ ଏଫି ୬)

### ୪–୩ କୟିନ ଓ ହେବଲ (ସମ୍ପର୍କ : *ରକ୍ତବଳି, ଖ୍ରୀଷ୍ଟଙ୍କ ରକ୍ତ*)

(ପୁରାତନ ନିୟମ) **ପୁରାତନ ନିୟମ ଉପାସନାରେ ଜଣେ ନିରୀହର ରକ୍ତବଳି ଆବଶ୍ୟକ ଥିଲା :**

- ଈଶ୍ୱର ଯେତେବେଳେ କୟିନଙ୍କ ରକ୍ତରହିତ ବଳି ପ୍ରତ୍ୟାଖ୍ୟାନ କରି ହେବଲଙ୍କ ବଳି ଗ୍ରହଣ କରିଥିଲେ, ତା'ପରେ ପ୍ରଥମ ହତ୍ୟାକାରୀ କୟିନ ହେବଲଙ୍କୁ ବଧ କରିଥିଲେ, **ଆଦି ୪।**
- ମହାଯାଜକଙ୍କ ପୁତ୍ରମାନେ ଈଶ୍ୱରଙ୍କ ଉପସ୍ଥିତି ମଧ୍ୟକୁ ରକ୍ତରହିତ ଉପହାର ନେଇ ପ୍ରବେଶ କରିଥିବାରୁ, ଈଶ୍ୱର ସେମାନଙ୍କୁ ବଧ କରିଥିଲେ, **ଲେବୀ ୧୦।**

(ନୂତନ ନିୟମ) **ନୂତନ ନିୟମ ଉପାସନାରେ ଈଶ୍ୱରଙ୍କ ଅନନ୍ତକାଳୀନ 'ମେଷଶାବକ' ଖ୍ରୀଷ୍ଟଙ୍କ ରକ୍ତ ଥିଲା:**

- ଆମକୁ ତାହାଙ୍କ ମାଂସ ଖାଇବାକୁ ଓ ରକ୍ତ ପିଇବାକୁ ପଡ଼ିବ ବୋଲି କହି ଯୀଶୁ ଯିହୁଦୀମାନଙ୍କୁ ଚକିତ କରିଦେଇଥିଲେ, **ଯୋହନ ୬:୨୬–୫୯।**
- ଯୀଶୁ ଜଣେ ଶମିରୋଣୀୟା ସ୍ତ୍ରୀକୁ କହନ୍ତି ଯେ, ଆମକୁ ଆତ୍ମା ଓ ସତ୍ୟରେ ଈଶ୍ୱରଙ୍କ ଉପାସନା କରିବାକୁ ପଡ଼ିବ, **ଯୋହନ ୪।**

**(ଆମର ପ୍ରତ୍ୟୁତ୍ତର) ଆମ ପାପ ପାଇଁ ଯୀଶୁଙ୍କ ରକ୍ତବଳିକୁ ସ୍ମରଣ କରି ବିଶ୍ୱସ୍ତ ହୃଦୟରେ ଈଶ୍ୱରଙ୍କ ଉପାସନା କରନ୍ତୁ (ମାଥିଉ ୨୬:୨୬–୨୮)।**

- ତାହାଙ୍କ ଆବଶ୍ୟକ ଉପାୟରେ ପ୍ରଭୁଭୋଜ ପାଳନ କରନ୍ତୁ (୧ମ କରି. ୧୦:୧୬–୧୭; ୧୧:୨୭–୩୨)।

- ଆମ ତଣ୍ଟି ବସିଯିବା ପର୍ଯ୍ୟନ୍ତ ଆମେ ଈଶ୍ୱରଙ୍କ ପ୍ରଶଂସା କରିପାରିବା, ମାତ୍ର ଆମେ ଯଦି ତାହାଙ୍କ ବାଧ୍ୟ ନ ହେଉ, ତେବେ ଆମର ପ୍ରଶଂସା ନିଷ୍ଫଳ ଅଟେ (ମାଥି ୧୫:୬–୯)।

**୪–୪ ନୋହ** (ସମ୍ପର୍କ : *ଜଳ ପ୍ଲାବନ, ଅନୁତାପ, ଦଣ୍ଡ, ବିଚାର, ଦ୍ୱିତୀୟ ମୃତ୍ୟୁ*)

(ପୁରାତନ ନିୟମ) **ଦୁଷ୍ଟ ମନୁଷ୍ୟ ଜାତିକୁ ଦଣ୍ଡ ଦେବା ପାଇଁ ଈଶ୍ୱର ଶାରୀରିକ ମୃତ୍ୟୁ ସଦୃଶ ଜଳ ପ୍ଲାବନ ପ୍ରେରଣ କରିଥିଲେ (ନୋହ), ଆଦି ୬–୯।**

(ନୂତନ ନିୟମ) **ଆମେ ଯଦି ଅନୁତାପ ନ କରୁ, ତେବେ ଈଶ୍ୱର ଏକ ଦ୍ୱିତୀୟ ମୃତ୍ୟୁ – ନର୍କରେ ଈଶ୍ୱରଙ୍କଠାରୁ ଅନନ୍ତ ବିଚ୍ଛିନ୍ନତା ବିଷୟରେ ସତର୍କ କରାଇ ଦିଅନ୍ତି :**

- ପ୍ରତିଜ୍ଞାତ ମଶୀହଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବା ପାଇଁ ବାପ୍ତିଜକ ଯୋହନ ଲୋକମାନଙ୍କୁ ଅନୁତାପ କରିବା ପାଇଁ ଆହ୍ୱାନ ଦିଅନ୍ତି, **ମାଥି ୩।**
- ଅନୁତାପ କରି ନ ଥିବା ପାପୀମାନଙ୍କୁ ଈଶ୍ୱର ଅଗ୍ନିହ୍ରଦ ମଧ୍ୟରେ ଯନ୍ତ୍ରଣା ଦେଇଥାଆନ୍ତି (ଶେଷ ବିଚାର ଓ ଦ୍ୱିତୀୟ ମୃତ୍ୟୁ), **ପ୍ରକାଶିତ ୨୦:୧୧–୧୫।**

**(ଆମର ପ୍ରତ୍ୟୁତ୍ତର) ଆମ ସ୍ୱର୍ଗୀୟ ପିତାଙ୍କ ସମ୍ବେଦନା ଓ ଦୟା ଆମକୁ ଅନୁତାପ କରିବା ପାଇଁ ପ୍ରବର୍ତ୍ତାଉ (ରୋମୀ ୨:୪)।**

- ଆମ ପାପ ହେତୁ ଅନୁତାପ କରି ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା (ମାର୍କ ୧:୧୫)।

**୪–୫ ବାବିଲ୍** (ସମ୍ପର୍କ : *ଜାତି, ସଂସ୍କୃତି, ଭାଷା*)

(ପୁରାତନ ନିୟମ) **ବାବିଲ୍‌ଗଡ଼ରେ ଈଶ୍ୱର ଜାତି ଓ ବିଭିନ୍ନ ସଂସ୍କୃତିର ଲୋକଙ୍କୁ ସୃଷ୍ଟି କଲେ :**

- ଲୋକମାନେ ଏକ ଦାମ୍ଭିକ ସମାଜ ସ୍ଥାପନ କରିବାକୁ ଚେଷ୍ଟା କରିଥିଲେ, ମାତ୍ର ଈଶ୍ୱର ଭାଷାର ପ୍ରଭେଦ ସୃଷ୍ଟି କରି ସେମାନଙ୍କୁ ବିଚ୍ଛିନ୍ନ କରିଥିଲେ, **ଆଦି ୧୦।**

(ନୂତନ ନିୟମ) **ସମସ୍ତ ଜାତି ଓ ସଂସ୍କୃତି ତାହାଙ୍କ ଅନନ୍ତକାଳୀନ ଗୌରବମୟ ସିଂହାସନ ସମ୍ମୁଖରେ ଈଶ୍ୱରଙ୍କ ପ୍ରଶଂସା କରନ୍ତି,** ପ୍ରକା ୭:୯–୧୭।

**(ଆମର ପ୍ରତ୍ୟୁତ୍ତର) ମନୁଷ୍ୟର ରାଜନୈତିକ ଶକ୍ତି ଉପରେ ନୁହେଁ, ମାତ୍ର ଈଶ୍ୱରଙ୍କ ଉପରେ ଆସ୍ଥା ସ୍ଥାପନ କରନ୍ତୁ (ଯିଖରିୟ ୪:୬)।**

- ଅନନ୍ତକାଳ ପର୍ଯ୍ୟନ୍ତ ସ୍ୱର୍ଗରେ ଯେଉଁ ଜାତି ଓ ସଂସ୍କୃତିକୁ ଚିହ୍ନିତ କରାଯାଇଛି ତାହାକୁ ପସନ୍ଦ କରନ୍ତୁ। ସେମାନଙ୍କ ଈଶ୍ୱରଦତ୍ତ ଗୁଣାବଳୀ ଖ୍ରୀଷ୍ଟଙ୍କ କନ୍ୟାକୁ – ସମସ୍ତ ଜାତି, ବଂଶ ଓ ଭାଷାବାଦୀର ଲୋକମାନଙ୍କୁ ସୁନ୍ଦର କରିଥାଏ (ପ୍ରକା. ୭:୯–୧୨)।
- ସମସ୍ତ ଜାତି (ସଂସ୍କୃତି, ଲୋକଦଳ ମାଥି ୨୮:୧୮–୨୦)ର ଲୋକମାନଙ୍କୁ ଶିଷ୍ୟ କରନ୍ତୁ।

**୪–୬ ଅବ୍ରହାମଙ୍କ ପ୍ରତି ଈଶ୍ୱରଙ୍କ ପ୍ରତିଜ୍ଞା** (ସମ୍ପର୍କ : *ପ୍ରତିଜ୍ଞା, ବିଶ୍ୱାସ, ଚୁକ୍ତି*)

(ପୁରାତନ ନିୟମ) **ବିଶ୍ୱାସୀ ଅବ୍ରହାମଙ୍କ ବଂଶଧର ରୂପେ ଈଶ୍ୱର ସମସ୍ତ ଜାତିକୁ ଆଶୀର୍ବାଦ କରିବାକୁ ପ୍ରତିଜ୍ଞା କରିଥିଲେ :**

- ଅବ୍ରହାମ ଈଶ୍ୱରଙ୍କୁ ବିଶ୍ୱାସ କରିଥିଲେ, ଯେ କି ତାହାଙ୍କ ବିଶ୍ୱାସକୁ ଧାର୍ମିକତା ବୋଲି କହୁଥିଲେ, ପୁଣି ବିଶ୍ୱାସୀ ଅବ୍ରହାମଙ୍କ ବଂଶଧର ମାଧ୍ୟମରେ ଈଶ୍ୱରଙ୍କ ଆଶୀର୍ବାଦ ଆସିବ ବୋଲି ପ୍ରତିଜ୍ଞା କରିଥିଲେ ଓ ଏକ ଚୁକ୍ତି କରି ଏହାକୁ ମୁଦ୍ରାଙ୍କିତ କରିଥିଲେ **ଆଦି ୧୨:୧–୭; ଆଦି ୧୫।**
- ଈଶ୍ୱର ଅବ୍ରହାମଙ୍କୁ ଏକ ଆଶ୍ଚର୍ଯ୍ୟ ଜନ୍ମ ମାଧ୍ୟମରେ ଏକ ପୁତ୍ର ସନ୍ତାନ ଦେବେ ବୋଲି ପ୍ରତିଜ୍ଞା କରିଥିଲେ, ପୁଣି ଅବ୍ରହାମ ତାହାଙ୍କଠାରେ ବିଶ୍ୱାସ କରିଥିଲେ, **ଆଦି ୧୫:୧–୬।**

(ନୂତନ ନିୟମ) ଈଶ୍ୱର ସମସ୍ତ ଜାତିକୁ ଆଶୀର୍ବାଦ କରିବା ପାଇଁ ଯେଉଁ ପ୍ରତିଜ୍ଞା କରିଥିଲେ, ତାହା **ପାପରୁ ଉଦ୍ଧାର କରୁଥିବା ଓ ସୁସ୍ଥ କରୁଥିବା ଅବ୍ରହାମଙ୍କ ବଂଶଧର ଖ୍ରୀଷ୍ଟଙ୍କ ମାଧ୍ୟମରେ** ପୂରଣ କରିଥିଲେ:

- ମରିୟମ ଏକ ଭିନ୍ନ ଉପାୟରେ ପୁତ୍ର ତଥା ତାହାଙ୍କ ପରିତ୍ରାଣକର୍ତ୍ତାଙ୍କୁ ଜନ୍ମ କରିବା ପାଇଁ ସମ୍ମତ ହୋଇଥିଲେ, **ଲୂକ ୧:୨୬–୫୬।**
- ଯୀଶୁ ମନ୍ଦାତ୍ମାବିଷ୍ଟ ଲୋକ ଓ ଅନେକଙ୍କୁ ସୁସ୍ଥ କରିଥିଲେ, କାରଣ ସେମାନଙ୍କର ବିଶ୍ୱାସ ଥିଲା, **ମାର୍କ ୧:୨୧–୩୪।**
- ଯୀଶୁ ପକ୍ଷାଘାତ ଲୋକକୁ ସୁସ୍ଥ କରି କ୍ଷମା କରିଥିଲେ, କାରଣ ତାଙ୍କୁ ବହି ଆଣିଥିବା ବନ୍ଧୁମାନଙ୍କର ବିଶ୍ୱାସ ଥିଲା, **ମାର୍କ ୨:୧–୧୨।**
- ଖ୍ରୀଷ୍ଟଙ୍କୁ ଗ୍ରହଣ କରିଥିବା ଅନେକ ଜାତିର ଲୋକମାନଙ୍କ ଉପରେ ଈଶ୍ୱର ପବିତ୍ରଆତ୍ମା ବୃଷ୍ଟି କରିଥିଲେ (ପେଣ୍ଟିକଷ୍ଟ), **ପ୍ରେରିତ ୨।**
- ସମସ୍ତ ଜାତି ଉଦ୍ଧାର ପ୍ରାପ୍ତ ହେବାର ଉପାୟ କରି ଈଶ୍ୱର ଆପଣା ପବିତ୍ରଆତ୍ମା ବିଜାତୀୟମାନଙ୍କ ଉପରେ ମଧ୍ୟ ବର୍ଷାଇଥିଲେ, **ପ୍ରେରିତ ୧:୪୪–୪୮।**

**(ଆମର ପ୍ରତ୍ୟୁତ୍ତର) ଆମେ ଆମ ନିଜର ଯୋଗ୍ୟତାରେ ନୁହେଁ, ମାତ୍ର ବିଶ୍ୱାସ ମାଧ୍ୟମରେ ଈଶ୍ୱରଙ୍କ କ୍ଷମା ଲାଭ କରିଥାଉ (ଏଫି ୨:୮–୧୦)।**

- ଆମେ ଅବ୍ରହାମଙ୍କ ବଂଶଧର ଅଟୁ। ତାହାଙ୍କ କାର୍ଯ୍ୟରେ ବିଶ୍ୱାସ କରିବା ଦ୍ୱାରା ଆମେ ତାହାଙ୍କ ପ୍ରତିଜ୍ଞାତ ଆଶୀର୍ବାଦ ଗ୍ରହଣ କରିଥାଉ (ଗାଲା. ୩:୬–୧୨; ୪:୨୧–୩୧)।
- ସମସ୍ତ ଜାତିର ଲୋକମାନଙ୍କ ପ୍ରତି ଯେଉଁ ପବିତ୍ରଆତ୍ମା ଦତ୍ତ ହୁଏ, ତାହାଙ୍କ ଶକ୍ତିରେ ଆମେ ଖ୍ରୀଷ୍ଟଙ୍କ ସାକ୍ଷୀ ହୋଇଥାଉ (ପ୍ରେରିତ ୧:୮)।

- ଯୀଶୁଙ୍କ ନାମରେ ଆମେ ଶାରୀରିକ ସୁସ୍ଥତା ନିମନ୍ତେ ପ୍ରାର୍ଥନା କରିଥାଉ (ଯାକୁବ ୫:୧୪–୧୬)।
- ଈଶ୍ୱର ପାଉଲଙ୍କ ପ୍ରତି ଯେପରି କରିଥିଲେ, ଆମକୁ ମଧ୍ୟ ସେହିପରି ତାହାଙ୍କ ଅନୁଗ୍ରହ ପ୍ରଦାନ କରି ସୁସ୍ଥ କରିବା ପାଇଁ ଈଶ୍ୱରଙ୍କୁ ଦିଅନ୍ତୁ (୨ୟ କରି. ୧୨:୭–୧୦ ଈଶ୍ୱର ସମସ୍ତଙ୍କୁ ସୁସ୍ଥ କରନ୍ତି ନାହିଁ, ନଚେତ୍ କେହି ମରି ତାହାଙ୍କ ସହିତ ସ୍ୱର୍ଗରେ ରହିବେ ନାହିଁ!)

## ୪–୭ ଅବ୍ରହାମଙ୍କ ବିଶ୍ୱାସ (ସମ୍ପର୍କ : *ବିଶ୍ୱାସ, ଇଶ୍ମାଏଲ, ଇସ୍‌ହାକ୍*)

(ପୁରାତନ ନିୟମ) **ଅବ୍ରହାମଙ୍କ ବିଶ୍ୱାସ ଉତ୍ତମ କାର୍ଯ୍ୟ କରିବାକୁ ଦେଇଥାଏ, ପୁଣି ଈଶ୍ୱରଙ୍କ ପ୍ରତିଜ୍ଞା ଉଭୟ ପୁରାତନ ଓ ନୂତନ ନିୟମର ଭିତ୍ତିମୂଳ ପକାଇଥିଲା:**

- ଅବ୍ରହାମ ତାଙ୍କ ସ୍ୱାର୍ଥପର ପୁତୁରା ଲୋଟଙ୍କୁ ସବୁଜ ଚରାଣୀ ସ୍ଥାନ ମନୋନୀତ କରିବାକୁ ଦେଇଥିଲେ, **ଆଦି ୧୩।**
- ଅବ୍ରହାମ ଲୋଟଙ୍କୁ ଉଦ୍ଧାର କରିବା ପାଇଁ ବିଶ୍ୱାସରେ ତାଙ୍କ କାର୍ଯ୍ୟକାରୀମାନଙ୍କୁ ନେଇ ପାଞ୍ଚ ଜଣ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧକୁ ଯାଇଥିଲେ, **ଆଦି ୧୪।**
- ଅବ୍ରହାମଙ୍କ ବିଶ୍ୱାସ ହେତୁ ଇସ୍‌ହାକଙ୍କ ଜନ୍ମ ହୋଇଥିଲା, ତହିଁ ମାଧ୍ୟମରେ ଈଶ୍ୱର ଆପଣା ଅନୁଗ୍ରହର ଚୁକ୍ତି କରିଥିଲେ, **ଆଦି ୨୧।**
- ଈଶ୍ୱର ଅବ୍ରହାମଙ୍କୁ ତାହାଙ୍କ ପ୍ରତିଜ୍ଞାତ ବଂଶଧର, ତାଙ୍କର ଏକମାତ୍ର ପୁତ୍ର ଇସ୍‌ହାକଙ୍କୁ ବଳି ଦେବାକୁ କହି ତାହାଙ୍କୁ ପରୀକ୍ଷା କରିଥିଲେ, **ଆଦି ୨୨।**
- ସାମୟିକ ରୂପେ ବିଶ୍ୱାସ ତ୍ୟାଗ କରି ଅବ୍ରହାମ ନିଜ ଚେଷ୍ଟାରେ ଈଶ୍ୱରଙ୍କ ଅନୁଗ୍ରହର ଚୁକ୍ତି ପୂରଣ କରିବାକୁ ଚେଷ୍ଟା କରିଥିଲେ, **ଆଦି ୧୬–୧୭।** ଫଳରେ ହାଗାରଙ୍କ ଅନୈତିକ ପୁତ୍ର ଇଶ୍ମାଏଲ୍‌ଙ୍କ ବଂଶଧର ଆରବର ମୁସଲ୍‌ମାନ୍‌ମାନେ ଏବେ ମଧ୍ୟ ସାରାଙ୍କ ମାଧ୍ୟମରେ ଅବ୍ରହାମଙ୍କ ବଂଶଧରମାନଙ୍କ ସହିତ ଯୁଦ୍ଧ କରୁଛନ୍ତି।

(ନୂତନ ନିୟମ) ପୁନର୍ଜନ୍ମ ପାଇବା ପାଇଁ, ସୁସ୍ଥ ହେବା ପାଇଁ ଓ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଯୀଶୁ ଆମଠାରୁ ବିଶ୍ୱାସ ଆବଶ୍ୟକ କରନ୍ତି:

- ଯୀଶୁ ନିକଦିମଙ୍କୁ ବୁଝାଇ ଦେଇଥିଲେ ଯେ, ବିଶ୍ୱାସ ମାଧ୍ୟମରେ ଆମକୁ ପୁନର୍ବାର ଆତ୍ମାରେ ଜନ୍ମ ଗ୍ରହଣ କରିବାକୁ ପଡ଼ିବ, **ଯୋହନ ୩।**
- ଯୀଶୁ ଜଣେ ସେନାପତିଙ୍କ ଦାସକୁ ସୁସ୍ଥ କରନ୍ତି, **ମାଥି ୮:୫–୧୭।**
- ଯୀଶୁ ବିଶ୍ୱାସ ହେତୁ ଦୁଇ ଜଣ ଅନ୍ଧ ଲୋକଙ୍କୁ ସୁସ୍ଥ କରିଥିଲେ, **ମାଥି ୯:୨୭–୩୮।**

**(ଆମର ପ୍ରତ୍ୟୁତ୍ତର) ବିଶ୍ୱାସରେ ଆମେ ଯେଉଁ ପରିତ୍ରାଣ ପାଇବା ଦ୍ୱାରା ଆମେ ଭଲ କାମ କରିଥାଉ, ନଚେତ୍ ଆମର ବିଶ୍ୱାସ ସତ୍ୟ ନୁହେଁ (ଏଫି ୨:୮–୧୦ ଯାକୁବ ୧:୨୨–୨୪)।**

- ଯେଉଁ ସନ୍ଦେହ ହେତୁ ଅବ୍ରହାମ ଈଶ୍ୱରଙ୍କ ଅନୁଗ୍ରହ ଚୁକ୍ତିକୁ ତାଙ୍କ ନିଜ କାର୍ଯ୍ୟ ମାଧ୍ୟମରେ ସମ୍ପନ୍ନ କରିବାକୁ ଚେଷ୍ଟା କରିଥିଲେ ଓ ତାହାର ଫଳସ୍ୱରୂପ ଇଶ୍ମାଏଲ୍ ଜନ୍ମ ଗ୍ରହଣ କରିଥିଲେ, ପୁଣି ତାହାଙ୍କ ଆରବୀୟ ବଂଶଧରମାନଙ୍କ ମାଧ୍ୟମରେ ପୃଥିବୀର ସବୁଠାରୁ ବଡ଼ ବିଧିବଦ୍ଧ ଇସ୍‌ଲାମ୍ ଧର୍ମ ବୃଦ୍ଧି ପାଇଥିଲା, ସେହି ସନ୍ଦେହ ପରିତ୍ୟାଗ କରନ୍ତୁ (ଗାଲା ୩:୬–୧୨; ଗାଲା ୪:୨୧–୩୧)
- ଦୈନନ୍ଦିନ ନୂତନୀକୃତ ହେବା ପାଇଁ ଅନ୍ୱେଷଣ କରନ୍ତୁ ଦୈନନ୍ଦିନ ପ୍ରାର୍ଥନା କରି ଈଶ୍ୱରଙ୍କ ବାକ୍ୟ ପାଠ କରନ୍ତୁ ଏବଂ ଦିନକୁ ଦିନ ଆମକୁ ନୂତନୀକୃତ କରିବା ପାଇଁ ଈଶ୍ୱରଙ୍କ ପବିତ୍ରଆତ୍ମାଙ୍କୁ ସୁଯୋଗ ଦିଅନ୍ତୁ (୨ୟ କରି ୪:୧୬)।

## ୪–୮ ଅବ୍ରହାମଙ୍କ ଭଣ୍ଡାରଘରିଆ (ସମ୍ପର୍କ : *ଦାନ ଦେବା*)

(ପୁରାତନ ନିୟମ) **ଈଶ୍ୱର ଉତ୍ତମ ଭଣ୍ଡାରଘରିଆଙ୍କୁ ପୁରସ୍କୃତ କରିଥିଲେ, ସେ ପୁରାତନ ନିୟମରେ ସେମାନଙ୍କ ପ୍ରତି ସେହିପରି କରିଥିଲେ :**

- ଅବ୍ରହାମ ଅତର୍କିତ ଲୁଣ୍ଠନକାରୀଙ୍କଠାରୁ ଜବତ କରାଯାଇଥିବା ସମ୍ପତ୍ତିର ଦଶମାଂଶ ଖ୍ରୀଷ୍ଟଙ୍କ ଅନୁରୂପ ଯାଜକ ମଲ୍‌କୀଷେଦକଙ୍କୁ ଦାନ କରିଥିଲେ ଏବଂ ଦଖଲକାରୀଙ୍କ କୌଣସି ସମ୍ପତ୍ତି ନେବାକୁ ପ୍ରତ୍ୟାଖ୍ୟାନ କରିଥିଲେ, **ଆଦି ୧୪:୧୧–୨୪।**
- ବୋୟଜ ତାଙ୍କ ଶସ୍ୟ କଟାଳୀମାନଙ୍କୁ, ଗୋଟାଳୀ ରତଙ୍କ ପାଇଁ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଥିଲେ, **ରତ ୨।**

(ନୂତନ ନିୟମ) ଯେଉଁମାନେ ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଓ ଅଭାବଗ୍ରସ୍ତ ଲୋକମାନଙ୍କୁ ଦୟା ଚିତ୍ତରେ ଦାନ କରନ୍ତି, ସେମାନଙ୍କୁ ସ୍ୱର୍ଗରେ ଧନ ଦେବାକୁ ଈଶ୍ୱରଙ୍କ ପ୍ରତିଜ୍ଞା ରହିଛି :

- ଦରିଦ୍ର ବିଧବାର ଜୀବିକା ନିମନ୍ତେ ପ୍ରୟୋଜନ ହେଉଥିଲେ ମଧ୍ୟ ସେ ମୁଦ୍ରା ଦାନ କରିଥିଲା, **ଲୂକ ୨୧:୧–୪।**
- ବର୍ଣ୍ଣବ୍ବା ତାଙ୍କ ସମ୍ପତ୍ତି ବିକ୍ରୀ କରି ଅଭାବଗ୍ରସ୍ତମାନଙ୍କୁ ଦାନ କରିଥିଲେ, **ପ୍ରେରିତ ୪:୩୩–୩୭।**
- ଉତ୍ତମ ଶମିରୋଣୀୟ ତାଙ୍କ ଶତ୍ରୁଙ୍କ ଯତ୍ନ ନିଅନ୍ତି, **ଲୂକ ୧୦:୨୫–୩୭।**
- ବିଶ୍ୱସ୍ତ ଭଣ୍ଡାରଘରିଆ ଉପଦେଶରେ ଯୀଶୁ ଉତ୍ତମ ଭଣ୍ଡାରଘରିଆର ଉଦାହରଣ ଦିଅନ୍ତି, **ଲୂକ ୧୯:୧୧–୨୭।**
- ଅବିଶ୍ୱସ୍ତ ଭଣ୍ଡାରଘରିଆ ବିଷୟରେ ଉପଦେଶ ଦେଇ ଯୀଶୁ ମନ୍ଦ ଭଣ୍ଡାରଘରିଆର ଉଦାହରଣ ଦେଇଅଛନ୍ତି, **ଲୂକ ୧୬:୧–୮।**

**(ଆମର ପ୍ରତ୍ୟୁତ୍ତର) ଉତ୍ତମ ଭଣ୍ଡାରଘରିଆ ହୋଇ ଈଶ୍ୱର ଆମକୁ ଅର୍ଥ ବା ଜିନିଷପତ୍ର ଯାହା ଦେଇଅଛନ୍ତି, ତାହାକୁ ଉତ୍ତମ ରୂପେ ପରିଚାଳନା କରନ୍ତୁ (୧ମ କରି ୪:୨)।**

- ହୃଷ୍ଟଚିତ୍ତରେ ଦାନ କରନ୍ତୁ। ଆମର ପ୍ରତିଶୋଧପରାୟଣ ଦାନ ଈଶ୍ୱରଙ୍କ ଲୋଡ଼ା ନାହିଁ (୨ୟ କରି ୯:୬–୧୫)।

## ୪–୯ ଅବ୍ରହାମଙ୍କ ମଧ୍ୟସ୍ଥ ପ୍ରାର୍ଥନା (ସମ୍ପର୍କ : *ବିଶ୍ୱାସ, ମଧ୍ୟସ୍ଥ ପ୍ରାର୍ଥନା, ସୁସ୍ଥତା*)

(ପୁରାତନ ନିୟମ) **ପୁରାତନ ନିୟମରେ ଈଶ୍ୱର ବିଶ୍ୱାସଯୁକ୍ତ ପ୍ରାର୍ଥନାର ଉତ୍ତର ଦେଇଥିଲେ :**

- ଲୋଟ ଓ ତାଙ୍କ ପରିବାର ନିମନ୍ତେ ଅବ୍ରହାମଙ୍କ ଚମତ୍କାର ମଧ୍ୟସ୍ଥ ପ୍ରାର୍ଥନା (ସଦୋମ ଓ ଗମୋରା), **ଆଦି ୧୮:୧୯।**
- ଈଶ୍ୱରଙ୍କ ମନ୍ଦିର ଓ ତାହାଙ୍କ ଲୋକମାନଙ୍କ ଉତ୍ସର୍ଗୀକରଣରେ ଶଲୋମନଙ୍କ ଚମତ୍କାର ପ୍ରାର୍ଥନା, **୨ୟ ବଂଶା ୬ ୭ ୧–୪।**
- ଏଜ୍ରା ଆପଣା ଲୋକମାନଙ୍କ ତରଫରୁ ଯେଉଁ ଚମତ୍କାର ପ୍ରାର୍ଥନା କରିଥିଲେ ଓ ତା'ର ଫଳାଫଳ (ନୂତନୀକରଣ), **ଏଜ୍ରା ୯ ଏଜ୍ରା ୧୦:୧–୧୯।**

(ନୂତନ ନିୟମ) ଈଶ୍ୱର ଆମର ବିଶ୍ୱାସଯୁକ୍ତ ପ୍ରାର୍ଥନାର ଉତ୍ତର ଦିଅନ୍ତି :
- ପିତର ଓ ଯୋହନ ଯୀଶୁଙ୍କ ନାମରେ ଛୋଟାକୁ ସୁସ୍ଥ କରନ୍ତି – ପୁଣି ଏଥିପାଇଁ କାରାଦଣ୍ଡ ଭୋଗନ୍ତି, **ପ୍ରେରିତ ୩–୪।**
- ମନ୍ଦାତ୍ମାଗ୍ରସ୍ତ ପୁତ୍ରଙ୍କ ପାଇଁ ଜଣେ ପିତାଙ୍କ ସରଳ ବିଶ୍ୱାସଯୁକ୍ତ ପ୍ରାର୍ଥନା ଓ ସୁସ୍ଥତା, **ମାର୍କ ୯:୧୪–୨୯।**
- ଜଣେ ପାପୀ କରଗ୍ରାହୀଙ୍କ କ୍ଷୁଦ୍ର ପ୍ରାର୍ଥନା, **ଲୂକ ୧୮:୯–୧୪।**
- କିପରି ପ୍ରାର୍ଥନା କରିବାକୁ ହେବ, ଯୀଶୁ ଆମକୁ ତାହା କହନ୍ତି (ପ୍ରଭୁଙ୍କ ପ୍ରାର୍ଥନାରେ ଆମର ପିତା ବୋଲି ଲେଖାଅଛି), **ମାଥିଉ ୬:୧–୧୫।**
- ଯୀଶୁ ଆପଣା ପ୍ରେରିତ ଓ ଆମ୍ଭମାନଙ୍କ ପାଇଁ ପ୍ରାର୍ଥନା କରନ୍ତି, **ଯୋହନ ୧୭।**
- ଆମ ପାଇଁ ଆପଣା ଜୀବନ ଦେବା ପୂର୍ବରୁ ଯୀଶୁ ଆପଣା ପିତାଙ୍କ ଇଚ୍ଛା ପ୍ରତି ସମର୍ପିତ ହୁଅନ୍ତି, **ମାଥିଉ ୨୬:୩୬–୪୬।**

**(ଆମର ପ୍ରତ୍ୟୁତ୍ତର) ଆମ ଆନନ୍ଦ ଯେପରି ସମ୍ପୂର୍ଣ୍ଣ ହୋଇପାରିବ, ସେଥିପାଇଁ ଯୀଶୁ ଆମକୁ ତାହାଙ୍କ ନାମରେ ପ୍ରାର୍ଥନା କରିବାକୁ କହନ୍ତି (ଯୋହନ ୧୬:୨୪)।**
- ପ୍ରେରିତ ପାଉଲ ଆମକୁ ଅବିରତ ପ୍ରାର୍ଥନା କରିବାକୁ କହନ୍ତି (୧ ଥେସ ୫:୧୭)।
- ଈଶ୍ୱରଙ୍କ ପ୍ରତି ଆମ ପାପ ସ୍ୱୀକାର କରିବାକୁ ଯୋହନ ଆମକୁ କହନ୍ତି (୧ ଯୋହନ ୧:୮–୧୦)।

**୪–୧୦ ଇସ୍‌ହାକଙ୍କ କନ୍ୟା ରିବିକା** (ସମ୍ପର୍କ : *ଇସ୍‌ହାକ, ପେଣ୍ଟିକଷ୍ଟ, ପବିତ୍ରଆତ୍ମା*)

(ପୁରାତନ ନିୟମ) **ଅବ୍ରହାମ ତାଙ୍କ ପୁଅ ଇସ୍‌ହାକଙ୍କ ପାଇଁ ବିଶ୍ୱାସୀ କନ୍ୟା ଖୋଜିବାକୁ ତାଙ୍କ ଦାସଙ୍କୁ ଦୂରକୁ ପ୍ରେରଣ କରିଥିଲେ, ଆଦି ୨୪।**

(ନୂତନ ନିୟମ) **ଈଶ୍ୱର ତାହାଙ୍କ ପୁତ୍ର ଯୀଶୁଙ୍କ ପାଇଁ ବିଶ୍ୱାସୀ କନ୍ୟା – ମଣ୍ଡଳୀ ଖୋଜିବାକୁ ପବିତ୍ର ଆତ୍ମା ପ୍ରେରଣ କରନ୍ତି :**
- ଯୀଶୁ ଆମକୁ ସାନ୍ତ୍ୱନାକାରୀଙ୍କୁ ଦେବେ ବୋଲି ପ୍ରତିଜ୍ଞା କରିଥିଲେ, ଯେ କି ଆମକୁ ଆମର ପାପ ବିଷୟରେ ଅବଗତ କରିବେ ଓ ଆମ ପ୍ରତି ଖ୍ରୀଷ୍ଟଙ୍କୁ ପ୍ରକାଶ କରିବେ, **ଯୋହନ ୧୪: ୧୫–୨୬ ଯୋହନ ୧୬:୭–୧୬।**
- ପେଣ୍ଟିକଷ୍ଟ ଦିନ ପବିତ୍ରଆତ୍ମା ଆସିଥିଲେ ଓ ଯିହୁଦୀମାନଙ୍କ ମଧ୍ୟରେ ପ୍ରଥମ ମଣ୍ଡଳୀ ଆରମ୍ଭ ହୋଇଥିଲା, **ପ୍ରେରିତ ୨।**
- ବିଜାତୀୟମାନଙ୍କ ନିକଟକୁ ପବିତ୍ରଆତ୍ମା ଆସନ୍ତି ଓ କର୍ଣ୍ଣୀଲିୟଙ୍କ ଘରେ ବିଜାତୀୟମାନଙ୍କ ପ୍ରଥମ ମଣ୍ଡଳୀ ଆରମ୍ଭ ହୁଏ, **ପ୍ରେରିତ ୧୦।**

**(ଆମର ପ୍ରତ୍ୟୁତ୍ତର) ଈଶ୍ୱର ଯେଉଁମାନଙ୍କୁ ତାହାଙ୍କ କନ୍ୟା ରୂପେ ମନୋନୀତ କରିଅଛନ୍ତି, ଯେଉଁମାନେ ବିଶ୍ୱସ୍ତ ଅଟନ୍ତି, ସେମାନେ ଦୂର ଦେଶରେ ଥିଲେ ମଧ୍ୟ ସେମାନଙ୍କୁ ଅନ୍ୱେଷଣ କରନ୍ତୁ (ମାଥିଉ ୨୮:୧୯–୨୦)।**

**୪–୧୧ ଯାକୁବ ଈଶ୍ୱରଙ୍କ ଅନୁଗ୍ରହ ଲାଭ କରନ୍ତି** (ସମ୍ପର୍କ : *ଯାକୁବ, ଏଷୌ, ବିଶ୍ୱାସ, ବିଶ୍ୱାସରେ ପରିତ୍ରାଣ*)

(ପୁରାତନ ନିୟମ) **ଉତ୍ତମ କାର୍ଯ୍ୟ ହେତୁ ନୁହେଁ, ମାତ୍ର ସାର୍ବଭୌମ ଈଶ୍ୱର ଯେଉଁମାନଙ୍କୁ ମନୋନୀତ କରନ୍ତି ସେମାନଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି :**
- ଯାକୁବ ତାଙ୍କ ଭାଇ ଏଷୌଙ୍କୁ ପ୍ରତାରଣା କଲେ ମଧ୍ୟ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରନ୍ତି, **ଆଦି ୨୭–୩୩।**
- ଈଶ୍ୱରଙ୍କ ବ୍ୟବସ୍ଥା ଲାଭ କରିବା ପୂର୍ବରୁ ଏହି ବଡ଼ କାହାଣୀ ଏବ୍ରୀ ସଂସ୍କୃତିର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ।
- ପ୍ରତାରଣା କରି ଯାକୁବ ତାଙ୍କ ଭାଇ ଏଷୌଙ୍କ ଜେଷ୍ଠାଧିକାର ଅପହରଣ କରିଥିଲେ, **ଆଦି ୨୭।**
- ଯାକୁବ ଈଶ୍ୱରଙ୍କ ଉପାସନା କଲେ ଏବଂ ସ୍ୱର୍ଗକୁ ଯାଇଥିବା ଏକ ଶିଡ଼ି ଦେଖିଲେ, ଈଶ୍ୱର ଅବ୍ରହାମଙ୍କୁ ଯେଉଁ ପ୍ରତିଜ୍ଞା କରିଥିଲେ, ଯାକୁବଙ୍କୁ ମଧ୍ୟ ସେହି ପ୍ରତିଜ୍ଞା କଲେ, **ଆଦି ୨୮।**
- ଯାକୁବଙ୍କ ପ୍ରତାରଣା ହେତୁ ଈଶ୍ୱର ତାଙ୍କୁ ଦଣ୍ଡ ଦେଇଥିଲେ – ଲାବନ ତାଙ୍କୁ ପ୍ରତାରଣା କଲେ, **ଆଦି ୨୯।**
- ଯାକୁବ ଖରାପ କାଯର୍‌ୟ କରିଥିଲେ ମଧ୍ୟ ବିଶ୍ୱାସ ହେତୁ ଈଶ୍ୱର ତାଙ୍କୁ ଧନ ଓ ସନ୍ତାନସନ୍ତତି ଦାନ କରିଥିଲେ, **ଆଦି ୩୦।**
- ଈଶ୍ୱର ଯାକୁବଙ୍କୁ ଉଭୟ ଲାବନ ଓ ଏଷୌଙ୍କ କ୍ରୋଧରୁ ଉଦ୍ଧାର କଲେ, ଯାକୁବ ଦୂତଙ୍କ ସହିତ ଯୁଦ୍ଧ କରନ୍ତି, **ଆଦି ୩୩।**

(ନୂତନ ନିୟମ) **କାର୍ଯ୍ୟ ହେତୁ ନୁହେଁ, ମାତ୍ର ଈଶ୍ୱର ମନ୍ଦ ଲୋକମାନଙ୍କୁ ସେମାନଙ୍କ ବିଶ୍ୱାସ ହେତୁ କ୍ଷମା କରନ୍ତି ଓ ଆଶୀର୍ବାଦ କରନ୍ତି :**
- ଜଣେ ପାପୀଷ୍ଠା ମହିଳାଙ୍କୁ ଯୀଶୁ କ୍ଷମା କରନ୍ତି, **ଲୂକ ୭:୩୬–୫୦।**
- ଯୀଶୁ ଏକ ଶିକ୍ଷା ମାଧ୍ୟମରେ ବର୍ଣ୍ଣନା କରନ୍ତି ଯେ, ଈଶ୍ୱର ଉଭୟ ଉତ୍ତମ ଓ ମନ୍ଦ ଲୋକଙ୍କୁ ତାହାଙ୍କ ସହିତ ଉତ୍ସବରେ ଯୋଗ ଦେବାକୁ ଆହ୍ୱାନ କରନ୍ତି, **ମାଥିଉ ୨୨:୧–୧୦।**
- ଯୀଶୁ ଯେଉଁ ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଥିଲେ, ସେମାନଙ୍କ ସହିତ ଭୋଜନପାନ କରି ସମାଲୋଚିତ ହୋଇଥିଲେ, **ଲୂକ ୫:୨୭–୩୨।**

**(ଆମର ପ୍ରତ୍ୟୁତ୍ତର) ଆମ କାର୍ଯ୍ୟ ହେତୁ ନୁହେଁ, ମାତ୍ର ଆମ ବିଶ୍ୱାସ ହେତୁ ଆମକୁ ଦାନ ଦେଉଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ (ରୋମୀ ୮:୨୮–୩୦; ୯:୧୦–୧୮)।**

- ଯୀଶୁ ବିନାଶପ୍ରାପ୍ତ ଲୋକମାନଙ୍କ ଅନ୍ୱେଷଣରେ ଆସିଥିବାରୁ, ଉଭୟ ମନ୍ଦ ବ୍ୟକ୍ତି ଓ ଉତ୍ତମ ବ୍ୟକ୍ତିମାନଙ୍କ ନିକଟକୁ ପରିତ୍ରାଣର ସୁସମାଚାର ନେଇ ଯାଆନ୍ତୁ (ଲୂକ ୫:୩୨)।

## **୪–୧୨ ଯୋଷେଫ କ୍ଷମା କରନ୍ତି** (ସମ୍ପର୍କ : *କ୍ଷମା, ମଧ୍ୟସ୍ଥତା, ଆମ ସପକ୍ଷବାଦୀ ଯୀଶୁ*)

(ପୁରାତନ ନିୟମ) **ଇସ୍ରାଏଲଙ୍କ ଯେଉଁ ପୁତ୍ରଗଣ ଯୋଷେଫଙ୍କ ପ୍ରତି ଖରାପ ବ୍ୟବହାର କରିଥିଲେ, ସେମାନଙ୍କ ସପକ୍ଷରେ ସେ କହିଥିଲେ :**

- ଯୋଷେଫ ଶକ୍ତି ଲାଭ କରି କ୍ରୀତଦାସ ରୂପେ ବିକ୍ରୟ କରିଥିବା ତାଙ୍କ ଭାଇମାନଙ୍କ ପାଇଁ ଫାରୋଙ୍କ ସମ୍ମୁଖରେ ଅନୁରୋଧ କରନ୍ତି, **ଆଦି ୩୭ ଓ ଆଦି ୩୯–୪୫।**
- ଏହା ଏକ ବଡ଼ ଘଟଣା, ପୁଣି ଆପଣ ଏହାର କ୍ଷୁଦ୍ର ଅଂଶରେ ଜଡ଼ିତ ହୋଇପାରନ୍ତି। ଏଥିରେ କ୍ଷମା, ପବିତ୍ରତା, ପରିବାର ବନ୍ଧନ, ମଧ୍ୟସ୍ଥତା ଓ ଈଶ୍ୱରଙ୍କ ଯୋଗାଣ ବିଷୟରେ ପାଠ ରହିଛି। ଯୋଷେଫ ଖ୍ରୀଷ୍ଟଙ୍କର ଏକ ଭାବବାଦୀୟ ଚରିତ୍ର ଥିଲେ:
- ସେ ଜଣେ ମେଷପାଳକ ଥିଲେ,<br>ସେ ତାଙ୍କ ବାପାଙ୍କ ପ୍ରିୟତମ ଥିଲେ,<br>ଇସ୍ରାଏଲଙ୍କ ସନ୍ତାନ ତାଙ୍କ ଭାଇମାନଙ୍କ ଦ୍ୱାରା ସେ ବିକ୍ରୀ କରାଯାଇଥିଲେ,<br>ପ୍ରଲୋଭନକୁ ପ୍ରତିରୋଧ କରିଥିଲେ<br>ଅନ୍ୟାୟ ଭାବରେ ବନ୍ଦୀ ହୋଇଥିଲେ<br>ପୁନର୍ବାର ରାଜାଙ୍କ ଦକ୍ଷିଣ ପାର୍ଶ୍ୱରେ ସ୍ଥାନ ପାଇ ଗୌରବାନ୍ୱିତ ହୋଇଥିଲେ<br>ତାଙ୍କ ଭାଇମାନଙ୍କ ପାଇଁ ମଧ୍ୟସ୍ଥତା କରିଥିଲେ,<br>ଏକ ରାଜକୀୟ ଭୋଜିରେ ସେ ସେମାନଙ୍କ ସହ ମିଳିତ ହୋଇଥିଲେ

(ନୂତନ ନିୟମ) **ଆମେ ଯୀଶୁଙ୍କ ବିରୁଦ୍ଧରେ ପାପ କଲେ ମଧ୍ୟ ସେ ପିତାଙ୍କ ସମ୍ମୁଖରେ ଆମ ସପକ୍ଷରେ** ନିବେଦନ କରୁଛନ୍ତି:

- ଯୀଶୁ ହିଁ ଉତ୍ତମ ମେଷପାଳକ ଯେ କି ହଜାମେଷର ଅନ୍ୱେଷଣ କରନ୍ତି, **ଲୂକ ୧୫:୧–୧୦।**
- ଯେଉଁମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କରିଥିଲେ, ସେମାନଙ୍କୁ କ୍ଷମା କରିବାକୁ ସେ ଆପଣା ପିତାଙ୍କ ନିକଟରେ ପ୍ରାର୍ଥନା କରନ୍ତି, **ଲୂକ ୨୩।**
- ଆମେ ଅନ୍ୟମାନଙ୍କୁ କାହିଁକି କ୍ଷମା କରିବା ଯୀଶୁ ସେ ବିଷୟରେ ତାହାଙ୍କ ଶିଷ୍ୟମାନଙ୍କୁ କହନ୍ତି, **ମାଥିଉ ୧୮:୧୫–୩୫।**

**(ଆମର ପ୍ରତ୍ୟୁତ୍ତର) ଯୀଶୁଙ୍କ ନାମରେ ପ୍ରାର୍ଥନା କରନ୍ତୁ – ପିତାଙ୍କ ନିକଟରେ ସେ ଆମ ପାଇଁ ନିବେଦନ କରି, ଆମ ସପକ୍ଷବାଦୀ ଅଟନ୍ତି (ଯୋହନ ୧୬:୨୪; ରୋମୀ ୮:୩୩–୩୯)।**

- ଆମ ବିରୁଦ୍ଧରେ ଯେଉଁମାନେ ପାପ କରନ୍ତି, ସେମାନଙ୍କୁ କ୍ଷମା କର (ମାଥି ୬:୧୪–୧୫; ଏଫି ୪:୩୨)।

# ବ୍ୟବସ୍ଥା ପ୍ରଦାନକାରୀ ମୋଶାଙ୍କ ସମୟର ଘଟଣାବଳୀ ସହିତ ପରବର୍ତ୍ତୀ ଘଟଣାବଳୀର ସାମଞ୍ଜସ୍ୟ

## **୪–୧୩ ଈଶ୍ୱର ଉଦ୍ଧାରକାରୀ ମୋଶାଙ୍କୁ ପ୍ରସ୍ତୁତ କରନ୍ତି** (ସମ୍ପର୍କ : *ମୁକ୍ତି, ପାପ, ପାପକ୍ଷମା, ମିଳନ, ପ୍ରଭୁଭୋଜ, କୃତଜ୍ଞତା*)

(ପୁରାତନ ନିୟମ) **ମିସରରେ ତାହାଙ୍କ ଲୋକମାନଙ୍କୁ କ୍ରୀତଦାସତ୍ୱରୁ ମୁକ୍ତ କରିବା ପାଇଁ ଈଶ୍ୱର ଜଣେ ଉଦ୍ଧାରକାରୀଙ୍କୁ ପ୍ରସ୍ତୁତ କରି ଏକ ନୂତନ ପବିତ୍ର ଜାତି ପ୍ରସ୍ତୁତ କରିଥିଲେ :**

- ମୋଶାଙ୍କ ଜନ୍ମ ସମୟର ଆଶ୍ଚର୍ଯ୍ୟ ଘଟଣା ଓ ତାଙ୍କୁ ବଧ କରିବା ପାଇଁ ପଦକ୍ଷେପ, ଯାତ୍ରା ୧–୨।
- ଈଶ୍ୱର ମୋଶାଙ୍କୁ ମିଦିୟନରେ ତାହାଙ୍କ ଲୋକମାନଙ୍କ ନେତା ହେବା ପାଇଁ ପ୍ରସ୍ତୁତ କରିଥିଲେ, ମିଶରକୁ ଯାଇ ତାହାଙ୍କ ଲୋମାନଙ୍କୁ ମୁକ୍ତ କରିବାକୁ ଜଳନ୍ତା ବୁଦା ମଧ୍ୟରୁ ତାଙ୍କୁ ଆହ୍ୱାନ କରି, ଏହା **କରିବା ପାଇଁ ତାଙ୍କୁ ଆଶ୍ଚର୍ଯ୍ୟ ଶକ୍ତି ପ୍ରଦାନ କରିଥିଲେ, ଯାତ୍ରା ୨–୪।**
- ମୋଶାଙ୍କ ପ୍ରଥମ ଆଶ୍ଚର୍ଯ୍ୟକର୍ମ ଥିଲା, ଜଳକୁ ରକ୍ତରେ ପରିଣତ କରିବା ଏବଂ ଏହା ମିସରର ଦେବଗଣ ପ୍ରତି ଏକ ଅଭିଶାପ ଅଟେ, ଯାତ୍ରା ୭୧୩–୨୫।

(ନୂତନ ନିୟମ) **ଈଶ୍ୱର ଆପଣା ଲୋକମାନଙ୍କୁ ପାପର ବନ୍ଧନରୁ ମୁକ୍ତ କରି ପରିଚାଳନା କରିବା ପାଇଁ ଜଣେ ଉଦ୍ଧାରକାରୀଙ୍କୁ** ଯୋଗାନ୍ତି।

- ଯୀଶୁଙ୍କ ଜନ୍ମ ସମୟର ଆଶ୍ଚର୍ଯ୍ୟ ଘଟଣା ଓ ତାହାଙ୍କୁ ବଧ କରିବା ପାଇଁ ପଦକ୍ଷେପ, ମାଥି ୧:୧୮–୨୫; ମାଥି ୨।
- ଯୀଶୁଙ୍କ ପ୍ରସ୍ତୁତି ଓ ବାପ୍ତିସ୍ମ ଏବଂ ସେ ଯେ ଈଶ୍ୱରଙ୍କ ପ୍ରିୟ ପୁତ୍ର, ପିତାଙ୍କ ଦ୍ୱାରା ତାଙ୍କ ପରିଚୟ ପ୍ରଦାନ, ମାଥି ୩:୧୩–୧୭।
- ଯୀଶୁଙ୍କ ପ୍ରଥମ ଆଶ୍ଚର୍ଯ୍ୟ କର୍ମ ଥିଲା ଜଳକୁ ଦ୍ରାକ୍ଷାରସରେ ପରିଣତ କରିବା ଏବଂ ଏକ ଆଶୀର୍ବାଦ, ଯୋହନ ୨।

**(ଆମର ପ୍ରତ୍ୟୁତ୍ତର) ପାପ କ୍ଷମା ଓ ଈଶ୍ୱରଙ୍କ ଆଶୀର୍ବାଦ ଆଣିବା ପାଇଁ ଆମ ପରିତ୍ରାଣକର୍ତ୍ତା ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ନିର୍ଭର କରନ୍ତୁ (ଯୋହନ ୩:୧୬)।**

**୪–୧୪ ନିସ୍ତାର ପର୍ବ ମେଷ** (ସମ୍ପର୍କ : *କୃତଜ୍ଞତା, ମିଳନ, ମେଷଶାବକଙ୍କ ରକ୍ତ, ରକ୍ତ, ବଳିଦାନ, ପୁନରୁତ୍ଥାନ*)

(ପୁରାତନ ନିୟମ) **ଈଶ୍ୱର ଇସ୍ରାଏଲ ଜାତି ପାଇଁ ତାଡ଼ିଶୂନ୍ୟ ରୋଟୀ(ନିସ୍ତାର ପର୍ବ)ର ବାର୍ଷିକ ଭୋଜ ପ୍ରସ୍ତୁତ କରିଥିଲେ,** ଯାତ୍ରା ୧୨।

**ଲକ୍ଷ୍ୟ କରନ୍ତୁ :**

- ଈଶ୍ୱର ଆପଣା ଲୋକମାନଙ୍କୁ ମିସରର ବନ୍ଦୀତ୍ୱରୁ କିପରି ମୁକ୍ତ କରିଥିଲେ, ଲୋକମାନଙ୍କୁ ସେ ବିଷୟ ଚିରକାଳ ସ୍ମରଣରେ ରଖିବା ପାଇଁ ଏହା ସାହାଯ୍ୟ କରିଥିଲା।
- ସଂହାରକ ଦୂତ ଦ୍ୱାରର ବାଜୁବନ୍ଧରେ ରକ୍ତ ଦେଖି ଈଶ୍ୱରଙ୍କୁ ବିଶ୍ୱାସ କରୁଥିବା ଲୋକମାନଙ୍କ ଘରକୁ ନିସ୍ତାର କରିଥିଲେ।

(ନୂତନ ନିୟମ) **ଯୀଶୁ ଆପଣା ରକ୍ତରେ ନୂତନ ନିୟମର ଦୃଢ଼ରୂପ କରିବା ପାଇଁ ପ୍ରଭୁଭୋଜ ପାଳନ କରିଥିଲେ,** ଲୂକ ୨୨।

- ଯୀଶୁ କିପରି ଆପଣା ରକ୍ତପାତ କରି ଆମ ପାପରୁ ଆମକୁ ମୁକ୍ତ କରିଥିଲେ, ଚିରକାଳ ପାଇଁ ତାହା ସ୍ମରଣ ରଖିବାକୁ ଆମେ ତାହା ପାଳନ କରିଥାଉ।

**(ଆମର ପ୍ରତ୍ୟୁତ୍ତର) ଆମେ ଯେତେବେଳେ ଏହି ନୂତନ ନିସ୍ତାର ପର୍ବ ଭୋଜ ପାଳନ କରୁ ସେତେବେଳେ ଆମେ ଯୀଶୁଙ୍କ ଶରୀର ଓ ରକ୍ତର ଅଂଶୀ ହୋଇଥାଉ (୧ମ କରି ୧୦:୧୬–୧୭)।**

**୪–୧୫ ବନ୍ଦୀତ୍ୱରୁ ମୁକ୍ତି** (ସମ୍ପର୍କ : *ବନ୍ଦୀତ୍ୱ, ପୁନରୁତ୍ଥାନ, ଅନୈତିକତା, ସୂଫ ସାଗର*)

(ପୁରାତନ ନିୟମ) **ଈଶ୍ୱର ଇସ୍ରାଏଲୀୟମାନଙ୍କୁ ବନ୍ଦୀତ୍ୱରୁ ଉଦ୍ଧାର କରି ସୂଫ ସାଗର ମଧ୍ୟଦେଇ ଗମନ କରାଇଥିଲେ, ଏହା ପୁରାତନ ନିୟମର ମୂଳଦୁଆ ଅଟେ,** ଯାତ୍ରା ୧୨–୧୩।

(ନୂତନ ନିୟମ) **ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେବା ଦ୍ୱାରା ଆମକୁ ପାପ ଓ ମୃତ୍ୟୁର ବନ୍ଧନରୁ ମୁକ୍ତ କରିଥିଲେ,** ଲୂକ ୨୪।

- ଖ୍ରୀଷ୍ଟ ଆମକୁ ଅନନ୍ତ ଜୀବନ ପ୍ରଦାନ କରନ୍ତି, କାରଣ ବିଶ୍ୱାସୀଗଣ ପୁନରୁତ୍ଥାନରେ ତାହାଙ୍କ ସହିତ ମିଳିତ ହୁଅନ୍ତି, **ଯୋହନ ୧୧।**

**(ଆମର ପ୍ରତ୍ୟୁତ୍ତର) ଆମେ କେବଳ ଖ୍ରୀଷ୍ଟଙ୍କଠାରେ ନିର୍ଭର କରିଥାଉ ଓ ଏକମାତ୍ର ଜୀବନ ଦାତା ଏବଂ ଆମକୁ ଅକ୍ଷୟ ଜୀବନ ଦେବା ପାଇଁ (୧ମ କରି ୧୫)।**

**୪–୧୬ ଈଶ୍ୱର ମାନ୍ନା ଓ ଜଳ ଯୋଗାନ୍ତି** (ସମ୍ପର୍କ : *ଜୀବନ ଜଳ, ଅନନ୍ତ ଜୀବନ, ମାନ୍ନା, ଅକ୍ଷୟ ଜୀବନ, ଜୀବନଦାୟକ ଆହାର, ଅନନ୍ତ ଜୀବନ*)

(ପୁରାତନ ନିୟମ) **ଈଶ୍ୱରଙ୍କ ଆଶ୍ଚର୍ଯ୍ୟ କର୍ମ ଦ୍ୱାରା ମୋଶା ପ୍ରାନ୍ତରରେ ଆହାର ଓ ଜଳ ଯୋଗାଇଥିଲେ :**

- ଖାଦ୍ୟ ନିମନ୍ତେ ଈଶ୍ୱର ସ୍ୱର୍ଗୀୟ ମାନ୍ନା ଯୋଗାଇଥିଲେ, **ଯାତ୍ରା ୧୬:୧–୧୭।**
- ଈଶ୍ୱର ପର୍ବତରୁ ଜଳ ଯୋଗାଇଥିଲେ, **ଗଣନା ୨୦:୧–୧୨।**

(ନୂତନ ନିୟମ) **ଯୀଶୁ ବିଶ୍ୱାସୀମାନଙ୍କୁ ଜୀବନଦାୟକ ଆହାର (ଆପଣା ଶରୀର) ଓ ଜୀବନଦାୟକ ଜଳ (ପବିତ୍ରଆତ୍ମା) ଯୋଗାନ୍ତି :**

- ଯୀଶୁ ଆଶ୍ଚର୍ଯ୍ୟ ରୂପେ ୫,୦୦୦ ଲୋକଙ୍କୁ ଖାଦ୍ୟ ଯୋଗାନ୍ତି, ପୁଣି ତା'ପରେ ଅନନ୍ତ ଜୀବନ ନିମନ୍ତେ ସ୍ୱର୍ଗୀୟ ଆହାର ନିମନ୍ତେ ଆପଣା ଶରୀର ପରିବେଷଣ କରନ୍ତି, ଏହା ଦ୍ୱାରା ଅନେକେ ପ୍ରତିହତ ହୁଅନ୍ତି, **ଯୋହନ ୬।**
- ଆମ ମଧ୍ୟରେ ଈଶ୍ୱରଙ୍କ ପବିତ୍ରଆତ୍ମା ବାସ କରିବେ ବୋଲି ଯୀଶୁ ପ୍ରତିଜ୍ଞା କରନ୍ତି, **ଯୋହନ ୭:୩୭–୩୯** ଏବଂ ଆମକୁ ଉପଦେଶ ଦିଅନ୍ତି, **ଯୋହନ ୧୪:୧୫–୨୬।**

**(ଆମର ପ୍ରତ୍ୟୁତ୍ତର) ଜାଗତିକ ବିଷୟ ନୁହେଁ, ମାତ୍ର ସ୍ୱର୍ଗରୁ ପ୍ରକୃତ ଆହାର ଅନ୍ୱେଷଣ କରି ଈଶ୍ୱରଙ୍କ ଆତ୍ମା ପ୍ରାପ୍ତ ହୁଅନ୍ତୁ (ମାଥି ୬:୩୧–୩୪; ଯୋହନ ୨୦:୨୧–୨୩)।**

**୪–୧୭ ଈଶ୍ୱର ଆପଣା ଲୋକମାନଙ୍କ ପାଇଁ ପାଳକ ଯୋଗାନ୍ତି** (ସମ୍ପର୍କ : *ପ୍ରାଚୀନ, ଯିଥ୍ରୋ*)

(ପୁରାତନ ନିୟମ) **ପୁରାତନ ନିୟମରେ ପାଳକମାନଙ୍କୁ ସାହାଯ୍ୟ କରିବା ପାଇଁ ଈଶ୍ୱର ପ୍ରାଚୀନମାନଙ୍କୁ ଯୋଗାଇଥିଲେ, ଯାତ୍ରା ୧୮:୧୨–୨୭।**

(ନୂତନ ନିୟମ) **ଆପଣା ମଣ୍ଡଳୀକୁ ପାଳନ କରିବା ପାଇଁ ଈଶ୍ୱର ପ୍ରାଚୀନମାନଙ୍କୁ ଯୋଗାନ୍ତି,** ଯାତ୍ରା ୧୪ ପର୍ବ **(୨୩ ପଦ ଦେଖନ୍ତୁ)।**

**(ଆମର ପ୍ରତ୍ୟୁତ୍ତର) ଯେଉଁ ନୂତନ କ୍ଷେତ୍ରରେ ଅନୁଭୂତିସମ୍ପନ୍ନ ନେତା ନ ଥା'ନ୍ତି, ସେଠାରେ ମଣ୍ଡଳୀ ପ୍ରତିଷ୍ଠାତାମାନେ ପ୍ରାଚୀନମାନଙ୍କୁ ନିଯୁକ୍ତ କରନ୍ତି (ତିତସ ୧:୫–୯)।**

- ଈଶ୍ୱରଙ୍କ ମଣ୍ଡଳୀରେ ଆମକୁ ଲକ୍ଷ୍ୟ କରୁଥିବା ନେତାମାନଙ୍କର ଆମେ ଆଜ୍ଞାବହ ହେଉ (ଏବ୍ରୀ ୧୩:୧୭)।

**୪–୧୮ ଦଶଆଜ୍ଞା** (ସମ୍ପର୍କ : *ପୁରାତନ ନିୟମ, ନୂତନ ନିୟମ, ଯୀଶୁଙ୍କ ଆଜ୍ଞା, ବ୍ୟବସ୍ଥା*)

(ପୁରାତନ ନିୟମ) **ଈଶ୍ୱର ପଥରରେ ଦଶଆଜ୍ଞା ଖୋଳାଇଥିଲେ : ଇସ୍ରାଏଲର ଆଚରଣର ମୂଳଦୁଆ,** ଯାତ୍ରା ୧୯–୨୦; ଯାତ୍ରା ୩୧:୧୮।

- ଈଶ୍ୱର ଏକ ନୂତନ ନିୟମ ଦେବା ପାଇଁ ପ୍ରତିଜ୍ଞା କରନ୍ତି, ତାହାଙ୍କ ବ୍ୟବସ୍ଥା ପଥର ଉପରେ ନୁହେଁ, ମାତ୍ର ମନୁଷ୍ୟର ହୃଦୟରେ ଲେଖାଯିବ, **ଯିରିମିୟ ୩୧:୩୧–୩୪।**
- ଯେଉଁମାନେ ପୁରାତନ ନିୟମର ବ୍ୟବସ୍ଥା ପାଳନ କରୁ ନ ଥିଲେ, ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଥିଲା, **ଗଣନା ୨୫:୧–୧୧।**

(ନୂତନ ନିୟମ) **ଯୀଶୁ ଆମକୁ ତାହାଙ୍କ ଆଜ୍ଞା ପାଳନ କରିବାକୁ କହନ୍ତି ଓ ନୂତନ ନିୟମରେ ଆମ ଆଚରଣର ମୂଳଦୁଆ,** ମାଥିଉ ୨୮:୧୮–୨୦।

**ଆମେ କରିଥାଉ :**

- ଯୀଶୁ ହିଁ ପଥର ଉପରେ ମୂଳଦୁଆ ଅଟନ୍ତି, ତାହାଙ୍କ ବାକ୍ୟର ବାଧ୍ୟ ହେବା ଅର୍ଥ ଆମେ ତହିଁ ଉପରେ ନିର୍ମାଣ କରିବା, **ମାଥିଉ ୭:୨୪–୨୯।**
- ପ୍ରଥମ ମଣ୍ଡଳୀ ସେମାନଙ୍କ ସମସ୍ତ ମୌଳିକ ଗଠନକୁ ନେଇ ଯୀଶୁଙ୍କ ସମସ୍ତ ଆଜ୍ଞାର ବାଧ୍ୟ ହୋଇଥିଲେ, ପ୍ରେରିତ ୨:୩୭–୪୭ :
- ସେମାନେ ଅନୁତାପ, ବିଶ୍ୱାସ ଓ ପବିତ୍ରଆତ୍ମା ଗ୍ରହଣ କରିଥିଲେ, ମାର୍କ ୧:୧୫; ଯୋହନ ୩:୧୬; ୨୦:୨୨।
  - ➢ ସେମାନେ ବାପ୍ତିଜିତ ହୋଇ ନୂତନ ପରିବର୍ତ୍ତିତ ଜୀବନ ଆରମ୍ଭ କରିଥିଲେ, ଯାହାକି ଏହିପରି ଆରମ୍ଭ ହୋଇଥାଏ, ମାଥିଉ ୨୮:୧୮–୨୦।
  - ➢ ସେମାନଙ୍କ ସହଭାଗିତାରେ ସେମାନେ ପରସ୍ପରକୁ ପ୍ରେମ କରୁଥିବାର ଓ ଅଭାବଗ୍ରସ୍ତଙ୍କ ଯତ୍ନ ନେଉଥିବାର ଦେଖାଯାଉଥିଲା। ଈଶ୍ୱର, ଆମର ପଡ଼ୋଶୀ, ସହଶିଷ୍ୟ, ଅଭାବଗ୍ରସ୍ତ ଲୋକ ଏବଂ ବ୍ୟାବହାରିକ ରୂପେ ଆମର ଶତ୍ରୁମାନେ (କ୍ଷମା) ମଧ୍ୟ ପ୍ରେମରେ ରହିଛି, ମାଥିଉ ୨୨:୩୬–୪୦ ଯୋହନ ୧୩:୩୪–୩୫; ଲୂକ ୧୦:୨୫–୩୭; ମାଥିଉ ୫:୪୩–୪୮।
  - ➢ ସେମାନେ ରୋଟୀ ଭାଙ୍ଗିଥିଲେ (ମିଳନ, ଆମ ଉପାସନା ସମ୍ପର୍କିତ), ମାଥିଉ ୨୬:୨୬–୨୮; ଯୋହନ ୪:୨୪।
  - ➢ ସେମାନେ ପ୍ରାର୍ଥନା କରୁଥିଲେ (ଏଥିରେ ବ୍ୟକ୍ତିଗତ ଓ ପାରିବାରିକ ଉପାସନା, ମଧ୍ୟସ୍ଥ ପ୍ରାର୍ଥନା ଓ ଆତ୍ମିକ ଯୁଦ୍ଧ ସମ୍ମିଳିତ ହୋଇଛି), ଯୋହନ ୧୬:୨୪।
  - ➢ ସେମାନେ ଦାନ କରୁଥିଲେ (ଏଥିରେ ଆମ ସମୟର ଭଣ୍ଡାର ରକ୍ଷକ, ଭଣ୍ଡାର ଓ ପ୍ରତିଭା ସମ୍ମିଳିତ ହୋଇଛି), ଲୂକ ୬:୩୮।
  - ➢ ସେମାନେ ଶିଷ୍ୟ ପ୍ରସ୍ତୁତ କରୁଥିଲେ (ଏଥିରେ ଖ୍ରୀଷ୍ଟଙ୍କ ସାକ୍ଷୀ, ପାଳକ, ବାକ୍ୟ ଶିକ୍ଷା, ନେତାମାନଙ୍କୁ ତାଲିମ ଓ ମିଶନାରୀ ପ୍ରେରଣ ସମ୍ମିଳିତ ହୋଇଛି), ମାଥିଉ ୨୮:୧୮–୨୦।
- ଆମ ପ୍ରତି ଯୀଶୁଙ୍କ ମୁଖ୍ୟ ଆଜ୍ଞା ଥିଲା ଈଶ୍ୱର ଓ ମନୁଷ୍ୟମାନଙ୍କୁ ପ୍ରେମ କରିବା, ଯେଉଁଥିରେ ପୁରାତନ ନିୟମର ସମସ୍ତ ବ୍ୟବସ୍ଥାର ସାର ଥିଲା, **ମାଥିଉ ୨୨:୩୩–୪୦।**
- ଯେଉଁ ଫାରୂଶୀଗଣ ଈଶ୍ୱରଙ୍କ ଆଜ୍ଞା ପ୍ରତ୍ୟାଖ୍ୟାନ କରି ମନୁଷ୍ୟର ଆଜ୍ଞାକୁ ବଳବତ୍ତର ରଖୁଥିଲେ; ଯୀଶୁ ସେମାନଙ୍କୁ ଭର୍ତ୍ସନା କରିଥିଲେ, **ମାର୍କ ୭:୧–୨୩; ମାଥିଉ ୨୩।**

**(ଆମର ପ୍ରତ୍ୟୁତ୍ତର) ଆମଠାରେ ପବିତ୍ରତାର ଫଳ ଉତ୍ପନ୍ନ କରୁଥିବା ପବିତ୍ର ଆତ୍ମାଙ୍କ ଦ୍ୱାରା ଆମେ ବର୍ତ୍ତମାନ ପରିଚାଳିତ ହେଉଛୁ (ରୋମୀ ୮:୩–୧୬; ଗାଲା ୫:୧୪–୨୬)।**

- ମୃତ୍ୟୁଦଣ୍ଡ ଦେଉଥିବା ପୁରାତନ ନିୟମର ବୈଧତାକୁ ଆମେ ପ୍ରତିହତ କରି ଜୀବନ ଓ ସ୍ୱାଧୀନତା ଦେଉଥିବା ନୂତନ ନିୟମକୁ ଆପଣେଇଛୁ (୨ୟ କରି ୩:୩–୧୮)।
- ପବିତ୍ରଆତ୍ମା ଆମ ପାପ ବିଷୟରେ ଆମକୁ ହୃଦ୍‌ବୋଧ ଜନ୍ମାନ୍ତି (ଯୋହନ ୧୬:୫–୧୫)।

## ୪–୧୯ ବିଶ୍ରାମବାର (ସମ୍ପର୍କ : *ବୈଧତା, ବ୍ୟବସ୍ଥା*)

(ପୁରାତନ ନିୟମ) **ଈଶ୍ୱରଙ୍କ ପୁରାତନ ନିୟମରେ ଏକ ବିଶେଷ ବିଶ୍ରାମବାର ଓ ଉପାସନା ବିଷୟରେ ଲେଖାଥିଲା:**

- ଈଶ୍ୱର ଆପଣାର ସମସ୍ତ ସୃଷ୍ଟି ପରେ ସପ୍ତମ ଦିନକୁ ଆପଣାର ବିଶ୍ରାମ ନିମନ୍ତେ ପୃଥକ କରି ରଖିଥିଲେ, **ଯାତ୍ରା ୨୦:୮–୧୧।**
- ବିଶ୍ରାମବାରରେ ଜଣେ ବ୍ୟକ୍ତି ଜାଳକାଠ ଗୋଟାଉଥିବା ବେଳେ ଈଶ୍ୱର ତାକୁ ବଧ କରିବାକୁ ଆଜ୍ଞା ଦେଇଥିଲେ, **ଗଣନା ୧୫:୩୦–୩୬।**

(ନୂତନ ନିୟମ) **ଈଶ୍ୱରଙ୍କ ନୂତନ ନିୟମରେ ଏକ ବିଶେଷ ଉପାସନା ବାର ଅଛି :**

- ନୂତନ, ଅନନ୍ତକାଳୀନ ସୃଷ୍ଟିକୁ ଲକ୍ଷ୍ୟ କରି ବିଶ୍ୱାସୀଗଣ ଯୀଶୁ ଯେଉଁଦିନ ପୁନରୁତ୍ଥିତ ହୋଇଥିଲେ, ସପ୍ତାହର ସେହି ପ୍ରଥମ ଦିନ ହିଁ ଉପାସନା କରିଥିଲେ, **ପ୍ରେରିତ ୨୦:୭।**
- ଯୀଶୁ ନୂତନ ନିୟମ ଘୋଷଣା କରନ୍ତି, **ଲୂକ ୨୨:୧୩–୨୦।**

**(ଆମର ପ୍ରତ୍ୟୁତ୍ତର) ଆମେ ନୂତନ ନିୟମ ଅନୁସରଣ କରିଥାଉ। ମୃତ୍ୟୁର ଯେଉଁ ବ୍ୟବସ୍ଥା ଆମେ ପାଳନ କରିପାରି ନ ଥାଉ, ଏହା ଆମକୁ ସେଥିରୁ ମୁକ୍ତ କରିଥାଏ (୨ୟ କରି ୩:୬–୯)।**

- ଆମେ ପୁରାତନ ନିୟମର ବୈଧତାକୁ ଏଡ଼ାଇ ଦେଇଥାଉ, ଯାହାକି ଆମଠାରୁ ସୁନ୍ନତ କ୍ରିୟା ଓ ବିଶେଷ ଦିନକୁ ମାନ୍ୟତା ଦେବାକୁ ଲୋଡ଼ିଥିଲା (ଗାଲା ୪:୮–୧୦; ଗାଲା ୫:୫–୧୪)।
- ଆମେ ଯେକୌଣସି ଦିନ ଉପାସନା କରିବା ପାଇଁ ସ୍ୱାଧୀନତା ପ୍ରାପ୍ତ ହୋଇଛୁ : (ରୋମୀ ୧୪:୧–୧୮)।

## ୪–୨୦ ପ୍ରତିମା ପୂଜା ପ୍ରତି ଦଣ୍ଡାଜ୍ଞା (ସମ୍ପର୍କ : *ସୁନା ବାଛୁରୀ, ଲୋଭ*)

(ପୁରାତନ ନିୟମ) **ଈଶ୍ୱର ସୁନା ବାଛୁରୀ ପୂଜା କରୁଥିବା ଲୋକମାନଙ୍କୁ ଦଣ୍ଡ ଦେଇଥିଲେ,** ଯାତ୍ରା ୩୨।

(ନୂତନ ନିୟମ) **ଯେଉଁମାନେ ପ୍ରତିମା ପୂଜା କରନ୍ତି, ଯୁଗ ଶେଷରେ ଈଶ୍ୱର ସେମାନଙ୍କ ପ୍ରତି ମହାମାରୀ ପଠାଇ ଦଣ୍ଡ ଦେବେ,** ପ୍ରକା ୯।

**(ଆମର ପ୍ରତ୍ୟୁତ୍ତର) ଯେକୌଣସି ପ୍ରକାର ପ୍ରତିମା ପୂଜା ବା ଲୋଭରୁ ଦୂରରେ ରୁହନ୍ତୁ (୧ମ କରି ୧୦:୧୪ କଲ ୩:୫)।**

**୪–୨୧ ଅବିଶ୍ୱାସ ହେତୁ ଇସ୍ରାଏଲୀୟଗଣ ପଥଭ୍ରଷ୍ଟ ହୋଇଥିଲେ** (ସମ୍ପର୍କ : *ଅନାଜ୍ଞାବହ, ପ୍ରତିଜ୍ଞାତ ଦେଶ, ଆଗ୍ରିପ୍ପା*)

(ପୁରାତନ ନିୟମ) **ଈଶ୍ୱର ଇସ୍ରାଏଲୀୟମାନଙ୍କୁ ପ୍ରତିଜ୍ଞାତ ଦେଶ ଦେବା ପାଇଁ ଆଶୀର୍ବାଦ କରିଥିଲେ, ମାତ୍ର ସେମାନଙ୍କ ବିଶ୍ୱାସର ଅଭାବ ହେତୁ ସେମାନେ ଏହା ପାଇପାରି ନ ଥିଲେ:**
- ବାର ଜଣ ଚର ଦେଶଟିକୁ ପରୀକ୍ଷା କଲେ ମଧ୍ୟ ଲୋକମାନେ ଭୟ କରି ୪୦ ବର୍ଷ ଧରି ପ୍ରାନ୍ତରରେ ଭ୍ରମଣ କରିଥିଲେ, **ଗଣନା ୧୩–୧୪।**

(ନୂତନ ନିୟମ) **ପ୍ରେରିତ ପାଉଲ ରାଜା ଆଗ୍ରିପ୍ପାଙ୍କୁ ପରିତ୍ରାଣର ସମ୍ବାଦ ଦେଇଥିଲେ, ଯେ କି ତାହା ବିଶ୍ୱାସ କରି ନ ଥିଲେ,** ପ୍ରେରିତ ୨୬।

**(ଆମର ପ୍ରତ୍ୟୁତ୍ତର) ଈଶ୍ୱର ପାଖରେ ଥିଲେ ମଧ୍ୟ ଆମେ ତାହାଙ୍କ ଅନ୍ୱେଷଣ କରିଥାଉ, ଯିଶାଇୟ ୫୫:୬–୭।**

**୪–୨୨ ସମାଗମ ତମ୍ବୁ** (ସମ୍ପର୍କ : *ସମାଗମ ତମ୍ବୁ, ଆଶ୍ରୟ ସ୍ଥଳ, ଯାଜକତ୍ୱ, ମହାଯାଜକ, ଯୀଶୁ ହିଁ ଆମର ମହାଯାଜକ*)

(ପୁରାତନ ନିୟମ) **ଈଶ୍ୱର ମୋଶାଙ୍କୁ ଏକ ଆଶ୍ରୟ ସ୍ଥଳ ନିର୍ମାଣ କରିବାକୁ କହିଥିଲେ, ଯେଉଁଠାରେ ସେ ଆପଣା ଲୋକମାନଙ୍କ ସହ ମହାପବିତ୍ର ସ୍ଥାନରେ ସାକ୍ଷାତ କରିପାରିବେ:**
- ଈଶ୍ୱର ସମାଗମ ତମ୍ବୁ ନିର୍ମାଣ କରିବାକୁ ଓ ଯାଜକମାନଙ୍କ ପୋଷାକ ବିଷୟରେ ଦୃଢ଼ ନିର୍ଦ୍ଦେଶ ଦେଇଥିଲେ, **ଯାତ୍ରା ୨୫–୩୦; ଯାତ୍ରା ୩୫–୪୦।**
- ଲେବୀୟ ପୁସ୍ତକ ବଳିଦାନ ଓ ମହାପବିତ୍ର ସ୍ଥାନରେ ଯାଜକଙ୍କ ଉପାସନା ବିଷୟରେ ବର୍ଣ୍ଣନା କରାଯାଇଛି।
- ଉପାସନାଳୟକୁ ତିନୋଟି ଭାଗରେ ବିଭକ୍ତ କରାଯାଇଥିଲା, ପ୍ରତ୍ୟେକ ଭାଗରେ ଭିନ୍ନ ଭିନ୍ନ ବିଷୟ ସଜ୍ଜିତ ହୋଇଥିଲା, ତାହାର ତାଲିକା ନିମ୍ନରେ ଦିଆଯାଇଛି, **ଯାତ୍ରା ୪୦।**
  - ୧) ଉପାସକମାନଙ୍କ ପାଇଁ ବାହ୍ୟ ସ୍ଥାନ। ଏଥିରେ ହୋମବଳି ପାଇଁ ଏକ ଯଜ୍ଞବେଦି ଥିଲା, ପୁଣି ଯାଜକମାନଙ୍କ ପ୍ରକ୍ଷାଳନ ପାଇଁ ପାଣି ଟାଙ୍କି ଥିଲା (ଯାତ୍ରା ୩୮)। ଯଜ୍ଞବେଦି ଖ୍ରୀଷ୍ଟଙ୍କ କ୍ରୁଶ ଓ ତାହାଙ୍କ ଯେଉଁ ବଳିଦାନ ଅନନ୍ତକାଳ ପାଇଁ ପରିତ୍ରାଣ ଆଣିଥିଲା, ତାହାର ପ୍ରତୀକ ଥିଲା, ଯାହାକି ପଶୁବଳିର ଆବଶ୍ୟକତାକୁ ସମାପ୍ତ କରିଥିଲା (ଏବ୍ରୀ ୯–୧୦)। ପାଣି ଟାଙ୍କିକୁ ବାପ୍ତିସ୍ମ ସହିତ ତୁଳନା କରାଯାଇପାରେ, ଯାହା ଦ୍ୱାରା ସମସ୍ତ ବିଶ୍ୱାସୀ ଧୌତ ହୋଇ ନୂତନ ନିୟମର ଯାଜକ ହୋଇପାରୁଥିଲେ।
  - ୨) ଯାଜକମାନଙ୍କ ପାଇଁ ପବିତ୍ର ସ୍ଥାନ ସଂରକ୍ଷିତ ଥିଲା। ଏଠାରେ ଗୋଟିଏ ମେଜ ଥିଲା ଯେଉଁଥିରେ ଉପସ୍ଥିତିର ରୋଟୀ (ପ୍ରଭୁଭୋଜର ପ୍ରତୀକ), ସର୍ବଦା ତୈଳପୂର୍ଣ୍ଣ ହୋଇ ଜଳୁଥିବା ଏକ ସୁନା ଦୀପ (ପବିତ୍ରଆତ୍ମାଙ୍କ ପ୍ରତୀକ) ଓ ସୁଗନ୍ଧି ଧୂପର ଏକ ଯଜ୍ଞବେଦି (ପ୍ରାର୍ଥନାର ପ୍ରତୀକ) ଥିଲା।
  - ୩) ମହାପବିତ୍ର ସ୍ଥାନକୁ ମହାଯାଜକ ବର୍ଷକୁ କେବଳ ଥରେମାତ୍ର ପ୍ରବେଶ କରିପାରୁଥିଲେ। ଖ୍ରୀଷ୍ଟଙ୍କ ଶରୀରର ପ୍ରତୀକ ଏକ ବଡ଼ ଲାଲ ରଙ୍ଗର ପରଦା ଏହାକୁ ବିଚ୍ଛିନ୍ନ କରିଥିଲା। ଏଥିରେ ମହାପବିତ୍ର ସିନ୍ଦୁକ, ସୁନାଭର୍ତ୍ତି ଏକ ବାକ୍ସ ଥିଲା, ଯାହା ଉପରେ ସ୍ୱର୍ଗଦୂତ ବସିଥା'ନ୍ତି। ଈଶ୍ୱରଙ୍କ ଗୌରବମୟ ଉପସ୍ଥିତି ଏହା ଉପରେ ଦେଖାଯାଇଥାଏ ଈଶ୍ୱର ଆପଣା ଲୋକମାନଙ୍କ ସହ ଉପସ୍ଥିତ ଅଛନ୍ତି ବୋଲି ଏହା ନିର୍ଦ୍ଦେଶ ଦେଇଥାଏ, ଯାହାକି ଯୀଶୁଙ୍କ ପ୍ରତୀକ ଅଟେ।
- ସମାଗମ ପ୍ରାଙ୍ଗଣରେ ଲୋକମାନେ ସେମାନଙ୍କ ସାମୟିକ ପାପ ପ୍ରକ୍ଷାଳନ ନିମନ୍ତେ ରକ୍ତବଳି ଦେଉଥିଲେ, **ଯାତ୍ରା ୨୯:୩୬–୪୧।**
- ମହାଯାଜକଙ୍କ ପୁତ୍ରମାନେ ମହାପବିତ୍ର ସ୍ଥାନରେ ବିନାରକ୍ତରେ ହୋମବଳି ଦେଇଥିବାରୁ ଈଶ୍ୱର ସେମାନଙ୍କୁ ବଧ କରିଥିଲେ, **ଲେବୀ ୧୦।**
- କେବଳ ମହାଯାଜକ ହିଁ ବର୍ଷକୁ ଥରେମାତ୍ର ମହାପବିତ୍ର ସ୍ଥାନରେ ପ୍ରବେଶ କରି ଈଶ୍ୱରଙ୍କ ଲୋକମାନଙ୍କ ପାପ କ୍ଷମା ପାଇଁ ରକ୍ତବଳି ଦେଉଥିଲେ, **ଲେବୀ ୧୬।**
- ଶହ ଶହ ବର୍ଷ ପରେ ରାଜା ଶଲୋମନ ସମାଗମ–ତମ୍ବୁକୁ ପୁନସଂସ୍ଥାପିତ କରିଥିଲେ, ତାହା ଏକ ବଡ଼ ସହଜ ବାହ୍ୟ ତମ୍ବୁ ଥିଲା, ସେଥିରେ ଚମତ୍କାର ଏକ ମନ୍ଦିର ଥିଲା, **୧ମ ରାଜାବଳୀ ୫–୬।**

(ନୂତନ ନିୟମ) **ଯୀଶୁ ଆପଣା ମୃତ୍ୟୁ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ମଧ୍ୟଦେଇ ଆମର ମହାଯାଜକ ରୂପେ ସ୍ୱର୍ଗୀୟ ସମାଗମ–ତମ୍ବୁ ମଧ୍ୟକୁ ପ୍ରବେଶ କରିଥିଲେ:**
- ଜଣେ ମନୁଷ୍ୟ ହେବା ଦ୍ୱାରା ଯୀଶୁ ପରୀକ୍ଷିତ ହୋଇ ଦୁଃଖ ପାଇଥିଲେ, ସେ ଆମର ମହାଯାଜକ ହୋଇଥିଲେ, **ଏବ୍ରୀ ୨:୧୪–୧୮।**
- ପୁରାତନ ମହାଯାଜକ ଓ ସେହି ସମ୍ପର୍କୀତ ବଳିଦାନ ଓ ସେବା ସ୍ଥାନରେ ଅନନ୍ତଜୀବୀ, ଯୀଶୁ ସ୍ଥାନିତ ହୋଇଥିଲେ, **ଏବ୍ରୀ ୭–୯।**

**(ଆମର ପ୍ରତ୍ୟୁତ୍ତର) ଆତ୍ମବିଶ୍ୱାସର ସହ ଈଶ୍ୱରଙ୍କ ନିକଟକୁ ଆସନ୍ତୁ, ଅନ୍ୟ ବିଶ୍ୱାସୀମାନଙ୍କୁ ସୁରକ୍ଷା ଦେଇ ସେମାନଙ୍କୁ ଉତ୍ସାହିତ କରନ୍ତୁ (ଏବ୍ରୀ ୧୦)।**

**୪–୨୩ ମହାଆଜ୍ଞା – ଏକମାତ୍ର ସତ୍ୟ ଈଶ୍ୱରଙ୍କୁ ପ୍ରେମ କରନ୍ତୁ** (ସମ୍ପର୍କ : *ସନ୍ତାନଗଣ, ବିବାହ*)

(ପୁରାତନ ନିୟମ) **ଈଶ୍ୱର ଜଣେ ଅଟନ୍ତି – ଆମକୁ ସର୍ବାନ୍ତଃକରଣରେ ତାହାଙ୍କୁ ପ୍ରେମ କରିବାକୁ ପଡ଼ିବ ଓ ଆମର ସନ୍ତାନମାନଙ୍କୁ ତାହାଙ୍କ ବ୍ୟବସ୍ଥା ପାଳନ କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍,** ଦ୍ୱିତୀୟ ବିବରଣ ୬:୧–୯ ।

(ନୂତନ ନିୟମ) **ଯୀଶୁ ବିବାହ ବିଷୟରେ ଉପଦେଶ ଦିଅନ୍ତି ଓ ସାନ ପିଲାମାନଙ୍କୁ ଆଶୀର୍ବାଦ କରନ୍ତି, ମାଥିଉ ୫:୩୧–୩୨; ମାଥି ୧୯:୧୩–୧୫ ।**

**(ଆମର ପ୍ରତ୍ୟୁତ୍ତର) ସ୍ୱାମୀମାନେ ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କରିବା ଉଚିତ୍, ଯେଉଁମାନେ କି ସେମାନଙ୍କ ସ୍ୱାମୀମାନଙ୍କ ପ୍ରତି ସମର୍ପିତ ହେବେ (ଏଫି ୫:୨୧–୩୩) ।**

- ପାଉଲ ସନ୍ତାନମାନଙ୍କୁ ସେମାନଙ୍କ ପିତାମାତାଙ୍କ ଆଜ୍ଞାବହ ହେବା ପାଇଁ ଓ ପିତାମାନଙ୍କୁ ବିଶ୍ୱାସରେ ସେମାନଙ୍କ ସନ୍ତାନମାନଙ୍କୁ ନିର୍ଦ୍ଦେଶ ଦେବାକୁ କହିଛନ୍ତି (ଏଫି ୬:୧–୪) ।

**୪–୨୪ କଳାଯାଦୁକୁ ନିଷେଧ କରାଯାଇଛି** (ସମ୍ପର୍କ : *ଆତ୍ମା, ଗୁପ୍ତକଳା, ଯୀଶୁ ସମସ୍ତ ମନ୍ଦ ଆତ୍ମା ଉପରେ ଜୟଲାଭ କରନ୍ତି, ମନ୍ଦାତ୍ମା, ଶୟତାନର ବିନାଶ*)

(ପୁରାତନ ନିୟମ) **ଈଶ୍ୱର ମୋଶାଙ୍କୁ କଳାଯାଦୁ, ମୃତମାନଙ୍କ ସହିତ ଯୋଗାଯୋଗ କରିବାକୁ ବା ଆତ୍ମାଗୁଡ଼ିକ ସହିତ କଥାବାର୍ତ୍ତା କରିବାକୁ ନିଷେଧ କରିଥିଲେ,** ଦ୍ୱିତୀୟ ବିବରଣ ୧୮:୯–୧୨ ।

- ଶାଉଲ ରାଜା ଯୁଦ୍ଧ ବିଷୟରେ ଐନ୍‌ଦୋରର ଏକ ଭୂତୁଡ଼ିଆ ସ୍ତ୍ରୀ ସହିତ ପରାମର୍ଶ କରିବାରୁ ଈଶ୍ୱର ତାଙ୍କ ରାଜତ୍ୱର ଅନ୍ତ ଘଟାଇଥିଲେ, **୧ମ ଶାମୁ ୨୮:୬–୨୫; ୧ମ ଶାମୁ ୩୧ ।**

(ନୂତନ ନିୟମ) **ଖ୍ରୀଷ୍ଟ ଶୟତାନ ସମେତ ସମସ୍ତ ମନ୍ଦ ଆତ୍ମା ଉପରେ ଜୟଲାଭ କରିଥିଲେ:**

- ଯୀଶୁ ମନୁଷ୍ୟମାନଙ୍କଠାରୁ ମନ୍ଦାତ୍ମା ବାହାର କରି ଅନେକ ଘୁଷୁରି ମଧ୍ୟକୁ ପଠାଇଥିଲେ, **ମାଥି** ୮:୨୮–**୩୪; ମାଥି ୧୨:୨୨–୩୨ ।**
- ଶେଷ ଦିନରେ ଖ୍ରୀଷ୍ଟ ଶୟତାନକୁ ବିନାଶ କରି ଚିରକାଳ ରାଜତ୍ୱ କରିବେ, **ପ୍ରକା ୧୨ ପ୍ରକା ୨୦:୧–୧୦ ।**

**(ଆମର ପ୍ରତ୍ୟୁତ୍ତର) ସମସ୍ତ କଳାଯାଦୁ ପରିତ୍ୟାଗ କରି ମନ୍ଦାତ୍ମା ପ୍ରପୀଡ଼ିତ ଲୋକର ସୁସ୍ଥତା ପାଇଁ ଯୀଶୁଙ୍କ ନାମରେ ପ୍ରାର୍ଥନା କରନ୍ତୁ (ଗାଲା ୫:୧୯–୨୧ ଲୂକ ୧୦:୯) ।**

**୪–୨୫ ଅଗ୍ନି ମଧ୍ୟରେ ପରୀକ୍ଷିତ** (ସମ୍ପର୍କ : *ସ୍ୱର୍ଗୀୟ ଭଣ୍ଡାର, ସ୍ୱର୍ଗ*)

(ପୁରାତନ ନିୟମ) **ଈଶ୍ୱର ଆପଣା ପବିତ୍ର ସ୍ଥାନକୁ ଯୁଦ୍ଧକ୍ଷେତ୍ର କରିବାକୁ ନିଷେଧ କରିଅଛନ୍ତି ହୀରା ଓ ବହୁମୂଲ୍ୟ ଧାତୁ ଅଗ୍ନିରେ ପରୀକ୍ଷିତ ହୋଇଥା'ନ୍ତି :** ଗଣନା ୩୧ ।

(ନୂତନ ନିୟମ) **ଈଶ୍ୱର ଆମକୁ ସତର୍କ କରାଇ ଦେଇଅଛନ୍ତି ଯେ, ଆମେ ସ୍ୱର୍ଗକୁ ନିଷେଧ ବିଷୟ ନେଇପାରିବା ନାହିଁ – ଆମର କାର୍ଯ୍ୟଗୁଡ଼ିକ ଅଗ୍ନି ଦ୍ୱାରା ପରୀକ୍ଷିତ ହେବ :** ୧ମ କରି ୩:୧୦–୧୫ ।

- ମୂର୍ଖ ଧନୀର ଦୃଷ୍ଟାନ୍ତ ମାଧ୍ୟମରେ ଈଶ୍ୱର ଆମକୁ ଲୋଭ ବିରୁଦ୍ଧରେ ବା ଧନୀ ହେବା ପାଇଁ ପ୍ରାଣପଣ କରିବା ବିରୁଦ୍ଧରେ ସତର୍କ କରାଇ ଦେଇଅଛନ୍ତି, **ଲୂକ ୧୨:୧୪–୩୧ ।**

**(ଆମର ପ୍ରତ୍ୟୁତ୍ତର) ପୃଥିବୀ ଅପେକ୍ଷା ସ୍ୱର୍ଗରେ ଧନ ସଞ୍ଚୟ କରନ୍ତୁ (ମାଥି ୬:୧୯–୨୧) ।**

**୪–୨୬ ବିଲିୟମଙ୍କର ଅନିଚ୍ଛା ଆଶୀର୍ବାଦ** (ସମ୍ପର୍କ : *ବିଲିୟମ, ଲୋଭ, ଅର୍ଥଲିପ୍‌ସା, ବସ୍ତୁବାଦ, ଐଶ୍ୱର୍ଯ୍ୟ*)

(ପୁରାତନ ନିୟମ) **କେହି କେହି ଈଶ୍ୱରଙ୍କ ସେବା କରିବା ପାଇଁ ସେମାନଙ୍କ ଧନ ବ୍ୟବହାର କରିଥା'ନ୍ତି, ଅନ୍ୟମାନେ ଲୋଭ କରି ଭୁଲ କରିଥା'ନ୍ତି ବା ସ୍ୱାର୍ଥପର ଭାବରେ ଏହାକୁ ବ୍ୟବହାର କରିଥିଲେ:**

- ଇସ୍ରାଏଲକୁ ଅଭିଶାପ ଦେବା ପାଇଁ ବାଲାକ ବିଲିୟମଙ୍କୁ ମୂଲ୍ୟ ଦେଇଥିଲେ। ଈଶ୍ୱର ବଳପୂର୍ବକ ଗଧ ଓ ଅନ୍ୟାନ୍ୟ ବିଷୟ ବ୍ୟବହାର କରି ତାଙ୍କୁ ସେମାନଙ୍କୁ ଆଶୀର୍ବାଦ କରିବା ପାଇଁ ଦେଇଥିଲେ, **ଗଣନା ୨୨–୨୪ ।**
- ଧନୀ ନାବଲ ସ୍ୱାର୍ଥପର ଭାବରେ ଦାଉଦଙ୍କ କ୍ଷୁଧିତ ସୈନ୍ୟମାନଙ୍କୁ ଖାଦ୍ୟ ଦେବାକୁ ପ୍ରତ୍ୟାଖ୍ୟାନ କରିଲେ ମଧ୍ୟ ଈଶ୍ୱର ପରିସ୍ଥିତିକୁ ପରିବର୍ତ୍ତନ କରିଥିଲେ, **୧ମ ଶାମୁୟେଲ ୨୫ ।**
- ହିଜକିୟ ରାଜା ବାବିଲର ଦୂତଙ୍କୁ ତାଙ୍କର ରାଜକୀୟ ଐଶ୍ୱର୍ଯ୍ୟ ଦେଖାଇ ସେଗୁଡ଼ିକ ହରାଇଥିଲେ ! **୨ୟ ରାଜାବଳି ୨୦:୧୨–୧୯ ।**
- ରାଜା ଶଲୋମନଙ୍କ ପ୍ରଚୁର ସମ୍ପତ୍ତି, ଅନେକ ସ୍ତ୍ରୀ ଓ ସେ ଅନେକ ପ୍ରକାର ଆନନ୍ଦ ଉପଭୋଗ କଲେ ମଧ୍ୟ ଏସବୁକୁ ନିରର୍ଥକ ବୋଲି ଜାଣିଲେ, **ଉପଦେଶକ ୨:୧–୧୧ ।**

(ନୂତନ ନିୟମ) **ନରକରେ ପଡ଼ିଥିବା ଧନୀ ଲୋକଟିର ଦୃଷ୍ଟାନ୍ତ ଦେଇ ଯୀଶୁ ଧନ ସଞ୍ଚୟ କରିବା ବିଷୟରେ ସତର୍କ କରାନ୍ତି,** ଲୂକ ୧୬:୧୯–୩୧ ।

**(ଆମର ପ୍ରତ୍ୟୁତ୍ତର) ଯେଉଁ ବିଶ୍ୱାସୀମାନଙ୍କ ଧନ ଅଛି, ବା ଯେଉଁମାନେ ଏହା ପାଇବାକୁ ଅଭିଳାଷ କରନ୍ତି, ସେମାନେ ଈଶ୍ୱରଙ୍କ ଏହି ସତର୍କବାଣୀରେ ମନୋଯୋଗ କରନ୍ତୁ ଯେ, ଏହା ଆମର କଷ୍ଟର କାରଣ ହେବ (ଯାକୁବ ୫:୧–୬) ।**

# ଇସ୍ରାଏଲର ବିଚାର ସମୟର ଘଟଣାବଳୀ ଓ ପରବର୍ତ୍ତୀ ସାମ୍ୟ ଘଟଣାବଳୀ

## ୪–୨୭ ଯିହୋଶୂୟ ପ୍ରତିଜ୍ଞାତ ଦେଶରେ ରାଜତ୍ୱ କରନ୍ତି (ସମ୍ପର୍କ : *ଯୁଦ୍ଧ, ମଣ୍ଡଳୀ ପ୍ରତିଷ୍ଠା, ମିଶନାରୀଗଣ*)

(ପୁରାତନ ନିୟମ) **ଯିହୋଶୂୟ ଈଶ୍ୱରଙ୍କ ପାଇଁ ଯୁଦ୍ଧରେ ପ୍ରତିଜ୍ଞାତ ଦେଶ ଅକ୍ତିଆର କରିଥିବା ବିଜାତୀୟ ଜାତିଗୁଡ଼ିକ ଉପରେ ବିଜୟ ଲାଭ କରିଥିଲେ:**

- ଈଶ୍ୱର ଯିହୋଶୂୟଙ୍କୁ ସାହସୀ ହୋଇ ପ୍ରତିଜ୍ଞାତ ଦେଶରୁ ପ୍ରତିମାପୂଜକ ଜାତିଗୁଡ଼ିକୁ ବାହାର କରିଦେବାକୁ କହିଥିଲେ, **ଯିହୋଶୂୟ ୧:୧–୧୧।**
- ବିଜାତୀୟ ସହର ଯିରୀହୋର ପତନ, **ଯିହୋଶୂୟ ୬।**
- ପ୍ରତାରକମାନେ ପ୍ରତିମା ପୂଜା କରିବାରୁ ଈଶ୍ୱର ଯିହୋଶୂୟଙ୍କ ସୈନ୍ୟମାନଙ୍କୁ ସାମୟିକ ପରାଜୟ ଭୋଗ କରିବାକୁ ଦେଇଥିଲେ, **ଯିହୋଶୂୟ ୭–୮।**
- ଦେଶଟି ଜୟ କରିବା ପାଇଁ ଯିହୋଶୂୟ ସୈନିକ ଶିବିରରେ ଅନେକ ବଳଶାଳୀ ରାଜାଙ୍କୁ ପରାସ୍ତ କରିଥିଲେ, **ଯିହୋଶୂୟ ୯–୧୧।**

(ନୂତନ ନିୟମ) **ପ୍ରେରିତମାନେ ଈଶ୍ୱରଙ୍କ ପାଇଁ ଜଗତର ବିଜାତୀୟ ଦେଶରେ ସୁସମାଚାର ପ୍ରଚାର କରିବା ସମୟରେ ଶୟତାନକୁ ପରାସ୍ତ କରନ୍ତି:**

- ଆନ୍ତିୟଖିଆର ମଣ୍ଡଳୀ ପ୍ରଥମେ ଦୀର୍ଘସ୍ଥାୟୀ ମିଶନାରୀଗଣ ପ୍ରେରଣ କରିବାକୁ ଦୃଢ଼ମନା ହୋଇ ତାହା କରନ୍ତି, **ପ୍ରେରିତ ୧୩:୧–୩।**
- ପାଉଲ ଓ ବର୍ଣ୍ଣବ୍ବା ଦୀର୍ଘ ମିଶନାରୀ ଯାତ୍ରା କରି ଦୂର ଦେଶ ଓ ଭିନ୍ନ ସଂସ୍କୃତିର ଲୋକମାନଙ୍କ ନିକଟକୁ ଯାଆନ୍ତି, **ପ୍ରେରିତ ୧୩–୧୪; ପ୍ରେରିତ ୧୬–୨୧।**
- ବନ୍ଦୀ ହେବାକୁ ଥିଲେ ମଧ୍ୟ ପାଉଲ ଯିହୁଦୀ ନେତା ଓ ଜାଗତିକ ଶାସନକର୍ତ୍ତା ଫେଷ୍ଟସ୍ ଓ ଆଗ୍ରିପାଙ୍କୁ ଯୀଶୁଙ୍କ ବିଷୟ ଘୋଷଣା କରନ୍ତି, ପ୍ରେରିତ ୨୦–୨୬।

**(ଆମର ପ୍ରତ୍ୟୁତ୍ତର) ଈଶ୍ୱର ଯେଉଁ ଅବହେଳିତ କ୍ଷେତ୍ରରେ ଆପଣମାନଙ୍କୁ ଅନ୍ୱେଷୀ ଦିଅନ୍ତି; ସେଠାକୁ ପ୍ରେରିତମାନଙ୍କୁ ପ୍ରେରଣ କରନ୍ତୁ (ଏଫି ୪:୧୧–୧୨; ପ୍ରେରିତ ୧:୮)।**

- ଈଶ୍ୱରଙ୍କ ରାଜ୍ୟ ପୃଥିବୀର ସର୍ବତ୍ର ବ୍ୟାପିଯିବା ବେଳେ ଆଜିର ପ୍ରେରିତଗଣ ଶୟତାନକୁ ପ୍ରତିହତ କରିଥା'ନ୍ତି (ପ୍ରକା ୧୫:୪)।
- ସାହସର ସହିତ ଈଶ୍ୱରଙ୍କ ଶତ୍ରୁମାନଙ୍କ ସମ୍ମୁଖୀନ ହୁଅନ୍ତୁ, ଓ ଏହା ଦ୍ୱାରା ଯେଉଁ ଦୁଃଖ ଆସିଥାଏ ତାହା ସହ୍ୟ କରନ୍ତୁ (ମାଥି ୧୦:୧୬–୪୨)।

## ୪–୨୮ ଇସ୍ରାଏଲର ପରମେଶ୍ୱରଙ୍କ ଦ୍ୱାରା ବିଜାତୀୟମାନେ ଆଶୀର୍ବାଦପ୍ରାପ୍ତ ହୋଇଥିଲେ (ସମ୍ପର୍କ : *ରାହବ, ବିଜାତୀୟମାନଙ୍କୁ ଈଶ୍ୱରଙ୍କ ରାଜ୍ୟକୁ ନିଆଯାଇଥିଲା, ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସବୁଜାତି ଥାଆନ୍ତି*)

(ପୁରାତନ ନିୟମ) **ପୁରାତନ ନିୟମରେ ଈଶ୍ୱର ଆପଣା ଇସ୍ରାଏଲ ଲୋକମାନଙ୍କ ସହିତ ବିଶ୍ୱସ୍ତ** ବିଜାତୀୟମାନଙ୍କୁ ସମ୍ମିଳିତ କରିଥିଲେ:

- କିଣାନୀୟ ବେଶ୍ୟା ରାହବ ବିଶ୍ୱାସରେ ଈଶ୍ୱରଙ୍କ ଗୁପ୍ତଚରକୁ ଲୁଚାଇଥିଲା, ପୁଣି ଯିରୀହୋ ନଗରର ପତନ ସମୟରେ ଉଦ୍ଧାର ପାଇଥିଲା, **ଯିହୋଶୂୟ ୨; ଯିହୋଶୂୟ ୬:୧୭।**
- ମୋୟାବୀୟ ବିଧବା ରତ ପ୍ରେମରେ ତାଙ୍କ ଶାଶୁ ନୟମୀଙ୍କ ସହିତ ଇସ୍ରାଏଲକୁ ଆସିଥିଲେ ଓ ଈଶ୍ୱରଙ୍କଠାରେ ନିର୍ଭର କରିଥିଲେ। ଉଭୟ ରତ ଓ ରାହବଙ୍କ ବଂଶ ଖ୍ରୀଷ୍ଟଙ୍କୁ ଧାରଣ କରିଥିଲା, ରତ ରାଜା ଦାଉଦଙ୍କ ମାତାମହୀ ଥିଲେ, **ରତ**– ଏକ ସୁନ୍ଦର ପ୍ରେମ କାହାଣୀ।
- ଅରାମର ସେନାଧକ୍ଷ ନାମାନ୍ ଆପଣା ଗର୍ବ ପରିତ୍ୟାଗ କରି ଯର୍ଦ୍ଦନରେ ଗାଧୋଇ ଥିଲେ ଓ ଈଶ୍ୱର ତାଙ୍କୁ କୁଷ୍ଠରୋଗରୁ ସୁସ୍ଥ କରିଥିଲେ, **୨ୟ ରାଜାବଳୀ ୫ ।**

(ନୂତନ ନିୟମ) **ଖ୍ରୀଷ୍ଟଙ୍କ ମଣ୍ଡଳୀସବୁ ଜାତିକୁ ଗ୍ରହଣ କରିଥାଏ:**

- ଯୀଶୁ ସୀଦୋନୀୟ ମହିଳାଙ୍କ ବିଶ୍ୱାସ ପରୀକ୍ଷା କରିବା ପରେ ତାଙ୍କୁ ପୁରସ୍କୃତ କରିଥିଲେ, **ମାଥି ୧୫:୨୧–୨୮।**
- ରୋମୀୟ ଶତସେନାପତିଙ୍କ ବିଶ୍ୱାସ ହେତୁ ଯୀଶୁ ତାଙ୍କର ଦାସଙ୍କୁ ସୁସ୍ଥ କରନ୍ତି, **ଲୂକ ୭:୧–୧୦।**
- ପ୍ରେରିତ ପାଉଲ ଅନେକ ଦେଶକୁ ମିଶନାରୀ ଯାତ୍ରା କରନ୍ତି, **ପ୍ରେରିତ ୧୩–୧୪; ପ୍ରେରିତ ୧୭–୨୦।**

**(ଆମର ପ୍ରତ୍ୟୁତ୍ତର)**

- ଯୀଶୁ ଆମକୁ ସୁସମାଚାର ପ୍ରଚାର କରି ସମସ୍ତ ଜାତିକୁ ଶିଷ୍ୟ କରିବାକୁ ଆଜ୍ଞା ଦେଇଅଛନ୍ତି, **ଲୂକ ୨୪:୪୬–୪୮; ମାଥିଉ ୨୮:୧୮–୨୦।**

**୪–୨୯ ଗିଦିୟୋନ ଦୁର୍ବଳ ସମୟରେ ବଳବାନ ହୁଅନ୍ତି** (ସମ୍ପର୍କ : *ଗିଦିୟୋନ, ଦାଉଦ ଗଲିୟାତକୁ ବଧ କରନ୍ତି, ପିତରଙ୍କ ଅସ୍ୱୀକାର, ଆତ୍ମିକ ଯୁଦ୍ଧ*)

(ପୁରାତନ ନିୟମ) **ପୁରାତନ ନିୟମରେ ଈଶ୍ୱର ବଳବାନଙ୍କୁ ପରାସ୍ତ କରିବା ପାଇଁ ଦୁର୍ବଳଙ୍କୁ ବ୍ୟବହାର କରିଥିଲେ:**
- ଗିଦିୟୋନ ୩୦୦ ସୈନ୍ୟଙ୍କୁ ନେଇ ଈଶ୍ୱରଙ୍କ ଆଶ୍ଚର୍ଯ୍ୟ ନିର୍ଦ୍ଦେଶ ପାଳନ କରି ବଡ଼ ସୈନ୍ୟ ଦଳକୁ ପରାସ୍ତ କରିଥିଲେ, **ବିଚାରକର୍ତ୍ତା ୬–୭ ।**
- ମେଷପାଳକ ବାଳକ ଦାଉଦ ପଲେଷ୍ଟୀୟ ବୀରକୁ ପରାସ୍ତ କରନ୍ତି, **୧ମ ଶାମୁୟେଲ ୧୭ ।**

(ନୂତନ ନିୟମ) **ମହାନ୍ କାଯର୍‌ୟ ସାଧନ କରିବା ପାଇଁ ନୂତନ ନିୟମରେ ଈଶ୍ୱର ଦୁର୍ବଳ ଓ ଦୋଷୀ ବ୍ୟକ୍ତିଙ୍କୁ ବ୍ୟବହାର କରନ୍ତି:**
- ପିତର ଯୀଶୁଙ୍କୁ ଅସ୍ୱୀକାର କରିଥିଲେ, ମାତ୍ର ସେ ପବିତ୍ରଆତ୍ମା ଗ୍ରହଣ କରିବା ପରେ ଈଶ୍ୱର ତାଙ୍କୁ ଶକ୍ତିଯୁକ୍ତ ଭାବରେ ବ୍ୟବହାର କରିଥିଲେ, **ମାଥି ୨୬:୩୧–୩୫, ୬୯–୭୫ ।**

**(ଆମର ପ୍ରତ୍ୟୁତ୍ତର) ଈଶ୍ୱରଙ୍କ ପ୍ରତି ଆମର ପାପ ଓ ଦୁର୍ବଳତା ସ୍ୱୀକାର କରନ୍ତୁ ।**
- ମନୁଷ୍ୟର ଜ୍ଞାନ ଓ ଧନ ଉପରେ ନୁହେଁ, ମାତ୍ର ଈଶ୍ୱରଙ୍କ ଶକ୍ତିରେ ନିର୍ଭର ରଖନ୍ତୁ (୧ମ କରି ୧–୨) ।
- ପାଉଲଙ୍କ ପରି ଶକ୍ତି ପାଇବା ପାଇଁ ପ୍ରାର୍ଥନା କରନ୍ତୁ, ଯେ କହିଥିଲେ, ଖ୍ରୀଷ୍ଟଙ୍କ ଶକ୍ତିରେ ମୁଁ ସବୁକିଛି କରିପାରିବି (ଫିଲିପ୍ପୀ ୪:୧୩) ।
- ଆତ୍ମିକ ସଜ୍ଜା ପରିଧାନ କରି ଓ ଈଶ୍ୱରଦତ୍ତ ଅସ୍ତ୍ର ନେଇ ଆତ୍ମିକ ଯୁଦ୍ଧ କରନ୍ତୁ, (ଏଫି ୬:୧୦–୧୮) ।

**୪–୩୦ ରତ** (ସମ୍ପର୍କ : *ମହିଳା ନେତା, ସମ୍ମାନିତା ମହିଳା*)

(ପୁରାତନ ନିୟମ) **ପୁରାତନ ନିୟମରେ ଈଶ୍ୱର ଆପଣା କାର୍ଯ୍ୟ କରିବା ପାଇଁ ରତ, ଦବୋରା ଓ ଏଷ୍ଟରଙ୍କ ପରି ବିଶ୍ୱସ୍ତ ମହିଳାମାନଙ୍କୁ ସକ୍ଷମ କରିଥିଲେ:**
- ଇସ୍ରାଏଲକୁ ମୁକ୍ତ କରିବା ପାଇଁ ଦବୋରା ଏକ ସାହସୀ ସୈନ୍ୟଦଳକୁ ପରିଚାଳନା କରିଥିଲେ, **ବିଚାରକର୍ତ୍ତା ୪–୫ । ରତ ଓ ଏଷ୍ଟର ବିବରଣୀ** ମଧ୍ୟ ଦେଖନ୍ତୁ ।

(ନୂତନ ନିୟମ) **ନୂତନ ନିୟମରେ ଈଶ୍ୱର ଆପଣା କାର୍ଯ୍ୟ କରିବା ପାଇଁ ବିଶ୍ୱସ୍ତ ମହିଳାମାନଙ୍କୁ ସକ୍ଷମ କରନ୍ତି :**
- ମରିୟମ ପ୍ରଭୁଙ୍କର ସେବା କରିବାକୁ ସମ୍ମତ ହୋଇ ଏକ ଚମତ୍କାର ପ୍ରଶଂସା ଗୀତ ଗାଇଥିଲେ, **ଲୂକ ୧:୨୨–୨୬ ।**
- ପ୍ରିସ୍କିଲା ତାଙ୍କ ସ୍ୱାମୀଙ୍କ ସହ ତମ୍ବୁ ତିଆରି କରି ଅନେକ ମଣ୍ଡଳୀ ଆରମ୍ଭ କରିବାକୁ ସାହାଯ୍ୟ କରିଥିଲେ ଓ ଆପୋଲୋଙ୍କୁ ଉପଦେଶ ଦେଇଥିଲେ, **ପ୍ରେରିତ ୧୮ ।**
- ଦର୍କା ଦରିଦ୍ରମାନଙ୍କ ପାଇଁ ଲୁଗା ତିଆରି କରୁଥିଲେ, **ପ୍ରେରିତ ୯:୩୬–୪୩ ।**

**(ଆମର ପ୍ରତ୍ୟୁତ୍ତର)**
- ମହିଳାମାନଙ୍କୁ ସମ୍ମାନ ଓ ଗୌରବ ଦିଅନ୍ତୁ ଓ ବିଶ୍ୱସ୍ତ ଦୟାଚିତ୍ତ ଦାନୀ ମହିଳାମାନଙ୍କ ପ୍ରଶଂସା କରନ୍ତୁ (ହିତୋ ୩୧:୧୦–୩୧; ଏଫି ୫:୨୧–୩୩) ।
- ଯେଉଁ ଖ୍ରିଷ୍ଟିୟାନ ମହିଳାମାନଙ୍କୁ ଈଶ୍ୱର ସେବାକାର୍ଯ୍ୟ କରିବାକୁ ଦାନ ଦେଇଅଛନ୍ତି, ସେମାନଙ୍କୁ ଉତ୍ସାହିତ କରନ୍ତୁ (ଉଦାହରଣ ସ୍ୱରୂପ, ଫିଲିପଙ୍କ ଝିଅ, ପ୍ରେରିତ ୨୧:୮–୯) ।

**୪–୩୧ ପଲେଷ୍ଟୀୟଗଣ ମହାପବିତ୍ର ସିନ୍ଦୁକ ଅକ୍ତିଆର କରନ୍ତି** (ସମ୍ପର୍କ : *ଦଣ୍ଡ, ଦୁଃଖଭୋଗ, ନିୟମ-ସିନ୍ଦୁକ, ସ୍ତିଫାନ୍, ତାଡ଼ନା, ଶହୀଦ*)

(ପୁରାତନ ନିୟମ) **ଈଶ୍ୱର ମନ୍ଦ ଲୋକମାନଙ୍କୁ, ସେମାନଙ୍କ ଦୁଷ୍ଟ ପିଲାମାନଙ୍କୁ ଦଣ୍ଡ ଦେବାକୁ ଓ ଧାର୍ମିକମାନଙ୍କୁ ଏହି ଜଗତରେ ଦୁଃଖଭୋଗ କରିବାକୁ ଦେଇଥା'ନ୍ତି :**
- **ବିଚାରକର୍ତ୍ତା ପୁସ୍ତକ** ଆମକୁ ଉଦାହରଣ ଦେଇଥାଏ ଯେ, ଈଶ୍ୱରଙ୍କ ଲୋକମାନେ କିପରି ପ୍ରତିମା ପୂଜା ଓ ଅନ୍ୟାନ୍ୟ ପାପ କରିବା ପରେ ଈଶ୍ୱର ବିଜାତୀୟମାନଙ୍କୁ ସେମାନଙ୍କୁ ଆକ୍ରମଣ କରିବାକୁ ଦେଇଥିଲେ । **ସେମାନେ ଅନୁତାପ କରିବା ପରେ, ଈଶ୍ୱର ଜଣେ ମୁକ୍ତିଦାତା ପ୍ରେରଣ କରିଥିଲେ ଓ ସେମାନେ ପୁନର୍ବାର ପାପ କରି ସେହି ଘଟଣାର ପୁନରାବୃତ୍ତି ନ କରିବା ପର୍ଯ୍ୟନ୍ତ ଶାନ୍ତିରେ ବାସ କଲେ ।**
- ଶାମଶୋନଙ୍କ ନୈତିକ ଦୁର୍ବଳତା ଥିଲେ ମଧ୍ୟ, ପ୍ରତିମାପୂଜକ ପଲେଷ୍ଟୀୟମାନଙ୍କ ନିକଟରୁ ଇସ୍ରାଏଲକୁ ମୁକ୍ତ କରିବାକୁ ତାଙ୍କୁ ବ୍ୟବହାର କରିବାକୁ ଈଶ୍ୱରଙ୍କୁ ସୁଯୋଗ ଦେଇଥିଲେ, **ବିଚାରକର୍ତ୍ତା ୧୪–୧୬ ।**
- ପଲେଷ୍ଟୀୟଗଣ ନିୟମ-ସିନ୍ଦୁକ ଅକ୍ତିଆର କରି ତାକୁ ମତ୍ସ୍ୟ ଦେବତା ଡ୍ରାଗନ୍‌ର ମନ୍ଦିରକୁ ଆଣିଥିଲେ । ତୃତୀୟ ଦିନ ଡ୍ରାଗନ୍‌ର ମସ୍ତକ ଚୂର୍ଣ୍ଣ ହୋଇଥିଲା, ତାହା ଯୀଶୁ ଶୟତାନର ପୁରୁଣା ମୃତ୍ୟୁ ରାଜ୍ୟ ସମୟରେ ଯେପରି ତା'ର ମସ୍ତକ ଚୂର୍ଣ୍ଣ କରି ତୃତୀୟ ଦିବସରେ ପୁନରୁତ୍ଥିତ ହୋଇ ବନ୍ଦୀମାନଙ୍କୁ ମୁକ୍ତ କରିଥିଲେ, ସେପରି ଅଟେ । ପୁନରୁତ୍ଥିତ ହେବା ପରେ ବିଜୟୀ ଖ୍ରୀଷ୍ଟ ଯେପରି ଆପଣା ଶିଷ୍ୟମାନଙ୍କୁ ଦେଖା ଦେଇଥିଲେ ଓ ଗୌରବରେ ସ୍ୱର୍ଗାରୋହଣ କରିଥିଲେ, ସେପରି କୌଣସି ମନୁଷ୍ୟର ଚାଳନା ବିନା ଗାଭୀଗୁଡ଼ିକ ଇସ୍ରାଏଲକୁ ସିନ୍ଦୁକ ନେଇଆସିଥିଲେ, **୧ମ ଶାମୁ ୪–୬ ।**

- ଆୟୁବ ଜଣେ ଧାର୍ମିକ ବ୍ୟକ୍ତି ଥିଲେ ଓ ବହୁତ ଦୁଃଖଭୋଗ କରିଥିଲେ। ସେ ଈଶ୍ୱରଙ୍କୁ ପ୍ରଶ୍ନ କରିଥିଲେ ମଧ୍ୟ କେବେ ତାଙ୍କଠାରୁ ବିମୁଖ ହୋଇ ନ ଥିଲେ, **ଆୟୁବ ୧–୪୨।** (ଏହା ଏକ ବଡ଼ କାହାଣୀ ଓ ଏହାକୁ ସଂକ୍ଷିପ୍ତ କରିବା ବା ବିଭକ୍ତ କରିବା ଆବଶ୍ୟକ। ଏହାର ମୁଖ୍ୟ ଅଧ୍ୟାୟ ହେଉଛି ଆୟୁବ ୧–୪ ଓ ୪୦–୪୨)।

(ନୂତନ ନିୟମ) **ଈଶ୍ୱର ଆମକୁ ଦୁଃଖଭୋଗ କରିବାକୁ ଦିଅନ୍ତି, ଯେପରି ଆମେ ପରେ ତାହାଙ୍କ ଗୌରବର ଅଂଶୀ ହୋଇପାରିବା ଓ ସେ ଯେପରି ତାହାଙ୍କ ପିଲାମାନଙ୍କୁ ଆକ୍ରମଣ କରୁଥିବା ଲୋକମାନଙ୍କୁ ଦଣ୍ଡ ଦେବେ :**

- ରାଜା ହେରୋଦ ବାପ୍ତିଜକ ଯୋହନଙ୍କ ମସ୍ତକ ଛିନ୍ନ କରିଥିଲେ ଓ ଯାକୁବ ଓ ଅନ୍ୟମାନଙ୍କୁ ଶୂଳୀ ଦେଇଥିଲେ, ମାତ୍ର ପରେ କୀଟଗୁଡ଼ିକ ତାଙ୍କୁ ଖାଇ ଦେଇଥିଲେ, **ପ୍ରେରିତ ୧୨।**
- ଯିରୂଶାଲମରେ ଅବିଶ୍ୱାସୀ ଯିହୁଦୀଗଣ ସ୍ତିଫାନ୍‌ଙ୍କୁ ପଥର ଫୋପାଡ଼ି ବଧ କରିଥିଲେ ଓ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରିଥିଲେ। ଫଳରେ ସେମାନେ ଛିନ୍ନଭିନ୍ନ ହୋଇ ଅନେକ ସ୍ଥାନରେ ସୁସମାଚାର ପ୍ରଚାର କରି ଅନେକଙ୍କ ଆଶୀର୍ବାଦର କାରଣ ହୋଇଥିଲେ, **ପ୍ରେରିତ ୭–୮।**
- ପ୍ରେରିତ ପାଉଲଙ୍କୁ ଯିହୁଦୀମାନଙ୍କ ଦ୍ୱାରା ପ୍ରହାରିତ ଓ ପ୍ରସ୍ତରାଘାତ କରାଯାଇଥିଲା ଓ ସେ ଲୁଣ୍ଠିତ ହୋଇଥିଲେ ଓ ତାଙ୍କ ଜାହାଜ ଭାଙ୍ଗି ଯାଇଥିଲା, **୨ୟ କରି ୧୧:୨୨–୩୩; ପ୍ରେରିତ ୨୭–୨୮।**

**(ଆମର ପ୍ରତ୍ୟୁତ୍ତର) ଆମେ ଯେତେବେଳେ ଖ୍ରୀଷ୍ଟଙ୍କ ପାଇଁ ଦୁଃଖଭୋଗ କରୁ, ସେତେବେଳେ ଆନନ୍ଦ କରିବା ଉଚିତ୍, କାରଣ ଆମେ ମହାଗୌରବରେ ପୁରସ୍କାର ପ୍ରାପ୍ତ ହେବା (୧ମ ପିତର ୪:୧୨–୧୯)।**

- ଆମେ ଜଗତରେ ଦୁଃଖଭୋଗ କରିଥାଉ, କାରଣ ଏହା ଖ୍ରୀଷ୍ଟଙ୍କୁ ଘୃଣା କରିଥିଲା ଓ ଆମକୁ ଘୃଣା କରେ, କିନ୍ତୁ ଆମେ ପୁରସ୍କୃତ ହେବା (ଯୋହନ ୧୫:୧୮–୨୭; ରୋମୀ ୮:୧୭–୩୯)।
- ଯୀଶୁ ଆପଣଙ୍କୁ ଯେଉଁ କ୍ରୁଶ ବହନ କରିବାକୁ ଦିଅନ୍ତି, ତାହା ବହନ କରନ୍ତୁ (ଲୂକ ୯:୨୨–୨୬)।

## ଇସ୍ରାଏଲର ରାଜାମାନଙ୍କ ସମୟର ଘଟଣାବଳୀ ଓ ପରବର୍ତ୍ତୀ ସମତୁଲ୍ୟ ଘଟଣାବଳୀ

**୪–୩୨ ଈଶ୍ୱର ଇସ୍ରାଏଲର ନେତାମାନଙ୍କୁ ପ୍ରସ୍ତୁତ କରନ୍ତି** (ସମ୍ପର୍କ : *ଶାମୁୟେଲ, ହାନ୍ନା, ଏଲୀ, ରାଜା ଶାଉଲ, ଯିଶାଇୟ, ପ୍ରେରିତମାନଙ୍କ ପ୍ରସ୍ତୁତି*)

**(ପୁରାତନ ନିୟମ) ଯୋଷେଫ, ମୋଶା ଓ ଦାନିୟେଲଙ୍କ ପରି ଲୋକମାନଙ୍କୁ ନେଇ ଈଶ୍ୱର ଭିନ୍ନ ଭିନ୍ନ ଉପାୟରେ ଆପଣା ଭାବବାଦୀ ଓ ନେତାମାନଙ୍କୁ ପ୍ରସ୍ତୁତ କରିଥିଲେ:**

- ହାନ୍ନା ଈଶ୍ୱରଙ୍କ ସେବା କରିବା ପାଇଁ ମହାଯାଜକ ଏଲୀଙ୍କୁ ତାଙ୍କ ସନ୍ତାନ ଶାମୁୟେଲଙ୍କୁ ଦାନ କରିଥିଲେ, ଶାମୁୟେଲ ଏଲୀଙ୍କୁ ଏକ ଆଶ୍ଚର୍ଯ୍ୟ ବାର୍ତ୍ତା ଦେଇଥିଲେ, **୧ମ ଶାମୁ ୧–୩।**
- ଇସ୍ରାଏଲୀୟଗଣ ଶାମୁୟେଲଙ୍କୁ ଜଣେ ରାଜାଙ୍କୁ ଅଭିଷେକ କରିବାକୁ ଅନୁରୋଧ କଲେ, ପୁଣି ସେ ସେମାନଙ୍କୁ ତା'ର ଫଳାଫଳ ବିଷୟରେ ସତର୍କ କରିବା ପରେ ମଧ୍ୟ ସେମାନେ ଜୋର କରିବାରୁ ଲୋକମାନଙ୍କ ଖୁସି ନିମନ୍ତେ ସେ ଜଣେ ବଳିଷ୍ଠ ଯୋଦ୍ଧା ଶାଉଲଙ୍କୁ ଅଭିଷେକ କରିଥିଲେ, **୧ମ ଶାମୁ ୮–୧୦।**
- ଶାଉଲ ଉତ୍ତମ ଶାସନ କଲେ, ଇସ୍ରାଏଲର ଅନେକ ଶତ୍ରୁଙ୍କୁ ପରାସ୍ତ କଲେ, ତା'ପରେ କେତେକ ଗୁରୁତର ଭୁଲ କରିଥିଲେ, **୧ମ ଶାମୁ ୧୧–୧୫।**
- ଜଣେ ଉତ୍ତମ ମେଷପାଳକ ରୂପେ ଦାଉଦ ମୋଶାଙ୍କ ପରି ତାଙ୍କ ପିତା ଯିଶୀଙ୍କ ମେଷଗୁଡ଼ିକୁ ଚରାଉଥିଲେ, **୧ମ ଶାମୁ ୧୬; ୧ମ ଶାମୁ ୧୭:୩୩–୩୭।**
- ଦାଉଦ ଜଣେ ବଳିଷ୍ଠ ଯୋଦ୍ଧା ହୋଇଥିଲେ, ମାତ୍ର ରାଜା ଶାଉଲ ତାଙ୍କ ପ୍ରତି ଈର୍ଷାନ୍ୱିତ ହୋଇ ତାଙ୍କୁ ପଳାୟନ କରି ଲୁଚିବାକୁ ବାଧ୍ୟ କରିଥିଲେ। ଏହା ଦ୍ୱାର ଈଶ୍ୱର ଦାଉଦଙ୍କୁ ତାହାଙ୍କ ଉପରେ ନିର୍ଭର କରିବା ପାଇଁ ଶିକ୍ଷା ଦେଇଥିଲେ (ତାଙ୍କର ଅନେକ ଗୀତରେ ଏ ବିଷୟ ଉଲ୍ଲେଖ ଅଛି), **୧ମ ଶାମୁ ୧୮–୩୧।** ଏହି ପର୍ବରେ ଅନେକ ଯୁଦ୍ଧ ଘଟଣା ବର୍ଣ୍ଣନା କରାଯାଇଛି।
- ଯିଶାଇୟ ପ୍ରଭୁଙ୍କ ମନ୍ଦିରରେ ପ୍ରଭୁଙ୍କ ବିଷୟରେ ଏକ ଭୟଙ୍କର ଦର୍ଶନ ଦେଖି ନିଜକୁ ଏତେ ପାପୀ ବୋଲି ଅନୁଭବ କଲେ ଯେ, ପଡ଼ିଯାଇଥିଲେ, **ଯିଶାଇୟ ୬।**
- ଯିରିମିୟ ଅନେକ ଦୁଃଖଭୋଗ କରିଥିଲେ, ଏପରିକି ସେ ଯେତେବେଳେ ଯିରୂଶାଲମର ପତନ ବିଷୟରେ ଭାବବାଣୀ କରିଥିଲେ ସେତେବେଳେ ତାଙ୍କୁ ଗାତରେ ପକାଇ ଦିଆଯାଇଥିଲା, **ଯିରି ୩୮।**

**(ନୂତନ ନିୟମ) ନୂତନ ନିୟମରେ ଈଶ୍ୱର ଆପଣା ନେତାମାନଙ୍କୁ ପ୍ରସ୍ତୁତ କରନ୍ତି :**

- ପିତର ଓ ଅନ୍ୟ ଏଗାର ଜଣ ଶିଷ୍ୟ ଗୁରୁ ଯୀଶୁଙ୍କ ସହିତ ବାସ କରିଥିଲେ, **ମାର୍କ ୩:୧୩–୧୯।**
- ପ୍ରେରିତ ପାଉଲ ଅନେକ ଦୁଃଖଭୋଗ କରିଥିଲେ ଓ ନିଜର ପ୍ରେରିତିକ କ୍ରିୟା ଆରମ୍ଭ କରିବା ପୂର୍ବରୁ ଆରବୀୟାରେ ସମୟ କାଟିଥିଲେ, **ଗାଲା ୧:୧୧–୨୪।**

**(ଆମର ପ୍ରତ୍ୟୁତ୍ତର) ପ୍ରଭୁଙ୍କ ସେବା କରିବା ପାଇଁ ଆମେ ପ୍ରସ୍ତୁତ ହୋଇଥାଉ, ଏପରିକି ବଳିଦାନ ମଧ୍ୟ କରିଥାଉ:**

- ମୋଶା ତାଙ୍କ ଲୋକମାନଙ୍କ ସେବା କରିବା ପାଇଁ ମିସରର ରାଜପ୍ରାସାଦ ପରିତ୍ୟାଗ କରି ଲଜ୍ଜିତ ହୋଇଥିଲେ (ଏବ୍ରୀ ୧୧:୨୪–୨୮)।
- ଆପଣମାନେ ବର୍ତ୍ତମାନ ଯେପରି କରୁଅଛନ୍ତି ଓ ଆପଣଙ୍କ ପରିବାର, ଆପଣଙ୍କ ଲୋକ ଓ ଆପଣଙ୍କ ନେତାଗଣଙ୍କୁ ଶିକ୍ଷା ଦେଉଛନ୍ତି, ସେହିପରି ଏହି ପ୍ରସ୍ତୁତିରେ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ ସନ୍ନିବେଶିତ ହୋଇଥାଏ (୨ୟ ତୀମ ୨:୨)।

## ୪–୩୩ ଇସ୍ରାଏଲର ଉତ୍ତମ ରାଜାଗଣ (ସମ୍ପର୍କ : *ଦାଉଦଙ୍କ ଉତ୍ତମ ରାଜତ୍ୱ, ଶଲୋମନ, ଆଜ୍ଞାବହ, ଶାସକଗଣ, ଉତ୍ତମ, ଶୀବାର ରାଣୀ, ଇସ୍ରାଏଲର ରାଜା, ପ୍ରାଚୀନଗଣ*)

(ପୁରାତନ ନିୟମ) **ଈଶ୍ୱରଙ୍କ ଲୋକମାନେ ଯେତେବେଳେ ପ୍ରତିମା ପୂଜା ପରିତ୍ୟାଗ କରି ତାହାଙ୍କ ଆଜ୍ଞାବହ ହେଲେ, ସେତେବେଳେ ସେ ଦାଉଦ ଓ ତାଙ୍କ ପୁତ୍ର ଶଲୋମନଙ୍କ ପରି ଉତ୍ତମ ନେତାମାନଙ୍କୁ ସେମାନଙ୍କ ଉପରେ ଶାସନ କରିବାକୁ ଦେଇଥିଲେ, ମାତ୍ର ସେମାନେ ଯେତେବେଳେ ପ୍ରତିମା ପୂଜା କରୁଥିଲେ, ସେତେବେଳେ ସେ ମନ୍ଦ ରାଜାମାନଙ୍କୁ କଠୋର ଭାବରେ ରାଜତ୍ୱ କରିବାକୁ ଦେଇଥିଲେ।**
**ଅଧିକାଂଶ ରାଜା ମନ୍ଦ ଥିଲେ।**

- ଶଲୋମନ ଈଶ୍ୱରଙ୍କୁ ଜ୍ଞାନ ଭିକ୍ଷା କରି ତାଙ୍କ ରାଜତ୍ୱ ଆରମ୍ଭ କରିଥିଲେ। ତାଙ୍କର ଜ୍ଞାନପୂର୍ଣ୍ଣ ସିଦ୍ଧାନ୍ତ ଦୂରଦୂରାନ୍ତ ଲୋକମାନଙ୍କୁ ଆକର୍ଷିତ କରୁଥିଲା, **୧ମ ରାଜାବଳୀ ୩; ୪:୨୧–୩୪।**
- ଶଲୋମନ ଈଶ୍ୱରଙ୍କ ମନ୍ଦିର ନିର୍ମାଣ କରିଥିଲେ ଓ ମହାଆଡ଼ମ୍ବର ଓ ଉତ୍ସବରେ ନିୟମ–ସିନ୍ଦୁକ ଆଣିଥିଲେ, **୧ମ ରାଜାବଳୀ ୮।**
- ଶୀବାର ରାଣୀ ଶଲୋମନଙ୍କ ଗୌରବ ଦେଖିବା ପାଇଁ ଦୂରରୁ ଆସି ତାଙ୍କ ଜ୍ଞାନ ଓ ଐଶ୍ୱର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ, **୧ମ ରାଜାବଳି ୧୦:୧–୧୩।**
- ଶଲୋମନଙ୍କ ରାଜତ୍ୱ ଅଧୀନରେ ଇସ୍ରାଏଲ ପ୍ରଚୁର ଐଶ୍ୱର୍ଯ୍ୟ ଉପଭୋଗ କରୁଥିଲେ, **୧ମ ରାଜାବଳୀ ୧୦:୨୨–୨୯।**
- ଯିହୋଶାଫଟ୍ ସମସ୍ତ ପ୍ରତିମା କାଢ଼ି ପକାଇଲେ ଓ ସମଗ୍ର ଇସ୍ରାଏଲକୁ ଈଶ୍ୱରଙ୍କ ବ୍ୟବସ୍ଥା ଶିକ୍ଷା ଦେଇଥିଲେ, **୨ୟ ବଂଶାବଳୀ ୧୭–୧୮।**
- ବାଳକ ରାଜା ଯୋଶିୟ ତାଙ୍କ ଉପଦେଷ୍ଟାମାନଙ୍କ କଥାରେ ଇସ୍ରାଏଲରେ ଆତ୍ମିକ ନୂତନୀକରଣ ଆଣିଥିଲେ, **୨ୟ ରାଜାବଳୀ ୨୨–୨୩।**
- ରାଜା ଉଜିୟ ଓ ଆସାଙ୍କ ପରି ହିଜକିୟ ଯିହୁଦାକୁ ଆଣିଥିଲେ, **୨ୟ ବଂଶା ୨୯–୩୨।**

(ନୂତନ ନିୟମ) **ଉତ୍ତମ ନେତାଗଣ ଯେତେବେଳେ ଈଶ୍ୱରଙ୍କ ବାକ୍ୟ ପାଳନ କରନ୍ତି ଓ ପବିତ୍ରଆତ୍ମାଙ୍କ ପରିଚାଳନାରେ ଚାଲନ୍ତି ସେତେବେଳେ ସେ ତାହାଙ୍କ ଉପାସନା ମଣ୍ଡଳୀରେ ସେମାନଙ୍କୁ ସେବା କରିବାକୁ ଦେଇଥାଆନ୍ତି:**

- ପାଉଲ ତାଙ୍କ ଛାତ୍ର ତିତସଙ୍କୁ କ୍ରୀତୀର ନୂତନ ମଣ୍ଡଳୀଗୁଡ଼ିକରେ ପାଳକତ୍ୱ କରିବା ପାଇଁ ଉପଯୁକ୍ତ ପ୍ରାଚୀନମାନଙ୍କୁ ନିଯୁକ୍ତ କରିବା ପାଇଁ କହନ୍ତି, **ତିତସ ୧:୫–୯।**

## ୪–୩୪ ଇସ୍ରାଏଲର ଭାବବାଦୀଗଣ (ସମ୍ପର୍କ : *ସତର୍କ କରିବା, ଏଲିୟ, ଆହାବ, ବାଲ୍, ଅନୁତାପ, ଭଣ୍ଡ ନେତାଗଣ*)

(ପୁରାତନ ନିୟମ) **ମନ୍ଦ ରାଜା ଓ ଲୋକମାନଙ୍କୁ ଅନୁତାପ କରିବା ପାଇଁ ଈଶ୍ୱର ଆପଣା ଭାବବାଦୀମାନଙ୍କୁ ପ୍ରେରଣ କରିଥିଲେ :**

- ଶଲୋମନଙ୍କ ନିର୍ବୋଧ ପୁତ୍ର ରିହବିୟାମ ଲୋକମାନଙ୍କ କଷ୍ଟ ଦୂର କରିବାକୁ ପ୍ରତ୍ୟାଖ୍ୟାନ କରିବାରୁ ଯାରବିୟାମ ଓ ଉତ୍ତର ଦିଗର ଜାତିଗୁଡ଼ିକୁ ଭିନ୍ନ ହେବାକୁ ଦେଇଥିଲା, ରାଜ୍ୟକୁ ଉତ୍ତରରେ ଇସ୍ରାଏଲ ଓ ଦକ୍ଷିଣରେ ଯିହୁଦାରେ ବିଭକ୍ତ କରିଥିଲା , **୧ମ ରାଜାବଳୀ ୧୨।**
- ଉତ୍ତରରେ ଥିବା ଇସ୍ରାଏଲର ପ୍ରଥମ ରାଜା ଯାରବିୟାମ ଭାବବାଦୀମାନଙ୍କ ସତର୍କବାଣୀକୁ ଉପେକ୍ଷା କରି ଭୟଙ୍କର ପ୍ରତିମା ପୂଜା କରନ୍ତି, **୧ମ ରାଜାବଳି ୧୩।**
- ଅନେକ ରାଜା ଯାରବିୟାମଙ୍କ ମନ୍ଦ ଉଦାହରଣ ଅନୁସରଣ କରନ୍ତି। ଆହାବ ପ୍ରାୟ ସମସ୍ତ ଇସ୍ରାଏଲଙ୍କୁ ମୂର୍ତ୍ତିପୂଜା କରିବାକୁ ଅନୁମତି ଦିଅନ୍ତି, ମାତ୍ର ଏଲିୟ ଭାବବାଦୀ ଆଶ୍ଚର୍ଯ୍ୟ କର୍ମ କରି ଦେଖାନ୍ତି ଯେ, ଈଶ୍ୱର ଜୀବିତ ଓ ସେ ସମସ୍ତ ନିର୍ଜୀବ ପ୍ରତିମା ଅପେକ୍ଷା ଶକ୍ତିଶାଳୀ। ଏଲିୟ ଜଣେ ବିଧବାର ପୁତ୍ରକୁ ସୁସ୍ଥ କରନ୍ତି, **୧ମ ରାଜାବଳୀ ୧୭।**
- ଏଲିୟ ବାଲ୍ ଦେବତାର ଭାବବାଦୀମାନଙ୍କୁ ଆହ୍ୱାନ କରି ତାଙ୍କୁ ସାକ୍ଷାତ କରିବାକୁ କହନ୍ତି ଓ ଗୋଟିଏ ପ୍ରତିଯୋଗିତା କରିବା ପାଇଁ ଆହାବଙ୍କୁ କର୍ମିଲ ପର୍ବତ ଉପରେ ଆହ୍ୱାନ କରିଥିଲେ, **୧ମ ରାଜାବଳୀ ୧୮।**
  - ➢ ଏଲିୟ ଏକୁଟିଆ ଅଛନ୍ତି ବୋଲି ଅନୁଭବ କରି ନିରୁତ୍ସାହିତ ହୁଅନ୍ତି, ମାତ୍ର ଈଶ୍ୱରଙ୍କ ଦୂତଙ୍କ ଦ୍ୱାରା ପାଳିତ ହୋଇଥିଲେ, **୧ମ ରାଜାବଳୀ ୧୯।**
  - ➢ ଏଲିୟ ଅତି ମନ୍ଦ ରାଜା ଆହାବଙ୍କୁ ଅନୁତାପ କରିବାକୁ ପ୍ରବର୍ତ୍ତାନ୍ତି, **୧ମ ରାଜାବଳୀ ୨୧।**
  - ➢ ଆହାବ ମିଖାଙ୍କ ଭାବବାଣୀକୁ ଅବଜ୍ଞା କରି ନିଜ ପ୍ରତି ଭୟଙ୍କର ମୃତ୍ୟୁ ଆଣିଥିଲେ, **୧ମ ରାଜାବଳୀ ୨୨।**
  - ➢ ଏଲିୟ ଦୁଷ୍ଟ ରାଜା ଅହସିୟଙ୍କ ଦୂତମାନଙ୍କ ଉପରେ ସ୍ୱର୍ଗରୁ ଅଗ୍ନି ଆଣିଥିଲେ, **୨ୟ ରାଜାବଳୀ ୧।**
  - ➢ ଏଲିୟ ଅଗ୍ନି ରଥରେ ସ୍ୱର୍ଗକୁ ନିଆଯା'ନ୍ତି, ମାତ୍ର ପ୍ରଭୁ ତାଙ୍କ ଶିଷ୍ୟ ଇଲୀଶାୟଙ୍କୁ ତାଙ୍କ ଶକ୍ତି ଦିଅନ୍ତି, **୨ୟ ରାଜାବଳୀ ୨।**
  - ➢ ଇଲୀଶାୟ ଇସ୍ରାଏଲ ରାଜା ଯୋରାମଙ୍କୁ ଆଶ୍ଚର୍ଯ୍ୟ ରୂପେ ମୋୟାବୀୟ ସୈନ୍ୟମାନଙ୍କୁ ପରାସ୍ତ କରିବାକୁ ସକ୍ଷମ କରନ୍ତି, **୨ ରାଜାବଳୀ ୩।**

- ➢ ଈଶ୍ୱରଙ୍କ ଶକ୍ତିରେ ଇଲୀଶାୟ ଜଣେ ଦରିଦ୍ର ବିଧବାଙ୍କୁ ତାଙ୍କ ଋଣ ପରିଶୋଧ କରିବାକୁ ଦିଅନ୍ତି, **୨ୟ ରାଜାବଳୀ ୪।**
- ➢ ଈଶ୍ୱରଙ୍କ ଶକ୍ତିରେ ଇଲୀଶାୟ ଅରାମ ସେନାଧକ୍ଷ ନାମାନଙ୍କ କୁଷ୍ଠରୋଗ ସୁସ୍ଥ କରନ୍ତି, **୨ୟ ରାଜାବଳୀ ୫।**
- ➢ ଈଶ୍ୱରଙ୍କ ଶକ୍ତିରେ ଇଲୀଶାୟ ଅରାମର ଆକ୍ରମଣକାରୀ ସୈନ୍ୟଦଳକୁ ପରାଜିତ କରନ୍ତି, **୨ୟ ରାଜାବଳୀ ୬:୨୪–୩୩ ୨ୟ ରାଜାବଳୀ ୮।**

- ଯିରିମିୟ ଈଶ୍ୱରଙ୍କ ଦଣ୍ଡ ଓ ଯିରୂଶାଲମର ପତନ ବିଷୟରେ ଭାବବାଣୀ କହିଲେ ମଧ୍ୟ ରାଜା ତାହା ଅବଜ୍ଞା କରନ୍ତି, **୨ୟ ବଂଶାବଳି ୩୬:୧୧–୨୩; ଯିରି ୩୬।**
- ରାଜାମାନେ ଓ ଲୋକମାନେ ଅଧିକ ମନ୍ଦକାଯର୍‌ୟ କରିବାରୁ ଶେଷରେ ଯିରୂଶାଲମର ପତନ ହୁଏ। ଅନେକେ ବାବିଲକୁ ବନ୍ଦୀ ରୂପେ ନିଆଯା'ନ୍ତି, **୨ୟ ବଂଶାବଳୀ ୩୬।**
- ପ୍ରଥମ ମିଶନାରୀ, ଯୂନସ ଅନ୍ୟ ଜାତି ନିକଟକୁ ପ୍ରେରିତ ହୁଅନ୍ତି। ଈଶ୍ୱର ତାଙ୍କୁ ଆଜ୍ଞାବହ ହେବାକୁ ଶିଖାଇବା ପର୍ଯ୍ୟନ୍ତ ସେ ଈଶ୍ୱରଙ୍କ ଆଜ୍ଞାକୁ ପ୍ରତିରୋଧ କରନ୍ତି, **ଯୂନସ।**

**(ନୂତନ ନିୟମ) ଯୀଶୁ ସମସ୍ତ ଲୋକଙ୍କୁ ଅନୁତାପ କରିବାକୁ କହନ୍ତି ଓ ମନ୍ଦ ନେତାମାନଙ୍କ ବିଷୟରେ ସତର୍କ କରନ୍ତି – ସେମାନେ ଗଧିଆ ପରି ଈଶ୍ୱରଙ୍କ ଲୋକମାନଙ୍କୁ ବିଚଳିତ କରନ୍ତି:**

- ଜଣେ ପାପୀ ଅନୁତାପ କଲେ ସ୍ୱର୍ଗରେ ଆନନ୍ଦ ହୋଇଥାଏ ବୋଲି ଦର୍ଶାଇ ଯୀଶୁ ହଜାମେଷର ଦୃଷ୍ଟାନ୍ତ କହନ୍ତି, **ଲୂକ ୧୫:୧–୧୦।**
- ଅପବ୍ୟୟ ପୁତ୍ରର ଦୃଷ୍ଟାନ୍ତ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହର ଉଦାହରଣ ଦିଅନ୍ତୁ, ଯାହାକି ମନୁଷ୍ୟମାନଙ୍କୁ ଅନୁତାପ କରିବାକୁ ପ୍ରବର୍ତ୍ତାଇଥାଏ, **ଲୂକ ୧୫:୧୧–୩୨।**
- ପିତର ସୁସମାଚାର ଘୋଷଣା କରନ୍ତି ଓ ପେଣ୍ଟିକଷ୍ଟ ଦିନ ଅନେକ ଶ୍ରୋତାଙ୍କୁ ଅନୁତାପ କରିବାକୁ ଆହ୍ୱାନ କରନ୍ତି, **ପ୍ରେରିତ ୨:୧–୪୧।**
- ଯୀଶୁ ବିଶ୍ରାମବାରରେ ଜଣେ ଅନ୍ଧ ଲୋକକୁ ସୁସ୍ଥ କରିବାରୁ ଭଣ୍ଡ ଧର୍ମନେତାଗଣ ସେ ଏହା ବିଶ୍ରାମବାରରେ କରିବାରୁ ବିରକ୍ତ ହୁଅନ୍ତି, **ଯୋହନ ୯।**
- ତର୍ଷିସର ଶାଉଲ ଖ୍ରୀଷ୍ଟିୟାନମାନଙ୍କୁ ବନ୍ଦୀ କରି ହତ୍ୟା କରୁଥିଲେ, ମାତ୍ର ସେ ପରିବର୍ତ୍ତିତ ହୋଇ ପ୍ରେରିତ ପାଉଲରେ ପରିଣତ ହୋଇଥିଲେ, **ପ୍ରେରିତ ୯:୧–୩୧।**
- ଯୀଶୁ ଗଧିଆମାନଙ୍କ ବିଷୟରେ ସତର୍କ କରାଇଦିଅନ୍ତି, ଯେଉଁମାନେ ନିଜକୁ ସମର୍ପିତ ଖ୍ରୀଷ୍ଟୀୟ ନେତା ରୂପେ ଛଳନା କରିଥା'ନ୍ତି, ମାତ୍ର ସେମାନେ ଭଣ୍ଡ ଅଟନ୍ତି, **ମାଥି ୭:୧୫–୨୦।**
- ଯୋହନ ଡୁବକ ହେରୋଦଙ୍କୁ ତାଙ୍କର ବ୍ୟଭିଚାର ବିଷୟରେ ସତର୍କ କରାଇଦିଅନ୍ତି। ହେରୋଦ ଯୋହନଙ୍କୁ ବନ୍ଦୀ କରନ୍ତି ଓ ପରେ ତାଙ୍କ ମୁଣ୍ଡକାଟ କରନ୍ତି, **ମାଥିଉ ୧୪।**
- ଯୋହନ ଫାରୁଶୀମାନଙ୍କ ଖମୀର ବିଷୟରେ ସତର୍କ କରାଇଦିଅନ୍ତି ଏବଂ ଆତ୍ମଧାର୍ମିକତା ଓ ମନୁଷ୍ୟମାନଙ୍କୁ ଶାସନ, **ଲୂକ ୧୨:୧; ମାଥି ୧୫:୧–୨୦।**
- ପାଉଲ ଏଫିସୀୟମାନଙ୍କ ପ୍ରାଚୀନମାନଙ୍କ ବିଷୟରେ ସତର୍କ କରାଇଦିଅନ୍ତି ଯେ, ସେମାନେ ଗଧିଆ (ଭଣ୍ଡ ନେତାମାନେ) ଅଟନ୍ତି ଯେଉଁମାନେ ସେମାନଙ୍କ ମଣ୍ଡଳୀକୁ ବିଭକ୍ତ ଓ ଦୁର୍ନୀତିଗ୍ରସ୍ତ କରନ୍ତି, **ପ୍ରେରିତ ୨୦:୨୮–୩୨।**
- ଯୋହନଙ୍କ ଭାବବାଣୀ ମାଧ୍ୟମରେ ଈଶ୍ୱର ଜଣେ ଭଣ୍ଡ ଖ୍ରୀଷ୍ଟର ବିଶ୍ୱାସୀମାନଙ୍କ ପ୍ରତି ନିର୍ଦ୍ଦୟ ତାଡ଼ନା ବିଷୟରେ ସତର୍କ କରାଇଦିଅନ୍ତି, **ପ୍ରକା ୧୩।**
- ଯୋହନଙ୍କ ଦର୍ଶନ ଆହୁରି ମଧ୍ୟ ଅନୁତାପ ନ କରୁଥିବା ଲୋକମାନଙ୍କ ଉପରେ ଭୟଙ୍କର ବିଚାର ଆସିବା ବିଷୟରେ ସତର୍କ କରିଦିଏ, **ପ୍ରକା ୧୬–୧୮।**
- ଯୋହନଙ୍କ ଦର୍ଶନ ଆହୁରି ମଧ୍ୟ ଅନୁତାପ କରୁଥିବା ଲୋକମାନଙ୍କ ପାଇଁ ସ୍ୱର୍ଗରେ ଏକ ବିବାହ ଭୋଜି ହେବ ବୋଲି ପ୍ରତିଜ୍ଞା ଦେଇଥାଏ, **ପ୍ରକା ୧୯।**
- ଯୋହନଙ୍କ ଦର୍ଶନ ଈଶ୍ୱରଙ୍କ ଶୁଭ୍ର ସିଂହାସନ ସମ୍ମୁଖରେ ଅନୁତାପ କରୁ ନ ଥିବା ଲୋକମାନଙ୍କ ଶେଷ ବିଚାର ବିଷୟରେ ପ୍ରକାଶ କରିଥାଏ, **ପ୍ରକା ୨୦।**
- ଯୋହନଙ୍କ ଦର୍ଶନ ଆହୁରି ମଧ୍ୟ ନୂତନ ସ୍ୱର୍ଗ ଓ ପୃଥିବୀ ବିଷୟରେ ପ୍ରକାଶ କରିଥାଏ, ଯେଉଁଠାରେ ଆମେ ବାସ କରି ଖ୍ରୀଷ୍ଟଙ୍କ ସହିତ ସର୍ବଦା ରାଜତ୍ୱ କରିବା, ପୁଣି ସେଠାରେ କୌଣସି ଶୋକ, ବା ଅଭିଶାପ ବା କଷ୍ଟ ନ ଥିବ, **ପ୍ରକା ୨୧–୨୨।**

**(ଆମର ପ୍ରତ୍ୟୁତ୍ତର)**

- ଆମର ନିଜ ପରିବାରରୁ ଆରମ୍ଭ କରି ଈଶ୍ୱର ଆମକୁ ଯେଉଁ ଦଳକୁ ପାଳନ କରିବାକୁ ଦେଇଅଛନ୍ତି, ସେମାନଙ୍କ ଉପରେ ଦୃଷ୍ଟି ରଖନ୍ତୁ (ପ୍ରେରିତ ୨୦:୨୮–୩୨)।
- ଯେଉଁମାନେ ଆପଣା ଦକ୍ଷତା ପ୍ରତିପାଦନ କରିଛନ୍ତି ସେହିପରି ଦାୟିତ୍ୱସମ୍ପନ୍ନ, ପରିପକ୍ୱ ବ୍ୟକ୍ତିମାନଙ୍କୁ ନେତା ରୂପେ ମନୋନୀତ କରନ୍ତୁ (୧ମ ତୀମଥି ୩)।
- ଯେଉଁମାନେ ବିଭକ୍ତ କରନ୍ତି ସେମାନଙ୍କୁ ପରିତ୍ୟାଗ କରନ୍ତୁ (ତିତସ ୩:୧୦–୧୧)।
- ଯେଉଁ ଭୁଲଗୁଡ଼ିକ ଆମ ମଣ୍ଡଳୀକୁ ଦୁର୍ବଳ କରିଦିଏ, ସେଗୁଡ଼ିକୁ ଏଡ଼ାଇଯିବା ଉଚିତ୍, ଯାହାକି ପ୍ରକା ୨–୩ ପର୍ବରେ ଖ୍ରୀଷ୍ଟ ଆମକୁ ସତର୍କ କରାଇଦେଇଅଛନ୍ତି।

- ପବିତ୍ରଆତ୍ମାଙ୍କଠାରୁ ଦୈନନ୍ଦିନ ନୂତନୀକରଣ ଲୋଡ଼ନ୍ତୁ (୨ୟ କରି ୪:୧୬–୧୮)।
- ଦୁଃଖଭୋଗ କରୁଥିବା ବିଶ୍ୱାସୀମାନଙ୍କୁ ସେମାନଙ୍କ ଅନନ୍ତ ପୁରସ୍କାର ବିଷୟରେ ନିଶ୍ଚିତବୋଧ ଦିଅନ୍ତୁ (୧ମ ପିତର ୧:୬–୯; ୧ମ ଯୋହନ ୩:୧–୩)।

**୪–୩୫ ଲୁସିଫର** (ସମ୍ପର୍କ : *ଶୟତାନର ସ୍ୱର୍ଗରୁ ପତନ, ଆତ୍ମିକ ଯୁଦ୍ଧ, ଶୟତାନ ଯୀଶୁଙ୍କୁ ପରୀକ୍ଷା କରେ, ଶୟତାନ*)

(ପୁରାତନ ନିୟମ) **ଲୁସିଫର ବାବିଲ୍‌ର ରାଜା ଜଣେ ସୁନ୍ଦର ଦୂତ, ଗର୍ବ କରିବାରୁ ସ୍ୱର୍ଗରୁ ପତନ ହୁଏ ଓ ସେ ଆମର ଶତ୍ରୁ ହୁଏ,** ଯିଶାଇୟ ୧୪:୩–୧୭। **ଏହି ଘଟଣା ସୃଷ୍ଟିର ଆରମ୍ଭରେ ହୋଇଥିଲା, ମାତ୍ର ରାଜ୍ୟ ବିଭକ୍ତ ହେବା ପୂର୍ବରୁ ଏହା ପ୍ରକାଶିତ ହୋଇ ନ ଥିଲା।**

(ନୂତନ ନିୟମ) **ଶୟତାନ ଅନବରତ ଈଶ୍ୱରଙ୍କ ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥାଏ :**

- ସ୍ୱର୍ଗର ଯୁଦ୍ଧ ପରେ ପରେ, ଶୟତାନକୁ ଓ ଅନ୍ୟ ଯେଉଁ ଦୂତଗଣ ତା ସହିତ ସାମିଲ ହୋଇଥିଲେ, ସେହି ପତିତ ଦୂତଗଣଙ୍କୁ ସ୍ୱର୍ଗରୁ ବିତାଡ଼ନ କରାଯାଇଥିଲା, **ପ୍ରକା ୧୨:୭–୯।**
- ଶୟତାନ ଯୀଶୁଙ୍କୁ ପରୀକ୍ଷା କରିଥାଏ, **ମାଥି ୪।**
- ଯୀଶୁ ସତର୍କ କରାଇଦିଅନ୍ତି ଯେ ଶୟତାନ ଆମ ହୃଦୟରୁ ଈଶ୍ୱରଙ୍କ ବାକ୍ୟ ରୂପକ ବୀଜ ଖାଇଯିବାକୁ ମନ୍ଦାତ୍ମାମାନଙ୍କୁ ପକ୍ଷୀ ରୂପରେ ପଠାଇଥାଏ, **ମାଥି ୧୩।**
- ଯୀଶୁଙ୍କୁ ପ୍ରତାରଣା କରିବା ପାଇଁ ଶୟତାନ ଯିହୁଦାକୁ ପରିଚାଳନା କରେ, **ଯୋହନ ୧୩:୨୧–୩୦; ଯୋହନ ୧୮:୧–୧୨।**
- ଶୟତାନ ଏପରିକି ବିଶ୍ୱାସୀ ହନନିୟ ଓ ଶଫୀରାଙ୍କୁ ମଧ୍ୟ ପାପ କରିବାକୁ ଦେଇଥିଲା, **ପ୍ରେରିତ ୫:୧–୧୧।**

**(ଆମର ପ୍ରତ୍ୟୁତ୍ତର)**

- ଶୟତାନକୁ ପ୍ରତିରୋଧ କଲେ ସେ ଆମଠାରୁ ପଳାୟନ କରିବ (ଯାକୁବ ୪:୭)
- ଶୟତାନ ପ୍ରତି ସତର୍କ ରୁହନ୍ତୁ, କାରଣ ସେ ଆମକୁ ଗର୍ଜନ କରୁଥିବା ସିଂହ ପରି କାହାକୁ ଗ୍ରାସିବ, ତାହା ଖୋଜି ବୁଲୁଥାଏ (୧ମ ପିତର ୫:୮–୯)।

## ଇସ୍ରାଏଲୀୟମାନଙ୍କ ବନ୍ଦୀତ୍ୱ ଓ ସେମାନଙ୍କର ଦେଶକୁ ପ୍ରତ୍ୟାବର୍ତ୍ତନ ଘଟଣାବଳୀ ଓ ପରବର୍ତ୍ତୀ ସମତୁଲ୍ୟ ଘଟଣାବଳୀ

**୪–୩୬ ଇସ୍ରାଏଲୀୟମାନଙ୍କ ବାବିଲୀୟ ବନ୍ଦୀତ୍ୱ** (ସମ୍ପର୍କ : *ମର୍ଦ୍ଦଖୟ, ଦାନିୟେଲ, ବିଶ୍ୱାସୀମାନଙ୍କ ସୁରକ୍ଷା, ଯୀଶୁ–ଉତ୍ତମ ମେଷପାଳକ*)

(ପୁରାତନ ନିୟମ) **ଯେଉଁ କେତେକ ଇସ୍ରାଏଲୀୟମାନେ ବନ୍ଦୀତ୍ୱ ଅବସ୍ଥାରେ ଥିଲେ, ସେମାନେ ଯେତେବେଳେ କେବଳ ଈଶ୍ୱରଙ୍କୁ ଉପାସନା କଲେ, ସେତେବେଳେ ସେ ସେମାନଙ୍କୁ ଉଦ୍ଧାର କରିଥିଲେ:**

- ମର୍ଦ୍ଦଖୟ ତାଙ୍କ ଝିଆରି, ସାହସୀ ଏଷ୍ଟର ରାଣୀଙ୍କୁ ଈଶ୍ୱରଙ୍କ ଶତ୍ରୁମାନଙ୍କୁ ବିନାଶ କରିବାକୁ ଯୋଜନା କରିବାରେ ସାହାଯ୍ୟ କରନ୍ତି, **ଏଷ୍ଟର** (ସମ୍ପୂର୍ଣ୍ଣ ପୁସ୍ତକ)।
- ଈଶ୍ୱର ଦାନିୟେଲଙ୍କ ତିନି ଜଣ ସାଙ୍ଗଙ୍କୁ ପ୍ରଜ୍ୱଳିତ ଅଗ୍ନିକୁଣ୍ଡରେ ସୁରକ୍ଷା ଦିଅନ୍ତି, **ଦାନି ୩,** ଓ ଦାନିୟେଲଙ୍କୁ ସିଂହଗାତରେ ସୁରକ୍ଷା ଦିଅନ୍ତି, **ଦାନି ୬।**

(ନୂତନ ନିୟମ) **ଉତ୍ତମ ମେଷପାଳକ ଯୀଶୁ ତାହାଙ୍କ ହସ୍ତରେ ଆପଣା ଅନୁଗାମୀମାନଙ୍କୁ ଚିରକାଳ ସୁରକ୍ଷା ଦେବା ପାଇଁ ପ୍ରତିଜ୍ଞା କରନ୍ତି,** ଯୋହନ ୧୦:୭–୩୯।

**(ଆମର ପ୍ରତ୍ୟୁତ୍ତର) ଈଶ୍ୱରଙ୍କ ଅସୀମ ଅନୁଗ୍ରହରେ ନିର୍ଭର କରନ୍ତୁ ଯେ ସେ ତାହାଙ୍କ ପିଲାମାନଙ୍କୁ ଚିରକାଳ ତାହାଙ୍କ ହସ୍ତରେ ରଖିବେ,** ରୋମୀ ୮:୨୮–୩୨।

**୪–୩୭ ଏଜ୍ରା, ସଂସ୍କାରକ** (ସମ୍ପର୍କ : *ପୁନଃସଂସ୍କାର, ବାବିଲୀୟ ବନ୍ଦୀତ୍ୱରୁ ପ୍ରତ୍ୟାବର୍ତ୍ତନ, ନିହିମିୟା, ଆତ୍ମିକ ଦାନସବୁ*)

(ପୁରାତନ ନିୟମ) **ଈଶ୍ୱର ଆପଣା ଲୋକମାନଙ୍କୁ ପୁନଃସଂଗଠିତ କରି ଆପଣାର ସେବା କରିବାକୁ ସେମାନଙ୍କୁ ଏକତ୍ରିତ କରିବା ପାଇଁ ବିଶ୍ୱସ୍ତ ନେତାମାନଙ୍କୁ ଯୋଗାଇଥିଲେ :**

- ପାରସ୍ୟର ରାଜା କୋରସ ବାବିଲର ବନ୍ଦୀମାନଙ୍କୁ ପ୍ରତ୍ୟାବର୍ତ୍ତନ କରି ମନ୍ଦିର ଓ ଇସ୍ରାୟେଲ ଦେଶକୁ ପୁନଃପ୍ରତିଷ୍ଠା କରିବାକୁ ଛାଡ଼ନ୍ତି, **ଏଜ୍ରା ୧।**
- ଲୋକମାନେ ଫେରି ମହା ଉତ୍ସାହ ଓ ଆନନ୍ଦରେ ମନ୍ଦିର ପୁନଃନିର୍ମାଣ କରନ୍ତି, **ଏଜ୍ରା ୩।**
- ନିହିମିୟା ଅର୍ତ୍ତକ୍ଷସ୍ତ ରାଜାଙ୍କୁ ଯିରୂଶାଲମ ପୁନଃନିର୍ମାଣ କରିବାକୁ ଅନୁମତି ମାଗନ୍ତି। ନିହିମିୟା ଫେରିଯାଇ ଭଗ୍ନ ସ୍ଥାନସବୁ ପରୀକ୍ଷା କରନ୍ତି, **ନିହି ୧–୨।**
- ଅନେକ ବିରୋଧ ମଧ୍ୟରେ ନିହିମିୟା ଅସ୍ତ୍ର ସଜ୍ଜିତ କାର୍ଯ୍ୟକାରୀଙ୍କୁ ନେଇ ଯିରୂଶାଲମ ପ୍ରାଚୀର ପୁନଃ ନିର୍ମାଣ କରନ୍ତି, **ନିହି ୩–୪।**
- ଲୋକମାନେ ଈଶ୍ୱରଙ୍କ ବାକ୍ୟ ଶୁଣି ସେଥିରେ ମନୋଯୋଗ ଦେଇ ଆପଣା ପାପ ସ୍ୱୀକାର କରନ୍ତି ଓ ମହାଜାତୀୟ ସଂସ୍କାର ହୁଏ, **ଏଜ୍ରା** ୮।

(ନୂତନ ନିୟମ) **ପରସ୍ପରକୁ ପରିଚାଳନା କରି ସେବା କରିବା ପାଇଁ ଓ ଅଭାବଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଈଶ୍ୱର ଆପଣା ପବିତ୍ରଆତ୍ମାଙ୍କ ମାଧ୍ୟମରେ ବିଭିନ୍ନ ଦାନ ଓ ଶକ୍ତି ଦେଇଥାଆନ୍ତି:**

- ଯୀଶୁ ଅନୁତପ୍ତ ପାପୀମାନଙ୍କ ସହିତ ଭୋଜନ କରନ୍ତି ଓ ସେମାନଙ୍କ ପ୍ରତି ଈଶ୍ୱରଙ୍କ ଅନୁଗ୍ରହ ଆଣନ୍ତି, **ମାର୍କ ୨:୧୩–୧୭।**
- ଆମେ ପ୍ରେମରେ, ମଣ୍ଡଳୀ ମଧ୍ୟରେ ପରସ୍ପରର ସେବା କରିବା ପାଇଁ ସମନ୍ୱୟ ଭାବରେ ଆମର ଆତ୍ମିକ ଦାନସବୁକୁ ବ୍ୟବହାର କରିଥାଉ, **୧ମ କରି ୧୨:୧୪–୩୧।**
- ଏହି ଧାରାର ଅଭିବୃଦ୍ଧି ପାଇଁ ପାଉଲ ତାଙ୍କ ଶିଷ୍ୟମାନଙ୍କୁ ଅନ୍ୟ ନେତାମାନଙ୍କୁ ତାଲିମ ଦେବାକୁ କହନ୍ତି, **ତିତସ ୧:୫ ତୀମ ୨:୨।**

**(ଆମର ପ୍ରତ୍ୟୁତ୍ତର) ଆମ ଲୋକମାନଙ୍କୁ ଈଶ୍ୱରଙ୍କ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇବା ପାଇଁ ବିଶ୍ୱାସରେ ଯୋଜନା କରନ୍ତୁ (ଏଫି ୪:୧୧–୧୬)।**

- ଯେଉଁ ସ୍ଥାନରେ ବହୁତ ଆବଶ୍ୟକ ଅଛି ସେ ସ୍ଥାନକୁ ଆମର ନୂତନ କାର୍ଯ୍ୟକାରୀମାନଙ୍କୁ ଭାରାର୍ପଣ କରି ପ୍ରେରଣ କରନ୍ତୁ (ପ୍ରେରିତ ୧୩:୧–୩; ତିତସ ୧:୫)।

## ଯୀଶୁଙ୍କ ଜାଗତିକ ଜୀବନ ସମୟର ଘଟଣାବଳୀ

**୪–୩୮ ଯୀଶୁଙ୍କ ଜୀବନ** (ସମ୍ପର୍କ : *ମନୋନୀତ ପ୍ରେରିତଗଣ, ବିଜୟୋଲ୍ଲାସ ପ୍ରବେଶ, କ୍ରୁଶ, ଯୀଶୁଙ୍କ ପୁନରୁତ୍ଥାନ, ଯୀଶୁଙ୍କ ସ୍ୱର୍ଗାରୋହଣ*)

- ଯୀଶୁଙ୍କ ଜନ୍ମ, **ମାଥି ୧–୨; ଲୂକ ୨।**
- ଯୀଶୁଙ୍କ ବାପ୍ତିସ୍ମ, **ମାଥି ୩।**
- ଶୟତାନ ଦ୍ୱାରା ଯୀଶୁ ପରୀକ୍ଷିତ ହୁଅନ୍ତି, **ମାଥି ୪।**
- ଯୀଶୁ ବାର ଜଣ ଶିଷ୍ୟଙ୍କୁ ଆହ୍ୱାନ କରନ୍ତି, ଯେଉଁମାନେ ପରେ ପ୍ରେରିତ ହୁଅନ୍ତି, **ମାଥି ୪:୧୮–୨୧; ୯:୯–୧୩; ଯୋହନ ୧:୩୫–୫୧; ମାର୍କ ୩:୧୩–୧୯।**
- ଯୀଶୁ ରୂପାନ୍ତରିତ ହୁଅନ୍ତି : **ମାଥି ୧୭।**
- ଯୀଶୁ ବିଜୟୋଲ୍ଲାସ ମଧ୍ୟରେ ଯିରୂଶାଲମରେ ପ୍ରବେଶ କରନ୍ତି (ଖର୍ଜ୍ଜୁର ରବିବାର), **ମାଥି ୨୧।**
- ଯୀଶୁ ପ୍ରଭୁଭୋଜ ଉତ୍ସବ ସ୍ଥାପନ କରନ୍ତି, **ମାଥି ୨୬:୧୭–୨୯।**
- ଗେଥ୍‌ସମନୀରେ ଯୀଶୁଙ୍କ ବେଦନା ଓ ତାହାଙ୍କ ଗିରଫ, **ମାଥି ୨୬:୩୬–୫୬।**
- ବିଭିନ୍ନ ଅଧିକାରୀଙ୍କ ସମ୍ମୁଖରେ ଯୀଶୁଙ୍କ ବିଚାର, **ମାର୍କ ୧୪:୫୫–୬୪; ଯୋହନ ୧୮:୨୮–୪୦; ୧୯:୧–୧୬।**
- ଯୀଶୁଙ୍କ କ୍ରୁଶାର୍ପଣ, **ମାଥି ୨୭; ମାର୍କ ୧୫; ଲୂକ ୨୩; ଯୋହନ ୧୯:୧୭–୩୭।**
- ଯୀଶୁ ସମାଧିପ୍ରାପ୍ତ, **ଯୋହନ ୧୯:୩୮–୪୨।**
- ଯୀଶୁଙ୍କ ପୁନରୁତ୍ଥାନ ଓ ଦର୍ଶନ, **ମାଥି ୨୮ ଯୋହନ ୨୦–୨୧।**
- ସମସ୍ତଙ୍କୁ ଶିଷ୍ୟ କରି ପବିତ୍ରଆତ୍ମାଙ୍କ ଶକ୍ତିରେ ମନପରିବର୍ତ୍ତନ ଓ ପାପକ୍ଷମା ଘୋଷଣା କରିବାକୁ ଯୀଶୁଙ୍କ ମହାନ୍ କାର୍ଯ୍ୟଭାରାର୍ପଣ, **ମାଥି ୨୮:୧୮–୨୦; ମାର୍କ ୧୬:୧୫–୧୬; ଲୂକ ୨୪:୪୬–୪୮; ଯୋହନ ୨୦:୨୧–୨୩; ପ୍ରେରିତ ୧:୮।**
- ଯୀଶୁଙ୍କ ସ୍ୱର୍ଗାରୋହଣ, **ଲୂକ ୨୪:୫୦–୫୩।**

## ଗୌରବରେ ଯୀଶୁଙ୍କ ସ୍ୱର୍ଗାରୋହଣ ପରବର୍ତ୍ତୀ ଘଟଣାବଳୀ

**୪–୩୯ ପେଣ୍ଟିକଷ୍ଟ ଦିବସରେ ପବିତ୍ରଆତ୍ମାଙ୍କ ଆଗମନ** (ସମ୍ପର୍କ : *ସ୍ତିଫାନ୍, ପେଣ୍ଟିକଷ୍ଟ, ମଣ୍ଡଳୀ ସଭା, ମିଶନାରୀ ଦଳ, ବିଚାର*)

- ପେଣ୍ଟିକଷ୍ଟ ଦିବସରେ ଯିହୁଦୀ ବିଶ୍ୱାସୀମାନଙ୍କ ଉପରେ ପବିତ୍ରଆତ୍ମାଙ୍କ ଆଗମନ, **ପ୍ରେରିତ ୨।**
- ସ୍ତିଫାନ୍ ଯେତେବେଳେ ପୁରାତନ ନିୟମର ଇତିହାସରୁ ଖ୍ରୀଷ୍ଟଙ୍କ ଶତ୍ରୁମାନଙ୍କୁ ଦେଖାଇଲେ ଯେ, ସେମାନଙ୍କ ପିତୃପୁରୁଷଗଣ ଯୁଗ ଯୁଗରୁ ଈଶ୍ୱରଙ୍କୁ ପ୍ରତିବାଧା ଦେଇଆସୁଛନ୍ତି ବୋଲି ସେତେବେଳେ ସେମାନେ ତାଙ୍କୁ ପଥର ଫୋପାଡ଼ି ମାରିଥିଲେ, **ପ୍ରେରିତ ୭।**
- ପ୍ରଥମ ବିଜାତୀୟ ମଣ୍ଡଳୀ, ପରିବର୍ତ୍ତିତ ବିଜାତୀୟ ମଧ୍ୟ ପବିତ୍ରଆତ୍ମା ପ୍ରାପ୍ତ ହୁଅନ୍ତି, **ପ୍ରେରିତ ୧୦।**
- ପ୍ରଥମ ମିଶନାରୀ ଦଳ, **ପ୍ରେରିତ ୧୩–୧୪।**
- ମଣ୍ଡଳୀ ମଣ୍ଡଳୀ ମଧ୍ୟରେ ପ୍ରଥମ ସଭା : **ପ୍ରେରିତ ୧୫।**
- ଅନ୍ତିମ ବିଚାର, **ପ୍ରକା ୨୦:୧୧–୧୫।**

# ୫ମ ଭାଗ
# ବିଷୟ ସୂଚୀ


## ଅ
ଅଗ୍ନିରେ ପରୀକ୍ଷା ୪–୨୫
ଅନନ୍ତ ଜୀବନ ୪–୧୬
ଅନିୟନ୍ତ୍ରିତ ବିଶ୍ୱାସୀମାନଙ୍କୁ ସଂଶୋଧନ କରିବା ୨–୬; ନେତାମାନଙ୍କୁ ସଂଶୋଧନ କରିବା ୩–୧୧
ଅନୈତିକତା ୪–୧୫, ୧୬
ଅନୁଗ୍ରହ ୨–୪; ୪–୧୧
ଅନୁଗ୍ରହ ସେବାକାର୍ଯ୍ୟ ୩–୧୦
ଅନୁତାପ ୧–୧, ୭; ୨–୧; ୪–୪, ୩୪
ଅପବ୍ୟୟୀ ପୁତ୍ର ୧–୧; ୪–୩୪
ଅବାଧ୍ୟତା ୪–୨୧
ଅବ୍ରହାମ ତାଙ୍କ ବିଶ୍ୱାସ ୩–୯; ୪–୬, ୭,୧୦; ତାଙ୍କ ମଧ୍ୟସ୍ଥ ପ୍ରାର୍ଥନା ୩:୧୨
ଅଭାବଗ୍ରସ୍ତ, ଯତ୍ନ ନେବା ୩–୧୦
ଅଭାବଗ୍ରସ୍ତ ଲୋକମାନଙ୍କ ଯତ୍ନ ନିଅନ୍ତି ୩–୧୦

## ଆ
ଆଗ୍ରିପା ୪–୨୧
ଆତ୍ମା ୪–୨୪
ଆତ୍ମିକ ଦାନସବୁ ୩–୨; ୪–୩୭
ଆତ୍ମିକ ଯୁଦ୍ଧ ୪–୨୯, ୩୫
ଆଦମ ୧–୧; ୪–୨
ଆଧାତ୍ମିକ ଶିକ୍ଷା, ପାଳକୀୟ ତାଲିମ ଦେଖନ୍ତୁ ତୀମଥି, ପାଉଲ ଛାତ୍ରମାନଙ୍କୁ ଗଠନ କରନ୍ତି, ଯେଉଁମାନେ ଅନ୍ୟମାନଙ୍କୁ ତାଲିମ ଦେଇଥିଲେ ୩–୬
ଆନନ୍ଦ, ଏହାର ପ୍ରକୃତ ଉତ୍ସ ୩–୧୧
ଆୟୁବ, ଜଣେ ସରଳ ଲୋକ, ଦୁଃଖ ପାଆନ୍ତି ୩–୮
ଆଶ୍ରୟ ସ୍ଥଳ ୪–୨୨
ଆହାବ ୪–୩୪

## ଇ
ଇସ୍ରାଏଲର ବନ୍ଦୀତ୍ୱ ୪–୩୬
ଇସ୍ରାଏଲର ରାଜା ଓ ଯିହୁଦା ୪–୩୩
ଇଶ୍ମାଏଲ ୪–୭
ଇସ୍ହାକ ୪–୭, ୧୦; ଈଶ୍ୱର ତାଙ୍କୁ ଜଣେ ସ୍ତ୍ରୀ ଯୋଗାନ୍ତି ୩–୯

## ଈ
ଈଶ୍ୱର ଏକ ୧–୨; ପାପ ଦଣ୍ଡ ପାଇବ ବୋଲି ତାହାଙ୍କ ପବିତ୍ରତା ଦାବୀ କରିଥାଏ ୧–୫
ଈଶ୍ୱରଙ୍କ ଜାତିରେ ସମ୍ମିଳିତ ବିଦେଶୀୟ ୪–୨୮
ଈଶ୍ୱରଙ୍କ ପ୍ରତିଜ୍ଞା ୪–୬
ଈଶ୍ୱରଙ୍କ ଲୋକମାନଙ୍କ ପାଳକଗଣ ୪–୧୭
ଈଶ୍ୱରଙ୍କ ଲୋକମାନଙ୍କର ଯୀଶୁ ସପକ୍ଷବାଦୀ ୪–୧୨

## ଉ
ଉତ୍ତମ ମେଷପାଳକ ୪–୩୬
ଉପଦେଶ ଦେବା ୩–୮
ଉପାସନା ୩–୩; ଆବଶ୍ୟକୀୟ ବିଷୟ ୨–୩

## ଋ
ଋତ ୩–୧୩
ଋତ ୪–୩୦

## ଏ
ଏଲିୟଙ୍କ ନିରୁତ୍ସାହ ୩–୮; ତାଙ୍କ ଆଶ୍ଚର୍ଯ୍ୟ କର୍ମ ୧–୨; ୪–୩୪
ଏଲୀ, ଦୁଷ୍ଟ ପିତା ୪–୩୨

ଏଜ୍ରା ୪–୩୭
ଐଶ୍ୱର୍ଯ୍ୟ ୪–୨୬
ଏଶ୍ୱର୍ଯ୍ୟ, ପ୍ରତାରଣା ୧–୫
ଏଷ୍ଟର, ପ୍ରାର୍ଥନା ମାଧ୍ୟମରେ ତାଙ୍କ ଜାତି ଉଦ୍ଧାର ପାଇଥିଲା ୩–୧୨
ଏଷୌ ୪–୧୧

**କ**

କଳା ଯାଦୁ ୪–୨୪
କୂଅ ନିକଟରେ ଶମିରୋଣୀୟ ସ୍ତ୍ରୀ ୧–୨
କୋଠରୀ, କ୍ଷୁଦ୍ର ଦଳଗୁଡ଼ିକୁ ଦେଖନ୍ତୁ, ପିଲାମାନେ ଉଠି ଯତ୍ନ ନିଅନ୍ତି ୩–୯; ୪–୨୩
କ୍ରୀତଦାସତ୍ୱ ୪–୧୩, ୧୫
କ୍ରୁଶ ୪–୩୮

**ଖ**

ଖ୍ରୀଷ୍ଟ ପ୍ରତି ବାଧ୍ୟତା ୧–୭; ୨ୟ ଭାଗ (ସମସ୍ତ) ଆଜ୍ଞାବହ ରାଜାଗଣ ୪–୨୩
ଖ୍ରୀଷ୍ଟଙ୍କ ନିମନ୍ତେ ସାକ୍ଷୀ ୧–୮
ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସବୁ ଜାତି ରହିଥା'ନ୍ତି ୪–୨୮
ଖ୍ରୀଷ୍ଟଙ୍କ ରକ୍ତ ୪–୩

**ଗ**

ଗିଦିୟୋନ ୪–୨୯
ଗୁପ୍ତ ବିଷୟ ୪–୨୪

**ଜ**

ଜଖିୟଙ୍କ ଅନୁତାପ ୧–୬
ଜାତିଗୁଡ଼ିକ ୪–୫
ଜାତିସବୁ ୪–୨୮
ଜୀବନଦାୟକ ଆହାର ୪–୧୬
ଜୀବନ ଓ ସେବାକାର୍ଯ୍ୟର ଭିତ୍ତିମୂଳ ୨–୧
ଜଳପ୍ଲାବନ ୧–୫; ୪–୪

**ତ**

ତାଡ଼ନା ୪–୩୧
ତାହାଙ୍କ ଆଜ୍ଞାସବୁ ୪–୧୮
ତାହାଙ୍କ ଉତ୍ସର୍ଗୀକୃତ ମୃତ୍ୟୁଭୋଗ ୧–୩
ତାହାଙ୍କ ଜୀବନ ୪–୩୮ ମନ୍ଦତା ଉପରେ ତାହାଙ୍କ ବିଜୟ ୪–୨୪
ତାହାଙ୍କ ବାପ୍ତିସ୍ମ ୩–୧
ତାହାଙ୍କ ମହାଆଜ୍ଞା ୧–୮
ତାହାଙ୍କ ମାନବୀୟ ଓ ସ୍ୱର୍ଗୀୟ ସ୍ୱଭାବ ୩–୧୦
ତାହାଙ୍କ ଶୈଶବ କାଳ ୩–୯

**ଦ**

ଦର୍କା, ଦୟାଚିତ୍ତ ଦାତା ୩–୧୦
ଦଶ ଆଜ୍ଞା ୪–୧୧
ଦଣ୍ଡାଜ୍ଞା ୪–୪
ଦାଉଦ ଗଲିୟାତକୁ ବଧ କରନ୍ତି ୪–୨୯
ଦାଉଦଙ୍କ ଗୁପ୍ତ ପାପ ଦଣ୍ଡ ପାଇଲା ୩–୧୧; ତାଙ୍କର ଉତ୍ତମ ଶାସନ ୪–୩୩
ଦାନ, ଆତ୍ମିକ ଦାନସବୁକୁ ଦେଖନ୍ତୁ
ଦାନ ଦେବା ୨–୭; ୩–୧୩; ୪–୮
ଦାନିୟେଲ ୪–୩୬
ଦାସତ୍ୱ ନେତୃତ୍ୱ ୩–୬
ଦ୍ୱିତୀୟ ମୃତ୍ୟୁ ୪–୪
ଦୀକନଙ୍କ କର୍ତ୍ତବ୍ୟ ୩–୧୦
ଦୁର୍ବଳତାରେ ଶକ୍ତି ୪–୨୯
ଦୁଃଖଭୋଗ ୪–୩୧

ଦ୍ୱନ୍ଦ୍ୱପୂର୍ଣ୍ଣ ସଂକଳ୍ପ ୩-୭
ଦୃଢ଼ ପାରିବାରିକ ଜୀବନ ୩-୯
**ଧ**
ଧନ ୪-୨୬
ଧନ ଲୋଭ ୪-୨୬
**ନ**
ନାମାନ୍ ୧-୭
ନିୟମ ୪-୬
ନିୟମ-ସିନ୍ଦୁକ ୪-୩୧
ନିସ୍ତାର ପର୍ବ ୩-୩; ୪-୧୪
ନିହିମିୟାଙ୍କ ଜ୍ଞାନପୂର୍ଣ୍ଣ ଶାସନ ୩-୨; ୪-୩୭
ନୂତନ ନିୟମ ୪-୧୮
ନୂତନ ନିୟମରେ ସେବାକାର୍ଯ୍ୟର ଆବଶ୍ୟକତା, ୩ୟ ଭାଗ (ସମସ୍ତ) ମିଶ୍ନାରୀଗଣ ୩-୧୪; ୪-୨୭; ପ୍ରେରଣ ୪:୨୭; ଦଳ ଗଠନ କରିବା ୪-୩୯
ନେତାମାନଙ୍କ ତାଲିମ୍, ପାଳକୀୟ ତାଲିମ୍ ଦେଖନ୍ତୁ ସ୍ୱର୍ଗୀୟ ଧନ ୪-୨୫
ନେତାମାନଙ୍କ ପ୍ରସ୍ତୁତିକରଣ ୪-୩୨
ନେତୃତ୍ୱ ୩-୬
ନୈତିକତା ୪-୧୯
ନୋହ ଓ ଜଳପ୍ଳାବନ, ମନୁଷ୍ୟଜାତି ପ୍ରତି ଈଶ୍ୱରଙ୍କ ଦଣ୍ଡ ୧-୫; ୪
**ପି**
ପବିତ୍ରତା ୧-୬; ୩-୧୧
ପବିତ୍ରଆତ୍ମା ୨-୧; ୩-୧୧; ୪-୧୦, ୩୯
ପରସ୍ପରର ସେବା କରିବା ୩-୫
ପରିଦର୍ଶନ ୩-୮
ପାଉଲଙ୍କ କଥାବାର୍ତ୍ତା ୧-୮; ପୁନରୁତ୍ପାଦକ ମଣ୍ଡଳୀ ଗଠନ କରିବା ୩-୫
ପାପର ମୂଳ ୧-୧; ୪-୨
ପାପ ସ୍ୱୀକାର ୧-୬
ପାପ, କ୍ଷମା ୧-୩
ପାପ, ଉତ୍ପତ୍ତି ୪-୨; ଦଣ୍ଡାଜ୍ଞା ୧-୫
ପାଳକୀୟ ତାଲିମ୍ ୩-୬
ପାଳକୀୟ ଯତ୍ନ ଓ ଉପଦେଶ ୩-୮
ପ୍ରତିଜ୍ଞାତ ଦେଶ ୪-୨୧
ପ୍ରତିମା ପୂଜା ୧-୨; ୪-୨୦
ପ୍ରାଚୀନମାନେ କିପରି ହେବା ଆବଶ୍ୟକ ୨-୬; ତାଲିମ୍ ୩-୬; କର୍ତ୍ତବ୍ୟ ୪-୧୭; ୩୩
ପ୍ରାର୍ଥନା ୨-୫; ୩-୧୨; ୪-୯
ପ୍ରଲୋଭନ ୪-୨
ପିତର ଯୀଶୁଙ୍କୁ ଅସ୍ୱୀକାର କରନ୍ତି ୪-୨୯; ତାଙ୍କର ସାଂସ୍କୃତିକ ଅନ୍ଧ ବିଶ୍ୱାସ ପାଇଁ
ପାଉଲଙ୍କ ଦ୍ୱାରା ଭର୍ତ୍ସିତ ୩-୧୧
ପୀଡ଼ିତ, ଯତ୍ନ ଓ ପ୍ରାର୍ଥନା ୩-୧୦
ପୁନର୍ଜନ୍ମ ୪-୧
ପୁନରୁତ୍‌ଥାନ ୧-୩; ୪-୧୪, ୧୫
ପୁନଃ ସଂସ୍ଥାପନ ୪-୩୭
ପୁରାତନ ନିୟମ ୪-୧୮
ପ୍ରେରିତ ପଠାଯାଇଥିବା ୩ୟ ଭାଗ (ସମସ୍ତ) ମନୋନୀତ ୪-୩୮
ପ୍ରେରିତମାନଙ୍କ ପ୍ରସ୍ତୁତି ୪-୩୨
ପେଣ୍ଟିକଷ୍ଟ ୪-୧୦, ୩୯
**ବ**
ବସ୍ତୁବାଦ ୪-୨୬
ବାଇବଲ, ଅଧ୍ୟୟନ, ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଓ ପ୍ରୟୋଗ ୩-୪; ବାଇବଲ କାହାଣୀ ତାଲିକାଭୁକ୍ତ, ତୁଳନୀୟ ୪-୧, ୩୯
ବାବିଲ ୪-୫

ବାବିଲ୍‌ଗଡ଼ ୩-୭
ବାଲ୍ ୪-୩୪
ବାପ୍ତିସ୍ମ ୧-୭; ୨-୨; ୩-୧
ବାବିଲୀୟ ବନ୍ଦୀତ୍ୱରୁ ମୁକ୍ତି ୪-୩୭
ବିଚାର ୪-୪, ୩୯
ବିଜୟୋଲ୍ଲାସ ପ୍ରବେଶ ୪-୩୮
ବିବାହ ୩-୯; ୪-୨୩
ବିଶ୍ୱାସ ୩-୯; ୪-୬, ୭,୯, ୧୧, ୧୨
ବିଲିୟମ ୪-୨୬
ବିଶ୍ରାମବାର ୪-୧୯
ବିଶ୍ୱାସରେ ପରିତ୍ରାଣ ୪-୧୧
ବିଶ୍ୱାସୀମାନଙ୍କ ସୁରକ୍ଷା ୪-୩୬
ବ୍ୟବସ୍ଥା, ଦଶଆଜ୍ଞା ୪-୧୮
ବ୍ୟବସ୍ଥା, ପୁରାତନ ନିୟମର ବିଶ୍ରାମ ଦିନ ୪-୧୮

**ଭ**

ଭଣ୍ଡ ନେତା ୪-୩୪
ଭଣ୍ଡାର ଘରିଆ ୨-୭; ୩-୧୩; ୪-୮
ଭୟ, ବିଜୟ ୩-୧
ଭାବବାଦୀ ୪-୩୪
ଭାଷା ୪-୫

**ମ**

ମଣ୍ଡଳୀର ଶୃଙ୍ଖଳା ୩-୧୧
ମଣ୍ଡଳୀର ଶାରୀରିକ ଜୀବନ ୩-୨; ମଣ୍ଡଳୀ ସଭା ୪-୩୯; ମଣ୍ଡଳୀ ଗଠନ ୩-୫; ୪-୨୭; ମନ୍ଦାତ୍ମା ୧-୪; ଯୀଶୁଙ୍କ ନାମରେ ପ୍ରାର୍ଥନା କରିବା ଦ୍ୱାରା ବାହାର କରାଯିବା ୩-୧୨; ମନ୍ଦାତ୍ମାଗଣ ୪-୨୪
ମନ୍ଦାତ୍ମାକୁ ବାହାର କରନ୍ତି ୧-୪
ମନ୍ଦତ୍ମାରୁ ମୁକ୍ତି, ମନ୍ଦାତ୍ମାଗୁଡ଼ିକ ବିଷୟ ଦେଖନ୍ତୁ, ପ୍ରଭୁ ଭୋଜ, ଏକତ୍ର ଭୋଜନ କରିବା ବିଷୟ ଦେଖନ୍ତୁ, ପ୍ରେମ ୨-୪; ମଣ୍ଡଳୀରେ ୩-୭; ବ୍ୟାବହାରିକ ବିଷୟ ୩-୫
ମର୍ଦ୍ଦଖୟ ଏଷ୍ଟର ରାଣୀଙ୍କୁ ଉପଦେଶ ଦିଅନ୍ତି ୪-୩୬
ମଧ୍ୟସ୍ଥ ପ୍ରାର୍ଥନା ୪-୯, ୧୨
ମହାଆଜ୍ଞା ୧-୮
ମହାଯାଜକ ୪-୨୨
ମହାଯାଜକ ୩-୧୦; ୪-୨୨
ମହିମାରେ ନୀତ ହେବା ୪-୩୮
ମୁକ୍ତି ପୁନରୁତ୍ପତ୍ତି ୪-୧
ମହିଳା ନେତ୍ରୀଗଣ ୪-୩୦
ମାନ୍ନା ୪-୧୬
ମୁକ୍ତି ୪-୧୫
ମେଷଶାବକଙ୍କ ରକ୍ତ ୪-୧୪
ମୋଶା ୪-୧୬, ୨୨
ମୃତ୍ୟୁରୁ ପୁନରୁତ୍‌ଥାନ ୧-୩; ୧-୮; ୪-୩୮

**ଯ**

ଯାଜକତ୍ୱ ୪-୨୨
ଯାକୁବ ୪-୧୧; ରାହେଲଙ୍କୁ ପ୍ରେମ ୩-୯
ଯିଥ୍ରୋ ୪-୧୭; ମୋଶାଙ୍କୁ ଉପଦେଶ ୩-୬
ଯିଶାଇୟ ୪-୩୨
ଯୀଶୁ ମୃତ୍ୟୁକୁ ଜୟ କରନ୍ତି ୧-୪; ୪-୨
ଯୋଶିୟଙ୍କ ପୁନଃସଂସ୍ଥାପନ ୩-୪
ଯୀଶୁଙ୍କ ଶିଷ୍ୟଗଣ ୧-୮; ଶିଷ୍ୟମାନଙ୍କୁ ପ୍ରସ୍ତୁତ କରିବା ୨-୩
ଯିହୋଶୂୟ ପ୍ରତିଜ୍ଞାତ ଦେଶକୁ ଜୟ କରନ୍ତି ୪-୨୭
ଯୋଷେଫ ୪-୧୨

**ର**
ରକ୍ତ, ବଳି ୪–୩; ୧୪
ରାହବ ୪–୨୮
ରିହବିୟାମଙ୍କ ଦାୟିକତା ଇସ୍ରାଏଲକୁ ବିଭକ୍ତ କରେ ୩–୭
**ଲ**
ଲଜ୍ଜା ଓ ଦୋଷ ମଧ୍ୟରେ ପାର୍ଥକ୍ୟ ୩–୧୨
ଲୁସିଫର ୪–୩୫
ଲୋଭ ୨୬
**ଶ**
ଶମିରୋଣୀୟ, ଉତ୍ତମ ଶମିରୋଣୀୟ ତା'ର ପଡ଼ୋଶୀକୁ ପ୍ରେମ କରେ ୨–୪
ଶୟତାନ ୪–୩୫
ଶୟତାନ ଦ୍ୱାରା ପରୀକ୍ଷିତ ୩–୪
ଶୟତାନ, ମନ୍ଦ ଆତ୍ମା ଓ ମୃତ୍ୟୁକୁ ପରାସ୍ତ କରନ୍ତି ୧–୪; ୪–୨
ଶୟତାନର ବିନାଶ ୪–୨୪; ସ୍ୱର୍ଗରୁ ତାହାର ପତନ ୪–୩୫; ଆଦମଙ୍କୁ ପ୍ରଲୋଭିତ କରେ ୪–୨; ଯୀଶୁଙ୍କୁ ପରୀକ୍ଷା କରେ ୪–୩୫
ଶହୀଦ ୪–୩୧
ଶଲୋମନ ୪–୩୩
ଶାଉଲ ରାଜା ୪–୩୨; ଦାଉଦଙ୍କ ବିରୋଧାଚରଣ କରି ତାଙ୍କ ପୁତ୍ର ଯୋନାଥଧନଙ୍କୁ ଲଜ୍ଜା ଦିଅନ୍ତି ୩–୧୨
ଶାମୁୟେଲ ୪:୩୨; ଆଜ୍ଞାବହ ଶିଶୁ ୩–୯
ଶାସନ କର୍ତ୍ତୃଗଣ, ଉତ୍ତମତା ୪–୩୩
ଶୀବାର ରାଣୀ ୪–୩୩
ଶେଷ ରାତ୍ରିଭୋଜ ୪–୧୩, ୧୪
**ସ**
ସତର୍କ କରିବା ୪–୩୪
ସତ୍ୟରେ ଉପାସନା ୧–୨
ସଦସ୍ୟମାନଙ୍କ ଯତ୍ନ ୩–୮
ସମାଗମ ତମ୍ବୁ ୩–୩; ୪–୨୨
ସହଭାଗିତା ୨–୬; ୩–୩; ୪–୧୪
ସହଭାଗିତା, ମଣ୍ଡଳୀ ମଧ୍ୟରେ ଓ ମଣ୍ଡଳୀ ମଣ୍ଡଳୀ ମଧ୍ୟରେ ୩–୭
ସଂସ୍କୃତି ୪–୫
ସ୍ତିଫାନଙ୍କ ନିର୍ଭୟ ସାକ୍ଷ୍ୟଦାନ ୩–୧; ୩୧, ୩୯
ସୁନାର ବାଛୁରୀ ୪–୨୦
ସୁସମାଚାର ପ୍ରଚାର, ୧ମ ଭାଗ ସମସ୍ତ ୩–୧
ସୁସ୍ଥତା ୪–୯
ସୂଫ ସାଗର ୪–୧୫
ସୃଷ୍ଟି ୧–୧; ୪–୧
ସ୍ୱର୍ଗ ୪–୨୫; ସ୍ୱର୍ଗୀୟ ପୁରସ୍କାର ୨–୭
ସ୍ୱର୍ଗୀୟ ଧନ ୪–୨୫
**ହ**
ହାନ୍ନା ୪–୩୨
**କ୍ଷ**
କ୍ଷମା ୧–୩ ୨–୪; ୪–୧୨
କ୍ଷୁଦ୍ର ଦଳ ୩–୫

## ସମାପ୍ତ